78th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

# The Prajatantra

ମୀନାବଜାର ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୮ବର୍ଷ ❑ ସଂଖ୍ୟା-୨୯୭ ● କଟକ ● ବୁଧବାର ● ୦୪ ଜୁନ୍-୨୦୨୫ ● ବୃଷ-୨୩ ● ସାଲ୍-୧୪୩୧


CUTTACK ● WEDNESDAY ● 04 JUNE-2025 ● RNI Regd. No. 4001/57

ମୂଲ୍ୟ : ₹ ୫ ଟଙ୍କା

## ନନ୍ଦାହାଣ୍ଡିରେ ଅଘଟଣ

# ପାଇଖାନା ଟାଙ୍କିରେ ଚାଲିଗଲା ୪ ଜୀବନ

**ନବରଙ୍ଗପୁର,(ଏଜେନ୍ସି):** ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ପଡ଼ାଲଗୁଡ଼ା ଗାଁରେ ଘଟିଛି ଏକ ଅଭାବନୀୟ ଘଟଣା। ନିର୍ମାଣାଧୀନ ପାଇଖାନା ଟାଙ୍କିରେ କାମ କରୁଥିବା ବେଳେ ଶ୍ୱାସରୁଦ୍ଧ ହୋଇ ୪ ଜଣଙ୍କର ମୃତ୍ୟୁଘଟିଛି। ମୃତକମାନେ ହେଉଛନ୍ତି- ଏନ୍ ସନ୍ତୁ, ଅମୀୟ ଖରା, ତ୍ରିଲୋଚନ ଭତରା ଓ ଲାଲୁ ରଣା। ସମସ୍ତ ମୃତକଙ୍କ ବୟସ ୨୫ରୁ ୩୦ ବର୍ଷ ଭିତରେ। ପଡ଼ାଲଗୁଡ଼ା ଗାଁର ମୋହନ ନାଗ ତାଙ୍କ ଘରେ ଏକ ପାଇଖାନା ନିର୍ମାଣ କରୁଛନ୍ତି। ଏହି ନିର୍ମାଣାଧୀନ ପାଇଖାନାର ଟାଙ୍କିର ଫଲ୍ସ କାଢ଼ିବା ପାଇଁ ଦିନ ପ୍ରାୟ ୧୦ଟା ବେଳେ ଦୁଇ ଜଣେ ଶ୍ରମିକ- ତ୍ରିଲୋଚନ ଭତରା ଓ ଲାଲୁ ରଣା ପାଇଖାନ ଟାଙ୍କିରେ ପ୍ରବେଶ କରିଥିଲେ। କିନ୍ତୁ ସେମାନେ ସେଠାରେ ଅଚେତ ହୋଇଯାଇଥିଲେ। ସେମାନଙ୍କୁ ଉଦ୍ଧାର କରିବା ପାଇଁ ଗାଁର ଦୁଇ ଯୁବକ- ଏନ୍ ସନ୍ତୁ ଓ ଅମୀୟ ଖରା ଟାଙ୍କି ଭିତରକୁ ଯାଇଥିଲେ। କିନ୍ତୁ ସେମାନେ ବି ଅଚେତ ହୋଇଯାଇଥିଲେ। ଅଗ୍ନିଶମ ବାହିନୀ ପାଇଖାନା ଟାଙ୍କିରୁ ସେମାନଙ୍କୁ ବାହାର କରିଥିଲା। ସେମାନଙ୍କୁ ଗୁରୁତର ଅବସ୍ଥାରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୁଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ପୁଲିସ୍ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରାଥମିକ ରିପୋର୍ଟ ଅନୁସାରେ ସମସ୍ତେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଛନ୍ତି। ମୃତ ଅମୀୟ ଖରାଙ୍କ ସମ୍ପର୍କୀୟ ସୁମିକା ଖରା କହିଛନ୍ତି ଯେ ସେ (ଅମୀୟ ଖରା) ସେଠାକୁ କାମ କରିବାକୁ ଯାଇନଥିଲେ। ସେ ରାସ୍ତା କଡ଼ରେ ବସିଥିଲେ। ପାଇଖାନା ଟାଙ୍କିରେ ଦୁଇ ଜଣ ଅଚେତ ହେବା ପରେ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଅମୀୟ ଖରାଙ୍କୁ ଡକା ଯାଇଥିଲା। ଯିଏ ତାଙ୍କୁ ଡାକି ନେଇଥିଲେ, ସେ ଏବେ ତାଙ୍କ ପରିବାର କଥା ବୁଝୁ। ଅମୀୟ କୁଲିମଜୁରୀ କରି ଚଳୁଥିଲେ। ତାଙ୍କର ଦୁଇଟି ଛୁଆ ଅଛନ୍ତି। ସେଥିପାଇଁ ଯିଏ ତାଙ୍କୁ ଡାକି ନେଇଥିଲା, ସେ ସେମାନଙ୍କ କଥା ବୁଝୁ। ସେହିଭଳି ପୁଲିସ ତାଙ୍କୁ ଗିରଫ ମଧ୍ୟ କରୁ ବୋଲି ସୁମିକା ଖରା ଦାବି କରିଛନ୍ତି। ଏନ୍ ସନ୍ତୁ, ଅମୀୟ ଖରା, ଲାଲୁ ରଣା ଓ ତ୍ରିଲୋଚନ ଭତରାଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ସେମାନଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ପ୍ରତି ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।



## ରାଜଧାନୀରେ ଭୁଶୁଡ଼ିଲା ଘର

# ଚାପିହୋଇଗଲେ ୩ ଶ୍ରମିକ


**ଭୁବନେଶ୍ୱର,(ପିପିଏସ୍):** ଭୁବନେଶ୍ୱରର ପୋଖରୀପୁଟ ଅଞ୍ଚଳରେ ଥିବା ଲିଙ୍ଗରାଜ ବିହାରରେ ଏକ ଦୁଃଖଦ ଘଟଣା ଘଟିଛି। ଏକ ନିର୍ମାଣ ସ୍ଥଳରେ ପୁରୁଣା ଛାତ ଭାଙ୍ଗୁଥିବା ବେଳେ ଘରଟି ଭୁଶୁଡ଼ି ପଡ଼ିବାରୁ ତିନିଜଣ ଶ୍ରମିକ ଚାପି ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ ଏକ ପୁରୁଣା ଘରର ଛାତ ଅଚାନକ ଭାଙ୍ଗି ପଡ଼ିଥିଲା, ଫଳରେ ତିନି ଶ୍ରମିକ ମାଟିତଳେ ଚାପି ହୋଇଯାଇଛନ୍ତି। ଘଟଣା ସମ୍ପର୍କରେ ଖବର ପାଇବା ମାତ୍ରେ ଅଗ୍ନିଶମବାହିନୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ସ୍ଥାନୀୟ ସୂଚନା ଅନୁଯାୟୀ, ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ ସୁରକ୍ଷା ବ୍ୟବସ୍ଥାରେ କିଛି ତ୍ରୁଟି ଥିବା ଅଭିଯୋଗ ଉଠିଛି, ଯାହା ଏହି ଅଘଟଣର କାରଣ ହୋଇପାରେ।

## ୨୭ରେ ମହାପ୍ରଭୁଙ୍କ ରଥଯାତ୍ରା

# ସୁରକ୍ଷା ତନାଘନା

**କଟକ, ପୁରୀ,(ପିପିଏସ୍):** ଆସନ୍ତା ୨୭ ତାରିଖରେ ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ରଥଯାତ୍ରାକୁ ଶୃଙ୍ଖଳିତ ଏବଂ ସୁପରିଚାଳନା ନେଇ କଟକ ପୁଲିସ୍ ମୁଖ୍ୟାଳୟରେ ଡିଜିପି ୱାଇ.ବି.ଖୁରାନିଆଙ୍କ ଅଧ୍ୟକ୍ଷତାରେ ବସିଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ। ସକ୍ରିୟ ତଥା ସଜାଗ ରହିବାକୁ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଡିଜିପି। ଜୁନ ୧୧ରେ ଦେବସ୍ନାନ ପୂର୍ଣ୍ଣିମା ଠାରୁ ୨୬ରେ ନବଯୌବନ ଦର୍ଶନ, ୨୭ରେ ରଥଯାତ୍ରା, ଜୁଲାଇ ୫ରେ ବାହୁଡା, ୬ରେ ସୁନାବେଶ, ୭ରେ ଅଧରପଣା ଏବଂ ଜୁଲାଇ ୮ ତାରିଖରେ ନୀଳାଦ୍ରିବିଜେ ଅନୁଷ୍ଠିତ ହେବ ଓ ଦେଶ ବିଦେଶରୁ ଲକ୍ଷାଧିକ ଭକ୍ତଙ୍କ ପୁରୀରେ ସମାଗମ ହେବାକୁ ଥିବାରୁ ସୁରକ୍ଷା ବନ୍ଦୋବସ୍ତ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି ଓ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି ସ୍ଥାପନ, ଟ୍ରାଫିକ୍ ସୁପରିଚାଳନା, ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ନେଇ ବୈଠକରେ ଆଲୋଚନା ହୋଇଛି । ସେହିପରି ସମୁଦ୍ର କୂଳରେ ପାଟ୍ରୋଲିଂ କଡ଼ାକଡ଼ି ଓ ଅସ୍ଥାୟୀ ପୁଲିସ ଆଉଟପୋଷ୍ଟ ଖୋଲାଯିବା ସମ୍ପର୍କରେ ମଧ୍ୟ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ଆର୍‌ପିଏଫ୍ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଡିଜିପି ପରାମର୍ଶ ଦେଇଥିଲେ। ତେଣେ ଶ୍ରୀକ୍ଷେତ୍ରରେ ସମ୍ପନ୍ନ ହୋଇଛି ରଥ ଚକ-ଅଖ ଡେରା ନୀତି। ତିନି ରଥର ୩୬ଟି ଚକ ସହ ସଂଯୋଗ ହୋଇଛି ୧୮ଟି ଅଖ। ବିଶ୍ୱକର୍ମାମାନେ ରଥ ନିର୍ମାଣର ଆଉ ଗୋଟିଏ ପର୍ଯ୍ୟାୟ କାର୍ଯ୍ୟ ଶେଷ କରିଛନ୍ତି । ଗତ ଭଉଁରୀ ଉତ୍ସବ ଦିନ ମହାପ୍ରଭୁଙ୍କ ଆଜ୍ଞାମାଳ ରଥଖଳାକୁ ଆସିବା ପରେ ଭୋଇ ସେବକମାନେ ଛଅଟି ଚକ ସହ ତିନୋଟି ଅଖ ସଂଯୋଗ କରିଥିଲେ। ମଙ୍ଗଳବାର ସମସ୍ତ ଚକ ଅଖ ଡେରା ନୀତି ସମ୍ପନ୍ନ କରିଛନ୍ତି। ତିନି ରଥର ୩୬ ଚକ ସହିତ ୧୮ ଅଖ ସଂଯୋଗ କରି ଭୋଇ ସେବକମାନେ ଏହି କାର୍ଯ୍ୟ ସମ୍ପାଦନା କରିଛନ୍ତି । ତେବେ ଚକ ଅଖ ଡେରା ଯିବା ପରେ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆହୁରି ଦ୍ରୁତଗତିରେ ଆଗେଇଚାଲିଛି। ତିନି ରଥର ଦଣ୍ଡା ଫ୍ରେମର ବିଭିନ୍ନ ଅଂଶ ନମ୍ବରିଙ୍ଗ ହୋଇ କଳସା ପାଇଁ ମାପ ଚିହ୍ନ ଗାରିଆ ଶେଷ ହୋଇଛି। ଦଣ୍ଡା ଫ୍ରେମ ଖୋଲାଯାଇ ପାଞ୍ଚ ଦଣ୍ଡାରେ ଲାଗିଥିବା ବିଭିନ୍ନ ଅଂଶ ଗୁଡିକର କାପ, କଳଶା ଏବଂ ବିନ୍ଧ କାର୍ଯ୍ୟ ଜାରି ରହିଛି। ସେପଟେ ସ୍ନାନ ଯାତ୍ରା ଓ ରଥଯାତ୍ରା ନୀତି କାନ୍ତିକୁ ଶୃଙ୍ଖଳିତ କରିବା ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ହୋଇଛି ଗୁରୁତ୍ୱପୂର୍ଣ୍ଣ ବୈଠକ। ପବିତ୍ର ସ୍ନାନପୂର୍ଣ୍ଣିମା ପୂର୍ବରୁ ତିନି ରଥରେ ଚାରି ନାହାକା ଉଠିବ ବୋଲି କହିଛନ୍ତି ମୁଖ୍ୟ ବିଶ୍ୱକର୍ମା। ତିନି ରଥର ଚାରି ନାହାକାର ଚଉପଟ କାର୍ଯ୍ୟ ଶେଷହୋଇଛି।

### ସମ୍ପନ୍ନହେଲା ରଥ ଚକ-ଅଖ ଡେରା ନୀତି



# ଜନଗଣନା ପ୍ରକ୍ରିୟା ଆରମ୍ଭ

## ୨୦୨୬ରେ ଓଡ଼ିଶାରେ ହେବ ସୀମା ପୁନଃନିର୍ଦ୍ଧାରଣ !

- ❑ ବଢ଼ିବ ଲୋକସଭା ଓ ବିଧାନସଭା ଆସନ ସଂଖ୍ୟା
- ❑ ରାଜସ୍ୱମନ୍ତ୍ରୀଙ୍କ ସୂଚନା ପରେ ବଢ଼ିଲା ଉତ୍କଣ୍ଠା
- ❑ ୪ବର୍ଷ ବିଳମ୍ବରେ ହେଉଛି ଜନଗଣନା







**ଭୁବନେଶ୍ୱର,(ପିପିଏସ୍):** ୨୦୨୬ରେ ଓଡ଼ିଶାରେ ହୋଇପାରେ ସୀମା ପୁନଃ ନିର୍ଦ୍ଧାରଣ । ବଢ଼ିବ ଲୋକସଭା ଓ ବିଧାନସଭା ଆସନ ସଂଖ୍ୟା । ୨୦୨୯ରେ ବର୍ଦ୍ଧିତ ଆସନ ଅନୁସାରେ ସାଧାରଣ ନିର୍ବାଚନ ହେବ ବୋଲି ଆକଳନ କରାଯାଉଛି । ଆସନ ଅନୁସାରେ ଏକ ତୃତୀୟାଂଶ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିପାରେ। ସୀମା ପୁନଃ ନିର୍ଦ୍ଧାରଣ ପୂର୍ବରୁ ସରିବ ଜନଗଣନା ପ୍ରକ୍ରିୟା । ରାଜ୍ୟର ଜନଗଣନା ନିର୍ଦ୍ଦେଶକ ତଥା ନାଗରିକ ପଞ୍ଜୀକରଣ ନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଛନ୍ତି ୨୦୧୨ ବ୍ୟାଚ୍ ଆଇଏଏସ୍ ନିଖିଲ ପଵନ କଲ୍ୟାଣ। ପ୍ରଥମ ଥର ପାଇଁ ଜାତିଭିତ୍ତିକ ଜନଗଣନା କରିବାକୁ ନିଷ୍ପତ୍ତି ନେଇଛନ୍ତି ସରକାର। ସେପଟେ ସ୍ୱଚ୍ଛତାର ସହ ଜନଗଣନା କରିବାକୁ ଦାବି କରିଛନ୍ତି ବିରୋଧୀ। ୨୦୦୯ରେ ଶେଷଥର ପାଇଁ ଓଡ଼ିଶାରେ ସୀମା ପୁନଃ ନିର୍ଦ୍ଧାରଣ ହୋଇଥିଲା। ସୀମା ପୁନଃ ନିର୍ଦ୍ଧାରଣ ପରେ ୨୦୨୯ରେ ଲୋକସଭା ଆସନ ସଂଖ୍ୟା ୩୦ହେବା ସହିତ ବିଧାନସଭା ଆସନସଂଖ୍ୟା ୨୧୦ ହେବ ବୋଲି ଆକଳନ କରାଯାଉଛି। ୨୦୨୬ରେ ଓଡ଼ିଶାରେ ସୀମା ନିର୍ଦ୍ଧାରଣ ହୋଇପାରେ ବୋଲି ରାଜସ୍ୱ ମନ୍ତ୍ରୀଙ୍କ ସୂଚନା ପରେ ଏବେ ସବୁଠି ଜନଗଣନା ସମ୍ପର୍କିତ ଆଲୋଚନା। ଅପରପକ୍ଷେ ଦେଶ ସ୍ୱାଧୀନ ହେବା ପରେ ପ୍ରଥମ ଥର ଜାତିଭିତ୍ତିକ ଜନଗଣନା ହେଉଥିବାରୁ ପଛୁଆ ବର୍ଗ ଉପକୃତ ହେବେ ବୋଲି ଆଶା କରାଯାଉଛି। ଆରମ୍ଭ ହେଲା ଜନଗଣନା ପ୍ରକ୍ରିୟା। ରାଜ୍ୟରେ ପ୍ରସ୍ତୁତି ଆରମ୍ଭହୋଇଛି। କାର୍ମିକ ମନ୍ତ୍ରାଳୟ ପକ୍ଷରୁ ଆଇଏଏସ୍ ଅଫିସର ନିଖିଲ ପବନ କଲ୍ୟାଣଙ୍କୁ ନିର୍ଦ୍ଦେଶକ ଭାବେ ନିଯୁକ୍ତି କରାଯାଇଛି। ଡିସେମ୍ବର ଯାଏ ସେ ଜନଗଣନା ଦାୟିତ୍ୱରେ ରହିବେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇ କହିଛନ୍ତି, ଆଗକୁ ରାଜ୍ୟରେ ସୀମା ନିର୍ଦ୍ଧାରଣ ସହ ଲୋକସଭା ଓ ବିଧାନସଭାରେ ମହିଳା ସଂରକ୍ଷଣ ଲାଗୁ ହୋଇପାରେ। କେନ୍ଦ୍ର ସରକାର ଧାର୍ଯ୍ୟ କରିଥିବା ସମୟ ଭିତରେ ରାଜ୍ୟ ସରକାର ଜନଗଣନା ସାରିବେ। ଏଥିପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ଏହାପରେ ଜିଲ୍ଲା ଓ ବ୍ଲକ୍ ସ୍ତରରେ ଜନଗଣନା ପାଇଁ ଅଧିକାରୀ ନିଯୁକ୍ତ ହେବେ। ସେପଟେ ପ୍ରଥମ ଥର ପାଇଁ ଦେଶରେ ଜାତିଭିତ୍ତିକ ଜନଗଣନା ହେଉଥିବାରୁ ରାଜ୍ୟର ୨୩୫ ପଛୁଆ ବର୍ଗଙ୍କୁ ସାମିଲ୍ କରିବା ମଧ୍ୟ ଚାଲେଞ୍ଜ ହୋଇପାରେ। ସ୍ୱାଧୀନତା ପରଠାରୁ ଦେଶରେ ହୋଇଛି ୭ ଥର ଜନଗଣନା। ଶେଷ ଥର ପାଇଁ ୨୦୧୧ରେ ଜନଗଣନା କରାଯାଇଥିଲା। ମାତ୍ର ୨୦୨୧ରେ କୋଭିଡ ମହାମାରୀ ପାଇଁ ଏହା ହୋଇପାରିନଥିଲା। ବର୍ତ୍ତମାନ ୪ବର୍ଷ ବିଳମ୍ବରେ ଜନଗଣନା କରାଯିବ। ତେବେ ସାରା ଦେଶରେ ବିଭିନ୍ନ ରାଜନୈତିକ ଦଳ, ସଂଗଠନମାନେ ଜାତିଭିତ୍ତିକ ଜନଗଣନା ପାଇଁ ଦାବି କରିବାରୁ କେନ୍ଦ୍ର ସରକାର ଏହାକୁ ଗ୍ରହଣ କରିଛନ୍ତି। ଏହି ଜନଗଣନା ପରେ ଏନ୍ଆରସି ଓ ନାଗରିକ ସଂଶୋଧନ ଆଇନ୍ ଲାଗୁ ପାଇଁ ବାଟ ଫିଟିବ ବୋଲି କୁହାଯାଉଛି। ଜନଗଣନାରୁ ନାଗରିକଙ୍କ ସାମାଜିକ, ଆର୍ଥିକ ସ୍ଥିତି ସହ ବୟସ ଓ ଲିଙ୍ଗଗତ ପରିସଂଖ୍ୟାନ ସ୍ପଷ୍ଟ ହୋଇଥାଏ। ଦେଶରେ ଶିକ୍ଷିତଙ୍କ ସଂଖ୍ୟା କେତେ ତାହା ମଧ୍ୟ ଜଣାପଡ଼ିଥାଏ। ସାଧାରଣତଃ ଜନଗଣନା ପାଇଁ ପାଖାପାଖି ବର୍ଷେ ସମୟ ଲାଗିଥାଏ। ମାତ୍ର ଏଥର ଟେକ୍‌ନୋଲୋଜି ବ୍ୟବହାର ହେଉଥିବାରୁ ଜନଗଣନା ପ୍ରକ୍ରିୟା ଆହୁରି କମ୍ ସମୟରେ ଶେଷହେବ ବୋଲି ଆଶା କରାଯାଉଛି।

# ପ୍ରତି ପଞ୍ଚାୟତରେ ୧୦ହିତାଧିକାରୀଙ୍କୁ ମିଳିବ ପକ୍କାଘର

## ବର୍ଷପୂର୍ତ୍ତିରେ କାର୍ଯ୍ୟକାରୀ

**ଭୁବନେଶ୍ୱର,(ପିପିଏସ୍):** ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଏକ ବଡ଼ ଘୋଷଣା କରିଛି। ରାଜ୍ୟର ପ୍ରତ୍ୟେକ ଗ୍ରାମ ପଞ୍ଚାୟତରୁ ୧୦ଜଣ ହିତାଧିକାରୀଙ୍କୁ ଗୃହଯୋଜନା ଅନ୍ତର୍ଗତ ପକ୍କା ଘର ଯୋଗାଇଦିଆଯିବ। ଏହି ଯୋଜନା ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ଅବସରରେ କାର୍ଯ୍ୟକାରୀ ହେବ। ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଏହି ସୂଚନା ଦେଇ କହିଛନ୍ତି ଯେ ଗରିବ ଓ ଭୂମିହୀନ ପରିବାରଙ୍କୁ ପକ୍କା ଘର ଯୋଗାଇ ଦେବାପାଇଁ ସରକାର ପ୍ରତିବଦ୍ଧ। ଏହି ଯୋଜନା ଅନ୍ତ୍ୟୋଦୟ ଗୃହଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଏକ ଅଂଶ ଭାବେ କାର୍ଯ୍ୟ କରିବ। ମନ୍ତ୍ରୀ ଆହୁରି କହିଛନ୍ତି, ଆମେ ନିଶ୍ଚିତ କରିବୁ ଯେ ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତି ଏହି ଯୋଜନାର ଲାଭପାଇବେ। ଏଥିପାଇଁ ଆଗାମୀ ୫ଦିନ ମଧ୍ୟରେ ସମସ୍ତ ବ୍ଲକ ଡେଭଲପମେଣ୍ଟ ଅଫିସର (ବିଡିଓ) ମାନଙ୍କୁ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଯୋଜନା ଅନୁସାରେ, ରାଜ୍ୟର ପ୍ରାୟ ୨୨ ଲକ୍ଷ ହିତାଧିକାରୀଙ୍କୁ ପକ୍କା ଘର ଯୋଗାଇ ଦେବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଯେଉଁମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରାଯିବ। ଏହା ସହିତ, ଘରନିର୍ମାଣ ପାଇଁ ୧ଲକ୍ଷ ୨୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହି ଯୋଜନାରେ କଳାହାଣ୍ଡି ଜିଲ୍ଲାରୁ ଆରମ୍ଭ ହେବ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୩୦ ତାରିଖରେ ଭବାନୀପାଟଣାଠାରେ ହିତାଧିକାରୀଙ୍କୁ ଘରବାଣ୍ଟିବେ। ଏଥିପାଇଁ ରାଜ୍ୟ ସରକାର ବଜେଟ୍‌ରେ ୭,୫୫୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଏହି ପଦକ୍ଷେପ ଗରିବ ଓ ଆର୍ଥିକ ଅନଗ୍ରସର ପରିବାରଙ୍କ ଜୀବନଧାରଣରେ ଉନ୍ନତି ଆଣିବ ବୋଲି ଆଶା କରାଯାଉଛି। ଏହା ସହିତ, ସରକାରଙ୍କ ଏହି ଉଦ୍ୟମ ରାଜ୍ୟରେ ଗୃହହୀନଙ୍କ ସମସ୍ୟା ଦୂର କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ବିଶ୍ୱାସ କରାଯାଉଛି।

## ସମ୍ପାଦକୀୟ

### କୋର୍ଟଙ୍କ ପରାମର୍ଶ

### ବାଟେଘାଟେ



କରୋନା ଆସି ଦୁଆର ମୁହଁରେ
ଏସ୍‌ସିବିର ନିଦ ଭାଙ୍ଗୁନି
ଡାକ୍ତର କହନ୍ତି ନୂଆ ଭାରିଆଣ୍ଟ
କେହି ଜମା ଭୟକରନି
ଆକ୍ରାନ୍ତଙ୍କ ମନୁ ସନ୍ଦେହ ହଟନ୍ତା
କୋଭିଡ୍ ସ୍କ୍ରିଙ୍ଗ ହେଉନି
ମେଡିକାଲ୍ କର୍ପୋରେସନ
ପକ୍ଷରୁ
ଆଣ୍ଟିଜେନ କିଟ୍ ମିଳିନି
ରୋଗୀ କାନ୍ଦୁଛନ୍ତି ବାହୁନି
କୋଭିଡ୍ ବେଳର ଦୁଃଖ ଯନ୍ତ୍ରଣା
ଏବେ ବି ମନରୁ ଯାଉନି

-ରାହୀ

## ଦେବଗଡ଼ରେ ୨୦୫ କୋଟି ଟଙ୍କାର ୧୫ ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନକଲେ ମୁଖ୍ୟମନ୍ତ୍ରୀ

# ୩୦ଜିଲ୍ଲାର ହେବ ସମାନୁପାତିକ ବିକାଶ

**ଦେବଗଡ଼, ଭୁବନେଶ୍ୱର,(ପିପିଏସ୍):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଦିନିକିଆ ଦେବଗଡ଼ ଗସ୍ତରେ ଯାଇ ପ୍ରାୟ ୨୦୫କୋଟି ଟଙ୍କା ମୂଲ୍ୟର ୧୫ଟି ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରକଳ୍ପଗୁଡିକ ମଧ୍ୟରେ ରହିଛି ୧୧ଟି ସ୍ୱାସ୍ଥ୍ୟସେବା ଏବଂ ୪ଟି ଶିକ୍ଷା ଭିତ୍ତିଭୂମି ଉନ୍ନତୀକରଣ ପ୍ରକଳ୍ପ। ଏଥିସହିତ ଜିଲ୍ଲାର ୩୦୦ଶଯ୍ୟା ବିଶିଷ୍ଟ ନବନିର୍ମିତ ଡାକ୍ତରଖାନାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଦେବଗଡ଼ ଜିଲ୍ଲାକୁ ରାଜ୍ୟର ଏକ ଅଗ୍ରଣୀ ଓ ବିକଶିତ ଜିଲ୍ଲା ଭାବରେ ଗଢ଼ିତୋଳିବା ଆମର ପ୍ରାଥମିକ ଲକ୍ଷ୍ୟ। ଏହି ଲକ୍ଷ୍ୟ ପୂରଣପାଇଁ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ବିଜୁଳି ଓ ଗମନାଗମନ ଭଳି ମୌଳିକ ସୁବିଧା ଯୋଗାଇ ଦେବାପାଇଁ ଆମ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରୁଛନ୍ତି। ଓଡ଼ିଶାର ଜନସାଧାରଣଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇ ଆମେ ଲୋକଙ୍କ ସେବା କରିବାର ଦାୟିତ୍ୱ ନେଇଛୁ, ତାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଆମେ ଗୋଟିଏ ମିନିଟ୍ ବି ନଷ୍ଟ କରିନାହୁଁ । ଆମ ସରକାର ଆସିବାର ଏକବର୍ଷ ହେବାକୁ ମାତ୍ର ୯ଦିନ ବାକି ଅଛି । ଆଉ ଏଇ ଏକ ବର୍ଷ ଭିତରେ ଆମେ ସାଧାରଣ ଲୋକଙ୍କଠାରୁ ଆରମ୍ଭକରି ଜିଲ୍ଲା ତଥା ରାଜ୍ୟର ସାମଗ୍ରୀକ ବିକାଶ ପାଇଁ ଅନେକ ଉନ୍ନୟନମୂଳକ ଓ କଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରିଛୁ। ରାଜ୍ୟର ସମସ୍ତ ତିରିଶଟି ଜିଲ୍ଲାର ସମାନୁପାତିକ ଉନ୍ନତି ଆମର ଲକ୍ଷ୍ୟ। ଅଦିନିଆ ବର୍ଷାରେ କ୍ଷୟକ୍ଷତି ପାଇଁ ସରକାର ପ୍ରଥମ ଥର ସହାୟତାର ବ୍ୟବସ୍ଥା କରିଛନ୍ତି। ଲକ୍ଷପତି ଦିଦି ବନାଇବାରେ ଓଡ଼ିଶା ସାରା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ଶିକ୍ଷାକ୍ଷେତ୍ରରେ, ସ୍ୱାସ୍ଥ୍ୟକ୍ଷେତ୍ରକୁ ଗୁରୁତ୍ୱ ଦିଆଯାଉଛି। ଶିକ୍ଷାନୁଷ୍ଠାନରେ କୋଡ଼ିଏ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ନିଯୁକ୍ତି ରାଜ୍ୟ ସରକାରଙ୍କ ବଡ଼ ଉପଲବ୍ଧି। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ସାତହଜାର ପଞ୍ଚାୟତରେ ସାତହଜାର ମଡେଲ୍ ସ୍କୁଲ ନିର୍ମାଣ କରାଯିବ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ମାଧୋସିଂ ହାତ ଖର୍ଚ୍ଚ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଆୟୁଷ୍ମାନ ଯୋଜନା ରାଜ୍ୟର ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇଛି । ସତୁରୀ ବର୍ଷରୁ ଅଧିକ ବୟସର ଜନସାଧାରଣଙ୍କୁ ଆୟୁଷ୍ମାନ ବୟୋବନ୍ଦନ ଯୋଜନାରେ ସାମିଲ କରାଯାଇଛି। ଶ୍ରମିକ, ବୟସ୍କ ନାଗରିକ ଓ ଶାରୀରିକ ଅକ୍ଷମଙ୍କର ଭତ୍ତା ବୃଦ୍ଧିକରାଯାଇଛି। ମେକ୍ ଇନ୍ କନକ୍ଲେଭ୍ ମାଧ୍ୟମରେ ସମସ୍ତ ଜିଲ୍ଲାରେ ଶିଳ୍ପପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯାଇଛି। ସରକାରୀ ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯିବ। ନଅ ମାସରେ ସତେଇଶ ହଜାର ଚାକିରି ଦିଆଯାଇଛି। ଆଗାମୀ ପାଞ୍ଚ ବର୍ଷରେ ସରକାର ଦେଢ଼ଲକ୍ଷ ସରକାରୀ ଚାକିରି ଦେବେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ଲୋକଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର ଯୋଗାଇ ଦିଆଯିବ। ଦେବଗଡ଼ ଜିଲ୍ଲାକୁ ଅଗ୍ରଣୀ ଓ ବିକଶିତ ଜିଲ୍ଲା ଭାବେ ଗଢି ତୋଳିବା ଆମର ପ୍ରାଥମିକ ଲକ୍ଷ୍ୟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ସମାଜର ଶେଷ ଧାଡ଼ିରେ ଥିବା ଲୋକଟିଏ ଯେପରି ସବୁ ମୌଳିକ ସୁବିଧା ପାଇପାରିବ ସେଥିପ୍ରତି ଆମେ ଗୁରୁତ୍ୱ ଦେଉଛୁ। ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ଶିଳ୍ପ, ପୁଞ୍ଜିନିବେଶ ଓ ରୋଜଗାର ଉପରେ ଗୁରୁତ୍ୱ ଦେଲେ ହିଁ ସମୃଦ୍ଧ ଓଡ଼ିଶା ଗଠନର ସ୍ୱପ୍ନ ସମ୍ଭବ ହୋଇପାରିବ। ସମସ୍ତଙ୍କୁ ନେଇ ସବୁ କ୍ଷେତ୍ରର ବିକାଶ ଜରିଆରେ ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ପୂରଣ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛିବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ।



### ଦେବଗଡ଼ ହେବ ଅଗ୍ରଣୀ ଓ ବିକଶିତ

## କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ୪୧କୋଟି

**ଦେବଗଡ଼:** ଦେବଗଡ଼ କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳିଙ୍କ ପାଇଁ ୪୧ କୋଟି ୧୭ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ଏଥିରେ କେନ୍ଦୁପତ୍ର ତୋଳାଳିଙ୍କୁ ଚପଲ ପାଇଁ ୧୬୦ଟଙ୍କା, କେରି ସଂଗ୍ରହ କପଡ଼ା ପାଇଁ ୨୦୦ ଟଙ୍କା, ତୋଳାଳି ଓ ସିଜନାଲ ଷ୍ଟାଫ୍‌ଙ୍କ ଟୋପି ପାଇଁ ୧୦୦ଟଙ୍କା, ବନ୍ଧାଳିଙ୍କ ପାଇଁ ମଶାରି ଓ କମ୍ବଳପାଇଁ ଜଣଙ୍କ ପିଛା ୭୦୦ଟଙ୍କା ପ୍ରଦାନ କରାଯିବ। ଏହାଦ୍ୱାରା ରାଜ୍ୟର ପ୍ରାୟ ୯ଲକ୍ଷ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ସିଜନାଲ୍ ଷ୍ଟାଫ ଉପକୃତ ହେବେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତଥିଲେ। ଜିଲ୍ଲାପାଳ କବୀନ୍ଦ୍ରଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡଃ ବିଶ୍ୱମୋହନ ମିଶ୍ର ଧନ୍ୟବାଦ ଦେଇଛନ୍ତି।




# ନବଜାତ ଶିଶୁଙ୍କୁ କାହିଁକି ହୁଏ ଜଣ୍ଡିସ୍



**ଛୋଟ ପିଲାମାନଙ୍କ ମଧ୍ୟରେ ଜଣ୍ଡିସ୍ ଏକ ସାଧାରଣ ସମସ୍ୟା। ଜନ୍ମ ପରେ ଅନେକ ଶିଶୁଙ୍କ ଆଖି ହଳଦିଆ ଦେଖାଯିବା ଆରମ୍ଭ କରେ। କାରଣ ସେମାନଙ୍କ ଶରୀରରେ ଅଧିକ ବିଲିରୁବିନ ସୃଷ୍ଟି ହେବା ଆରମ୍ଭ କରେ, ଯାହା ନବଜାତ ଶିଶୁଙ୍କଠାରେ ଜଣ୍ଡିସ୍ ସୃଷ୍ଟି କରେ। ସାଧାରଣତଃ ଏହି ସମସ୍ୟା କିଛିଦିନ ମଧ୍ୟରେ ଠିକ୍ ହୋଇଯାଏ, କିନ୍ତୁ କେତେକ ସମୟରେ ଏହା ଗମ୍ଭୀର ମଧ୍ୟ ହୋଇପାରେ। ଏପରି ପରିସ୍ଥିତିରେ ନବଜାତ ଶିଶୁର ଯତ୍ନ ନେବା ଜରୁରୀ ହୋଇପଡ଼େ। ବିଶେଷକରି ପିତାମାତାମାନେ ଏଥିପ୍ରତି ଅଧିକ ଧ୍ୟାନ ଦେବା ଉଚିତ। ନବଜାତ ଶିଶୁଙ୍କଠାରେ ଜଣ୍ଡିସ୍ କାହିଁକି ହୁଏ ଆସନ୍ତୁ ଜାଣିବା...**

ଗାଜିଆବାଦ ଜିଲା ହସ୍ପିଟାଲର ଶିଶୁ ବିଭାଗର ଡାକ୍ତର ବିପିନ ଚନ୍ଦ୍ର ଉପାଧ୍ୟାୟ କହିଛନ୍ତି ଯେ, ନବଜାତ ଶିଶୁଙ୍କଠାରେ ଜଣ୍ଡିସ୍ର ଅନେକ କାରଣ ଅଛି। ଏଥିରେ ଗର୍ଭରେ ବଢୁଥିବା ଶିଶୁ ସମ୍ପୂର୍ଣ୍ଣ ଭାବରେ ବିକଶିତ ହୁଏ ନାହିଁ। ଗର୍ଭବତୀ ମହିଳାମାନେ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ଗ୍ରହଣ କରୁନାହାନ୍ତି। ଏପରି ଅନେକ ଲକ୍ଷଣ ଦେଖାଯାଇପାରେ। ଜନ୍ମ ପରେ ଶିଶୁର ଲିଭର ଠିକ୍ ଭାବରେ କାର୍ଯ୍ୟ କରିବା ଆରମ୍ଭ କରେ ନାହିଁ, ଯାହା ଫଳରେ ଶରୀରରେ ବିଲିରୁବିନ ଜମା ହୋଇଯାଏ, ଯାହା ନବଜାତ ଶିଶୁରେ ଜଣ୍ଡିସ୍ ସୃଷ୍ଟି କରେ। ନବଜାତ ଶିଶୁଠାରେ, ଅଧିକ ଲୋହିତ ରକ୍ତ କଣିକା ସୃଷ୍ଟି ଏବଂ ଭାଙ୍ଗିଯାଏ, ଯାହା ବିଲିରୁବିନ ବୃଦ୍ଧି କରେ। ଯଦି ନବଜାତ ଶିଶୁର ବିଲିରୁବିନ ବୃଦ୍ଧି ପାଏ, ତେବେ ଜଣ୍ଡିସ୍ ହେବାର ଆଶଙ୍କା ଅଧିକ ଥାଏ। ଯଦି ମା' ଏବଂ ପିଲାର ରକ୍ତ ଗ୍ରୁପ ଭିନ୍ନ ଥାଏ, ତେବେ ଏହି ପରିସ୍ଥିତିରେ ଜଣ୍ଡିସ୍ ହେବାର ଆଶଙ୍କା ମଧ୍ୟ ବଢ଼ିଯାଏ।

**ଜଣ୍ଡିସ କେତେ ବିପଦପୂର୍ଣ୍ଣ ହୋଇପାରେ ?**

ଡାକ୍ତର ବିପିନ କହିଛନ୍ତି, ଯେକୌଣସି ରୋଗ ଶରୀର ପାଇଁ ବିପଜ୍ଜନକ ହୋଇଥିଲେ ମଧ୍ୟ, ଜଣ୍ଡିସ୍ ୧-୨ ସପ୍ତାହ ମଧ୍ୟରେ ଆପେ ଆପେ ଭଲ ହୋଇଯାଏ। କିନ୍ତୁ କିଛି କ୍ଷେତ୍ରରେ ଏହା ଗମ୍ଭୀର ପରିସ୍ଥିତି ମଧ୍ୟ ସୃଷ୍ଟି କରେ। ଯଦି ଶରୀରରେ ବିଲିରୁବିନ ସ୍ତର ଅତ୍ୟଧିକ ବୃଦ୍ଧି ପାଏ, ତେବେ ଏହା ପିଲାର ମସ୍ତିଷ୍କକୁ କ୍ଷତି ପହଞ୍ଚାଇପାରେ, ଯାହା ମାନସିକ ବିକାଶରେ ବାଧା ସୃଷ୍ଟି କରିପାରେ। ଯଦି ଜଣ୍ଡିସ୍ ଦୀର୍ଘ ସମୟ ଧରି ରହିଥାଏ, ତେବେ ଏହା ଲିଭରକୁ ପ୍ରଭାବିତ କରିପାରେ।

**ଜଣ୍ଡିସ୍କୁ କିପରି ରୋକାଯିବ ଏବଂ ଚିକିତ୍ସା କରାଯିବ ?**

ଶିଶୁକୁ ବାରମ୍ବାର ସ୍ତନ୍ୟପାନ କରାଇଲେ ଜଣ୍ଡିସ୍ ଶୀଘ୍ର ଭଲ ହୋଇଯାଏ। ଯଦି ପିଲାଟି ଜଣ୍ଡିସ୍ (ଚର୍ମ କିମ୍ବା ଆଖି ହଳଦିଆ ପଡ଼ିବା)ର ଲକ୍ଷଣ ଦେଖାଏ, ତେବେ ନିଶ୍ଚିତ ଭାବରେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ। ଏହି ବିଷୟରେ ଅସାବଧାନ ହୁଅ ନାହିଁ।



# କେଉଁ ସ୍ଥାନରେ ଆଇନା ରଖିଲେ ଧନ ବୃଦ୍ଧି ହୋଇଥାଏ

ଆଇନା ବା ଦର୍ପଣରେ ଆମେ ଆମ ମୁହଁ ଦେଖିଥାନ୍ତି। ପରେ ଏହାକୁ ଘରର କେଉଁ କୋଣରେ ରଖି ଦେଇଥାଉ ବା ବିଭିନ୍ନ ସ୍ଥାନରେ ଟାଙ୍ଗି ଦେଉଥାଉ। କିନ୍ତୁ ଦର୍ପଣକୁ ଠିକ୍ ସ୍ଥାନରେ ରଖିବା ଉଚିତ। ବାସ୍ତୁଶାସ୍ତ୍ର ଅନୁସାରେ ଏହା ଗୁରୁତ୍ୱପୂର୍ଣ୍ଣ ଉପକରଣ। ବାସ୍ତୁଦୋଷ ଦୂର କରିବାରେ ଆଇନାକୁ ବ୍ୟବହାର କରାଯାଇଥାଏ। ସେଥିପାଇଁ ଏହାକୁ ସଠିକ୍ ସ୍ଥାନରେ ରଖିଲେ ଧନ ସମ୍ପତ୍ତି ବୃଦ୍ଧି ହୋଇଥାଏ। ଆସନ୍ତୁ ଜାଣିଲେ କେଉଁ ସ୍ଥାନରେ ଆଇନା ରଖିଲେ ଧନ ବୃଦ୍ଧି ହୋଇଥାଏ।

- ଘରର ଉତ୍ତର ଦିଗରେ ଆଇନା ଲଗାଇବା ଶୁଭ ହୋଇଥାଏ। ଉତ୍ତର ଦିଗକୁ ଧନର ଦେବତା କୁବେରଙ୍କ ଦିଗ ବୋଲି କୁହାଯାଏ। ଏହି ଦିଗରେ ଆଇନା ଲଗାଇବା ଦ୍ୱାରା ଘରେ ଧନ ସମ୍ପତ୍ତି ବୃଦ୍ଧି ହୋଇଥାଏ।
- ଉତ୍ତର ଦିଗ ବ୍ୟତିତ ପୂର୍ବ ଦିଗରେ ଆଇନା ଲଗାଇଲେ ଶୁଭ ହୋଇଥାଏ। ଏହା ଦ୍ୱାରା ଘର ଉପରେ ସକାରତ୍ମକ ପ୍ରଭାବ ବଢ଼ିଥାଏ। ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ଭଲ ରହିଥାଏ।
- ଘରର ଉତ୍ତର ଦିଗରେ କବାଟ କିମ୍ବା ଦ୍ୱାର ମୁହଁ ନ ଥିଲେ ଆଇନା ଲଗାଇବା ଉଚିତ। ଏହା ବିଭିନ୍ନ ଦୋଷ ଦୂର ହୋଇଥାଏ। ଉତ୍ତର ଦିଗକୁ ଧନ ଦେବତା କୁବେରଙ୍କ ଦିଗ ବୋଲି କୁହାଯାଏ। ଏହି ଦିଗରେ ଆଇନା ଲଗାଇଲେ ଧନ ସମ୍ପତ୍ତି ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି।
- ସକାଳେ ଉଠି ଆଇନାରେ ମୁହଁ ଦେଖିବା ଉଚିତ୍ ନୁହେଁ। ଏହାଦ୍ୱାରା ଶରୀର ଉପରେ ନକାରତ୍ମକ ପ୍ରଭାବ ପଡ଼ିଥାଏ।

# କେଉଁ ସବୁ ଖାଦ୍ୟ ଖାଇଲେ ହୋଇଥାଏ ହୃଦଘାତ ?



**ଧୂମପାନ**

ହୃଦଘାତରୁ ରକ୍ଷା ପାଇବାକୁ ହେଲେ ଧୂମପାନଠୁ ଦୂରେଇ ରହିବା ଉଚିତ୍। କାରଣ ଧୂମପାନ ଆମ ଫୁସଫୁସକୁ ପ୍ରଭାବିତ କରିଥାଏ, ଯାହା ଫଳରେ ଫୁସଫୁସ ଅବରୋଧର ସମସ୍ୟା ବଢିଯାଏ। ଏହି କାରଣରୁ ମୁଖ୍ୟତଃ ଷ୍ଟ୍ରୋକ୍ ହୋଇଥାଏ।

**ମଦ୍ୟପାନ**

ମଦ୍ୟପାନ ଧମନୀ ଉପରେ ଚାପ ପକାଇଥାଏ। ଯେଉଁଥିପାଇଁ ରକ୍ତଚାପ ଏବଂ ରକ୍ତରେ ଶର୍କରା ହେବାର ଆଶଙ୍କା ବଢିଥାଏ।

**ମୃଦୁ ପାନୀୟ (କୋଲ୍ଡ ଡ୍ରିଙ୍କ୍ସ)**

ଗ୍ରୀଷ୍ମଋତୁରେ ଅଧିକାଂଶ ଲୋକ ମାତ୍ରାଧିକ କୋଲ୍ଡ ଡ୍ରିଙ୍କ୍ସ ପିଅନ୍ତି। ମାତ୍ର ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରୀ। ଅତ୍ୟଧିକ କୋଲ୍ଡ ଡ୍ରିଙ୍କ୍ସ ପିଇବା ଦ୍ୱାରା ଧମନୀ ଉପରେ ଚାପ ପଡ଼ିଥାଏ ଏବଂ ଏହା ହୃଦଘାତର କାରଣ ହୋଇପାରେ।

**ବ୍ରେଡ୍ ଓ ପ୍ରକ୍ରିୟାକୃତ ଖାଦ୍ୟ**

ଯଦି ହୃଦୟକୁ ସୁସ୍ଥ ରଖିବାକୁ ଚାହୁଁଛନ୍ତି, ତେବେ ପ୍ରଥମେ ପ୍ରକ୍ରିୟାକୃତ ଖାଦ୍ୟଠାରୁ ଦୂରରେ ରହିବାକୁ ପଡିବ। ବର୍ଗର, ପିଜା ଏବଂ ଫାଷ୍ଟଫୁଡ୍ ଖାଦ୍ୟକୁ ସମ୍ପୂର୍ଣ୍ଣ ରୂପେ ନା କୁହନ୍ତୁ।

# ପୋଦିନା ପତ୍ର ପକୁଡ଼ି

**ସାଧାରଣତଃ ଆମ ଓଡିଆ ଲୋକେ ଖାଇବା ପିଇବାକୁ ଭାରି ଭଲ ପାଆନ୍ତି । ସକାଳ ହେଲେ ସମସ୍ତଙ୍କର ଗୋଟିଏ ଚିନ୍ତା ଥାଏ ଆଜି ରୋଷେଇ କ'ଣ ହେବ । କିଏ କ'ଣ ଖାଇବ ପଚାରି ଗୃହିଣୀମାନେ ବନେଇ ଦିଅନ୍ତି ଘରର ସମସ୍ତଙ୍କ ପାଇଁ ମନ ଲାଖି ବିଭିନ୍ନ ପ୍ରକାରର ବ୍ୟଞ୍ଜନ । ଆଉ ବର୍ଷା ପାଗ ହେଲେ ତ କଥା ସରିଲା । ଗାଁ ହଉ କି ସହର ଦାଣ୍ଡରେ ଟିକେ ଚାଲିଗଲେ ପ୍ରାୟ ସମସ୍ତଙ୍କ ଘରୁ ଭାସି ଆସେ ସୁଆଦିଆ ପକୁଡିର ବାସ୍ନା । ବେସନରେ ପଡିଥିବା ଭୃଷଙ୍ଗ ପତ୍ର, ପିଆଜର ବାସ୍ନା...ଆଃ ବାସ୍ନାରେ ହିଁ ପେଟ ପୁରିଯାଏ ।ତେବେ ଆପଣ ଜାଣିଛନ୍ତି ସେହି ପକୁଡିକୁ ଆଉ ଟିକେ ସୁଆଦିଆ କରିଦେବ ପୋଦିନା ପତ୍ର ।**

**ସାମଗ୍ରୀ:-** ବେସନ,ପିଆଜ,କଂଚା ଲଙ୍କା,ପୋଦିନା ପତ୍ର,ଜୁଆଣୀ,ଲୁଣ,ଲଙ୍କା ଗୁଣ୍ଡ

**ପ୍ରସ୍ତୁତି ପ୍ରଣାଳୀ-** ପ୍ରଥମେ ଗୋଟିଏ ପାତ୍ରେ ବେସନ ଆବଶ୍ୟକ ଅନୁଯାୟୀ ନେଇଯିବେ, ସେଥିରେ ଅଧିକ ପରିମାଣର ଛୋଟ ଛଟୋ କଟା ହୋଇଥିବା ପିଆଜ, ଚୁନା ଚୁନା କଟା ହୋଇଥିବା କଂଚା ଲଙ୍କା, ଜୁଆଣୀ,ଖାଇବା ସୋଡା, ଅଧିକ ମାତ୍ରାରେ ପୋଦିନା ପତ୍ର ପକାଇ ଭଲ ଭାବରେ ଗୋଳାଇ ଦେବେ । ୧ ୦ ମିନିଟ୍ ପାଖାପାଖି ଏହାକୁ ଘୋଡେଇ ରଖିଦେବେ । ସେପଟେ ଗ୍ୟାସ୍ ରେ କଡେଇ ବସେଇ ସେଥିରେ ଖାଇବା ତେଲ ପକେଇଦେବେ । . ତେଲ ଭଲଭାବରେ ଗରମ ହୋଇ ଆସିଲେ ଛୋଟ ଛୋଟ କରି ପକୁଡି ଛାଣିବେ । ଏହାସହ କିଛି କଂଚା ଲଙ୍କା ମଧ୍ୟ ତେଲରେ ଛାଣିଦେବେ । ଏବଂ ଛାଣିବା ପରେ ଏକ ଟିସୁ ପେପର୍ ରେ ଏହାକୁ ପକାଇଦେବେ । ଏହା ପରେ ଗରମ ଗରମ ଚା' ସହ ପୋଦିନା ପକୁଡିରେ ଟିକେ କଳା ଲୁଣ ଛିଂଚି ଖାଇବାକୁ ଦେବେ । ନହେଲେ ଯଦି ଆପଣଙ୍କୁ ମୁଢି ଭଲ ଲାଗେ ଖାଇବାକୁ ତେବେ ଏହି ପୋଦିନା ପକୁଡି ସହ ମୁଢି ବେଷ୍ଟ କମ୍ବିନେସନ । ଏମିତି ମୁସୁମୁସିଆ ପକୁଡି ଖାଇ ବର୍ଷା ପାଗର ମଜା ନିଅନ୍ତୁ ।



# ସିଦ୍ଧାର୍ଥ-ଜାହ୍ନବୀଙ୍କ ଯୋଡ଼ି

ଫିଲ୍ମ ଟକ୍

ଫିଲ୍ମ 'ପରମ ସୁନ୍ଦରୀ' ବର୍ଷର ସବୁଠାରୁ ବଡ଼ ରୋମାଣ୍ଟିକ ଡ୍ରାମା ହେବାକୁ ଯାଉଛି । ଫିଲ୍ମରେ, ସିଦ୍ଧାର୍ଥ ପରମ ଚରିତ୍ରରେ ଅଭିନୟ କରୁଥିବା ବେଳେ ଜାହ୍ନବୀ ସୁନ୍ଦରୀ ଭୂମିକାରେ ଅଭିନୟ କରିଛନ୍ତି । ଏହି ଫିଲ୍ମ ଏକ ସୁନ୍ଦର ଉତ୍ତର-ଦକ୍ଷିଣ ପ୍ରେମ କାହାଣୀ ଯାହା ଏକ ଚମତ୍କାର ବ୍ୟାକ୍ଗ୍ରାଉଣ୍ଡ ସହିତ ଭାବପ୍ରବଣତା, ଆକର୍ଷଣ ଏବଂ ସୁନ୍ଦର ଦୃଶ୍ୟରେ ପରିପୂର୍ଣ୍ଣ। ପ୍ରଥମ ଫ୍ରେମ୍ରୁ, ଜାହ୍ନବୀ ଏବଂ ସିଦ୍ଧାର୍ଥଙ୍କ ଲୁକ ଦେଖିବାକୁ ମିଳିଥିବା ବେଳେ ଉଭୟଙ୍କ ରୋମାଣ୍ଟିକ କେମେଷ୍ଟ୍ରି ଦର୍ଶକଙ୍କୁ ଆକର୍ଷିତ କରେ । ଏହା ଉପରେ, ସୋନୁ ନିଗମଙ୍କ କଣ୍ଠରେ ବ୍ୟାକ୍ ?ଗ୍ରାଉଣ୍ଡରେ ବାଜୁଥିବା ଗୀତଟି ପ୍ରଶଂସକଙ୍କ ମଧ୍ୟରେ ଫିଲ୍ମକୁ ନେଇ ଉତ୍ସାହକୁ ଶୀର୍ଷରେ ପହଞ୍ଚାଇ ଦେଇଛି। ଫିଲ୍ମର ପ୍ରଥମ ଝଲକ ସେୟାର କରିବା ସହିତ, ନିର୍ମାତା ଏହାର ମୁକ୍ତିଲାଭ ତାରିଖ ମଧ୍ୟ ଘୋଷଣା କରିଛନ୍ତି । ଏହା ସେୟାର କରି କ୍ୟାପସନରେ ଲେଖିଛନ୍ତି, ଦ' ଏହା ବର୍ଷର ସବୁଠାରୁ ବଡ଼ ପ୍ରେମ କାହାଣୀ ହୋଇଯାଏ । ମ୍ୟାଡକ୍ ଫିଲ୍ମସ୍, ପ୍ରଯୋଜକ ଦିନେଶ ବିଜନଙ୍କ ଦ୍ୱାରା ନିର୍ମିତ ହୋଇଥିବା ବେଳେ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ତୁଷାର ଜଲୋଟା । ଏହି ଫିଲ୍ମ ଆସନ୍ତା ୨୫ ଜୁଲାଇ ୨୦୨୫ରେ ସିନେମା ହଲକୁ ଆସିବ ।ଦ' ସେହି ସମୟରେ, ଫିଲ୍ମର ଅନ୍ୟ ଷ୍ଟାରକାଷ୍ଟ ବିଷୟରେ କୌଣସି ସୂଚନା ପ୍ରକାଶ କରାଯାଇ ନାହିଁ। ଟ୍ରେଲର ମୁକ୍ତିଲାଭ ତାରିଖ ଏ ପର୍ଯ୍ୟନ୍ତ ଘୋଷଣା କରାଯାଇନାହିଁ ।



# ଆଜିର ରାଶିଫଳ


**ମେଷ**
ଆଜିର ଦିନଟି ଆପଣଙ୍କ ଲାଗି ଶୁଭ ରହିବ । ଦିନଟି ଭଗବାନଙ୍କ ନାମ ସ୍ମରଣ ସହିତ ଆରମ୍ଭ ହେବ । ଆପଣ ଧାର୍ମିକ କାର୍ଯ୍ୟ ଏବଂ ପୂଜାରେ ବ୍ୟସ୍ତ ରହିବେ। ଘରୋଇ ଜୀବନରେ ଆନନ୍ଦର ପରିବେଶ ରହିବ । ଆପଣଙ୍କର ସମସ୍ତ କାର୍ଯ୍ୟ ସହଜରେ ସମାପ୍ତ ହେବ । ଆପଣ ବନ୍ଧୁ ଏବଂ ସମ୍ପର୍କୀୟଙ୍କଠାରୁ ଉପହାର ପାଇବେ। ଆପଣ ଶାରୀରିକ ଏବଂ ମାନସିକ ଭାବରେ ପ୍ରଫୁଲ୍ଲ ରହିବେ । ଚାକିରି ଏବଂ ବ୍ୟବସାୟରେ ମଧ୍ୟ ଅନୁକୂଳ ପରିସ୍ଥିତି ରହିବ । ଆପଣ ବୈବାହିକ ଜୀବନରେ ଆନନ୍ଦ ଅନୁଭବ କରିବେ । ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ ।


**ବୃଷ**
ଆଜି ଆପଣଙ୍କ ଲାଗି ଏହା ଏକ ସାଧାରଣ ଦିନ ହେବ । ଆଜି ଆପଣଙ୍କୁ କାହାର ଗ୍ୟାରେଂଟି ଏବଂ ଟଙ୍କା କାରବାର ନେବାରୁ ବଂଚିବାକୁ ପଡିବ । ଅତ୍ୟଧିକ ଅନାବଶ୍ୟକ ଖର୍ଚ୍ଚ ହେବ । ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ । ପରିବାର ସଦସ୍ୟଙ୍କ ସହିତ ଦ୍ୱନ୍ଦ୍ୱରେ ପଡ଼ିବାର ସୁଯୋଗ ମିଳିବ । କାହା ସହିତ ଭୁଲ ବୁଝାମଣା ଯୋଗୁଁ ଝଗଡା ହେବ । ଆପଣଙ୍କୁ କ୍ରୋଧକୁ ନିୟନ୍ତ୍ରଣ କରିବାକୁ ପଡିବ ଏବଂ ଆପଣଙ୍କ କଥାକୁ ସଂଯମ କରିବାକୁ ପଡିବ । କାହାର ମଙ୍ଗଳ କରିବା ସମୟରେ ଆପଣଙ୍କୁ ଅସୁବିଧାକୁ ଆଲିଙ୍ଗନ କରିବାକୁ ଦିଅନ୍ତୁ ନାହିଁ । ଯାନବାହାନ ସତର୍କତାର ସହିତ ଚଲାନ୍ତୁ ।


**ମିଥୁନ**
ଚାକିରି କିମ୍ବା ବ୍ୟବସାୟରେ ଅନୁକୂଳ ପରିସ୍ଥିତି ରହିବ ଏବଂ ଆୟ ବୃଦ୍ଧି ପାଇବ । ଆପଣଙ୍କୁ ବୃଦ୍ଧ ଏବଂ ବନ୍ଧୁମାନଙ୍କଠାରୁ କିଛି ଲାଭ ମିଳିପାରେ । ଆପଣ ନୂତନ ବନ୍ଧୁ ସୃଷ୍ଟି କରିବେ, ଯାହାଙ୍କ ବନ୍ଧୁତା ଭବିଷ୍ୟତ ପାଇଁ ଲାଭଦାୟକ ସାବ୍ୟସ୍ତ ହେବ । ଆପଣଙ୍କୁ ଶୁଭ ଅବସରରେ ଯୋଗ ଦେବାକୁ ପଡ଼ିପାରେ । ଆପଣ ବନ୍ଧୁମାନଙ୍କ ସହିତ ଏକ ଯାତ୍ରା ଆୟୋଜନ କରିବେ । ଆପଣଙ୍କ ପିଲା ଏବଂ ସ୍ତ୍ରୀଙ୍କଠାରୁ ଆପଣଙ୍କୁ ଶୁଭ ଖବର ମିଳିବ । ହଠାତ୍ ଆର୍ଥିକ ଲାଭ ହେବ ।


**କର୍କଟ**
ଆଜି ଆପଣ ଘର, ପରିବାର ଏବଂ ପିଲାମାନଙ୍କ କ୍ଷେତ୍ରରେ ଆନନ୍ଦ ଏବଂ ସନ୍ତୋଷର ଅନୁଭବ କରିବେ । ଆଜି ଆପଣ ଆତ୍ମୀୟ ଏବଂ ବନ୍ଧୁମାନଙ୍କ ଦ୍ୱାରା ଘେରି ରହିବେ । ବ୍ୟବସାୟ ସହିତ ଜଡିତ ଯାତ୍ରା ହେବ ଏବଂ ଏଥିରେ ଲାଭ ହେବ । ଆପଣ ବ୍ୟବସାୟ କ୍ଷେତ୍ରରେ ଲାଭ, ସମ୍ମାନ ଏବଂ ପ୍ରତିଷ୍ଠା ପାଇବେ । ଆପଣଙ୍କୁ ଚାକିରିରେ ପଦୋନ୍ନତି ମିଳିବ । ଅଗ୍ନି, ଜଳ ଏବଂ ଯାନବାହାନ ଦୁର୍ଘଟଣା ପ୍ରତି ସତର୍କ ରୁହନ୍ତୁ। କାର୍ଯ୍ୟଭାର ଯୋଗୁଁ ଆପଣ କ୍ଲାନ୍ତ ଅନୁଭବ କରିବେ ।


**ସିଂହ**
ଆଜି ବ୍ୟବସାୟୀମାନଙ୍କ ପାଇଁ ଶୁଭ ହେବ । ସେମାନେ ନୂତନ ପ୍ରକଳ୍ପ ହାତକୁ ନେଇପାରିବେ । ଏହା ବ୍ୟତୀତ, ଆପଣ ଆର୍ଥିକ ଲାଭ ମଧ୍ୟ ପାଇପାରିବେ । ଚାକିରିରେ ପଦୋନ୍ନତିର ସମ୍ଭାବନା ରହିବ । ବିଦେଶରେ ରହୁଥିବା ବନ୍ଧୁ କିମ୍ବା ସମ୍ପର୍କୀୟଙ୍କ ଖବର ଆପଣଙ୍କୁ ଭାବପ୍ରବଣ କରିବ । ଆପଣ ଦୂର ଦୂରାନ୍ତର ଯାତ୍ରାରେ ଯାଇପାରନ୍ତି । ତୀର୍ଥଯାତ୍ରାର ମଧ୍ୟ ସମ୍ଭାବନା ଅଛି । ଅତ୍ୟଧିକ କାର୍ଯ୍ୟଭାର ଆପଣଙ୍କୁ କ୍ଲାନ୍ତ ଏବଂ ବିରକ୍ତ ଅନୁଭବ କରାଇବ । ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ ।


**କନ୍ୟା**
ଆଜି ଆପଣଙ୍କୁ ଆପଣଙ୍କର ଅନିୟନ୍ତ୍ରିତ କ୍ରୋଧକୁ ନିୟନ୍ତ୍ରଣ କରିବାକୁ ପଡିବ, ନଚେତ୍ ଆପଣ ଅସୁବିଧାରେ ପଡ଼ିପାରନ୍ତି । ମାନହାନି ଏବଂ ନକାରାତ୍ମକ ଚିନ୍ତାଧାରାରୁ ଦୂରେଇ ରହିବା ଲାଭଦାୟକ ହେବ । ଅତ୍ୟଧିକ ଖର୍ଚ୍ଚ ହେତୁ ଆପଣ ଆର୍ଥିକ ପ୍ରତିବନ୍ଧକ ଅନୁଭବ କରିବେ । କାର୍ଯ୍ୟାଳୟରେ ପରିବାର ସଦସ୍ୟ ଏବଂ ସହକର୍ମୀଙ୍କ ସହିତ ମତଭେଦ କିମ୍ବା ବିବାଦର ଘଟଣା ଘଟିବ, ଯାହା ଯୋଗୁଁ ମନ ଦୁଃଖିତ ରହିବ । ଅସୁସ୍ଥ ରୋଗୀଙ୍କ ପାଇଁ ନୂତନ ଚିକିତ୍ସା ଏବଂ ଅସ୍ତ୍ରୋପଚାର ନ କରିବା ପରାମର୍ଶଦାୟକ । ଈଶ୍ୱରଙ୍କ ପୂଜା, ଜପ ଏବଂ ଆଧ୍ୟାତ୍ମିକତା ଆପଣଙ୍କୁ ଶାନ୍ତି ଅନୁଭବ କରାଇବ ।


**ତୁଳା**
ସାମାଜିକ ଏବଂ ବ୍ୟବସାୟିକ କ୍ଷେତ୍ରରେ ଆପଣଙ୍କ ପାଇଁ ଲାଭଦାୟକ ପ୍ରମାଣିତ ହେବ । ଆପଣ ମନୋରଞ୍ଜନର ଉପାୟ, ସୁନ୍ଦର ଅଳଙ୍କାର ଏବଂ ଯାନବାହାନ କିଣିବେ । ମଜା ଏବଂ ମନୋରଞ୍ଜନରେ ସମୟ ବିତିବ । ଏହା ସହିତ, ଆପଣ ବିପରୀତ ଲିଙ୍ଗର ବ୍ୟକ୍ତିଙ୍କ ସହିତ ଏକ ରୋମାଂଚକର ସାକ୍ଷାତରୁ ଖୁସି ଅନୁଭବ କରିବେ । ବୈବାହିକ ଜୀବନରେ ପ୍ରେମର ଭାବନା ରହିବ । ସହଭାଗୀତାରେ ଲାଭ ହେବ । ପର୍ଯ୍ୟଟନର ମଧ୍ୟ ସମ୍ଭାବନା ଅଛି । ସ୍ୱାସ୍ଥ୍ୟ ଭଲ ରହିବ।


**ବିଛା**
ଉଦାସୀନତା ଏବଂ ଆପଣଙ୍କ ମନକୁ ଘେରି ରହିଥିବା ସନ୍ଦେହର ମେଘ ଯୋଗୁଁ ଆପଣ ମାନସିକ ଆଶ୍ୱସ୍ତି ଅନୁଭବ କରିବେ ନାହିଁ । ତଥାପି, ଘରେ ଏକ ଶାନ୍ତିପୂର୍ଣ୍ଣ ପରିବେଶ ରହିବ । ଦୈନନ୍ଦିନ କାର୍ଯ୍ୟରେ କିଛି ବାଧା ରହିବ । ଯାନବାହାନ ଦୁର୍ଘଟଣା ପ୍ରତି ସତର୍କ ରୁହନ୍ତୁ । କାର୍ଯ୍ୟଭାର ହେତୁ ଆପଣ କ୍ଲାନ୍ତ ଅନୁଭବ କରିବେ । କଠିନ ପରିଶ୍ରମ କରିବା ପରେ ଅଧିକାରୀମାନଙ୍କ ସହିତ ଯୁକ୍ତିତର୍କ କରନ୍ତୁ ନାହିଁ । କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ଏବଂ ନିଜ କଥାକୁ ସଂଯମ କରନ୍ତୁ । ପରିବାର ସଦସ୍ୟଙ୍କଠାରୁ ଆପଣଙ୍କୁ ପୂର୍ଣ୍ଣ ସମର୍ଥନ ମିଳିବ ।


**ଧନୁ**
ଆଜି ଆପଣ କୌଣସି କାରଣରୁ ଚିନ୍ତିତ ରହିବେ । ଆପଣ ସନ୍ତାନ ଏବଂ ସ୍ୱାସ୍ଥ୍ୟ ବିଷୟରେ ଅଧିକ ଚିନ୍ତିତ ରହିବେ । ପେଟ ସମ୍ବନ୍ଧୀୟ ରୋଗର ଅଭିଯୋଗ ଆସିବ । ଛାତ୍ରମାନେ ପାଠପଢ଼ାରେ ଅସୁବିଧାର ସମ୍ମୁଖୀନ ହେବେ । ହଠାତ୍ ଟଙ୍କା ଖର୍ଚ୍ଚ ହୋଇପାରେ । ଗଣେଶଜୀ ଅଂଶଧନ ବାଜିଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଉଛନ୍ତି । ଆପଣ ଆପଣଙ୍କ ପ୍ରିୟଜନଙ୍କୁ ଭେଟିବେ । ଆପଣ ଧାର୍ମିକ କାର୍ଯ୍ୟରେ ଅଂଶଗ୍ରହଣ କରିପାରିବେ । ପରିବାରର ପରିବେଶ ଭଲ ରହିବ ।


**ମକର**
ଆଜିର ଦିନଟି ସାଧାରଣ ରହିବ । ବ୍ୟବସାୟ ଭଲ ଚାଲିବ ଏବଂ ଆର୍ଥିକ ଲାଭର ସମ୍ଭାବନା ରହିବ । କାର୍ଯ୍ୟଭାର ମଧ୍ୟ ଅଧିକ ରହିବ । ଆଜି ଆପଣ ବହୁତ ଭାବପ୍ରବଣ ହୋଇଯିବେ ଏବଂ ସେଥିପାଇଁ ଆପଣ ମାନସିକ ଅସୁସ୍ଥତା ଅନୁଭବ କରିବେ । ମା'ଙ୍କ ସହିତ ସମ୍ପର୍କ ଖରାପ ହେବ କିମ୍ବା ମା'ଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ରହିବ । ବର୍ତ୍ତମାନ ସମୟ ଯାତ୍ରା ପାଇଁ ଅନୁକୂଳ ନୁହେଁ। ପରିବାର ଏବଂ ସମ୍ପତି ସମ୍ବନ୍ଧୀୟ ଆଲୋଚନାରେ ସତର୍କ ରହିବା ଆବଶ୍ୟକ । ପାଣିର ଯତ୍ନ ନେବାକୁ ପଡିବ ।


**କୁମ୍ଭ**
ଆଜିର ଦିନ କାମରେ ସଫଳତା, ଆର୍ଥିକ ଲାଭ ଏବଂ ଭାଗ୍ୟ ପାଇଁ ବହୁତ ଭଲ ଦିନ। ଆପଣ ଏକ ନୂତନ କାମ ମଧ୍ୟ ଆରମ୍ଭ କରିପାରିବେ । ବୈବାହିକ ଜୀବନ ଖୁସି ରହିବ । ଆଜି ଭାଇ ଭଉଣୀଙ୍କ ବ୍ୟବହାର ଅଧିକ ସହଯୋଗପୂର୍ଣ୍ଣ ଏବଂ ପ୍ରେମପୂର୍ଣ୍ଣ ହେବ । ଆପଣ ପ୍ରତିଯୋଗୀମାନଙ୍କୁ ପରାସ୍ତ କରିପାରିବେ । ପ୍ରିୟଜନଙ୍କୁ ଭେଟି ମନ ଆନନ୍ଦ ଅନୁଭବ କରିବ । କୌଣସି ଧାର୍ମିକ ସ୍ଥାନକୁ ଯାତ୍ରା ହୋଇପାରେ । ସ୍ୱାସ୍ଥ୍ୟ ଭଲ ରହିବ। ଖାଦ୍ୟପେୟର ଯତ୍ନ ନିଅନ୍ତୁ ।


**ମୀନ**
ଦ୍ୱନ୍ଦ୍ୱ ଏବଂ ଜଟିଳ ପାରିବାରିକ ପରିବେଶ ଯୋଗୁଁ ଆପଣ ଅସୁବିଧାର ସମ୍ମୁଖୀନ ହେବେ। ଟଙ୍କା ଅଯଥାରେ ଖର୍ଚ୍ଚ ହେବ । କାମ ବିଳମ୍ବରେ ସମାପ୍ତ ହେବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବା ଲାଭଦାୟକ ନୁହେଁ । ଆପଣଙ୍କୁ ପରିବାର ସଦସ୍ୟଙ୍କ ସହିତ ଭୁଲ ବୁଝାମଣା ଏଡାଇବାକୁ ଚେଷ୍ଟା କରିବାକୁ ପଡିବ । ଆପଣଙ୍କୁ ଦୂରରେ ରହୁଥିବା ବନ୍ଧୁ କିମ୍ବା ସମ୍ପର୍କୀୟଙ୍କ ସାମ୍ନା କରିବାକୁ ପଡିବ। ଦୂରରେ ରହୁଥିବା ବନ୍ଧୁ କିମ୍ବା ସମ୍ପର୍କୀୟଙ୍କ ଖବର କିମ୍ବା ବାର୍ତ୍ତା ଆପଣଙ୍କ ପାଇଁ ଲାଭଦାୟକ ସାବ୍ୟସ୍ତ ହେବ ।

## ଓଡ଼ିଶାର ସମୃଦ୍ଧ ଇତିହାସ ଯୁବପିଢ଼ିଙ୍କ ପାଇଁ ମାର୍ଗଦର୍ଶକ ଭଳି କାର୍ଯ୍ୟକରୁ : ସଂସ୍କୃତି ମନ୍ତ୍ରୀ



ଭୁବନେଶ୍ୱର, (ହି.ସ.): ଓଡ଼ିଶାର ଇତିହାସ ହେଉଛି ସମୃଦ୍ଧ। ଏହି ସମୃଦ୍ଧ ଇତିହାସ ଯୁବବର୍ଗଙ୍କୁ ପ୍ରେରିତ କରୁ। ଯୁବପିଢ଼ିଙ୍କ ମଧ୍ୟରେ ଏକ ନୂତନ ଚିନ୍ତା ଚେତନାର ଉନ୍ମେଷ ନିମନ୍ତେ ଆମ ଇତିହାସ ଏକ ମାର୍ଗଦର୍ଶକ ଭଳି କାର୍ଯ୍ୟ କରୁ। ଓଡ଼ିଆ ଜାତୀୟତାବାଦ କେବେ ହେଲେ ମଧ୍ୟ ଆଞ୍ଚଳିକତାବାଦ ମଧ୍ୟରେ ସୀମିତ ନୁହେଁ। ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା କରିବା, ବିଚାର ଓ ବିତର୍କ କରି ନିଷ୍କର୍ଷରେ ଉପନୀତ ହେବା ହେଉଛି ଆମ ଗଣତାନ୍ତ୍ରିକ ରାଷ୍ଟ୍ରର ସୌନ୍ଦର୍ଯ୍ୟ। ତେଣୁ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ଆଜି ଅନୁଷ୍ଠିତ ହେଉଥିବା କଳିଙ୍ଗ ଯୁଦ୍ଧ କର୍ମଶାଳାରେ କଳିଙ୍ଗ ଯୁଦ୍ଧର ଇତିହାସ ସମ୍ବନ୍ଧରେ ଆଲୋଚନା କରାଯାଇ ଏହି ଆଲୋଚନା ଚକ୍ରର ନିଷ୍କର୍ଷକୁ ଦସ୍ତାବିଜ ଆକାରରେ ପ୍ରସ୍ତୁତ କରାଯିବ ଯାହାକି ଆମ ଉତ୍ତରପିଢ଼ିଙ୍କୁ ଆମ ଇତିହାସ ସମ୍ବନ୍ଧରେ ଅବଗତ କରାଇବା ସହ ସେମାନଙ୍କୁ ପ୍ରୋତ୍ସାହିତ କରିବ। ଆଗାମୀ ଦିନରେ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଆମ ଯୁବପିଢ଼ି ଏକ ବଳିଷ୍ଠ ନେତୃତ୍ୱ ନେବେ ଏବଂ କଳିଙ୍ଗର ଦାୟାଦ ଭାବରେ ସେମାନେ ଗର୍ବର ସହ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ ବୋଲି କହିଛନ୍ତି ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ। ଆଜି ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ସ୍ଥିତ ପାନ୍ଥ ନିବାସ ଠାରେ କଳିଙ୍ଗ ଯୁଦ୍ଧ କର୍ମଶାଳାର ଆୟୋଜନ କରାଯାଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି କର୍ମଶାଳାରେ ଯୋଗଦେଇ କଳିଙ୍ଗ ଯୁଦ୍ଧର ଇତିହାସ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏଥିସହିତ ଓଡ଼ିଶାର ନୌବାଣିଜ୍ୟ ଇତିହାସ, ଓଡ଼ିଶାର ନୌସେନାର ଇତିହାସ, ବିଭିନ୍ନ ବୌଦ୍ଧ କୀର୍ତ୍ତିରାଜି ସମ୍ବନ୍ଧରେ ମଧ୍ୟ ଆଲୋଚନା କରିଥିଲେ। ଏହା ସହିତ ଆଲୋଚନା ଚକ୍ରର ନିଷ୍କର୍ଷକୁ ଦସ୍ତାବିଜ ଭାବେ ପ୍ରସ୍ତୁତ କରି ଏହାର ଯେପରି ସଠିକ ଭାବେ ଚିନ୍ତନ, ମନନ ଏବଂ ଅନୁଶୀଳନ କରାଯାଇପାରିବ ସେ ଦିଗରେ ଓଡ଼ିଶା ସାହିତ୍ୟ ଏକାଡେମୀକୁ ଗୁରୁତ୍ୱାରୋପ କରିବା ନିମନ୍ତେ ମନ୍ତ୍ରୀ ମତପ୍ରକାଶ କରିଥିଲେ।

ଆଜିର ଏହି କର୍ମଶାଳାରେ 'କଳିଙ୍ଗ ଯୁଦ୍ଧ ପୂର୍ବ କଳିଙ୍ଗ ରାଜ୍ୟର ସାମାଜିକ, ରାଜନୈତିକ, ଅର୍ଥନୈତିକ ଓ ସାମରିକ ସ୍ଥିତି', 'କଳିଙ୍ଗ ଯୁଦ୍ଧ କାଳ ଖଣ୍ଡରେ କଳିଙ୍ଗ ରାଜ୍ୟର ସ୍ଥିତି', 'କଳିଙ୍ଗ ଯୁଦ୍ଧ ପରର କଳିଙ୍ଗର ସ୍ଥିତି' ଆଦି ଶୀର୍ଷକକୁ ନେଇ ସ୍ୱତନ୍ତ୍ର ଅଧିବେଶନର ଆୟୋଜନ କରାଯାଇଥିଲା। ବିଶିଷ୍ଟ ସାହିତ୍ୟିକ, କଥାକାର, ସ୍ତମ୍ଭକାର ଓ ଇତିହାସ ବିଶେଷଜ୍ଞ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ସୁସାହିତ୍ୟିକ ତଥା ସ୍ତମ୍ଭକାର ଅଭୟ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀ କଲେ ଶିଳାନ୍ୟାସ, ନୂଆ ରୂପରେ ଝଲସିବ ଗୋହିରାଟିକିରି

ଧାମନଗର (ପି ପି ଏସ) ଖ୍ରୀ: ଅ:୧୫୬୮ ରେ ତତ୍କାଳୀନ ବଙ୍ଗର ନବାବ ସୁଲେମାନଙ୍କ ସେନାପତି କଳାପାହାଡ଼ ଏବଂ ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦ ଦେବଙ୍କ ମଧ୍ୟରେ ଯୁଦ୍ଧ।ଏହି ଯୁଦ୍ଧରେ ମୁକୁନ୍ଦଦେବ ପରାସ୍ତ ସହ ନିହତ। ଯାହା ଫଳରେ ଓଡ଼ିଶାର ଶେଷ ସ୍ୱାଧୀନତାର ସୂର୍ଯ୍ୟ ଅସ୍ତମିତ। ଏତେସବୁ ଐତିହାସିକ ସ୍ମୃତି ବହନ କରୁଥିବା ପର୍ଯ୍ୟଟନ କ୍ଷେତ୍ର ଗୋହିରା ଟିକିରି।କଥିତ ଅଛି ମହାଭାରତ ଯୁଦ୍ଧ ଅନ୍ତେ ପାଣ୍ଡବ ମାନଙ୍କ ଯୁଦ୍ଧାସ୍ତ୍ରର ସୁରକ୍ଷାରେ ମହାବୀର ହନୁମାନ ବିଦ୍ୟମାନ। ଏତଦବ୍ୟତୀତ ପଞ୍ଚସଖା ମଧ୍ୟରୁ ଅନ୍ୟତମ ଅଚ୍ୟୁତାନନ୍ଦ ଦାସଙ୍କ ଭବିଷ୍ୟ ମାଳିକାରେ ଏହି କ୍ଷେତ୍ର ବର୍ଣ୍ଣିତ। ଏତେସବୁ ଇତିହାସ, ପୌରାଣିକ କିମ୍ବଦନ୍ତୀ ଐତିହ୍ୟ ଓ ସ୍ମୃତି ବହନ କରୁଥିବା କ୍ଷେତ୍ର ଗୋହିରା ଟିକିରିକୁ ୨୦୧୬ ନଭେମ୍ବର ମାସରେ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ମିଳିଲା। ମାତ୍ର ଏହାର ଭିତ୍ତିଭୂମୀ ବିକାଶ କ୍ଷେତ୍ରରେ ଅନାଗ୍ରହ ସ୍ୱରୂପ ରାସ୍ତା, ପାଚେରୀ, ସୂଚନା ଫଳକ ସହିତ ଆନୁସଙ୍ଗିକ ବିକାଶ ହୋଇପାରି ନଥିଲା।ଏବେର ସରକାର ଏଭଳି ପ୍ରାଚୀନ କୀର୍ତ୍ତିରାଜି କ୍ଷେତ୍ରର ବିକାଶ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏହି କ୍ରମରେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରାୟତଃ ୧୦୦



ଟି କ୍ଷେତ୍ରର ବିକାଶ ପାଇଁ ଯୋଜନା ମଧ୍ୟରେ ଗୋହିରା ଟିକିରି ଅନ୍ୟତମ। ଗତ ଧାମନଗର ମହୋତ୍ସବ ସମୟରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଉପସ୍ଥିତିରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ଏହି କ୍ଷେତ୍ରର ବିକାଶ ପାଇଁ ମାନନୀୟା ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ୧୦ କୋଟି ଟଙ୍କାର ଆର୍ଥିକ ଅନୁଦାନ କଥା ଘୋଷଣା କରିଥିଲେ। ପରେ ବିଭାଗୀୟ ନିର୍ଦ୍ଦେଶ ଓ ରାଜ୍ୟ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସ୍ଥିତପ୍ରଜ୍ଞଙ୍କ ଉଦଯୋଗ ଏବଂ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ପର୍ଯ୍ୟଟନ ନିର୍ଦ୍ଦେଶକ ସମର୍ଥ ବର୍ମାଙ୍କୁ ପତ୍ର କ୍ରମେ ଆସିଷ୍ଟାଣ୍ଟ କଲେକ୍ଟର ତଥା ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୁଧାଂଶୁ ସ୍ୱାଇଁ ଏହି କ୍ଷେତ୍ରକୁ ଆସିବା ସହ ଡପିଆର ପ୍ରସ୍ତୁତ କରିଥିଲେ। ଗତ ଦୁଇ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଭଦ୍ରକ ରମ୍ଭିଳା ସଭାରେ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିବା ୧୩ ପ୍ରକଳ୍ପ ମଧ୍ୟରେ ଏହି ପର୍ଯ୍ୟଟନ କ୍ଷେତ୍ରର ଉନ୍ନତିକରଣ ପାଇଁ ଶିଳାନ୍ୟାସ ଅନ୍ୟତମ। ପ୍ରାୟ ଦଶ କୋଟି ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି କ୍ଷେତ୍ରରେ ଏକ କୋଟି ବ୍ୟୟରେ ମୁକୁନ୍ଦଦେବଙ୍କ ଭବ୍ୟ ପ୍ରତିମୂର୍ତ୍ତି, ବିଶାଳ ତୋରଣ ସହିତ ପ୍ରାଚୀର,ସ୍ମାର୍ଟ ପାର୍କ ଓ ସଂଗ୍ରହାଳୟ ଆଦି ୪ ଟି ପ୍ରକଳ୍ପ ନିର୍ମିତ ହେବ। ଏଥିପାଇଁ ଧାମନଗରବାସୀ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ଭୁବନେଶ୍ୱରରେ ଜଳ ନିଷ୍କାସନ ପ୍ରସ୍ତୁତି ସମୀକ୍ଷାକଲେ ମନ୍ତ୍ରୀ

ଭୁବନେଶ୍ୱର, (ହିସ.): ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଆଜି ଭୁବନେଶ୍ୱରରେ ଜଳ ନିଷ୍କାସନ ପରିସ୍ଥିତିର ସମୀକ୍ଷା କରିଛନ୍ତି । ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ବରିଷ୍ଠ ଅଧିକାରୀ ଏବଂ ଇଞ୍ଜିନିୟରମାନଙ୍କ ସହିତ, ଡକ୍ଟର ମହାପାତ୍ର ବ୍ୟକ୍ତିଗତ ଭାବରେ କୃଷ୍ଣା ଟାୱାର ନିକଟରେ ଇସ୍କନ୍ ମନ୍ଦିର ସ୍ଥଳ, ଆୟୁର୍ବେଦିକ ହସ୍ପିଟାଲ ନିକଟ କଳିଙ୍ଗ ଷ୍ଟୁଡିଓ ସ୍କୋୟାର, ରାଜୀବ ନଗର, ଭୋଇ ନଗରରେ ଡ୍ରେନ୍ ନମ୍ବର ୯, ଡ୍ରେନ୍ ନମ୍ବର ୪ ଏବଂ ଏସ୍ପ୍ଲାନେଡ୍ ମଲ୍ ଏବଂ ଦୁର୍ଗା ମଣ୍ଡପ ନିକଟ ବମିଖାଲ ସମେତ ଅନେକ ଜଳବନ୍ଦୀ ଅଞ୍ଚଳ ଯାଞ୍ଚ କରିଛନ୍ତି ।

ମନ୍ତ୍ରୀ ପ୍ରମୁଖ ଏବଂ ଶାଖା ଡ୍ରେନେଜ୍ ଚ୍ୟାନେଲଗୁଡ଼ିକ ସମୀକ୍ଷା କରିଛନ୍ତି ଏବଂ ସଫେଇ କାର୍ଯ୍ୟରେ ଅବରୋଧ ଏବଂ ବିଳମ୍ବ ଉପରେ ଚିନ୍ତା ପ୍ରକାଶ କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଡ୍ରେନ୍ ?ରୁ ପଙ୍କ ଉଦ୍ଧାର ଏବଂ ସଫା କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅତିରିକ୍ତ ମାନବସମ୍ବଳ ଏବଂ ଯନ୍ତ୍ରପାତି ନିୟୋଜିତ କରିବା ପାଇଁ ସେ ତୁରନ୍ତ ନିର୍ଦ୍ଦେଶ ଜାରି କରିଛନ୍ତି।



କ୍ଷେତ୍ର ପରିଦର୍ଶନ ପରେ, ଡକ୍ଟର ମହାପାତ୍ର ରାଜ୍ୟର ସାମଗ୍ରିକ ମୌସୁମୀ ପ୍ରସ୍ତୁତି ସମୀକ୍ଷା କରିବା ପାଇଁ ସମସ୍ତ ୧୧୫ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ସହିତ ଏକ ଭିଡିଓ କନଫରେନ୍ସିଂ କରିଥିଲେ। ମୁଖ୍ୟ କ୍ଷେତ୍ରଗୁଡ଼ିକ ମଧ୍ୟରେ ପରିମଳ, ଡ୍ରେନେଜ୍ ପ୍ରସ୍ତୁତି, ରାଜସ୍ୱ ଆଦାୟ, ହୋଲ୍ଡିଂ ଟିକସ ସଂଗ୍ରହ ଏବଂ ବିଭାଗୀୟ ପଦକ୍ଷେପର 'ଏକ ବର୍ଷ ପାଳନ' ପାଇଁ ପ୍ରସ୍ତୁତି ଯୋଜନା ଅନ୍ତର୍ଭୁକ୍ତ ଥିଲା।

ସମୀକ୍ଷା ସମୟରେ, ମନ୍ତ୍ରୀ ସ୍ପଷ୍ଟ କରିଥିଲେ ଯେ ଜଳବନ୍ଦୀ କିମ୍ବା ଜନସାଧାରଣଙ୍କ ଅସୁବିଧା ପାଇଁ ଯେକୌଣସି ତ୍ରୁଟି କିମ୍ବା ଅବହେଳା କଠୋର କାର୍ଯ୍ୟାନୁଷ୍ଠାନକୁ ଆମନ୍ତ୍ରଣ କରିବ। 'ମୌସୁମୀ ସମୟରେ ନାଗରିକଙ୍କ ସୁରକ୍ଷା ଏବଂ ସୁବିଧା ଆଲୋଚନାଯୋଗ୍ୟ ନୁହେଁ, ବୋଲି ସେ ଗୁରୁତ୍ୱାରୋପ କରିଥିଲେ।

ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ ପୌରସଂସ୍ଥାଗୁଡ଼ିକୁ ବିଭାଗ ଦ୍ୱାରା ଜାରି ମାନକ ମାର୍ଗ ଦର୍ଶିକା କଠୋର ଭାବରେ ପାଳନ କରିବାକୁ ପରାମର୍ଶ ଦେଇଥିଲେ ଏବଂ ଆବଶ୍ୟକ ସ୍ଥଳେ ପୂର୍ଣ୍ଣ ସମର୍ଥନ ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଥିଲେ। 'ଅଧିକାରୀମାନେ ସକ୍ରିୟ ରହିବା ସହିତ ଯେକୌଣସି ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହିବା ଉଚିତ, ବୋଲି ସେ କହିଥିଲେ। ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଓଡ଼ିଶାର ସମସ୍ତ ସହରାଞ୍ଚଳ ବାସିନ୍ଦାଙ୍କ ଜୀବନଧାରଣର ଗୁଣବତ୍ତା ଉନ୍ନତ କରିବା ଏବଂ ସହରାଞ୍ଚଳ ବନ୍ୟା ବିପଦକୁ କମ କରିବା ପାଇଁ ଦୃଢ଼ ପ୍ରସ୍ତୁତି ଏବଂ ସମୟୋଚିତ ପଦକ୍ଷେପ ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେଉଛି। ବୈଠକରେ ପୌର ନିର୍ଦ୍ଦେଶକ ଦେବାଶିଷ ସିଂହ, ଅତିରିକ୍ତ ସଚିବ ରବୀନ୍ଦ୍ର ସାହୁ, ସୌରେନ୍ଦ୍ର ରାଉତରାୟ ଓ ଦୁର୍ଗେଶ ନନ୍ଦିନୀ ସାହୁଙ୍କ ସମେତ ଅନ୍ୟାନ୍ୟ ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଜେଲ୍ ଫେରନ୍ତା ଯୁବକକୁ ନିର୍ମମହତ୍ୟା

ବ୍ରହ୍ମପୁର(ପିପିଏସ୍): ଜେଲ୍ ଫେରନ୍ତା ଯୁବକକୁ ନିର୍ମମ ହତ୍ୟା। ଗୋଟିଏ ଛକରୁ ଟେକିନେଇ ଅନ୍ୟ ଏକ ସାହ ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଜଗବନ୍ଧୁ ସାହିରେ ଏହି ଘଟଣା ଘଟିଛି। ଲକ୍ଷ୍ମୀନୃସିଂହ ସାହିର ବିଦ୍ୟାଧର ପାଣିଗ୍ରାହୀ ନିଜର ୩ଜଣ ସାଙ୍ଗଙ୍କ ସହିତ ସୋମବାର ରାତିରେ ବ୍ରହ୍ମପୁର ରେଳ ଷ୍ଟେସନରୁ ନିଜ ଘରକୁ ଫେରୁଥିଲେ। ସାନ ବଜାର ଛକରେ ବିଦ୍ୟାଧର ଓ ତାଙ୍କ ସାଙ୍ଗ ନରସିଂହ ସାହୁଙ୍କୁ ୪ଟି ବାଇକରେ ୬ଜଣ ଯୁବକ ଆସି ଅଟକାଇଥିଲେ। ଉଭୟ ବିଦ୍ୟାଧର ଓ ନରସିଂହଙ୍କୁ ଜଗବନ୍ଧୁ ସାହିକୁ ଉଠାଇ ନେଇ ଯୁବକ ମାନେ ସେଠାରେ ବିଦ୍ୟାଧରଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ନରସିଂହ ଯୁବକ ମାନଙ୍କୁ ଅଟକାଇବା ପାଇଁ ଉଦ୍ୟମ କରିବାରୁ ତାଙ୍କୁ ମଧ୍ୟ ଯୁବକ ମାନେ ଆକ୍ରମଣ କରିଥିଲେ। ଲହୁଲୁହାଣ ଅବସ୍ଥାରେ ବିଦ୍ୟାଧରଙ୍କୁ ସେଭଳି ଛାଡ଼ିଦେଇ ଚମ୍ପଟ ମାରିଥିଲେ ଯୁବକ ମାନେ । ଏହାପରେ ନରସିଂହ ଘଟଣାକୁ ନେଇ ବିଦ୍ୟାଧରଙ୍କ ପରିବାର ଲୋକଙ୍କୁ ଜଣାଇବା ସହ ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି କରାଇଥିଲେ। ଏମ୍‌କେସିଜି ମେଡ଼ିକାଲରେ ଚିକିତ୍ସାଧିନ ଅବସ୍ଥାରେ ବିଦ୍ୟାଧରଙ୍କ ମୃତ୍ୟୁ ହୋଇଛି। ତେବେ ବିଦ୍ୟାଧର ଗତ କିଛି ମାସ ପୂର୍ବରୁ ଜଣେ ଯୁବକଙ୍କୁ ଆକ୍ରମଣ କରି ଜେଲ୍ ଯାଇଥିବା ବେଳେ ଗତ ୮ଦିନ ହେଲା ଜେଲ୍‌ରୁ ଘରକୁ ଫେରିଥିଲେ। ତେବେ ପୂର୍ବରୁ ବିଦ୍ୟାଧର ବଳିଆ ନାୟକ ନାମକ ଜଣେ ଯୁବକର ଭାଇକୁ ଆକ୍ରମଣ କରି ଜେଲ୍ ଯାଇଥିବା ବେଳେ ବିଦ୍ୟାଧର ଜେଲ୍‌ରୁ ବାହାରିବା ପରେ ବଳିଆ ଓ ତାର ଭାଇମାନେ ଏକାଠି ହୋଇ ଏଭଳି ବିଦ୍ୟାଧରଙ୍କୁ ହତ୍ୟା କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି ବିଦ୍ୟାଧରଙ୍କ ବାପା ସନ୍ତୋଷ ପାଣିଗ୍ରାହୀ । ହତ୍ୟାକାଣ୍ଡ ସମ୍ପର୍କରେ ଖବରପାଇ ବଡ଼ ବଜାର ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବଡ଼ବଜାର ଥାନା ପୁଲିସ୍, ଟାଉନ ଏସ୍‌ଡ଼ିପିଓ ଏବଂ ଅତିରିକ୍ତ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବିଦ୍ୟାଧରଙ୍କୁ ହତ୍ୟା କରାଯାଇଥିବା ନେଇ ପ୍ରାଥମିକ ସ୍ତରରୁ ସୂଚନା ମିଳିଛି । ବିଦ୍ୟାଧର ହତ୍ୟା ଘଟଣାରେ ବଳିଆ ନାୟକଙ୍କ ଭାଇ, ବାପା ଓ ମା'ଙ୍କୁ ପୁଲିସ ଅଟକ



ରଖି ପଚରାଉଚୁରା କରୁଛି। ବର୍ତ୍ତମାନ ସୁଦ୍ଧା ଆକ୍ରମଣ କରିଥିବା ବଳିଆ ଓ ତାଙ୍କ ଜଣେ ଭାଇ ଏବଂ ଆଉ ଜଣେ ସହଯୋଗୀ ଫେରାର ରହିଛନ୍ତି। ଏହି ୩ଜଣଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି । ଖୁବଶୀଘ୍ର ଫେରାର ଥିବା ୩ଜଣଙ୍କୁ କାବୁ କରାଯିବ ବୋଲି ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସ୍‌ପି ଡ଼ା.ଶ୍ରବଣା ବିବେକ ଏମ୍ । ବିଦ୍ୟାଧରଙ୍କ ମୃତଦେହଙ୍କୁ ଏମ୍‌କେସିଜି ମେଡ଼ିକାଲରେ ବ୍ୟବଚ୍ଛେଦ କରାଯିବା ପରେ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ବଳିଆ ନାୟକଙ୍କୁ ପୁଲିସ ଗିରଫ କରବା ପରେ ହିଁ ଉଭୟଙ୍କ ମଧ୍ୟରେ କାହିଁକି ଓ କେବେ ଠାରୁ ଏହି ଶତ୍ରୁତା ଆରମ୍ଭ ହୋଇଥିଲା ସେ ନେଇ ସ୍ପଷ୍ଟ ହେବ।

## ସରକାରଙ୍କ ଅବହେଳାରୁ ଦିବ୍ୟାଙ୍ଗ ସହାୟତାରୁ ବଞ୍ଚିତ

ଅସ୍ତରଙ୍ଗ, (ପିପିଏସ୍): ଜୁନ ମାସ ୩ତାରିଖ ବିଶ୍ୱ ସାଇକେଲ ଦିବସ। କଥାରେ ଅଛି ଦୃଢ ଇଚ୍ଛା ଶକ୍ତି ଥିଲେ ସବୁ ସମ୍ଭବ। ନିଜ ଉଦ୍ୟମ ଓ ଆଗ୍ରହ ବଳରେ ଦିବ୍ୟାଙ୍ଗ ନିଜେ ରୋଜଗାର କରୁଛନ୍ତି। ସାଇକେଲ ମରାମତିକୁ ପେଶା କରି ନିଜ ଗୋଡ଼ରେ ନିଜେ ଠିଆ ହୋଇ ସ୍ୱାବଲମ୍ବି ହୋଇପାରିଛନ୍ତି।

ଦିବ୍ୟାଙ୍ଗ ହୋଇ ଜନ୍ମ ହେବା ପରେ ଅନେକଙ୍କ ପାଇଁ କୌଣସି ଅଭିଶାପ ଠାରୁ ମଧ୍ୟ କମ୍ ନୁହେଁ। ଏପରିକି ଆମ ସମାଜରେ ଅନେକ ଦିବ୍ୟାଙ୍ଗ ଅଛନ୍ତି ଯେଉଁ ମାନଙ୍କୁ ସାଧାରଣ ଲୋକ ପରିବାର ପାଇଁ ବୋଝ ବୋଲି ଭାବିଥାନ୍ତି। କିନ୍ତୁ ସେମାନଙ୍କ ଧାରଣାକୁ ଭୁଲ ପ୍ରମାଣିତ କରିଛନ୍ତି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ପଂଚାୟତ ବାଘମୁଣ୍ଡା ଗ୍ରାମର ୩୮ବର୍ଷୀୟ ଯୁବକ ଦିବ୍ୟାଙ୍ଗ ଅଭୟ



### ଇଚ୍ଛା ଶକ୍ତି ଆଗରେ ଦୁର୍ବଳତା ହାର ମାନିଲା ସାଇକେଲ ମରାମତି କରୁଛନ୍ତି ଦିବ୍ୟାଙ୍ଗ ଅଭୟ ଆଜି ବିଶ୍ୱ ସାଇକେଲ ଦିବସ

ମଲ୍ଲିକ। ତାଙ୍କର କାର୍ଯ୍ୟ ଅନ୍ୟ ଦିବ୍ୟାଙ୍ଗ ଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛି। ପରିବାର ପାଇଁ ବୋଝ ନୁହେଁ ବରଂ ସ୍ୱାବଲମ୍ବି ହୋଇ ବଞ୍ଚିବା ଅଭୟ ଙ୍କୁ ଏକ ଭିନ୍ନ ପରିଚୟ ଦେଇଛି। ତାଙ୍କର କାର୍ଯ୍ୟ ଶୈଳୀ ଦେଖି ଯେ କୌଣସି ସକ୍ଷମ ମଣିଷ ମଧ୍ୟ ଅଭୟ ଙ୍କୁ ପ୍ରଶଂସା ନ କରି ରହିପାରିବ ନାହିଁ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ପଂଚାୟତ ବାଘମୁଣ୍ଡା ଗ୍ରାମର ସ୍ୱର୍ଗତଃ ଗଙ୍ଗାଧର ମଲ୍ଲିକ ଙ୍କ ସାନ ପୁଅ ଅଭୟ ମଲ୍ଲିକ। ଜନ୍ମ ସମୟରୁ ହିଁ ଭଗବାନ ତାଙ୍କ ପ୍ରତି ନିର୍ଦୟ ହୋଇଥିଲେ। ଛୋଟ ବେଳୁ ଦୁଇ ଗୋଡ଼ ଓ ହାତ ଅକାମି ହୋଇପଡିଥିବା ବେଳେ ବୟସ ବଢ଼ିବା ସହ ତାଙ୍କ ଶରୀର ଉପରେ ପ୍ରଭାବ ପକାଇଥିଲା। ଏପରିକି ୨ଟି ହାତ କାମ କରୁଥିଲେ ସୁଦ୍ଧା ଦୁର୍ବଳ। କିନ୍ତୁ ଏତେ ସବୁ ପ୍ରତିକୂଳ ପରିସ୍ଥିତି ରେ ମଧ୍ୟ ସାହସ ହରାଇ ନାହାନ୍ତି ଅଭୟ। ଅଦ୍ୟମ ଇଚ୍ଛା ଶକ୍ତି ଆଗରେ ଏ ସବୁ ହାର ମାନିଛି। ପରିବାର ବୋଝ ହେବା ଅପେକ୍ଷା ସ୍ୱାବଲମ୍ବି ହୋଇ ବଂଚିବାକୁ ଅଧିକ ପସନ୍ଦ କରିଛନ୍ତି ଅଭୟ। ଘରର କିଛି ଦୂରରେ ପୂର୍ଣ୍ଣଚନ୍ଦ୍ର କାଣ୍ଡି ଙ୍କ ଦୋକାନରେ ରହି ସାଇକେଲ ମରାମତି କରୁଛନ୍ତି। ଆଉ ଏହାକୁ ସେ ନିଜ ରୋଜଗାର ମାଧ୍ୟମ ବନାଇଛନ୍ତି।

ଦିବ୍ୟାଙ୍ଗ ନିଜେ ଭଲ ସାଇକେଲ ମରାମତି କରୁଥିବାରୁ ଅନେକ ଲୋକଙ୍କ ଭିଡ଼ ମଧ୍ୟ ଜମେ। ଯାହା ସାଧାରଣ ଲୋକଙ୍କୁ ବେଶ ଆଶ୍ଚର୍ଯ୍ୟ କରିଥାଏ। ଅତି ଗରିବ ପରିବାରରେ ଜନ୍ମ ନେଇଥିବା ଏହି ଦିବ୍ୟାଙ୍ଗ ଅଭୟ ପାଇଁ ଏବେ ମଧ୍ୟ ସରକାରୀ ଯୋଜନା ଅପହଞ୍ଚ। ରାଜନୀତି ଓ ସରକାରୀ କଳର ବାଘ ବଜାରୀ ଭିତରେ ଭିନ୍ନକ୍ଷମ କୁ ଏ ପର୍ଯ୍ୟନ୍ତ ରାସନ ସାମଗ୍ରୀ କି ଅନ୍ତ୍ୟୋଦୟ ଗୃହ ଯୋଜନା ରେ ଗୃହ ମିଳୁନାହିଁ। ଅନ୍ୟ ପଟେ ଏ ନେଇ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟ ଦର୍ଶନୀ ପତି କହିଛନ୍ତି ମିଡ଼ିଆ ବନ୍ଧୁଙ୍କ ତରଫରୁ ଜାଣିବାକୁ ପାଇଲି, ଅଭୟ ମଲ୍ଲିକ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଅଛନ୍ତି। ଏହାର ଫୁଙ୍ଖାନୁଫୁଙ୍ଖ ଭାବେ ତଦନ୍ତ କରାଯିବ। ଯେଉଁ ଉଚ୍ଚ ସ୍ତରୀୟ ବିଭାଗୀୟ ଅଧିକାରୀ ଅଛନ୍ତି ସେମାନଙ୍କ ଦୃଷ୍ଟି ଗୋଚର କରିବାକୁ ଚେଷ୍ଟା କରିବେ। ଯଥା ସମ୍ଭବ ସାହାଯ୍ୟ ପାରିବେ ବୋଲି ମତ ଦେଇଛନ୍ତି।ଅଭୟ ଦିବ୍ୟାଙ୍ଗ ସତ୍ତ୍ୱେ ଅନ୍ୟ ଉପରେ ନିର୍ଭର ନକରି ପରିବାର ଚଳାଇବା ପାଇଁ କରୁଛନ୍ତି ସାଇକେଲ ମରାମତି। ଯାହା ଅନ୍ୟ ସାଧାରଣ ମଣିଷ ଙ୍କ ପାଇଁ ଉଦାହରଣ।

## ଅଧକ୍ଷ ଓ ଦୁଇ ଅଧାପକ ଅଧାପିକାଙ୍କ ବଦଳି ଦାବି କରି ଛାତ୍ରଛାତ୍ରୀଙ୍କ ଧାରଣା



ବ୍ରହ୍ମପୁର(ପିପିଏସ୍): ଗଞ୍ଜାମ ଜିଲ୍ଲା କୁକୁଡାଖଣ୍ଡି ବ୍ଲକ୍ ଆଙ୍କୁଶପୁରସ୍ଥିତ କାଟ୍‌ସ ଆୟୁର୍ବେଦିକ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟରେ ବ୍ୟାପକ ଅନିୟମିତତା ଓ ଛାତ୍ରଛାତ୍ରୀଙ୍କୁ ମାନସିକ ନିର୍ଯ୍ୟାତନା ଯୋଗୁ କଲେଜ ଅଧ୍ୟକ୍ଷ ଏବଂ ୨ଜଣ ଅଧାପକଅଧାପିକାଙ୍କ ବିରୁଦ୍ଧରେ ଛାତ୍ରଛାତ୍ରୀଙ୍କୁ ନେଇ ଆନ୍ଦୋଳନ କରାଯାଇଛି । ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ ଦୀର୍ଘ ଦିନ ହେଲା କଲେଜ୍ କର୍ତ୍ତୃପକ୍ଷ ପରୀକ୍ଷା କରାଇବାରେ ଅନିୟମିତତା ଏବଂ ଛାତ୍ରଛାତ୍ରୀମାନଙ୍କର ପରୀକ୍ଷାର ରେଜଲ୍ଟ ବାହାର କରାନଯାଇ ଛାତ୍ରଛାତ୍ରୀଙ୍କୁ ଭୟଭୀତ କରାଇବା, ଫେଲ୍ କରାଇବା ପାଇଁ ଧମକ ଦେବା ଏବଂ ଛାତ୍ରଛାତ୍ରୀମାନଙ୍କ ଠାରୁ ବେଆଇନ୍ ଜୋରିମାନା ଆଦାୟ କରାଯିବାର ଅଭିଯୋଗ କରାଯାଇଛି । ପୂର୍ବରୁ ଛାତ୍ରଛାତ୍ରୀମାନେ କଲେଜର ଅନିୟମିତତାକୁ ନେଇ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା । ଏଥିରେ ଅତିଷ୍ଟ ହୋଇ କଲେଜ ଅଧ୍ୟକ୍ଷ ୫୪ପିଲାଙ୍କୁ ଫେଲ୍ କରାଇବା ଧମକ ଦେଇ ୨୩ଜଣ ପିଲାଙ୍କୁ ୧ରୁ ୪ମାର୍କ ଦେଇ ଫେଲ୍ କରାଇଥିଲେ । ଏହା ବିଭିନ୍ନ ସାମାଜିକ ଗଣମାଧମରେ ପ୍ରକାଶ ପାଇଥିଲା । ଏହାକୁ ଭିତ୍ତିକରି ଛାତ୍ରଛାତ୍ରୀମାନଙ୍କୁ ମାନସିକ ନିର୍ଯ୍ୟାତନା ଦେବା ସହ ଗଣମାଧମରେ ଖବର ପ୍ରସାରଣ ହେବା ଦ୍ୱାରା ପେପର ଆଉଟ୍ କଲେ କ'ଣ ତମେ ମାନେ ପାସ୍ ହୋଇଯିବ କହି ପିଲାମାନଙ୍କୁ କଟାକ୍ଷ କରି ମାନସିକ ସ୍ତରରେ ଦବାଇବାକୁ ଚେଷ୍ଟା କରିଥିଲେ । ଇଚ୍ଛାମୁତାବକ ପରୀକ୍ଷା କରାଇବା, ଛାତ୍ରଛାତ୍ରୀମାନଙ୍କୁ ଅଧାପକଅଧାପିକାଙ୍କ ବ୍ୟକ୍ତିଗତ କାମରେ ଲଗାଇବା, କଥା ନ ମାନିଲେ ତାଙ୍କୁ ଫେଲ୍ କରାଇବା ଏବଂ ଅଧ୍ୟକ୍ଷଙ୍କୁ ଦାବି ଜଣାଇଲେ ଛାତ୍ରଛାତ୍ରୀଙ୍କୁ ଗେଟ୍ ଆଉଟ୍ କହି ଅସଦାଚରଣ କରୁଛନ୍ତି । ଛାତ୍ରଛାତ୍ରୀମାନେ ଏଥିରେ ଅସନ୍ତୋଷ ହୋଇ କଲେଜ ଅଧ୍ୟକ୍ଷ ପ୍ରଫେସର ଡ.ବିପିନ ବିହାରୀ ଖୁଣ୍ଟିଆ, ଅଧାପିକା ଡା.ସ୍ୱପ୍ନା ସ୍ୱୟମ୍‌ପ୍ରିୟା, ଅଧାପକ ଡା.ସୁବ୍ରତ୍ କୁମାର ଓଝାଙ୍କ ବଳଦି କରାଇବା ଦାବିକୁ ନେଇ ଅନିର୍ଦ୍ଦିଷ୍ଟକାଳ ଯାଏଁ ଧାରଣା ଦେଇଛନ୍ତି ।

# ମା' ମଙ୍ଗଳାଙ୍କ ମନ୍ଦିରରେ ପାଟୋତ୍ସବ ଅନୁଷ୍ଠିତ



ଚାରିଛକ,( ପି ପି ଏସ) ନିକଟସ୍ଥ ତୁଳସୀପୁର ଗ୍ରାମ ରେ ସ୍ଥାପିତ ମା ମଙ୍ଗଳା ଙ୍କ ମନ୍ଦିର ରେ ତୃତୀୟ ପାଟୋତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମନ୍ଦିର ଠାରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ୫୦ ଜଣ ଶ୍ରଦ୍ଧାଳୁ ପ୍ରାଚୀ ନଦୀ ର ବନ୍ଦେଶ୍ୱର ଠାରୁ କଳସ ରେ ପାଣି ଉଠାଇବା ପରେ ଏକ ଶୋଭାଯାତ୍ରା ରେ ମନ୍ଦିର ନିକଟକୁ ଆସି ସ୍ଥାପନା କରିବା ପରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଥିଲା। କର୍ତ୍ତା ଭାବେ କାବୁଲି ଗୋଛାୟତ ଓ କର୍ତ୍ତି ଭାବେ କୁନି ଗୋଛାୟତ କାର୍ଯ୍ୟ କରିଥିବାବେଳେ ପଣ୍ଡିତ ମହେଶ୍ୱର ପଣ୍ଡା, ନିଶିକାନ୍ତ ରଥ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ।


# ଛାତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ଚାରିଛକ,( ପି ପି ଏସ) ନିମାପଡ଼ା ଥାନା ଅନ୍ତର୍ଗତ ଅରିଷଣ୍ଡ ପଂଚାୟତ ର ଏକ ଗ୍ରାମରେ ଲଜ୍ଜା ଜନକ ଘଟଣା ଘଟି ଯାଇଛି । ଜଣେ ଦଶମ ଶ୍ରେଣୀ ଛାତ୍ରୀ ଗରମ ଯୋଗୁଁ ନିଜ ଛାତ ଉପରେ ବସିଥିବାବେଳେ ଏହାର ସୁଯୋଗ ନେଇ ମଳୟ ରଞ୍ଜନ ସାହୁ(୨୦) ନାମକ ଯୁବକ ସେଠାରେ ପହଞ୍ଚି ଛାତ୍ରୀଙ୍କୁ ଦୁଷ୍କର୍ମ କରିଥିଲେ ବୋଲି ପୋଲିସ ରେ ଅଭିଯୋଗ ହୋଇଛି। ନିମାପଡ଼ା ଥାନା ପୋଲିସ ପୋକ୍ସୋ ଦଫାରେ ଏକ ମାମଲା ( ନମ୍ବର ୧୫୫/୨୫) ରୁଜୁ କରି ଅଭିଯୁକ୍ତକୁ ତା ଗ୍ରାମ ଉପରେ ଚଢ଼ାଉ କରି ଗିରଫ କରିଛି ।ପୀଡିତା ଛାତ୍ରୀଙ୍କ ପରିବାର ଲୋକ ଗ୍ରାମର ଏକ ପୂଜା ଉତ୍ସବରେ ଯୋଗ ଦେଇଥିବାବେଳେ ଛାତ୍ରୀ ଜଣକ ଘରେ ଏକୁଟିଆ ଥିଲେ। ସେହି ସମୟରେ ଏହି ଘଟଣା ଘଟିଛି। ସ୍ପେଶାଲ କୋର୍ଟରେ ଛାତ୍ରୀଙ୍କ ବୟାନ ଗ୍ରହଣ ହୋଇଥିବାବେଳେ ଅଭିଯୁକ୍ତ ଚିକୁନର ଡାକ୍ତରୀ ମାଇନା କରାଯାଇ ପୁରୀ ସ୍ପେଶାଲ୍ କାର୍ଟରେ ହାଜର କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଏହି ଘଟଣା ସମଗ୍ର ନିମାପଡ଼ା ଅଞ୍ଚଳ ରେ ଚର୍ଚ୍ଚା ର ବିଷୟ ପାଲଟିଛି।

# ଆଦର୍ଶ ଶିକ୍ଷକ ଦିଲ୍ଲୀପ ବିଶ୍ୱାଳଙ୍କ ପରଲୋକ

## ଅସ୍ତରଙ୍ଗ ଅଞ୍ଚଳରେ ଶୋକାକୁଳ ପରିବେଶ

**ଅସ୍ତରଙ୍ଗ, (ପିପିଏସ୍):**



ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ରେ ଜଣେ ଆଦର୍ଶ ଶିକ୍ଷକ ଭାବେ ପରିଚିତ ଐଶାନେଶ୍ୱର ବିଦ୍ୟାପୀଠ ଅଠତିରା ର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ବିଶ୍ୱାଳ ଙ୍କ ୫୭ବର୍ଷ ବୟସରେ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ହସ୍ପିଟାଲ ରେ ମଙ୍ଗଳବାର ଦିନ ଅପରାହ୍ନରେ ପରଲୋକ ଘଟିଛି। ସେ ଗୁରୁତର ଅସୁସ୍ଥ ହୋଇ ୨ଦିନ ତଳେ ଡାକ୍ତରଖାନା ରେ ଭର୍ତ୍ତି ହୋଇଥିଲେ।

୧୯୮୯ ମସିହାରୁ ଅସ୍ତରଙ୍ଗ ବ୍ଲକ ସୁରେନ୍ଦ୍ରନାଥ ବିଦ୍ୟାପୀଠ ସୁନ୍ଦର ରେ ବିଜ୍ଞାନ ଓ ଗଣିତ ଶିକ୍ଷକ ଭାବେ ସେ ନିଜର ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ପରେ ୨୦୨୨ମସିହାରେ ଐଶାନେଶ୍ୱର ବିଦ୍ୟାପୀଠ ଅଠତିରା ରେ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଦୀର୍ଘ ଦିନ ହେବ କ୍ୟାନସର ରୋଗରେ ପୀଡିତ ଥିବା ବେଳେ ମେଡିକାଲ ଚିକିତ୍ସା ହୋଇ ନିଜର ଶିକ୍ଷକତା କାର୍ଯ୍ୟ କରୁଥିଲେ। ସେ ଜଣେ ଛାତ୍ର ବତ୍ସଳ, ସ୍ନେହୀ, ମେଳାପୀ, ପରୋପକାରୀ ଓ ଜ୍ଞାନୀ ଶିକ୍ଷକ ଭାବେ ଉଭୟ ବିଦ୍ୟାଳୟ ସମେତ ସାରା ଅସ୍ତରଙ୍ଗ ଅଂଚଳରେ ବେଶ ପରିଚିତ। ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ଅନେକ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହ ସେ ପ୍ରତ୍ୟକ୍ଷ ଭାବେ ଜଡିତ ଥିବା ବେଳେ ସର୍ବଦା ନିଜକୁ ସମାଜସେବୀ କାର୍ଯ୍ୟରେ ସେ ସର୍ବଦା ନିଜକୁ ନିୟୋଜିତ ରଖୁଥିଲେ। ମଙ୍ଗଳବାର ଅପରାହ୍ନ ୨ଘ ୩୦ମିନିଟ ସମୟରେ ପରଲୋକ ଖବର ପାଇଁ ସମଗ୍ର ଅସ୍ତରଙ୍ଗ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶତାଧିକ ଛାତ୍ର ଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ, ବୁଦ୍ଧିଜୀବୀ ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଅସ୍ତରଙ୍ଗ ବ୍ଲକ ଅଠତିରା ବାସଭବନରେ ପହଂଚି ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଏକ ଶୋଭାଯାତ୍ରା ରେ ତାଙ୍କ ମରଶରୀରକୁ ନିଜ ଗାଁ ସ୍ମଶାନ ରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଛି ବୋଲି ଦିଲ୍ଲୀପବିଶ୍ୱାଳ ଙ୍କ ସାନ ଭାଇ ଦୁଷ୍ମନ୍ତ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

# ଅସ୍ତରଙ୍ଗ ଉପ୍ରା ନୋଡାଲ ବିଦ୍ୟାଳୟ ଆଦର୍ଶ ବିଦ୍ୟାଳୟରେ ସାମିଲ

ଅସ୍ତରଙ୍ଗ, (ପିପିଏସ୍): ପ୍ରାଥମିକ ଶିକ୍ଷାର ଉର୍ନ୍ନତି କରଣ ପାଇଁ ରାଜ୍ୟ ସରକାର ଚେଷ୍ଟା ଜାରୀ ରଖିଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ କୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ରେ ସାମିଲ କରାଯାଇଛି। ସତ୍ୟବାଦୀ ବନ ବିଦ୍ୟାଳୟରେ ଯେପରି ଏକ ଆଦର୍ଶ ଶିକ୍ଷା ପରିବେଶ ଥିଲା, ସେହିଭଳି ସାମିଲ ହୋଇଥିବା ବିଦ୍ୟାଳୟ ଗୁଡିକରେ ମଧ୍ୟ ପିଲା ମାନଙ୍କ ପାଇଁ ଆଦର୍ଶ ଶିକ୍ଷା ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରହିବ ବୋଲି ସରକାର କହିଛନ୍ତି। ଏଥିରେ ବିଶେଷ କରି ପିଲାମାନଙ୍କର ଭାଷା ଜ୍ଞାନ ଓ ମୌଳିକ ଗାଣିତିକ ଜ୍ଞାନ ଉପରେ ଗୁରୁତ୍ୱ ଆରୋପ କରାଯିବ। ଏହା ଦ୍ୱାରା ପିଲା ମାନେ ଉଚ୍ଚତର ଶ୍ରେଣୀରେ ସହଜରେ ଶିକ୍ଷା ଗ୍ରହଣ କରିପାରିବେ। ଉନ୍ନତ ଭିତ୍ତିଭୂମି, ଗୁଣାତ୍ମକ ଶିକ୍ଷା ଓ ସାମଗ୍ରୀକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ପିଲା ମାନଙ୍କର ମୌଳକ ଜ୍ଞାନ ଓ ବୌଦ୍ଧିକ ବିକାଶକୁ ସୁଦୃଢ କରିବା ଦିଗରେ ପଦକ୍ଷେପ ନିଆଯିବ। ଏହି ଯୋଜନା ରେ ନୂଆ କ୍ଲାସ ରୁମ୍, ପ୍ରାଚୀର ନିର୍ମାଣ, ସବୁଜ ପରିବେଶ, ଡିଜିଟାଲ ଲାଇବ୍ରେରୀ, ଖେଳ ପଡିଆ, ଡ଼ାଇନିଙ୍ଗ ହଲ, କମ୍ପୁଟର, ସ୍ମାଟ ବୋର୍ଡ ଆଦିର ବ୍ୟବସ୍ଥା କରାଯିବ। ଏହା ସହିତ କ୍ରୀଡା, ଶାରୀରିକ ବ୍ୟାୟାମ ଏବଂ ସାମାଜିକ ଓ ସାଂସ୍କୃତିକ ଶିକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଅସ୍ତରଙ୍ଗ ବ୍ଲକରେ ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟକୁ



ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ମାନ୍ୟତା ପାଇବା ପରେ ମଙ୍ଗଳବାର ସ୍ୱତନ୍ତ୍ର ଟିମ୍ ଆସି ପ୍ରଧାନଶିକ୍ଷକ ନିରଞ୍ଜନ ବେହେରା, ସ୍ଥାନୀୟ ଅଞ୍ଚଳ ସମାଜସେବୀ ତଥା ଜଗତସିଂହପୁର ସାଂସଦ ଙ୍କ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ଶିକ୍ଷକ ପ୍ରଶାନ୍ତ ବରାଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମାକାନ୍ତ ବସ୍ତିୟା ଓ ସମାଜସେବୀ ଯୁଗଳ କିଶୋର ମହାନ୍ତି ଙ୍କ ଉପସ୍ଥିତ ରେ ବିଦ୍ୟାଳୟ ଡ଼ାଇଗ୍ରାମ ଉତ୍ତୋଳନ ବିଭାଗୀୟ ଉଚ୍ଚ ସ୍ତରୀୟ ଅଧିକାରୀ ନେଇଛନ୍ତି। ଯାହାକୁ ନେଇ ରାଜ୍ୟ ସରକାର ଙ୍କୁ ସ୍ଥାନୀୟ ଅଞ୍ଚଳ ବାସି ପ୍ରଶଂସା କରିଛନ୍ତି।

# ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ସ୍ମାରକ ପତ୍ର ପ୍ରଦାନ



**ବାରିପଦା ( ପିପିଏସ୍) :**

ଜୁନ ୨ ତାରିଖରେ କପ୍ତିପଦା ତହସିଲ ର ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣର ଦୃଢ଼ ପ୍ରତିବାଦ କରିଛି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନିକ ଅଧିକାରୀ ମହାସଂଘ। ଏନେଇ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଇଶ୍ୱର ନାୟକ ଏବଂ କପ୍ତିପଦା ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ନେତୃତ୍ୱରେ ବହୁ ଓଡ଼ିଶା ପ୍ରଶାସନିକ ଅଧିକାରୀ ଓ ରାଜସ୍ୱ ସେବା ଅଧିକାରୀ ଜିଲ୍ଲାପାଳ ହେମକାନ୍ତ ସୟ ଏବଂ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀଙ୍କୁ ଭେଟି ପ୍ରତିବାଦ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦୋଷୀ ମାନଙ୍କ ବିରୋଧରେ ତୁରନ୍ତ କଡା ପଦକ୍ଷେପ ସହ ଲଘୁ ଖଣିଜର ଚୋରି ରୋକିବା ପାଇଁ ଦୀର୍ଘସ୍ଥାୟୀ କାର୍ଯ୍ୟାବଳୀ ପ୍ରସ୍ତୁତି କରିବାକୁ ଅନୁରୋଧ କରିଥିଲେ। ପ୍ରକାଶ ଥାଉ କି ଗତ ୨ ତାରିଖରେ ଚୋରା ବାଲି ଗାଡ଼ି ଧରିବାକୁ ଯାଇ ଅତିରିକ୍ତ ତହସିଲଦାର ଶ୍ରୀ ମାଝୀ ବାଲି ମାଫିଆଙ୍କ ଆକ୍ରୋଶର ଶିକାର ହୋଇଥିଲେ। ୨୫ ରୁ ଉର୍ଦ୍ଧ ମାଫିଆ ସଂଘବଦ୍ଧ ଭାବେ ଶ୍ରୀ ମାଝୀଙ୍କୁ ଏକୁଟିଆ ପାଇ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ଗାଡ଼ିକୁ ଭାଙ୍ଗି ଚୂର୍ମାର କରିଦେଇଥିଲେ। ଏହା କପ୍ତିପଦା ଥାନା ସମ୍ମୁଖରେ ଘଟିଥିବା ବେଳେ ଶ୍ରୀ ମାଝୀ ଜୀବନ ବଞ୍ଚାଇ ଡାକ୍ତରଖାନାକୁ ପଳାଇ ଆସିଥିଲେ। ତେବେ ଦୋଷୀ ମାନେ ସମୟ ପାଇ ଅନ୍ୟତ୍ର ଫେରାର ହୋଇଯାଇଥିଲେ ବୋଲି ସଂଘ ତରଫରୁ କୁହାଯାଇଛି।

ପ୍ରଶାସନିକ ଅଧିକାରୀ ମାନେ ସରକାରଙ୍କର ସମସ୍ତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରି ସମସ୍ତ ଅତ୍ୟାବଶ୍ୟକ ସେବା ଗୁଡିକ ଜନସାଧାରଣଙ୍କ ନିକଟରେ ପହଞ୍ଚାଇ ଥାଆନ୍ତି। ତେବେ କର୍ତ୍ତବ୍ୟରତ ଜଣେ ଅଧିକାରୀଙ୍କୁ ଏଭଳି ଆକ୍ରମଣ ହେଲେ ତାହା ସମାଜ ଉପରେ ଖରାପ ପ୍ରଭାବ ପକାଉଛି ଏବଂ ସୁସ୍ଥ ବାତାବରଣ କଳୁଷିତ ହେବା ସଙ୍ଗେ ସଙ୍ଗେ ଅଧିକାରୀ ମାନଙ୍କର କାର୍ଯ୍ୟଦକ୍ଷତା ହ୍ରାସ ପାଉଛି। ସରକାର ତୁରନ୍ତ ଏ ଦିଗରେ କଡା ଆଭିମୁଖ୍ୟ ନେବାକୁ ଆବେଦନ କରାଯାଇଛି।

# ଦଶ ଦଶନ୍ଧି ପରେ ଗ୍ରାମ୍ୟ ଶ୍ମଶାନକୁ ରାସ୍ତା ନିର୍ମାଣ

## ୫ ୱାର୍ଡବାସୀ ହେବେ ଉପକୃତ

ରଘୁନାଥପୁର, (ପିପିଏସ): ଦଶ ଦଶନ୍ଧି ବା ଶହେ ବର୍ଷ ପରେ ଗ୍ରାମ୍ୟ ଶ୍ମଶାନକୁ ନିର୍ମାଣ ହୋଇଛି ରାସ୍ତା।୫ ୱାର୍ଡବାସୀ ହେବେ ଉପକୃତ। ଏହା ପଛରେ ଦୁଇ ନାରୀଶକ୍ତିଙ୍କୁ ଶ୍ରେୟ ଦେଉଛନ୍ତି ଗ୍ରାମବାସୀ। ସେମାନେ ହେଲେ ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତ ସରପଞ୍ଚ ସାହେଦା ତବସୁମ ଓ ସମିତି ସଭ୍ୟା ସାଗାରିକା ତରେଇ। ସେମାନଙ୍କ ଉଦ୍ୟମ ତଥା କାର୍ଯ୍ୟ କରିବାର ଇଚ୍ଛାଶକ୍ତି ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ସାମାଜିକ କର୍ମୀ ରହିମ ଖାଁ, ଅଜୟ ସାମଲ ଓ ପୁର୍ବତନ ସରପଞ୍ଚ ନାରାୟଣ ଦାସ ପ୍ରକାଶ କରିଛନ୍ତି।ପୁର୍ବରୁ ଖରାଦିନେ ଗାଁ ମଶାଣିକୁ ଲୋକଙ୍କୁ ପରିତ୍ୟକ୍ତ ଖାଲଖମାରେ ଭର୍ତ୍ତି ଆଣ୍ଠୁଏ ପାଣିରେ ପଶି ଯିବାକୁ ପଡୁଥିଲା।ବର୍ଷାଦିନେ ଏପରିକି ୫ ଫୁଟ ଉଚ୍ଚର ପାଣି ଭିତରେ ପଶି ଯିବା ଅସମ୍ଭବ ହୋଇପଡୁଥିଲା। ମୃତଦେହ ସଂସ୍କାର ପାଇଁ ବିଦ୍ୟାଧରପୁର ଗ୍ରାମବାସୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିଲେ।ଜବକାର୍ଡଧାରୀମାନେ ମୁଣ୍ଡରେ ମାଟିବୋହି ଶ୍ମଶାନକୁ ରାସ୍ତା ନିର୍ମାଣ ପାଇଁ ସରପଞ୍ଚକୁ ପ୍ରସ୍ତାବ ଦେଇଥିଲେ।ସରପଞ୍ଚ ତବସୁମ ତୁରନ୍ତ ମନରେଗା ଯୋଜନାର ଏହି କାର୍ଯ୍ୟ କରିବା ପାଇଁ ସେମାନଙ୍କୁ ଅନୁମତି ପ୍ରଦାନ କରିଥିଲେ। ଜବକାର୍ଡଧାରୀମାନେ କାର୍ଯ୍ୟ କରି ମଜୁରୀ ପାଇବା ସହ ତିନି ପିଢି ଧରି ଅବହେଳିତ ଅବସ୍ଥାରେ ପଡିଥିବା ଶ୍ମଶାନ ରାସ୍ତା ନିର୍ମାଣ କରି ଦୀର୍ଘଦିନର ସମସ୍ୟାକୁ ଲାଘବ କରିଛନ୍ତି ବୋଲି ପ୍ରଦୀପ୍ତ ସାହୁ, ପ୍ରସନ୍ନ ସେଠି, ଭବାନୀଶଙ୍କର ଦାସ, ସୁରେନ୍ଦ୍ର ସେଠି, ଲୋକନାଥ ଭୋଇ, ଜଗନ୍ନାଥ ସେଠି ପ୍ରମୁଖ ପ୍ରକାଶ କରିଛନ୍ତି। ଏହାଛଡା ଶ୍ମଶାନକୁ ଯିବା ପାଇଁ ମାଟି ପକାଇ ରାସ୍ତା ନିର୍ମାଣ କରିବା ଏକ ବଳିଷ୍ଠ ଉଦ୍ୟମ ବୋଲି ଯନ୍ତ୍ରୀ ସୁବାଷ ଚନ୍ଦ୍ର ପୃଷ୍ଟି ପ୍ରକାଶ କରିଛନ୍ତି।

# ସ୍ୱର୍ଗତ ଅବନୀ ବରାଳଙ୍କ ୯୧ତମ ଜୟନ୍ତୀ ପାଳନ



କେନ୍ଦ୍ରାପଡା, (ପିପିଏସ୍): କେନ୍ଦ୍ରାପଡା ସହରସ୍ଥ ପ୍ରେସ କ୍ଲବ ପରିସରରେ ନିଖିଳ ଉତ୍କଳ ଶିକ୍ଷକ ମହାସଙ୍ଘ କେନ୍ଦ୍ରାପଡା ଜିଲ୍ଲା ଶାଖା ଆନୁକୂଲ୍ୟରେ ଦିବଂଗତ ଶିକ୍ଷକ ନେତା ତଥା ଶିକ୍ଷକ ମହାସଂଘର ପ୍ରାକ୍ତନ ସାଧାରଣ ସମ୍ପାଦକ ପ୍ରଫେସର ଅବନୀ ବରାଳଙ୍କ ୯୧ତମ ଜୟନ୍ତୀ ସଂଘର ଉପଦେଷ୍ଟା ପ୍ରାକ୍ତନ ଅଧ୍ୟକ୍ଷ ଅଜୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ଶିକ୍ଷକ ସଙ୍ଘର ସଭାପତି ଗୋଲଖ ମହାଭୋଇ, ସମ୍ପାଦକ ନବଘନ ମହାରଣା, ପ୍ରାକ୍ତନ ଅଧ୍ୟକ୍ଷ ଡ. ଉପେନ୍ଦ୍ର ନାଥ ପ୍ରଧାନ, ରମଣୀରଞ୍ଜନ ରାଉତରାୟ ଯୋଗ ଦେଇଥିଲେ । ସ୍ୱର୍ଗତ ଅବନୀ ବରାଳଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ସଙ୍ଗେ ସଙ୍ଗେ ତାଙ୍କର ନୀତି, ଚିନ୍ତାଧାରା ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଅତିଥିମାନେ ମତପୋଷଣ କରିଥିଲେ । ଆଗାମୀ ଦିନରେ ସମସ୍ତେ ଏକାଠି ହୋଇ ମହାସଙ୍ଘର କାର୍ଯ୍ୟଧାରାକୁ ଆଗକୁ ନେବା ପାଇଁ ସଭାପତି ଅଜୟ ସାମଲ ଆହ୍ୱାନ ଦେଇଥିଲେ । ଉକ୍ତ ସଭାରେ ଅନେକ ଶିକ୍ଷକ, ଅଧ୍ୟାପକ, ସଂଗଠକ ଓ ପତ୍ରକାର ଯୋଗଦେଇ ସ୍ୱର୍ଗତ ବରାଳଙ୍କ ଜୀବନ ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ । ସେମାନେ ହେଲେ ଧିରେନ କୁମାର ବେହେରା, ବୈଷ୍ଣବ ସ୍ୱାଇଁ, ମଧୁସୂଦନ ବାରିକ, ଅବଧୂତ ରାଉତ, ରାଜକିଶୋର ନାୟକ, ନୃସିଂହ ଚରଣ ତ୍ରିପାଠୀ, ଭାଗୀରଥି ଜେନା, ତପନ ଦାଶ, ସୁରେଶ ପଟ୍ଟନାୟକ, ଗୟାଧର ଧଳ, ଉମେଶ ଚନ୍ଦ୍ର ବିଶ୍ୱାଳ, ହୃଷିକେଶ ମହାରଣା, ଆଶିଷ ସେନାପତି, ପ୍ରମୋଦ କୁମାର ଦାସ, ମଥୁରାନନ୍ଦ ସାହୁ, ନିରଞ୍ଜନ ପରିଡା ଓ ଅନ୍ୟମାନେ । ଶେଷରେ ଶ୍ରୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# 'ଶ୍ରୀ ସତ୍ୟ ସାଇ ଆରୋଗ୍ୟ ବାହିନୀ' ପକ୍ଷରୁ ଏକ ଦିନିକିଆ ସ୍ୱାସ୍ଥ୍ୟ ସେବା ଶିବିର



କେନ୍ଦ୍ରାପଡ଼ା,(ପିପିଏସ):ଡେରାବିଶ ବ୍ଲକ ଅନ୍ତର୍ଗତ ଦାନପୁର ପଞ୍ଚାୟତରେ ମଙ୍ଗଳବାର ପୂର୍ବାହ୍ନରେ ' ଶ୍ରୀ ସତ୍ୟ ସାଇ ଆରୋଗ୍ୟ ବାହିନୀ ' ପକ୍ଷରୁ ଏକ ଦିନିକିଆ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି ।'ପ୍ରଶାନ୍ତିବାଳା ମନ୍ଦିର ଟ୍ରଷ୍ଟ' ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସୀମାରେଖା ତଳେ ବସ ବାସ କରୁଥିବା ପରିବାର ବର୍ଗଙ୍କୁ ମାଗଣାରେ ଉତ୍ତମ ଶିକ୍ଷା,ସ୍ୱାସ୍ଥ୍ୟ ଓ ପୋଷଣ ଯୋଗାଇଦେବା ଏହାର ମୂଳ ଲକ୍ଷ ଓ ଉଦ୍ଦେଶ୍ୟ ରହିଛି ବୋଲି ଟ୍ରଷ୍ଟର ପ୍ରକଳ୍ପ ଉନ୍ନୟନ ଅଧିକାରୀ ସଞ୍ଜୟ ଲେଙ୍କାନ୍ଦି ସୂଚନା ଦେଇଛନ୍ତି ।ସ୍କ୍ରିନିଂ,ଡାଇବେଟିସ, ଆନିମିଆ ଓ ଉଚ୍ଚ ରକ୍ତ ଚାପ ଜନିତ ରୋଗୀଙ୍କୁ ସମ୍ପୂର୍ଣ ମାଗଣାରେ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଆଜିର ଏହି କାର୍ଯ୍ୟକ୍ରମରେ ଦାନପୁର ପଞ୍ଚାୟତର ଶତାଧିକ ଲୋକ ଯୋଗ ଦେଇ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ ।ଆଗକୁ ଏହା ପଞ୍ଚାୟତର ସ୍ୱାସ୍ଥ୍ୟ ସେବା ଯୋଗାଇବା ସହ ପଞ୍ଚାୟତର ସାମଗ୍ରିକ ବିକାଶରେ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ଟ୍ରଷ୍ଟ ଓ ସରପଞ୍ଚଙ୍କ ପ୍ରତିନିଧି ଉମେଶ ଚନ୍ଦ୍ର ତ୍ରିପାଠୀ କହିଛନ୍ତି ।ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡେରାବିଶ ବିଡ଼ିଓ ନମିତା ବାରିକ,ସମିତିସଭ୍ୟ ପ୍ରିୟତମା ଦାସ,ସରପଞ୍ଚ ଶ୍ରୀମତୀ ମାନସୀ ତ୍ରିପାଠୀ,କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଲୋକସଭା ପ୍ରତିନିଧି ମହିମା ସ୍ୱାଇଁ, ଦାନପୁର୍ ଆରଆଇ ବିଜୟଲକ୍ଷ୍ମୀ ପଲେଇ,ଇଣ୍ଡିଆନ ବ୍ୟାଙ୍କ ଶାଖାର ମ୍ୟାନେଜର ଡେଲ୍ଟନ ନାୟକ,

ପ୍ରୋଜେକ୍ଟ ମ୍ୟାନେଜର କ୍ରିଷ୍ଣା ମୋହନ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ଆଗକୁ ନେଇଥିଲେ ।ଅକ୍ଷୟ କୁମାର ପଣ୍ଡା ଓ ରବିନ୍ଦ୍ରନାଥ ପଣ୍ଡାଙ୍କ ସମେତ ଅନେକ ଶୁଭେଚ୍ଛୁ ଏହି କାର୍ଯ୍ୟକ୍ରମରେ ସହଯୋଗ ରକ୍ଷା କରିଥିଲେ ।ଡ. ଚନ୍ଦ୍ର ଭାନୁସିଂଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ସହରାଞ୍ଚଳକୁ ନଯାଇ ଗ୍ରାମାଞ୍ଚଳରେ ଆୟୋଜିତ ଏହି ଶିବିରରେ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଉପକୃତ ହୋଇଥିଲେ।

# ଚାରିଛକ ଥାନା ପକ୍ଷରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ

**ଚାରିଛକ,(ପି ପି ଏସ୍):**



ପୁରୀ ଜିଲ୍ଲା ଚାରିଛକ ଥାନା ଅଞ୍ଚଳ ରେ ଚୋରି, ଡକାୟତି, ରାହାଜାନୀ, ଦୁର୍ଘଟଣା ପ୍ରଭୃତି ରୋକିବାକୁ ଚାରିଛକ ଥାନା ପକ୍ଷରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ଆଇନ ସଚେତନତା ଶିବିରରେ ନିମାପଡା ଏସ ଡି ପି ଓ ଜନାର୍ଦ୍ଦନ ପାଢୀ ଙ୍କ ସମେତ ଏହି ଥାନା ଅଧୀନରେ ଥିବା ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସଭ୍ୟା,ୱାର୍ଡ ସଭ୍ୟ/ସଭ୍ୟା ଗ୍ରାମ ମୁରବୀ, ଯୁବକ ସଂଘର କାର୍ଯ୍ୟକର୍ତ୍ତା, ବ୍ୟବସାୟୀ ସଂଘର କର୍ମକର୍ତ୍ତା, ବିଭିନ୍ନ ଅନୁଷ୍ଠାନର ସଦସ୍ୟ, ବିଭିନ୍ନ ମନ୍ଦିର କମିଟି ସଦସ୍ୟମାନେ ଯୋଗ ଦେଇଥିଲେ। ଆଜିର ଏହି ବୈଠକରେ ବିଭିନ୍ନ ମନ୍ଦିର, ମସଜିଦ, ସ୍କୁଲ, ବ୍ୟବସାୟ ପ୍ରତିଷ୍ଠାନ ସ୍ଥାନରୁ କିଭଳି ଚୋରି ନହେବା ସହିତ ବିଭିନ୍ନ ସ୍ଥାନରେ ନିଶାଦ୍ରବ୍ୟ ସେବନକାରୀ ଅସାମାଜିକ ଯୁବକମାନଙ୍କ ଦୌରାତ୍ମ୍ୟ, ଗ୍ରାମାଞ୍ଚଳରେ ଚୋରି ରାହାଜାନି କରି ଜେଲ ଯାଇ ପୁନର୍ବାର ଫେରିବା ପରେ ସେମାନଙ୍କ କାର୍ଯ୍ୟକଳାପ ଉପରେ ନଜର ରଖିବା ସହ ମନ୍ଦିର ମସଜିଦ, ସ୍କୁଲ, କଲେଜ ଓ ବଡ ବଡ ବ୍ୟବସାୟିକ ଅନୁଷ୍ଠାନ ଗୁଡିକ ରେ ସିସି ଟିଭି ଲଗାଇବାକୁ ପରାମର୍ଶ ଦେବା ସହିତ ମନ୍ଦିର ଓ ସ୍କୁଲ ଗୁଡିକରେ ପାଚେରୀ ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ । ବିଭିନ୍ନ ଗାଁରେ ଚୋରି, ଡକାୟତି ରେ, ରାହାଜାନି ଓ ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ଉପରେ କଡ଼ା ନଜର ରଖିବା ସହ ପ୍ରତ୍ୟେକ ଗାଁରେ କମିଟି କରି ପୋଲିସକୁ ସୂଚନା ଦେବାକୁ ଥାନା ଅଧିକାରୀ ଅନୁରୋଧ କରିଥିଲେ । ଶେଷରେ ଏସଆଇ କୃଷ୍ଣଚନ୍ଦ୍ର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।ନାରାୟଣ ଷଡ଼ଙ୍ଗୀ ପୂଜା ନୀତି ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ କରିଥିଲେ। ଏଥିପାଇଁ ସମଗ୍ର ତୁଳସୀପୁର ଗ୍ରାମ ଉତ୍ସବ ମୁଖର ହୋଇ ପଡ଼ିଥିଲା।

cmyk cmyk cmyk

# ବନ୍ଧମୁଣ୍ଡା ପୋଲିସ୍ ଦ୍ୱାରା ୬ ଡକାୟତ ଗିରଫ
## ଅତ୍ୟାଧୁନିକ ଦେଶୀ ପିସ୍ତଲ ଓ ଗୁଳି ଜବତ

ରାଉରକେଲା,(ପିପିଏସ୍): ରାଉରକେଲା ବନ୍ଧମୁଣ୍ଡା ପୋଲିସ୍ ୬ ଜଣ ଡକାୟତଙ୍କୁ ଗିରଫ୍ କରିବା ସହ ବହୁ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛି । ଗିରଫ ହୋଇଥିବା ୬ ଜଣ ଅପରାଧୀଙ୍କ ମଧ୍ୟରେ ରହିଛି ମାଷ୍ଟରମାଇଣ୍ଡ ମିଟୁ ତନ୍ତୀ । ଅପରାଧି ମିଟୁ ତନ୍ତୀ ନାମରେ ବିଭିନ୍ନ ଥାନାରେ ପୂର୍ବରୁ ୩୪ଟି ମାମଲା ରହିଛି । ଅନ୍ୟ ୫ ଅପରାଧିଙ୍କ ମଧ୍ୟରେ ଜମି ମାଫିଆ ବିବେକ ମୋଦକ, ଅଂଶୁ କୁମାର, ବାବୁ ଓରଫ୍ ଅଜୟ ପଟ୍ଟନାୟକ, ଅନ୍ତୁ ମୁଖୀ, ବିଟୁ ତନ୍ତୀ ଏବଂ ଓ୍ୱାଇ କ୍ରୀଷ୍ଟା । ଗିରଫ୍ କରାଯାଇଥିବା ଏହି ୬ ଅପରାଧିଙ୍କ ନିକଟରୁ ୫ଟି ଅତ୍ୟାଧୁନିକ ଦେଶୀ ପିସ୍ତଲ, ୧୫ଟି ଜୀବନ୍ତ ଗୁଳି, ୫ଟି ମ୍ୟାଗାଜିନ୍, ଖଣ୍ଡା, ଭୁଜାଲି, ୫ଟି ମୋବାଇଲ ଫୋନ୍ ଏବଂ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ୍ କରିଛି । ଗିରଫ ହୋଇଥିବା ସମସ୍ତ ଅପରାଧିମାନେ ରବିବାର ଦିନ ରାତିରେ ଏକ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ପୋଲିସ୍ ସେମାନଙ୍କୁ ଗିରଫ୍ କରିଥିଲା ବୋଲି ବନ୍ଧମୁଣ୍ଡା ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ରାଉରକେଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ମିଶ୍ର । ଗତ କେତେଦିନ ହେଲା ରାଉରକେଲା ସହରକୁ ବହୁ ପରିମାଣରେ ବେଆଇନ୍ ଅସ୍ତ୍ରଶସ୍ତ୍ର ଆସୁଥିବା ବିଷୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ମିଶ୍ର କହିଛନ୍ତି ଯେ, ପଡୋଶୀ ରାଜ୍ୟ ଝାଡ଼ଖଣ୍ଡ ଓ ଛତିଶଗଡ଼ରୁ ଏହିସବୁ ଅସ୍ତ୍ରଶସ୍ତ୍ର ଆଣି ଏଠାରେ ବିଭିନ୍ନ ଅପରାଧ ଘଟାଇବା ପାଇଁ ଯୋଜନା କରାଯାଉଛି । ରାଉରକେଲା ପୋଲିସ୍ ପ୍ରଶାସନ ପକ୍ଷରୁ ତାହାର ନିରାକରଣ ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି ।

# ନିଶା ବିରୋଧୀ ସଚେତନତା ଅଭିଯାନ ନିମନ୍ତେ ବୈଠକ

ସୁବର୍ଣ୍ଣପୁର (ହି.ସ.): ଓଡ଼ିଶା ସରକାରଙ୍କ ଅବକାରୀ ବିଭାଗର ନିର୍ଦ୍ଦେଶନୁସାରେ ଅବୈଧ ମଦ, ତମାଖୁ ଓ ଅନ୍ୟାନ୍ୟ ନଶାଦ୍ରବ୍ୟ ବିରୋଧରେ ଜିଲ୍ଲାସ୍ତରରେ ବିଶେଷ ସଚେତନତା ଅଭିଯାନ ଚଳାଯିବ । ଏହି ଅଭିଯାନ ଅବକାରୀ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଅନୁଷ୍ଠିତ ହେବାକୁ ଥିବାବେଳେ ଅଭିଯାକୁ ସଫଳ କରିବା ପାଇଁ ଜିଲ୍ଲା ଅଧିକାରୀଙ୍କୁ ନେଇ ଏକ ଆଲୋଚନା ବୈଠକ ଜିଲ୍ଲାପାଳଙ୍କ ଅଧକ୍ଷତାରେ ସୋନପୁର ବ୍ଲକ ସଭା ଗୃହରେ ଅନୁଷ୍ଠିତ ହୋଇଛି । ଅଭିଯାନକୁ ଚାରିଟି ପର୍ଯ୍ୟାୟରେ ବିଭାଜିତ କରାଯାଇଛି । ପ୍ରଥମ ପର୍ଯ୍ୟାୟ ଅଭିଯାନ ୩୧ ମଇ ରୁ ୨୬ ଜୁନରେ ବିଶ୍ୱ ତମାଖୁ ବିରୋଧୀ ଦିବସ ଓ ଅନ୍ତର୍ଜାତୀୟ ମାଦକ ବିରୋଧୀ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ । ଦ୍ୱିତୀୟ ପର୍ଯ୍ୟାୟ ୨୬ – ୩୧ ଅଗଷ୍ଟ ରେ ଗଞ୍ଜେଇ ଗଛ ବିରୋଧୀ ସଚେତନତା ଅଭିଯାନ । ତୃତୀୟ ପର୍ଯ୍ୟାୟ ୨ ଅକ୍ଟୋବର: ଗାନ୍ଧୀ ଜୟନ୍ତୀ ଦିବସରେ ନିଶା ନିବାରଣ କାର୍ଯ୍ୟକ୍ରମ ସେହିପରି ଚତୁର୍ଥ ପର୍ଯ୍ୟାୟ ୩୧ ଡିସେମ୍ବର ନବବର୍ଷ ପୂର୍ବ ସନ୍ଧ୍ୟାରେ ବିଶେଷ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଅଭିଯାନ ଜିଲ୍ଲାର ସମସ୍ତ ଗ୍ରାମ ପଂଚାୟତ ଓ ନଗର ଅଂଚଳରେ ଅନୁଷ୍ଠିତ ହେବ । ଜିଲ୍ଲାର ବିଭିନ୍ନ ବିଭାଗକୁ ଦାୟିତ୍ୱ ଅର୍ପଣ କରାଯାଇଛି ।ସଂସ୍କୃତି ବିଭାଗ: ପାଲା, ଦାସକାଠିଆ ଓ ଶୋଭାଯାତ୍ରା ମାଧ୍ୟମରେ ସନ୍ଦେଶ ପ୍ରଚାର । ସୂଚନା ବିଭାଗ ଦ୍ୱାରା ମୋବାଇଲ୍ ଭ୍ୟାନ୍ ଓ ସ୍ଥାନୀୟ ଗଣମାଧ୍ୟମ ଜରିଆରେ ପ୍ରଚାର ପ୍ରସାର । ଜିଲ୍ଲା ପରିଷଦ ସୁବର୍ଣ୍ଣପୁରଙ୍କ ତରଫରୁ ସମସ୍ତ ପଂଚାୟତ ଓ ପଞ୍ଚାୟତ ସମିତି କାର୍ଯ୍ୟକର୍ତ୍ତାଙ୍କୁ ସାମିଲ ପୂର୍ବକ ମଦ ମୁକ୍ତ ପଞ୍ଚାୟତ ଚୟନ କରିବେ ଯେଉଁଥିରେ ସ୍ଥାନୀୟ ସ୍ୱୟଂ ସହାୟକ ମହିଳାମାନଙ୍କୁ ମଧ୍ୟ ଅଭିଯାନରେ ସାମିଲ କରାଯିବା ଉପରେ ଗୁରୁତ୍ୱରୋପ କରାଯାଇଛି ।ସାମାଜିକ ସୁରକ୍ଷା ବିଭାଗ ସହଯୋଗରେ ଡି-ଆ୍ୟାଡିକ୍ସନ୍ ସେଂଟର ମାଧ୍ୟମରେ କାର୍ଯ୍ୟକ୍ରମ । ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ୱାସ୍ଥ୍ୟ ଶିବିର, କର୍ମଶାଳା ଓ ସମ୍ମିଳନୀର ଆୟୋଜନ । ଜିଲ୍ଲା ବନ ବିଭାଗ ମାଧ୍ୟମରେ ବୃକ୍ଷାରୋପଣ କାର୍ଯ୍ୟକ୍ରମ ନିମନ୍ତେ ପ୍ରସ୍ତୁତି ରହିଥିବା ବେଳେ କ୍ରୀଡା ବିଭାଗ 'ଆମ ସଂକଳ୍ପ: ନିଶା ନୁହେଁ ଜୀବନ' ଥିମ୍ ଉପରେ ଦୌଡ଼ ଓ ଯୋଗ ଶିବିର ଅନୁଷ୍ଠିତ କରିବେ । ଶିକ୍ଷା ବିଭାଗ ଦ୍ୱାରା ଛାତ୍ର ଛାତ୍ରୀଙ୍କୁ ନେଇ ନିଶା ବିରୋଧୀ ରଚନା ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ କରାଯିବ ।ଡିଏସଡବ୍ଲୁ ଓଙ୍କ ତରଫରୁ ଏସ୍ଏଚ୍‌ଜିମାନଙ୍କ ସହଯୋଗରେ ଆଇଡି ଲିକର ଓ ଡ୍ରଗ୍ ବିରୋଧୀ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆ ଯାଇଛି । ଅଭିଯାନର ସଫଳ ସମ୍ପାଦନ ପାଇଁ ଜିଲ୍ଲା ଅବକାରୀ ଅଧିକ୍ଷକଙ୍କୁ ନୋଡାଲ୍ ଅଧିକାରୀ ଭାବରେ ଦାୟିତ୍ୱ ଦିଆଯାଇଛି । ସେ ସମସ୍ତ ବିଭାଗ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି । ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# 'କ୍ଲିନ୍ ଆଣ୍ଡ ଗ୍ରୀନ୍'ର ପଞ୍ଚମ ବାର୍ଷିକୋତ୍ସବ
## ସ୍ୱଚ୍ଛତା ନିଜଠାରୁ ଆରମ୍ଭ ହେବା ଉଚିତ୍



ରାଉରକେଲା(ପିପିଏସ୍) : ସମସ୍ତେ ସ୍ୱଚ୍ଛତା ବିଷୟରେ କହୁଛନ୍ତି । କିନ୍ତୁ ଯଦି ଆମେ ନିଜେ ସଫା ରହିବା ଆରମ୍ଭ କରୁ, ତେବେ ପରିବେଶ ମଧ୍ୟ ସଫା ହୋଇପାରିବ ବୋଲି ଏନ୍ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ କହିଛନ୍ତି । ରାଉରକେଲାରେ ସାମାଜିକ ସଂଗଠନ କ୍ଲିନ୍ ଆଣ୍ଡ ଗ୍ରୀନ୍‌ର ପଞ୍ଚମ ବାର୍ଷିକୋତ୍ସବ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଫେସର ରାଓ କହିଛନ୍ତି ଯେ, ସରକାର ସଫାସୁତୁରା ପାଇଁ ଅନେକ ପଦକ୍ଷେପ ନେଉଛନ୍ତି । ତେଣୁ ଆମେ ନିଜେ ସଫାସୁତୁରା ରହିବା ଓ ପରିବେଶକୁ ସଫା ରଖିବା ପାଇଁ ଅନ୍ୟକୁ ପ୍ରବାର୍ତ୍ତାଇ ପାରିବା ବୋଲି ଶ୍ରୀ ରାଓ କହିଛନ୍ତି । ବୈଠକରେ ସମ୍ମାନିତ ଅତିଥି ଭାବେ ରାଉରକେଲା ଡିଏଫ୍ଓ ଯଶୋବନ୍ତ ସେଠୀ ଏବଂ ମୁଖ୍ୟବକ୍ତା ଭାବେ ଶିଶୁରୋଗ ବିଶେଷଜ୍ଞ ଡକ୍ଟର ପାର୍ଥସାରଥୀ ଲାଲ୍ ଯୋଗଦେଇ ସଂଗଠନର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣା ଓ ଉଦାହରଣ ବୋଲି କହିଥିଲେ । ସଂଗଠନର ସଭାପତି ଡାକ୍ତର ଦେବେନ୍ଦ୍ର ସେଠୀଙ୍କ ସଭାପତିତ୍ୱ ଅଭିଭାଷଣ, ସମ୍ପାଦକ ପ୍ରଦୀପ କୁମାର ଦାସ ବାର୍ଷିକ ବିବରଣୀ ଏବଂ ସଂଗଠନ ସମ୍ପାଦକ ହିମାଂଶୁ ଶେଖର ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ସହରର ବିବେକାନନ୍ଦ ପରିଡା ଏବଂ କୈଳାସ ଚନ୍ଦ୍ର ସ୍ୱାଇଁଙ୍କୁ ପ୍ରକୃତି ମିତ୍ର ସମ୍ମାନ ପ୍ରଦାନ କରାଯାଇଥିଲା । ସଂଗଠନର ଦୁଇ ବରିଷ୍ଠ ସଦସ୍ୟ ପ୍ରତାପ ଚନ୍ଦ୍ର ମିଶ୍ର ଏବଂ କୃତିବାସ ମିଶ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଏହି ପଞ୍ଚମ ବାର୍ଷିକୀ ଅବସରରେ, ପ୍ରଥମ ପର୍ଯ୍ୟାୟ ରେ ସକାଳେ ରାଉରକେଲା ସରକାରୀ ହସ୍ପିଟାଲ ରକ୍ତଭଣ୍ଡାରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା ଏବଂ ମୋଟ ବତିଶ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । କାର୍ଯ୍ୟକ୍ରମର ସଫଳତାରେ ସମ୍ପାଦକ ବିଭୂତି ବିଶ୍ୱାଳ, ସାଗର ପାଣି, ଆୟନ ଦାସ, ସାବିତ୍ରୀ ସାହୁ, ଶ୍ରେୟା କେସନ ସହରଜିତ ବିଶ୍ୱାଳ ଏବଂ ଅନ୍ୟମାନେ ସଫଳ ଯୋଗଦାନ କରିଥିଲେ । ଏହି ଅବସରରେ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଦୁର୍ଘଟଣାରେ ୧ ମୃତ, ୧ ଗୁରୁତର

ବଲାଙ୍ଗିର: ବଙ୍ଗୋମୁଣ୍ଡା- କଂଟାବାଞ୍ଜି ରାସ୍ତାର ଦାନ୍ଦ୍ର ଗାଁ ବୁଲାଣି ପାଖରେ ବସ ସହିତ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛି । ମୃତକ ଜଣକ ହେଲେ ଦୁର୍ଯ୍ୟୋଧନ ପଟେଲ୍ । ବଙ୍ଗୋମୁଣ୍ଡା- କଂଟାବାଞ୍ଜି ରାସ୍ତାର ଦାନ୍ଦ୍ର ଗାଁ ବୁଲାଣି ପାଖରେ ବସ ସହିତ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ବାଇକରେ ବସିଥିବା ଦୁଇ ଆରୋହୀ ଗୁରୁତର ହୋଇଥିଲେ । ପୁଲିସ ଓ ସ୍ଥାନୀୟ ଲୋକେ ଗୁରୁତର ଦ୍ୱୟଙ୍କୁ ଉଦ୍ଧାର କରି କଂଟାବାଞ୍ଜି ହସ୍ପିଟାଲକୁ ପଠାଇଥିଲେ । ସେଠାରେ ଦୁର୍ଯ୍ୟୋଧନଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଜଣକ ଅଙ୍କୁର ପଟେଲ୍ ବୋଲି ଜଣାପଡିଛି । ତେବେ ଉକ୍ତ ବସଟି ସିନାପାଲିରୁ କଂଟାବାଞ୍ଜି ଅଭିମୁଖେ ଯାଉଥିବା ବେଳେ ସାମ୍ନା ପଟରୁ ଆସୁଥିବା ବାଇକ ସହ ଧକ୍କା ହୋଇଥିଲା । ଘଟଣାସ୍ଥଳରେ ବଙ୍ଗୋମୁଣ୍ଡା ପୁଲିସ୍ ପହଂଚି ଅଧିକ ତଦନ୍ତ କରୁଛି ।

# ନାବାଳିକା ଦୁଷ୍କର୍ମ ମାମଲା
## ଅଭିଯୁକ୍ତ ଧରାପଡ଼ିଲା

ଜୟପୁର: କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ଅଂଚଳର ଜଣେ ନାବାଳିକା ଗର୍ଭବତୀ ହୋଇଥିବା ନେଇ ଜୟପୁର ମହିଳା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରଥିଲା । ପରେ ପୋଲିସ୍ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା କୋଟପାଡ ବିଧାୟକଙ୍କ ପ୍ରତିନିଧି ରାମକୃଷ୍ଣ ଭତ୍ରାଙ୍କ ପୁଅ ରାଜେନ୍ଦ୍ର ଭତ୍ରା (୨୯) । ସୂଚନା ଅନୁଯାୟୀ ବିବାହର ପ୍ରଲୋଭନ ଦେଖାଇ ଅଭିଯୁକ୍ତ ରାଜେନ୍ଦ୍ର ଉକ୍ତ ନାବାଳିକାକୁ ଦୁଷ୍କର୍ମ କରିଥିଲା । ନାବାଳିକା ଜଣକ ଗର୍ଭବତୀ ହୋଇଥିଲେ । ଏନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହେବାରୁ ପୋଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପରେ ଅଭିଯୁକ୍ତ ଜଣକ ନାବାଳିକା ଓ ମା'କୁ ଧମକ ଦେଇ ଗର୍ଭପାତ କରିବାକୁ ବାଧ କରିଥିବାରୁ ମା' ଓ ପୀଡାତା ଜୟପୁରରେ ଲୁଚିକି ରହିଥିଲେ । ଏନେଇ ଗତ ୨୯ ତାରିଖରେ ବିଜେଡିର ରାଜ୍ୟ ମହିଳା ପ୍ରତିନିଧି ଦଳ ଆସି ଜୟପୁରରେ ପୀଡିତା ସହ ସାକ୍ଷାତ କରିଥିଲେ । ବିଜେଡ଼ି ରାଜ୍ୟ ମହିଳା ସଭାନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ଏକ ଟିମ୍ ସାକ୍ଷାତ କରି ପୀଡିତାଙ୍କ ସହ ଆଲୋଚନା କରିବା ସହ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କରି କୋରାପୁଟ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ତେବେ ଏହି ମାମଲାର ତଦନ୍ତ ଦାୟିତ୍ୱରେ ଥିବା ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ ଅଭିଯୁକ୍ତର ଗ୍ରାମରେ ଚଢଉ କରିଥିଲେ । ଏହି ସମୟରେ ଅଭିଯୁକ୍ତ ଚମ୍ପଟ ମାରିଥିବାବେଳେ ପୋଲିସ ବଳକାର ସମୟରେ ବ୍ୟବହୃତ ହୋଇଥିବା କାର୍, ବୋଲେରୋ ଓ ବୁଲେଟକୁ ଜବତ କରିଥିଲା । ପରେ ପୋଲିସ ଅଭିଯୁକ୍ତକୁ ଗିରଫ କରି ଡାକ୍ତରି ମାଇନା କରି କୋର୍ଟଚାଲାଣ କରିଥିବା ବିଷୟ ତଦନ୍ତ ଦାୟିତ୍ୱରେ ଥିବା ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# ଶୀତଳ ଷଷ୍ଠୀ ମହୋତ୍ସବ ସମ୍ପନ୍ନ

ବଲାଙ୍ଗିର, (ହି.ସ) - ଏବିଏସ୍ଏସ୍ ପକ୍ଷରୁ ୩୭ତମ ଶୀତଳ ଷଷ୍ଠୀ ଯାତ୍ରା ମହାସମାରୋହରେ ସମ୍ପର୍ଣ୍ଣ ହୋଇଯାଇଛି । ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ବାବା ମାତା ପାର୍ବତୀଙ୍କୁ ମହାଆଡମ୍ବରରେ ନେଇ ଫେରିଛନ୍ତି । ଏବିଏସ୍ଏସ୍ ର ଏହି ଯାତ୍ରା ରେ ଅନେକ ନୂଆ ଆକର୍ଷଣ ଦେଖିବାକୁ ମିଳିଛି । ଆନ୍ଧ୍ରପ୍ରଦେଶର ମାଁ କାଳି ନୃତ୍ୟ, ବାଘ ନୃତ୍ୟ, କଳିଙ୍ଗ ନୃତ୍ୟ, ଘୁମୁରା ନୃତ୍ୟ, ହନୁମାନ, ଦୁଲଦୁଲି, ରେକର୍ଡ ଡ୍ୟାନ୍ସ, ଡିଜେ, କିର୍ତନ, ଘଂଟବାଦ୍ୟ, ପ୍ରଭୁ ଜଗନ୍ନାଥଙ୍କ ମେଢ, ଶିବ ତାଣ୍ଡବ ଆଦି ରହିଥିବା ବେଳେ ଗରିଲା ଡ୍ୟାନ୍ସ ଦର୍ଶକମାନଙ୍କୁ ବେଶ ମୋହିତ କରିଥିଲା । ଏବିଏସ୍ଏସ୍ ର ଏହି ମେଢ ସହର ପରିକ୍ରମା କରି ଦେବା ଦେବଙ୍କ ମନ୍ଦିରଙ୍କୁ ଫେରିଥିଲେ । ଦିନ ଘ.୧୨.୩୦ମି. ରେ ମହାଦେବ ଓ ମାତା ପାର୍ବତୀ ନୃସିଂହ ମନ୍ଦିରକୁ ପ୍ରବେଶ କରିଥିଲେ । ହଜାର ହଜାର ଦର୍ଶକ ଏହି ମହୋତ୍ସବରେ ସାମିଲ ଥିଲେ । ଏବିଏସ୍ଏସ୍ ପକ୍ଷରୁ ସଭାପତି ସମୀର ସାହାଣି, ଉପ-ସଭାପତି ଅନାଦି ପଟ୍ଟନାୟକ, ସମ୍ପାଦକ ବଂଟି ମିଶ୍ର, ବୁଭୁ, ବିକି, ବବଲୁ, ଲଳିତ ପୁଝାରୀ, ବଳ, ପିଙ୍କୁ, ଚନ୍ଦନ, ପେଟୁ, ସତିଶ, ପ୍ରହଲ୍ଲାଦ ଦର୍ଜୀ, ସୁନିଲ ମିସ୍ତ୍ରୀ ସମେତ ପଡାବାସୀ ସହଯୋଗ କରିଥିଲେ ।

## ୧୨ଫୁଟ୍‌ର ଅଜଗର ଉଦ୍ଧାର



ବରଗଡ : ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ଗ୍ରାମରେ ସୋମବାର ଧାନ ଅମଳ ସମୟରେ ଏକ ଅଜଗର ଉଦ୍ଧାର ହୋଇଛି । ଅଜଗରର ଲମ୍ବ ୧୨ଫୁଟ୍ ଏବଂ ଓଜନ ସାଢେ ୧୦ କି. ଗ୍ରା ରହିଛି । ସୂଚନା ଅନୁଯାୟୀ, ସନ୍ଧ୍ୟାରେ ଗଣେଶ ନାମକ ଜଣେ ଡ୍ରାଇଭର ହାର୍ଭେଷ୍ଟର ସାହାଯ୍ୟରେ ଜମିରେ ଧାନ ଅମଳ କରୁଥିଲେ । ଏହି ସମୟରେ ଜମିର ଏକ ସ୍ଥାନରେ ହାର୍ଭେଷ୍ଟର ଦବି ଯାଇଥିଲା । ସେତେବେଳେ ଗଣେଶ ହାର୍ଭେଷ୍ଟରରୁ ଓହ୍ଲାଉଥିଲେ । ତେବେ ଓହ୍ଲାଇବା ସମୟରେ ଜମିରୁ ହାର୍ଭେଷ୍ଟର ଉପରକୁ ଅଜଗର ଚଢୁଥିବା ସେ ଦେଖିବାକୁ ପାଇଥିଲେ । ସେଠାରେ ଅଜଗରକୁ ଧରି ରଖି ପୂର୍ବରୁ କଟାପାଲି ଅଞ୍ଚଳରେ ୫ଥର ଅଜଗର ଉଦ୍ଧାର କରିଥିବା କଟାପାଲି ଗ୍ରାମର ପ୍ରହଲ୍ଲାଦ ମହାରଣାଙ୍କୁ ସୂଚନା ଦିଆଯାଇଥିଲା । ସୂଚନା ପାଇ ପ୍ରହଲ୍ଲାଦ ସେଠାକୁ ପହଞ୍ଚି ଥିଲେ ଏବଂ ଅଜଗରକୁ ଉଦ୍ଧାର କରିବା ସହିତ ବନ ବିଭାଗକୁ ଖବର ଦେଇଥିଲେ । ସୂଚନା ପାଇ ବନ କର୍ମଚାରୀ ଆସିଥିଲେ ଏବଂ ଉଦ୍ଧାର ଅଜଗରକୁ ନେଇ କମଗାଁ ଜଙ୍ଗଲରେ ଛାଡି ଦେଇଥିଲେ ।

## ମାହେଶ୍ୱରୀ ସେନା ପକ୍ଷରୁ ରକ୍ତଦାନ ଶିବିର

ବଲାଙ୍ଗିର: ବଲାଙ୍ଗିର ଜିଲ୍ଲା ଭୀମଭୋଇ ମେଡିକାଲ ହସ୍ପିଟାଲ ର ରକ୍ତଭଣ୍ଡାର ଠାରେ ଅଗ୍ରଣୀ ସାମାଜିକ ସଂଗଠନ ମା ମାହେଶ୍ୱରୀ ସେନା ପକ୍ଷରୁ ସଦସ୍ୟ ଅରୁଣ ପଲତା ଙ୍କର ଜନ୍ମ ଦିନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଅଛି । ଏହି ରକ୍ତଦାନ ଶିବରକୁ ଭୀମଭୋଇ ହସ୍ପିଟାଲ ର ଶଲ୍ୟ ବିଶେଷଜ୍ଞ ଡା. ସତ୍ୟଜିତ ଯୋଷୀ ଫିତାକାଟି ଶୁଭାରମ୍ଭ କରିଥିଲେ ଏବଂ ସମ୍ମାନିତ ଅତିଥି ଭାବରେ ଭୀମଭୋଇ ହସ୍ପିଟାଲ ର ଅସ୍ଥି ବିଶେଷଜ୍ଞ ଡା. ସବ୍ୟସାଚୀ ସ୍ୱାଇଁ, ଦେଓଗାଁ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ବଲାଙ୍ଗିର ସହରାଂଚଳ ଡୁମାଳ ସମାଜ ସଭାପତି ସଂଜୟ ମହାକୁର ଯୋଗ ଦେଇଥିଲେ । ଏହି ରକ୍ତଦାନ ଶିବିର ରେ ଡା. ସବ୍ୟସାଚୀ ସ୍ୱାଇଁଙ୍କ ସମେତ ସର୍ବମୋଟ ୪୬ ଜଣ ପୁରୁଷ ଓ ୩ ଜଣ ମହିଳା ମୋଟ ୪୯ ଜଣ ରକ୍ତଦାନ କରିଥିଲେ । ରକ୍ତଦାନ ଶିବିରକୁ ମା ମାହେଶ୍ୱରୀ ସେନା ବଲାଙ୍ଗିର, ବୌଦ୍ଧ ଏବଂ ସୋନପୁରର ସଦସ୍ୟମାନେ ସଫଳ ରୂପେ ପରିଚାଳନା କରିଥିଲେ ।

# ପ୍ରେସ୍ କାଉନ୍‌ସିଲ ନାମ ବ୍ୟବହାର ଉପରେ ନିଷେଧାଦେଶ

କେନ୍ଦୁଝର: କାଉନସିଲ ଅଫ ଇଣ୍ଡିଆ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଏକ ବୈଧାନିକା ସଂସ୍ଥା ହୋଇଥିବାରୁ କୌଣସି ଗଣମାଧ୍ୟମ ସଂସ୍ଥା ପ୍ରେସ କାଉନସିଲ ନାମ ବ୍ୟବହାର କରିବା ଉପରେ ନିଷେଧାଦେଶ ରହିଛି । ଜିଲ୍ଲାରେ କୌଣସି ଗଣମାଧ୍ୟମ ସଂସ୍ଥା କିମ୍ବା ସରକାରୀ ସଂଘ ନିଜ ସଂସ୍ଥାର ନାମ ପଞ୍ଜିକରଣ ସମୟରେ ପ୍ରେସ କାଉନସିଲ ଶବ୍ଦ ବ୍ୟବହାର ନ କରିବାକୁ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । କେନ୍ଦ୍ର ସରକାର ଙ୍କ ଅନୁମତି ବିନା କୌଣସି ସଂସ୍ଥା ପ୍ରେସ କାଉନସିଲ ନାମ ବ୍ୟବହାର କରିବା, ଆଇନ ଅନୁଯାୟୀ ଗ୍ରହଣୀୟ ହେବନାହିଁ । ତେଣୁ ଜିଲ୍ଲାରେ କୌଣସି ସରକାରୀ ସଂଘ ବା ଗଣମାଧ୍ୟମ ସଂସ୍ଥା ନିଜ ନାମରେ ପ୍ରେସ କାଉନସିଲ ବ୍ୟବହାର ନ କରିବାକୁ ଅନୁରୋଧ କରାଯାଉଛି । ନୂଆଦିଲ୍ଲୀରେ ପ୍ରେସ କାଉନସିଲର ସଚିବାଳୟ କାର୍ଯ୍ୟ କରୁଥିବା ବେଳେ ଏହାର ରାଜ୍ୟ ଶାଖା କୌଣସିଠାରେ କାର୍ଯ୍ୟ କରେ ନାହିଁ । ଏହାର ଚିହ୍ନ ଓ ନାମକୁ ଅନଧିକୃତ ଭାବେ ବ୍ୟବହାର କରିବା ଅବୈଧ ଅଟେ ।

# ପୋଲିସ୍ ଚଢ଼ଉ
## ୧୩୧୮ କେ.ଜି ଗଞ୍ଜେଇ ଜବତ, ୬ ଗିରଫ

ଜୟପୁର, (ହି.ସ.) - ଗଞ୍ଜେଇ ଚାଲାଣ ହେଉଥିବୀ ସୂଚନା ପାଇ ଜୟପୁର ଟାଉନ ପୋଲିସ ଚଢାଉ କରିଛି । ଚଢାଉ କରି ୬ ଅଭିଯୁକ୍ତ କୁ ଗିରଫ କରିଛି । ଏନେଇ ଜୟପୁର ଟାଉନ ଥାନାରେ ଏସଡିପିଓ ପାର୍ଥ କଶ୍ୟପ ଉପସ୍ଥିତ ରହି ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି । ସୂଚନା ଅନୁଯାଇ ଅନୁଯାଇ ଗତ ୨୯ ତାରିଖ ରେ ଜୟପୁର ଟାଉନ ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ହାଟପଦା ନିକଟ ହୁଣ୍ଡାଇ ସୋରୁମ ଓ ମାରୁତି ସୁଜୁକି ସୋରୁମ ପଛ ପଟେ ଏକ କାବାଡି ଦୋକାନ ନିକଟରେ ୧୦ରୁ ୧୨ ଜଣ ଦୁର୍ବୃତ୍ତ ଗାଡିରେ ଗଞ୍ଜେଇ ଲୋଡ କରୁଥିଲେ । କୁଣ୍ଡା ଓ ଖୁଦ ପ୍ୟାକେଟ ସହ ଗଞ୍ଜେଇ ଲୋଡ କରୁଥିଲେ । ପୋଲିସ ଚଢାଉ କରି ୬ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ବାରିଣିପୁଟର ଅମର କୁମାର ବାହାଦୁର (୩୭), ଚିଂଟୁ ମୁଦୁଲି (୨୯) , ସଞ୍ଜୟ ଖୋସଲା (୨୯), କେଶବ ହରିଜନ (୩୦) । ସେହି ସମୟରେ ଗତ ୨୯ ତାରିଖରେ ପୋଲିସ ଅଭିଯୁକ୍ତ ଦୁର୍ଗା ବାହାଦୁର ଓ ମିନା ବାହାଦୁରକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ଚଢାଉ କରି ପୋଲିସ ୨୫୯ ପ୍ୟାକେଟରେ ୧୩୧୮ କେଜି ଗଞ୍ଜେଇ, ୧୨୦ ପ୍ୟାକେଟ କୁଣ୍ଡା ଓ ଖୁଦ, ୩ଟି ମୋବାଇଲ, ୪ ଚକିଆ ମିନି ଟ୍ରକ ଓ ୬ ଚକିଆ ଟ୍ରକକୁ ଜବତ କରିଛି । ଚଢାଉ ଦରରେ ବିକ୍ରୟ କରିବା ପାଇ ଗଞ୍ଜେଇକୁ ଟ୍ରକରେ ହାରିୟାନା କୁ ଚାଲାଣ କରୁଥିବା ପୋଲିସ ତଦନ୍ତ ଜାଣିବାକୁ ପାଇଛି । ୬ ଅଭିଯୁକ୍ତ ନାମରେ ୨୦୬/୨୫ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ୪ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନିରେ ଟାଉନ ଥାନା ଅଧିକାରି ଉଲ୍ଲସ ଚନ୍ଦ୍ର ରାଉତ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର

ଭବାନୀପାଟଣା : କଳାହାଣ୍ଡି ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା ଯୋଗଦେଇ ଲୋକଙ୍କର ଆପତି ଅଭିଯୋଗର ଶୁଣାଣୀ କରିଥିଲେ । ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ୧୫୮ ଗୋଟି ଆପତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୧୩୪ ଗୋଟି ଓ ସାମୂହିକ ୧୫ ଗୋଟି ରହିଥିବା ବେଳେ ୨୯ ଗୋଟି ଆପତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ ,ଭତା, ପାନୀୟଜଳ, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ପୂର୍ତ, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ, ଶିଶୁ ସୁରକ୍ଷା, ଜିଲ୍ଲା, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ଆପତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢି, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ, (ପ୍ରବେଶନ) ଅନିମେସ ପ୍ରଧାନ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ମିନତୀ ଲତା ଦାସ, ଜିଲ୍ଲା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ମୁଖ୍ୟ ଜିଲା କୃଷି ଅଧିକାରୀ ମଳୟ କୁମାର ପରିଡା, ସହ ନିର୍ଦ୍ଦେଶକ ଜିଲ୍ଲା ସଞ୍ଚ ସଂଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ,ପି ଡି, ଡୁଡା, ମୁନିନ୍ଦ୍ର ହୋନନା ଗା, ଡେପୁଟି କଲେକ୍ଟର ଚିତରଞ୍ଜନ ପିଲା, ତହସିଲଦାର, ଶୁଭସ୍ମିତା ମିଶ୍ର, ଜିଲ୍ଲା ପଂଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ୍ ନିଶା,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କୁମାର କହଁର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ର ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଶେଖର କିକ୍ ବକ୍ସିଂ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

ବଲାଙ୍ଗିର, (ହି.ସ.) - କଲେଜ ଛକ ସ୍ଥିତ ଜ୍ଞାନ ବିହାର ବିଦ୍ୟାପୀଠ ରେ ଶେଖର କିକବକ୍ସିଂ ଏକାଡେମୀର ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି । କଂଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କିକ୍ ବକ୍ସିଂ କ୍ରୀଡାରେ ଜାତୀୟ ତଥା ଆନ୍ତର୍ଜାତୀୟ କୃତିତ୍ୱ ଅର୍ଜନ କରି ବଲାଙ୍ଗିର ପାଇଁ ଗୌରବ ସୃଷ୍ଟି କରିଥିବା ପ୍ରତିଯୋଗିମାନଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ କରାଯାଇଥିଲା । ରାଜ୍ୟ ସ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଅଭୀପ୍ସା ହୋତା, ଜାତୀୟ ସ୍ତରରେ କାଂସ୍ୟ ପଦକ ବିଜୟନୀ ଚନ୍ଦ୍ରକାନ୍ତ କୁମ୍ଭାର, ଆନ୍ତର୍ଜାତିକ ସ୍ତରରେ କାଂସ୍ୟ ପଦକ ବିଜେତା କ୍ରୀଷ୍ଣା ସେଠ ଓ ମୁରଳ ମହାକୁର ତଥା ଶେଖର କିକିବକ୍ସି ଏକାଡେମୀର ପ୍ରଶିକ୍ଷକ ତଥା କମିଟି ସମ୍ପାଦକ ଚନ୍ଦ୍ର ଶେଖର ସେଠ୍ ଓ ହୃଦୟ ଶବରଙ୍କୁ ସମ୍ମାନୀତ କରାଯାଇଥିଲା । ଏକାଗ୍ରତା ଓ ନିରନ୍ତର ପ୍ରୟାସ ମଣିଷକୁ ସଫଳ ପ୍ରଦାନ କରିଥାଏ ବୋଲି ବିଧାୟକ ଶ୍ରୀ ବାଗ ବକ୍ତବ୍ୟ ରଖିଥିଲେ । କିକ୍ ବକ୍ସି କ୍ରୀଡାର ଉଜ୍ଜ୍ୱଳ ଭବିଷ୍ୟତ ଓ କ୍ୟାରିୟର ସମ୍ବନ୍ଧରେ କମିଟି ସଭାପତି ସୁରେନ୍ଦ୍ର କୁମାର ସାହୁ ପ୍ରଶିକ୍ଷାର୍ଥିଙ୍କୁ ଜଣାଇଥିଲେ । କାର୍ଯ୍ୟକ୍ରମରେ କମିଟିର ପ୍ରମୁଖ ସଦସ୍ୟ ବଦ୍ରିନାଥ ହୋତା ଓ ଜ୍ଞାନବିହାର ବିଦ୍ୟାପୀଠ ର ଶିକ୍ଷକ ଶିକ୍ଷୟିତ୍ରୀ ନେତ୍ରାନନ୍ଦ ପ୍ରଧାନ, ସ୍ୱରୁପା ମିଶ୍ର, ଲିଲିମା ଦାଶ, ବିନିତା ସାହୁ, ସିମନ ଦର୍ଜୀ ଓ ଅଧକ୍ଷା ଲୀନାଦେବୀ ସାହୁ ସହଯୋଗ କରିଥିଲେ । ଗୁରୁମା ସପ୍ନା ସାହୁଙ୍କ ନିର୍ଦ୍ଦେଶନାରେ ଛାତ୍ରୀ ରିୟା ଭୁଏ, ଅନୟା ଛତ୍ରିଆ, ପିପିସ୍ମିତା ସାହୁ ଓ ଅନନ୍ୟା ବାଗ ସମଲେଇ ଭଜନ ନୃତ୍ୟ ପରିବେଷଣ କରିଥିଲେ ।

# ପଞ୍ଚବଟି କାରଖାନାର କଳାଧୂଆଁରେ ପ୍ରଦୁଷିତ ହେଉଛି ପରିବେଶ

**ଆଞ୍ଚଳିକ ପ୍ରଦୁଷଣ ବିଭାଗ ନୀରବଦ୍ରଷ୍ଟା**

ଯୋଡ଼ା: ବଲାଣି ଥାନା ଅନ୍ତର୍ଗତ ବଡ଼ବିଲ ପୌରାଞ୍ଚଳର ମାଟକାମବେଡା ଶିଳ୍ପାଞ୍ଚଳସ୍ଥିତ ପଞ୍ଚବଟି ଷ୍ଟିଲ ଏଲ୍ଏଲ୍‌ପି ସ୍ପଞ୍ଜ କାରଖାନାର କଳା ଧୂଆଁ ରେ ଅଂଚଳବାସୀ ଅତିଷ୍ଠ ହୋଇ ପଡି ଲେଣି । କାରଖାନା କର୍ତୃପକ୍ଷ ପ୍ରଦୂଷଣ ବିଭାଗର ନିୟମକୁ ପାଳନ କରୁନଥିବାରୁ କାରଖାନା ରୁ କଳା ଧୂଆଁ ନିର୍ଗତ ହୋଇ ସ୍ଥାନୀୟ ଅଂଚଳର ପରିବେଶକୁ ନଷ୍ଟ କରୁଛି । କାରଖାନାର ଚମିନିରୁ କଳା ଧୂଆଁ ନିର୍ଗତ ହୋଇ କାରଖାନାର ପାଚେରୀ କୁ ଲାଗି ରହିଥିବା ଜନ ବସତି ମନ୍ଦିର ହଟିଂର ପରିବେଶ ବିଷମୟ କରୁଥିବା ବେଳେ ପାଖରେ ଥିବା ଜନ ବସତି ଯଥା ଉର୍ବୀ ଛକ, ଚମ୍ପୁଆ ବସ୍ତି, ବରପଦା ଛକ, ଚଟେଇ ହଟିଂ, ବାଲାଗୋଡ଼ା ବସ୍ତି, ବଲାଣି ବସ୍ତି ସମେତ କାରଖାନାର ଅତି ନିକଟରେ ଥିବା ଚିରସ୍ରୋତା କାରୋ ନଦୀକୁ ବହୁଳ ମାତ୍ରାରେ ପ୍ରଦୂଷିତ କରୁଛି । ପ୍ରଦୂଷଣ ମାତ୍ରା ଏତେ ଅଧିକ ହୋଇଛି ଯେ ବଡ଼ବିଲ-ବଲାଣି ମୁଖ୍ୟ ରାସ୍ତା ଅତି କ୍ଷତିକାରକ କଳା ଧୂଆଁ ଓ ଏଥିରେ ଥିବା ଛୋଟ ଛୋଟ କଣିକାରେ ଆଚ୍ଛାଦିତ ହୋଇ ପଡୁଛି । ଘର ଗୁଡିକରେ ଏକ ମୋଟା କଳା ଆବରଣ ଜମା ହେବା ସହିତ ସ୍ଥାନୀୟ ଅଂଚଳରେ ଥିବା ସବୁଜ ଗଛ ଗୁଡିକ କଳା ରଙ୍ଗରେ ପରିବର୍ତିତ ହୋଇ ପଡିଛି । ଭାତ ଖାଇଲା ବେଳକୁ ଭାତ ଥାଳି ରେ କଳା ଖୁଦ୍ର କଣିକା ମିଳିବା ସହିତ ପିଇବାକୁ ରଖିଥିବା ପାଣିରେ ଏହି ବିଷାକ୍ତ ଖୁଦ୍ର କଣିକା ଦେଖିବାକୁ ମିଳୁଛି । ତେବେ ଆଂଚଳିକ ପରିବେଶ କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀଙ୍କ କାରଖାନା ପ୍ରତି ଅହେତୁକ କୋମଳଭାବ ଯୋଗୁଁ ଲୋକେ ବିଷମୟ ପରିବେଶରେ ରହିବାକୁ ବାଧ ହେଉଛନ୍ତି ବୋଲି ସ୍ଥାନୀୟ ଅଂଚଳବାସୀ କ୍ଷଭ ପ୍ରକାଶ କରି କହିଛନ୍ତି । ଏ ନେଇ ବିଭିନ୍ନ ଗଣ ମଧ୍ୟମରେ ଖବର ପ୍ରକାଶନ ହେବା ପରେ ଓ ସ୍ଥାନୀୟ ଅଂଚଳର ବିଭିନ୍ନ ବ୍ୟକ୍ତି ବିଶେଷ ଟ୍ୱିଟର ମାଧ୍ୟମରେ ରାଜ୍ୟ ଓ ଆଂଚଳିକ ପ୍ରଦୂଷଣ ବିଭାଗ ର ଧ୍ୟାନ ଆକର୍ଷଣ କରୁଥିଲେ ସୁଦ୍ଧା ପରିବେଶ ବିଭାଗ ନିର୍ବଦ୍ରଷ୍ଟା ପାଲଟିଛି । ଏ ନେଇ ଆଂଚଳିକ ପ୍ରଦୂଷଣ କାର୍ଯ୍ୟାଳୟର କାର୍ଯ୍ୟକାରିତା ଉପରେ ସ୍ଥାନୀୟ ଲୋକେ ଆସ୍ଥା ହରାଇ ବସିଥିବା ବେଳେ ଆଂଚଳିକ କାର୍ଯ୍ୟାଳୟର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି । ତେବେ ଏହି ବିଷ ବଳୟରୁ ସ୍ଥାନୀୟ ଅଧିବାସୀଙ୍କୁ ମୁକ୍ତି ଦେବାକୁ ପରିବେଶ ବିଭାଗ ଉକ୍ତ କାରଖାନା ପରିବେଶ ସୁରକ୍ଷା ପାଇଁ ପରିବେଶ ବିଭାଗର ଥିବା ନୀତି ନିୟମକୁ ପାଳନ କରୁଛି କି ନାହିଁ , ତାହା ଯାଂଚ କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବଲାଣି ବିକାଶ ପରିଷଦର ସଦସ୍ୟ ଅଜୟ କୁମାର ମହାନ୍ତି ଦୃଢ଼ ଦାବି କରିଛନ୍ତି ।

paga 5 4.6.2025.pmd 1 03/06/2025, 4:27 PM

ଯେଉଁ ପ୍ରସ୍ତାବ କାର୍ଯ୍ୟକାରୀ ବୋଲି ସାବ୍ୟସ୍ତ ହେଉଛି, ଅଥଚ ସରକାର କରୁ ନାହାଁ, ତେବେ ସେ ସରକାର ଅପ୍ରିୟ ହୋଇ ଚାଲିଗଲେ ଆଉ ଯେ ସରକାର ଆସିବ ସେ ଉକ୍ତ ପ୍ରସ୍ତାବ ଅନୁସାରେ କାମ କରିବ । ଏହାକୁ ହିଁ କୁହାଯାଏ ଗଠନମୂଳକ ମନୋବୃତ୍ତି ବା ସମାଲୋଚନା ।

(ଗାଁ ମଜଲିସ୍, ୧ମ ଖଣ୍ଡ, ପୃଷ୍ଠା-୧୧୬)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୪।୬।୨୦୨୫ ■ ବୁଧବାର

# କୋର୍ଟଙ୍କ ପରାମର୍ଶ

ସୋସିଏଲ୍ ମିଡ଼ିଆ ପୋଷ୍ଟରେ ପୁଣେର ଜନୈକ ଛାତ୍ରୀ ଗିରଫ ହେବା ଓ କଲେଜରୁ ନିଷ୍କାସିତ ହେବା ଘଟଣାରେ ବମ୍ବେ ହାଇକୋର୍ଟ କଡ଼ା ଟିପ୍ପଣୀ କେବଳ ମହାରାଷ୍ଟ୍ରରେ ନୁହେଁ, ଦେଶର ସବୁ ସରକାରମାନଙ୍କ ଲାଗି ଏକ ଶିକ୍ଷା ନିଶ୍ଚୟ । ହାଇକୋର୍ଟଙ୍କ ଟିପ୍ପଣୀ ଧାନଯୋଗ୍ୟ ଯେ ଛାତ୍ରଛାତ୍ରୀଙ୍କୁ ନେଇ ଜଡ଼ିତ ମାମଲାମାନଙ୍କରେ ଅଧିକ ସମ୍ବେଦନଶୀଳତାର ଆବଶ୍ୟକତା ଅଛି କାରଣ ସେମାନଙ୍କ ଭବିଷ୍ୟତ ତହିଁରେ ଯୋଡ଼ିହୋଇ ରହିଛି । ପୁଣେର ୧୯ ବର୍ଷୀୟ ଛାତ୍ରୀ ଅପରେସନ ସିନ୍ଦୂର ଉପରେ ଏକ ପୋଷ୍ଟକୁ ଫରୱାର୍ଡ କରିଥିଲା, ଯାହାକୁ ନେଇ ବିବାଦ ସୃଷ୍ଟି ହେଲା । ଏ ମାମଲାରେ ଏକ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଦୁଇଘଣ୍ଟା ପରେ ସେଇ ଛାତ୍ରୀଜଣକ ସେ ପୋଷ୍ଟକୁ ଡିଲିଟ କରିଦେଇଥିଲା । ଏତିକି ନୁହେଁ, ସିଏ ମଧ ଏ ପ୍ରକାର ପୋଷ୍ଟ କରିଥିବାରୁ କ୍ଷମା ମଧ ମାଗିଥିଲା । ଏହା ସତ୍ତ୍ୱେ ତା' ବିରୋଧରେ ଏତଲା ଦାଏର କରାଯାଇ ଗିରଫ କରାଗଲା ଏବଂ ଜେଲକୁ ପଠାଇ ଦିଆଗଲା । ତା'ଛଡ଼ା ପଢୁଥିବା କଲେଜର ମ୍ୟାନେଜମେଣ୍ଟ ତା'ର ସଫେଇ ନ ଶୁଣି ତାକୁ କଲେଜରୁ ନିଷ୍କାସିତ ମଧ କରିଦେଲେ । ଏହି କାରଣରୁ ସିଏ ସେମିଷ୍ଟର ପରୀକ୍ଷାର ଦୁଇଟି ପେପର ଦେଇପାରିଲା ନାହିଁ ।

ବମ୍ବେ ହାଇକୋର୍ଟ ଏ ଘଟଣାକୁ ନେଇ ପ୍ରବଳ ଅସନ୍ତୋଷ ପ୍ରକାଶ କରି କହିଲେ– 'ଏପରି ଲାଗୁଛି ଯେପରିକି ପୋଲିସ ଅଧିକାରୀ ଓ କଲେଜ ପ୍ରଶାସନ ସେ ଛାତ୍ରୀର ଜୀବନକୁ ବରବାଦ କରିବାପାଇଁ ପଣ ନେଇଛନ୍ତି । ପ୍ରଥମ ଦୃଷ୍ଟିରୁ ଦେଖିଲେ ଲାଗୁଛି ପୋଲିସ୍ ଓ କଲେଜ ପ୍ରଶାସନ, ଉଭୟ ନିଜ ନିଜର ଦାୟିତ୍ୱ ସଠିକ୍ ଭାବେ ନିର୍ବାହ କରି ନାହାନ୍ତି । ସେମାନେ ଏହାକୁ କୌଣସି କ୍ରିମିନାଲ କେଶ ଭଳି ଗ୍ରହଣ କରିନେଇ ତରବରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ । ଛାତ୍ରୀ ଜଣକ କ୍ଷମାପ୍ରାର୍ଥନା କରିବା ପ୍ରମାଣିତ କରୁଛି ଯେ ସେ ନିଜ ଭୁଲତ୍ରୁଟି ସଂପର୍କରେ ପଶ୍ଚାତାପ କରିଛନ୍ତି । କଲେଜ କର୍ତ୍ତୃପକ୍ଷଙ୍କୁ ଯଦି ଲାଗୁଥିଲା ଯେ ମାମଲା ବାସ୍ତବରେ ଗୁରୁତର ତେବେ ଛାତ୍ରୀଙ୍କୁ ଦଣ୍ଡିତ କରିବା ଅପେକ୍ଷା ତାହାକୁ ବୁଝାଇବା ପାଇଁ ଉଦ୍ୟମ କରାଯିବା ଦରକାର ଥିଲା, ସୁଧୁରିଯିବା ଲାଗି ତାକୁ ସୁଯୋଗ ଦେବା ଆବଶ୍ୟକତା ମଧ ଥିଲା । ସେ ଛାତ୍ରୀ ଜଣଙ୍କୁ କାଉନସେଲିଂ ମଧ କରାଯାଇ ପାରିଥାନ୍ତା । ବମ୍ବେ ହାଇକୋର୍ଟ କହିଛନ୍ତି ଛାତ୍ରୀ ଜଣକ ଯେଉଁ ବୟସରେ, ସେ ସମୟରେ ଭୁଲତ୍ରୁଟି ହୋଇଥାଏ । ତାହାକୁ ସୁଧାରିବା ପାଇଁ ମଧ ସୁଯୋଗ ଦେବା ଆବଶ୍ୟକ ।

ଯଦି ଏ ମାମଲା ହାଇକୋର୍ଟରେ ପହଞ୍ଚି ନଥା'ନ୍ତା ତେବେ ସେ ଛାତ୍ରୀଜଣକ ଆଉ କେତେଦିନଯାଏ ଜେଲରେ ରହିଥା'ନ୍ତା ? ମାଜିଷ୍ଟ୍ରେଟ୍ ତା'ର ଜାମିନ ଆବେଦନ ଖାରଜ କରିଦେଇଥିଲେ ଓ ସେସନ୍ସ କୋର୍ଟରେ ଶୁଣାଣି ତାରିଖ ସ୍ଥିର ହୋଇଯାଇଥିଲା । ସେଠି କ'ଣ ହୋଇଥା'ନ୍ତା ଜଣାନାହିଁ କିନ୍ତୁ ଏବେ ହାଇକୋର୍ଟଙ୍କ ଟିପ୍ପଣୀ ସ୍ପଷ୍ଟ କରିଦେଇଛି ଯେ ଛାତ୍ରୀ ଜଣକ ଆଦୌ ଅପରାଧୀ ନୁହେଁ ଓ ରାଜ୍ୟ ଶାସନର ଅତିଶୟ ପ୍ରତିକ୍ରିୟା ଯୋଗୁଁ ଲୋକଙ୍କୁ ନିଷ୍ଠୁର ଓ କଟ୍ଟର କରି ଗଢ଼ିତୋଳୁଛି । ଏ ମାମଲାରେ ଦୁଇଟି ଦିଗ ଅଛି– ସୋସିଏଲ୍ ମିଡ଼ିଆର ବ୍ୟବହାର ଓ ତାହା ନେଇ ଶାସନ-ପ୍ରଶାସନର ପ୍ରତିକ୍ରିୟା । ଉଭୟ ମଧ୍ୟରେ ସନ୍ତୁଳନ ପ୍ରତିଷ୍ଠା କରିବା ଆବଶ୍ୟକ । ଅନଲାଇନ କଥା ଉପରେ ବିବାଦ ହେଉଛି ଓ କେତେକ କ୍ଷେତ୍ରରେ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ କଥା ଯାଇଛି । ଚଳିତବର୍ଷ ଏପ୍ରିଲରେ ହିଁ ସର୍ବୋଚ୍ଚ ଅଦାଲତ ପଞ୍ଜାବ ଓ ହରିଆଣା ହାଇକୋର୍ଟର ଏକ ନିର୍ଣ୍ଣୟକୁ ଖାରଜ କରି କହିଛନ୍ତି ମୋରାଲ ପୋଲିସିଙ୍ଗ ନ୍ୟାୟପାଳିକାର କାମ ନୁହେଁ । ବାସ୍ତବରେ ଏ କଥା ସମଗ୍ର ବ୍ୟବସ୍ଥା ଉପରେ ମଧ ଲାଗୁ ହେବା କଥା ।□□

# ମୂଲ୍ୟବାନ ବାର୍ତ୍ତା

ଶାସ୍ତ୍ରଗୁଡ଼ିକ ଜୀବନ ବାର୍ତ୍ତା ବହନ କରିଥାନ୍ତି । ଭଗବାନଙ୍କ ମୂର୍ତ୍ତିଗୁଡ଼ିକ ଜୀବନ୍ତ ଶିକ୍ଷା ପ୍ରଦାନ କରିଥାନ୍ତି । ସେମାନେ କାଠ ବା ପଥର ନୁହଁନ୍ତି । ଥରେ ରାଣୀ ରାସମଣୀଙ୍କ କୃଷ୍ଣ ମନ୍ଦିରର କୃଷ୍ଣ ମୂର୍ତ୍ତିର ଗୋଡିଟି ଭାଙ୍ଗିଗଲା । ଅନେକେ ପରାମର୍ଶ ଦେଲେ ଯେ ସେ ମୂର୍ତ୍ତି ଆଉ ପୂଜା ହୋଇପାରିବ ନାହିଁ । କିନ୍ତୁ ଶ୍ରୀରାମକୃଷ୍ଣ ପରମହଂସ ଏ ପ୍ରକାର ପରାମର୍ଶକୁ ସମର୍ଥନ କଲେନାହିଁ । ସେ ପଚାରିଲେ ଆଜି ଯଦି ଆପଣଙ୍କ ଜ୍ୱାଇଁ ମାଥୁରବାବୁଙ୍କ ଗୋଡ ଭାଙ୍ଗି ଯାଇଥାନ୍ତା ଆପଣ କ'ଣ ତାଙ୍କୁ ପରିତ୍ୟାଗ କରି ଦେଇଥାନ୍ତେ ? ମୂର୍ତ୍ତିଟିକୁ ଆଉ ଥରେ ସଜାଡ଼ି, ମରାମତି କରି ପୂଜା କରିବାକୁ ସେ ଉପଦେଶ ଦେଲେ । ନିଜ ବୃତ୍ତି ଅନୁସାରେ କାମ କର । ନିଜ ସହ ବା ନିଜ ଆଦର୍ଶ ସହ ମିଥ୍ୟାଚାର କରନାହିଁ । ତୁମେ ଯେଉଁ ଆଦର୍ଶ କଥା କହୁଛ ତାହା ଯଦି କାମରେ କଲ ନାହିଁ ତେବେ ତାହା ଗୋଟିଏ ଭୀରୁତା । ତୁମେ କହୁଛ ଯେ ବାବା ସବୁ କିଛି ଜାଣି ପାରନ୍ତି ଓ ଦେଖି ପାରନ୍ତି, କିନ୍ତୁ ପୁଣି ବେଳେ ବେଳେ ବାବା ଏଠାରେ ନାହାନ୍ତି ବୋଲି ଭାବି କିଛି ଭୁଲ କାମ କରି ପକାଇ ଥାଅ । ଦେବମୂର୍ତ୍ତିକୁ ଜୀବନ୍ତ ଭାବି ପୂଜା କରୁଛ କିନ୍ତୁ କେହି ଜାଣିବେ ନାହିଁ ବୋଲି କିଛି ଜିନିଷ ସେଇ ମୂର୍ତ୍ତି ପଛରେ ଲୁଚାଇ ଦେଇ ପାରୁଛ । ଶାସ୍ତ୍ର ଆମ୍ଭମାନଙ୍କୁ ଦେଉଥିବା ସବୁ ମୂଲ୍ୟବାନ ବାର୍ତ୍ତା ହେଉଛି 'ତୁମର ସ୍ୱାଭାବିକ କର୍ମ କରିଯାଅ, ନୀତି ଦୃଷ୍ଟିରୁ ଯାହା କରିବା କଥା ତାହା ସମ୍ପାଦନ କରିଯାଅ, ଅଧିକାର ମୁତାବକ ଜୀବନ ଯାପନ କର । କିନ୍ତୁ ଆସକ୍ତି ବଢ଼ିବାକୁ ଦିଅ ନାହିଁ । ପରିବାର, ଧନ ସମ୍ପତ୍ତି, ଖ୍ୟାତି, ଜ୍ଞାନ ଏବଂ କୌଶଳ ଏସବୁ ବାବଦରେ ନିଜକୁ ଜଣେ ଜିମ୍ମାଦାର ଭାବେ ଭାବ । ଯେତେବେଳେ ଆର ପାରିରୁ ଡାକରା ଆସିବ ସେତେବେଳେ ଏସବୁକୁ ପଛରେ ପକାଇ ଆନନ୍ଦରେ ବାହାରି ପଡ଼ । ଜୀବନରେ ଯେତେ ଶୀଘ୍ର ଶୃଙ୍ଖଳାଭ୍ୟାସ କରାଯାଏ ସେତେ ଭଲ । ଏ ସବୁକୁ ବୃଦ୍ଧି ବୟସକୁ ରଖିବା ଠିକ ନୁହେଁ । ସେତେବେଳକୁ ଏ ଦେହ ବୟସାଧିକ୍ୟ ହେତୁ ଦୁର୍ବଳ ଓ ପ୍ରାୟ ଅକାମୀ ହୋଇ ଯାଇଥିବ । ଅନେକେ ଲୋକ ତାଙ୍କ ପିଲାମାନଙ୍କୁ ସାଧୁସନ୍ଥ ବା ପବିତ୍ର ଗ୍ରନ୍ଥ ମାନଙ୍କ ଠାରୁ ଦୂରରେ ରଖିବାକୁ ଚେଷ୍ଟା କରନ୍ତି । ସେମାନଙ୍କର ଭୟ ଯେ କାଳେ ପିଲା ବୟସରୁ ସେମାନେ ଏସବୁକୁ ଭଲ ପାଇଯିବେ । କିନ୍ତୁ ଏ ବିଷୟରେ କୌଣସି ବେଳ ଅତିଶୀଘ୍ର ନୁହେଁ । ତୁମେ ଯେତେବେଳେ ଆରମ୍ଭ କରି ସେଇଟି ବିଳମ୍ବ ବୋଲି ଭାବ । କାରଣ କିଏ କହି ପାରିବ କେତେବେଳେ ଜୀବନର ଶେଷ ପର୍ଦ୍ଦାଟି ପଡ଼ିଯିବ ?

ସନ୍ତୋଷ କୁମାର ସାହୁ,
ପୁରୀ

# ପୁନଶ୍ଚ କରୋନା ମହାମାରୀ

## ଦଶରଥ ହେମ୍ବ୍ରମ୍

ବିଶ୍ୱବ୍ୟାପୀ ମହାମାରୀ କରୋନା ଚୀନ ଦେଶରେ ଥିବା ଉହାନ୍ ସହର ନିକଟସ୍ଥ ଏକ ମାଛ ବଜାରରୁ ସୃଷ୍ଟି ହେବାପରେ ସମଗ୍ର ବିଶ୍ୱକୁ ଆତଙ୍କ ଖେଳାଇ ଦେଇଥିଲା । ଦିନକରେ ଲକ୍ଷାଧିକ କରୋନାରେ ସଂକ୍ରମଣ ହେଉଥିବାବେଳେ ମାନବ ସମାଜରେ ମୃତ୍ୟୁର ତାଣ୍ଡବ ରଚିଥିଲା । ଏହାରି ଭୟରେ କେହି ଘରୁ ବାହାରକୁ ବାହାରିବା ସାହସ କରିପାରି ନଥିଲେ । ସମଗ୍ର ବିଶ୍ୱ ଜନଶୂନ୍ୟ ହୋଇପଡ଼ିଥିବା ବେଳେ ସମସ୍ତ ରାଷ୍ଟ୍ରମୁଖ୍ୟ ତଥା ସରକାରଙ୍କ ମୁଣ୍ଡ କାମ କରୁ ନଥିଲା । ଦେଶର ମହାନ ମହାନ ବୈଜ୍ଞାନିକମାନେ କରୋନା ଟୀକା ବାହାର କରିବାରେ ବିଫଳ ହେଲେ । କେବଳ ସଚେତନତା ଓ ସତର୍କତା ହିଁ ଏକମାତ୍ର ପ୍ରତିଷେଧକ ଔଷଧ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରତ୍ୟେକ ରାଷ୍ଟ୍ରର ଜନସାଧାରଣଙ୍କୁ ଅବଗତ କରାଗଲା । କିଛି ମାସ ପରେ କରୋନା ଟୀକା ବାହାରିବା ପରେ ପରିସ୍ଥିତି ନିୟନ୍ତ୍ରଣ ପରିସରକୁ ଆସିଲା ।

୨୦୨୦ ମସିହା, ମାର୍ଚ୍ଚ ୧୬ ତାରିଖ ଦିନ ଓଡ଼ିଶାରେ କରୋନା ଜନ୍ମ ନେଲା, ଇଟାଲୀରୁ ନୂଆଦିଲ୍ଲୀ ଦେଇ ଫେରୁଥିବା ସଂକ୍ରମିତ ଜଣେ ଓଡ଼ିଆଙ୍କଠାରୁ । ସେ ଭୁବନେଶ୍ୱରରେ ଥିବା କ୍ୟାପିଟାଲ ଡାକ୍ତରଖାନାରେ ଚିକିତ୍ସିତ ହୋଇ ସୁସ୍ଥ ହେଲେ କିନ୍ତୁ ସମଗ୍ର ଓଡ଼ିଶାକୁ କରୋନା ବ୍ୟାପିଲା । ଏହାକୁ ନିୟନ୍ତ୍ରଣରେ ରଖିବା ପାଇଁ ମିଳିତ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ରାଜ୍ୟ ତଥା ଦେଶରେ ତାଲାବନ୍ଦ ନୀତି ପ୍ରଣୟନ କରାଗଲା । ଉଲ୍ଲଙ୍ଘନକାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନକୁ କଡ଼ାକଡ଼ି କରିବା ପାଇଁ 'ଞଷର ରକ୍ତସୟରଞ୍ଜସମ ଉସସ୍ୱରବସ୍ୱରସ୍ୱ (ଇଞ୍ଜରଭୟ-ଞ୍ଜରଭସ୍ୱ) ଙସ୍ୱୟସଭବଭମର, ୨୦୨୦' ଆଇନ ମଧ ପ୍ରଣୟନ ହେଲା । ହଠାତ୍ କରୋନା ଟୀକାର ଆବିଷ୍କାର ଏତେ ସହଜ ନଥିଲା, ତେଣୁ ଜନସଚେତନ ହିଁ ଏକମାତ୍ର ଅସ୍ତ୍ର । ଏହି ବାବଦରେ ଜନତାଙ୍କୁ ସଚେତନ ଓ ସତର୍କ କରାଇବା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟର ସମସ୍ତ ବିଦ୍ୟାଳୟରେ ଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ସଚେତନତା ଆରମ୍ଭ କରାଗଲା । ପରବର୍ତ୍ତୀ ସମୟରେ ଏହି ଉଦ୍ଦେଶ୍ୟରେ ଏକ ଇଣ୍ଟରନେଟ ପୋର୍ଟାଲ ଖୋଲାଯାଇ ରାଜ୍ୟ ସରକାର କରୋନା ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମାଧ୍ୟମରେ ଉପଲବ୍ଧ ହେଲା । ଏହାରି ମାଧ୍ୟମରେ ଶିକ୍ଷିତ ଗୋଷ୍ଠୀର ଲୋକମାନେ କରୋନା ସହିତ ମୁକାବିଲା କରିବା କୌଶଳ ଶିଖିଲେ । ଏହି ସଚେତନତା କାର୍ଯ୍ୟକ୍ରମ ଅଧିକରୁ ଅଧିକ କରିବା ପାଇଁ ଗ୍ରାମା□ଳରୁ ସହରା□ଳ ଯାଏଁ ରାଜ୍ୟରେ ଥିବା ସମସ୍ତ ମିଶନଶକ୍ତି ଏବଂ ଅଙ୍ଗନୱାଡ଼ି କର୍ମୀଙ୍କ ମାଧ୍ୟମରେ କରୋନା ସଚେତନତା ସଂକ୍ରାନ୍ତ ବାର୍ତ୍ତା ସମସ୍ତଙ୍କ ଘରେଘରେ ପହ□ଇବାର ବ୍ୟବସ୍ଥା କରାଗଲା । ପ୍ରତିଦିନ କରୋନା ଅପଡେଟ୍ ତଥ୍ୟ ସରକାରଙ୍କ ବାର୍ତ୍ତା ମାଧ୍ୟମରେ ପ୍ରକାଶ କରିବା ସହ ରାଜ୍ୟବାସୀଙ୍କୁ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ନିବେଦନ କରାଯାଉଥିଲା । ସାରା ରାଜ୍ୟରେ ସ୍ୱତନ୍ତ୍ର ସଚେତନତା ସଭା ଆୟୋଜନ ହେଲା । ଜନସାଧାରଣ କରୋନା ବିରୁଦ୍ଧରେ ଲଢ଼େଇ ଶିଖିଲେ ଏବଂ ଏ ଲଢ଼େଇରେ ଓଡ଼ିଶାବାସୀ ଜିତିଲେ ମଧ ।

ବିଶ୍ୱରେ ମହାମାରୀର ଇତିହାସ ଉପରେ ଆଲୋଚନା କଲେ ସ୍ପଷ୍ଟ ଜଣାଯାଏ ଯେ, ବିଭିନ୍ନ ସମୟରେ ଗୋଟିଏ ପରେ ଗୋଟିଏ ମହାମାରୀ ଧରାକୁ ଆସିଛି । ବହୁ ଧନଜୀବନ କ୍ଷତିକରିଛି କିନ୍ତୁ ପରେ ସେହି ମହାମାରୀ ମଣିଷ ଆଗରେ ହାରିଯାଇ ପୁଣି ତାକୁ ଯିବାକୁ ପଡ଼ିଛି । ସେଗୁଡ଼ିକ ମଧ୍ୟରୁ ଏନ୍‌ସେଫ୍‌ଲାଇଟିସ ଲେଟାର୍ଗିକା ସଂକ୍ରାମକ ବେମାରୀ ବିଶ୍ୱରେ ଦେଖିବାକୁ ମିଳିଥିଲା । କିଛିବର୍ଷ ପରେ ଏହାର ଅନ୍ତ ଘଟିଥିଲା । ସେହିପରି ସ୍ପେନିସ୍ ଫ୍ଲୁ ମହାମାରୀ ପ୍ରଥମ ଯୁଦ୍ଧ କାରଣରୁ ବ୍ୟାପିଥିଲା । ଏହା ସୈନିକଙ୍କ ମାଧ୍ୟମରେ ଭାରତକୁ ଆସିଥିଲା । ଏହାପରେ କୋଲେରା ପେଣ୍ଡାମିକ, ଏହା ହଇଜା ମହାମାରୀ ନାମରେ ପରିଚିତ । ଏହା ଭାରତରେ ଅତ୍ୟଧିକ ବ୍ୟାପିବାରୁ ଭାରତକୁ ମହାମାରୀର କେନ୍ଦ୍ର କୁହାଗଲା । ଏହିପରି ଭାବରେ ଅନେକ ମହାମାରୀ ଭାରତକୁ ଆସିଥିଲା କିନ୍ତୁ କିଛି ବର୍ଷ ମାନବ ସମାଜରେ ରହି ପୁଣି ଫେରିଯାଇଥିଲା । ଠିକ୍ ସେହିପରି, କରୋନା ମହାମାରୀ ମଧ ଅନ୍ୟ ମହାମାରୀ ପରି ଧରାପୃଷ୍ଠରେ ସୃଷ୍ଟି ହୋଇ ବିଶ୍ୱକୁ ଭୟଭୀତ କରିଛି । ମାତ୍ର ବିଭିନ୍ନ ସମୟରେ ଏହି ଭୂତାଣୁ ତା'ର ରୂପ ବଦଳାଇ କାୟା ବିସ୍ତାର କରୁଛି । ଆଖିକୁ ଦେଖା ନଗଲେ ବି ଏହି ଭୂତାଣୁ ପୂର୍ବର ସମସ୍ତ ଭୂତାଣୁ ଠାରୁ ଭିନ୍ନ । ରାଜ୍ୟ ତଥା ଦେଶରେ ସଂକ୍ରମଣ ହାର ବଢୁଛି, ଯଦିଓ ମୃତ୍ୟୁହାର କମ୍ । ଏହା ପୁଣି ପବନରେ ବ୍ୟାପୁଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି । ତେଣୁ ସତର୍କ ରହିବାର ସମୟ ଆସିଯାଇଛି । ତିନି ବର୍ଷ ପରେ ପୁଣି ଫେରିଲା କରୋନା । ରାଜ୍ୟ ତଥା ଦେଶରେ କରୋନା ମହାମାରୀ କାୟା ବିସ୍ତାର କରି ଚାଲିଛି । ସବୁଠି କରୋନାର କୋକୁଆ ଭୟ ସୃଷ୍ଟି ହେଲାଣି । ସାରା ବିଶ୍ୱରେ ହୋଇଥିବା ଉକ୍ତ ପରିସ୍ଥିତିକୁ ବିଶ୍ୱବାସୀ ଭୁଲିନଥିବାବେଳେ ପୁଣି କରୋନା ମହାମାରୀ ମୁଣ୍ଡ ଧୀରେଧୀରେ ଟେକିଲାଣି । ଜାତୀୟ ରାଜଧାନୀ ଦିଲ୍ଲୀ ସମେତ ମହାରାଷ୍ଟ୍ର, କେରଳ, କର୍ଣ୍ଣାଟକ, ତାମିଲନାଡୁ, ଓଡ଼ିଶା ଆଦି ରାଜ୍ୟରେ କରୋନା ସଂକ୍ରମଣ ରୋଗୀ ଚିହ୍ନଟ ହୋଇଛି । ତେବେ କେରଳରେ ଯେଉଁଭଳି ସଂକ୍ରମିତ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି, ତାହା ଏବେ ସରକାରଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଓଡ଼ିଶାରେ ମଧ କରୋନା ଆକ୍ରାନ୍ତ ଚିହ୍ନଟ ହେବାପରେ ବର୍ତ୍ତମାନ ଭୟର ବାତାବରଣ ସୃଷ୍ଟି ହୋଇଛି । ମାତ୍ର କରୋନା ସ୍ଥିତି ନିୟନ୍ତ୍ରଣରେ ରହିଛି ବୋଲି ସରକାରଙ୍କ ବାର୍ତ୍ତା ମାଧ୍ୟମରେ ଜନସାଧାରଣଙ୍କୁ ପ୍ରତିଦିନ ଅବଗତ କରାଯାଉଛି । ଭୟଭୀତ ନହୋଇ ସତର୍କତାର ସହିତ କରୋନାକୁ ମୁକାବିଲା କରିଲେ ବିଜୟ ହେବା ନିଶ୍ଚିତ । ତେଣୁ ସାମାଜିକ ଦୂରତା ଓ ପରିଚ୍ଛନ୍ନତା ରହିବା ହିଁ ଏକମାତ୍ର ବ୍ରହ୍ମାସ୍ତ୍ର କୁହାଯିବ । ଏହି ସଂକ୍ରମଣରେ ଜେଏନ.୧ ଓମିକ୍ରନର ଏକ ଉପ-ଭାରିଆଣ୍ଟ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି । ୨୦୨୦-୨୧ରେ କରୋନାର ଦୁଇ ପ୍ରଜାତି ଓ ଡେଲଟା ଠାବ ହୋଇଥିବା ବେଳେ ଏବେ ଏହାର ତିନି ନୂଆ ପ୍ରଜାତି ଠାବ ହୋଇଛି କିନ୍ତୁ ଭାରତରେ ଏନବି ୧.୮୧ ଏବଂ ଏଲଏଫ -୭ ଦୁଇ ନୂଆ ପ୍ରଜାତିର ଭୂତାଣୁ ଠାବ ହୋଇଛି । ତେବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ଭାରିଆଣ୍ଟକୁ ଏପର୍ଯ୍ୟନ୍ତ ଚିନ୍ତାଜନକ ଭାରିଆଣ୍ଟ ଭାବେ କୁହାଯାଇନାହିଁ । ଏହାର ଲକ୍ଷଣ ସାଧାରଣତଃ ହାଲୁକା ରହିଛି, ଯେପରିକି ଜ୍ୱର, ନାକରୁ ପାଣି ବହିବା, ଗଳା ଯନ୍ତ୍ରଣା, ମୁଣ୍ଡବିନ୍ଧା, ଥକ୍କା ଏବଂ ଅବସାଦ । ଅଧିକାଂଶ ସଂକ୍ରମିତ ବ୍ୟକ୍ତି ଚାରିଦିନ ମଧ୍ୟରେ ସୁସ୍ଥ ହୋଇଉଠୁଛନ୍ତି । ତେଣୁ ଭୟଭୀତ ନ ହୋଇ କରୋନାର ମୁକାବିଲା କରିବା ପାଇଁ ସମସ୍ତେ ସଚେତନ ଏବଂ ସତର୍କ ରହିଲେ ହିଁ କରୋନାକୁ ସହଜରେ ପରାଜିତ କରିହେବ ।

ବାଲେଶ୍ୱର
ମୋ-୯୩୩୭୪୦୪୨୫୪

# ବ୍ରହ୍ମଚର୍ଯ୍ୟ ହିଁ ପରମ ପଥ

## କିଶୋର କୁମାର ଜେନା

ବ୍ରହ୍ମଚର୍ଯ୍ୟ ଗୋଟିଏ ଦିବ୍ୟଶବ୍ଦ । ଏଥିରେ ସମସ୍ତ ଯୋଗର ସାରତତ୍ତ୍ୱ ନିହିତ । ଯେଉଁ ଆଚାର ବଳରେ ବ୍ରହ୍ମପ୍ରାପ୍ତି କରିହୁଏ, ତାହା ବ୍ରହ୍ମଚର୍ଯ୍ୟ । ବ୍ରହ୍ମଚର୍ଯ୍ୟ ହିଁ ଜୀବନର ପରମ ପଥ । ଏହାକୁ ହିଁ ଆତ୍ମସାକ୍ଷାତକାର ପଥରେ ଅଗ୍ରଗତି ବୋଲାଯାଏ । କାୟ, ମନ ଓ ବାକ୍ୟରେ ବିଶୁଦ୍ଧତା ରକ୍ଷା କରିବାର ନାମ ବ୍ରହ୍ମଚର୍ଯ୍ୟ । ବୀର୍ଯ୍ୟଧାରଣ ଓ ଜିତେନ୍ଦ୍ରିୟତାକୁ ବ୍ରହ୍ମଚର୍ଯ୍ୟ ବୋଲାଯାଏ । ଭଗବାନ ଶ୍ରୀ ସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି 'ମନୁଷ୍ୟ କାମବାସନାରେ ଉତ୍ତେଜିତ ହୋଇଗଲେ, ପ୍ରାଣ ଚଞ୍ଚଳ ହୋଇଯାଏ । ପ୍ରାଣବାୟୁ ଆଭ୍ୟନ୍ତରୀଣ ବୀର୍ଯ୍ୟକୁ ଅସ୍ଥିର କରିଦିଏ ଓ ବୀର୍ଯ୍ୟ ବିଗଳିତ ହୋଇଯାଏ । ବ୍ରହ୍ମଚର୍ଯ୍ୟର ଅର୍ଥ ହେଲା ମନ, ବଚନ ଓ କର୍ତ୍ତବ୍ୟରେ ସର୍ବଦା ଇନ୍ଦ୍ରିୟମାନଙ୍କୁ ଆୟତ୍ତ କରିବା, ଯେମିତି ବ୍ରହ୍ମଚର୍ଯ୍ୟ ମହିମାର ଅନ୍ତ ନାହିଁ, ଠିକ୍ ସେମିତି ତ୍ୟାଗକ୍ଷେତ୍ରର ସୀମା ନାହିଁ । ଯେଉଁ ବ୍ୟକ୍ତି ବ୍ରହ୍ମଚର୍ଯ୍ୟ କାମନା କରିବେ ସେ ବ୍ୟକ୍ତି ନିଜର ସକଳ ପ୍ରକାର ଦୋଷ ଦୁର୍ବଳତା ସମ୍ପର୍କରେ ଜାଗ୍ରତ ରହିବା ଦରକାର । ଯେତେଦିନ ପର୍ଯ୍ୟନ୍ତ ଚିନ୍ତା ମନର ପୂରା ଆୟତ୍ତକୁ ନ ଆସିଛି, ସେତେଦିନ ପର୍ଯ୍ୟନ୍ତ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ଅସମ୍ଭବ । ଅଜ୍ଞାତରେ ବା ଅନିଚ୍ଛାରେ ଯେଉଁସବୁ ଚିନ୍ତା ମନରେ ସ୍ଥାନ ପାଏ ସେସବୁ ମନର ବିକାର । ଏ ପ୍ରକାର ଚିନ୍ତାକୁ ଆୟତ୍ତ କରିବା ଅର୍ଥ ନିଜ ମନକୁ ଆୟତ୍ତ କରିବା । ମନୁଷ୍ୟକୁ ଅସମ୍ଭବକୁ ସମ୍ଭବ କରିପାରେ, ମାତ୍ର ମନକୁ ଆୟତ୍ତ କରିବା ଅତି କଠିନ । ଏହାବୋଲି ନିରାଶ ହେବାର ନୁହେଁ ।'

ବ୍ରହ୍ମଚର୍ଯ୍ୟ ପାଳନ ପାଇଁ ବାହ୍ୟିକ ସ୍ତରରେ ଯେଉଁସବୁ ଉଦ୍ୟମ କରାଯିବା କଥା ତନ୍ମଧ୍ୟରୁ ସଂଯମ ଅଭ୍ୟାସ ସହ ଉପବାସ ଅନ୍ୟତମ । ଏ ସମ୍ପର୍କରେ ମୋହନଦାସ କରମଚାନ୍ଦ ଗାନ୍ଧୀ ସ୍ୱୀୟ ଆତ୍ମକଥା 'ସତ୍ୟର ପ୍ରୟୋଗ'ରେ ଲେଖିଛନ୍ତି – ଇନ୍ଦ୍ରିୟର ଶକ୍ତି ଏତେ ପ୍ରବଳ ଯେ ତାକୁ ଉପରୁ ତଳୁ, ଚାରିପଟୁ ବନ୍ଧନୀ ଭିତରେ ବନ୍ଦ ନକଲେ ଆୟତ୍ତ କରିବା ବଡ଼ କଠିନ । ଏପରି ଉପବାସରେ ଜିହ୍ୱା ଲାଳସା ବା ଇନ୍ଦ୍ରିୟ ପ୍ରବୃତ୍ତିର ଦମନ ହୁଏନାହିଁ । ଦେହ ସହ ମନର ସମ୍ପୃକ୍ତି ନ ହେଲେ ଉପବାସର କିଛି ଫଳ ନାହିଁ । ଯେଉଁ ପଦାର୍ଥ ନଖାଇବ ସେଥିପ୍ରତି ମନରେ ବିତୃଷ୍ଣା ଜାତ ହେବା ଦରକାର । ମନ ହିଁ ସକଳ ସାଧନାର ମୂଳ । ଅତଏବ ଉପବାସର ଫଳ ଲାଭ ପାଇଁ ସୀମା ଓ କ୍ଷେତ୍ର ଅଛି । ଉପବାସ କରି ମଧ ଲୋକେ ଇନ୍ଦ୍ରିୟ ଭୋଗରେ ଭାସିଯାଇ ପାରନ୍ତି । ମହାତ୍ମାଙ୍କ ମତରେ ବିନା ଉପବାସରେ, ବ୍ରତରେ ଇନ୍ଦ୍ରିୟ ତାଡ଼ନାରୁ ଏକାବେଳେକେ ରକ୍ଷା ପାଇବା ଅସମ୍ଭବ । ବ୍ରହ୍ମଚର୍ଯ୍ୟ ପାଳନ ପାଇଁ ଉପବାସ ନିହାତି ଆବଶ୍ୟକ । ଅନେକ ବ୍ରହ୍ମଚାରୀ ଏ ବ୍ରତ ପାଳନରେ ସଫଳ ହୋଇପାରନ୍ତି ନାହିଁ ।

ସ୍ୱୟଂ ଭଗବାନ ଯେତେବେଳେ ହୃଦ କନ୍ଦରରେ ବିରାଜମାନ ସେତେବେଳେ ଏ ଅସ୍ଥିର ମନକୁ ଆୟତ୍ତ କରିବା ନିଶ୍ଚୟ ସମ୍ଭବ । ଏ ସାଧନା କଠିନ ହେଲେ ମଧ ଅସମ୍ଭବ ନୁହେଁ । ଏହା ତ ଜୀବନର ଶ୍ରେଷ୍ଠ ଲକ୍ଷ୍ୟ, ତେଣୁ ଏଥିପାଇଁ କଠୋରତମ ସାଧନା ଲୋଡ଼ା । ବ୍ରହ୍ମଚାରୀ ଓ ସାଧାରଣ ଲୋକର ଜୀବନ କ୍ରିୟା ମଧ୍ୟରେ ଯେ ସାମଞ୍ଜସ୍ୟ ତାହା କେବଳ ବାହ୍ୟ ସାମଞ୍ଜସ୍ୟ, ନିର୍ମଳ ଦିବାଲୋକ ପରି ଉଭୟଙ୍କ ମଧ୍ୟରେ ପ୍ରଭେଦ ସ୍ପଷ୍ଟ ବାରିହୋଇ ପଡୁଥିବ । ଉଭୟେ ଆଖିରେ ଦେଖୁଛନ୍ତି, ବ୍ରହ୍ମଚାରୀ ତାଙ୍କ ଆଖିରେ ଭଗବାନଙ୍କ ଅପୂର୍ବ ସୃଷ୍ଟି, ଏହାର ମହତ୍ତ୍ୱ ଦର୍ଶନ କରନ୍ତି । ସାଧାରଣ ଲୋକ ନିଜ ଆଖିରେ ବିଳାସ ସାମଗ୍ରୀ ଓ ବିଷୟ ଭୋଗ ଦେଖିଥାନ୍ତି । ଉଭୟେ କାନରେ ଶୁଣନ୍ତି । ଜଣେ ଭଗବତ୍ ଗୁଣାବଳୀ ଶୁଣନ୍ତି, ଅନ୍ୟ ଜଣେ ସଂସାରର ଇତର ଓ କୁତ୍ସିତ କଥାରେ କାନ ଦେଇଥାନ୍ତି । ଉଭୟେ ଖାଇଥାନ୍ତି । ଜଣେ ଶରୀର ରୂପୀ ତୀର୍ଥ ରକ୍ଷା ପାଇଁ ଖାଇଥାନ୍ତି ତ ଜଣେ ଜିହ୍ୱା ଲାଳସାର ବଶବର୍ତ୍ତୀ ହୋଇ ଅଖାଦ୍ୟ ଖାଇ ଏହାକୁ ନାନା ରୋଗର ଆବାସସ୍ଥଳୀ କରି ଦୁର୍ଗନ୍ଧମୟ କରିଥାନ୍ତି । ବ୍ରହ୍ମଚର୍ଯ୍ୟର ସାଧନାରେ ଯେ ପ୍ରକାର ବିଶ୍ୱାସ ଲୋଡ଼ା, ଭଗବାନଙ୍କଠାରେ ସେହି ପରିମାଣରେ ବିଶ୍ୱାସ ଲୋଡ଼ା ।

ସୀମିତ ପ୍ରଚେଷ୍ଟା ବଳରେ ଆପଣ ବ୍ରହ୍ମଚର୍ଯ୍ୟ ପାଳନରେ ସମ୍ପୂର୍ଣ୍ଣ ସଫଳ ହୋଇପାରିବେ ନାହିଁ । ବଳବାନ ଶତ୍ରୁକୁ ବିନାଶ କରିବାକୁ ହେଲେ ଯେପରି ଏକ ମେସିନଗନର ଆବଶ୍ୟକ, କାମରୂପକ ବଳବାନ ଶତ୍ରୁକୁ ବିନାଶ କରିବା ନିମନ୍ତେ ସେହିପରି ଅବିରତ କଠିନ ଓ ସୁଦୃଢ଼ ସାଧନା ଏକାନ୍ତ ଆବଶ୍ୟକ । ବ୍ରହ୍ମଚର୍ଯ୍ୟ ରକ୍ଷାରେ ସାମାନ୍ୟ ସଫଳତା ପାଇଯାଇ ଗର୍ବ ବା ଆତ୍ମ ପ୍ରସାଦ ଲାଭ କରନ୍ତୁ ନାହିଁ । କାରଣ ପରୀକ୍ଷାର ସମ୍ମୁଖୀନ ହେଲେ, ଆପଣ ନୈରାଶ୍ୟଜନକଭାବରେ ବିଫଳ ହୋଇଯିବେ । ନିଜର ତ୍ରୁଟି ବିଚ୍ୟୁତି ବିଷୟରେ ସର୍ବଦା ସଚେତ ରହିବାକୁ ପଡ଼ିବ । ଏବଂ ସେ ସବୁକୁ ଦୂର କରିବା ନିମନ୍ତେ ସତତ ଯତ୍ନଶୀଳ ହେବାକୁ ପଡ଼ିବ । କଠିନତମ ପ୍ରଚେଷ୍ଟା କରିବାକୁ ପଡ଼ିବ । ତେବେ ଯାଇ ଏହି ବ୍ରତରେ ଆପଣ ସନ୍ତୋଷଜନକ ଭାବରେ ସାଫଲ୍ୟ ମଣ୍ଡିତ ହୋଇପାରିବେ ।

ବଙ୍ଗାଳିସାହି, କଟକ
ମୋ : ୭୩୨୫୯୦୪୯୨୭

## ସଂପାଦକଙ୍କୁ ପତ୍ର

### ପଥଭ୍ରଷ୍ଟ ହେଉଛି ଯୁବସମାଜ

ମହାଶୟ,

ଯୁବ ସମାଜ ବର୍ତ୍ତମାନ ପଥଭ୍ରଷ୍ଟ ହୋଇଯାଉଛି । ମଣିଷ ସମାଜ ଆଧୁନିକ ଜ୍ଞାନକୌଶଳ ସହ ଯେତିକି ଯୋଡ଼ି ହେଉଛି କେତେକ କ୍ଷେତ୍ରରେ ତା'ର ନୈତିକ ମୂଲ୍ୟବୋଧ ହ୍ରାସ ଘଟୁଛି । ତେବେ ଏଭଳି କ୍ଷେତ୍ରରେ ବର୍ତ୍ତମାନଠାରୁ ଭବିଷ୍ୟତ ପିଢ଼ିକୁ କିଭଳି ଗଢ଼ିବା ସେଇ ଦିଗରେ ଚିନ୍ତାକ ରିବା ଦରକାର । ବର୍ତ୍ତମାନ ସମୟରେ ଲକ୍ଷ୍ୟ କରିହେଉଛି ଯେ ସମୁଦାୟ ମଣିଷ ଜାତିର ମାନସିକତାରେ ଏକ ସକାରାତ୍ମକ ପରିବର୍ତ୍ତନ ଉଦିତ । ସ୍ପଷ୍ଟ ପରିଲକ୍ଷିତ ଯେ ଆମେ ଏବେ ସହୁନ୍ତୁ, ସ୍ୱର ଉତ୍ତୋଳନ କରୁଛୁ ବିଭିନ୍ନ ମାଧ୍ୟମ ଦେଇ ଛୋଟ ବଡ ଅନେକ ଅନ୍ୟାୟ ବିରୁଦ୍ଧରେ । ଆମ ମନ ସମ୍ବେଦନଶୀଳତାରେ ପରିପୂର୍ଣ୍ଣ ହେଉଛି ଦିନକୁଦିନ । କଷ୍ଟ ଯାହାର ହେଉ କଷ୍ଟ ବାଜୁଛି ଛାତିରେ । ବିକ୍ଷୋଭ କରୁଛେ ଆମେ, ପ୍ରତିବାଦ ବଢୁଛି ଭଲର ସପକ୍ଷରେ ।ଭ୍ରଷ୍ଟାଚାର, କୁପ୍ରଥା, ଜାତିଆଣ ଭାବ,ମାନବିକତାର ଅପମାନ ବିରୋଧରେ ତଥା ପ୍ରାକୃତିକ ସମ୍ପଦର ସୁରକ୍ଷା ଆଦି ପାଇଁ ଧିରେ ଧିରେ ଆମେ ଏକଜୁଟ ହେଉଛେ । ଆଉ ସହୁନେ ଆଖି ବୁଜି' ଭୁଲ ର କଣ୍ଟକିତ ଛାଟକୁ । ଆମର ଆଗାମୀ ପିଢ଼ିକୁ ମଧ ଆମେ ଗଢୁଛେ ମାନବୀୟ ଗୁଣଗୁଡ଼ିକର ଯଥାର୍ଥ ଉପଯୋଗ କରି ।ଅଧୁନା ଆଧୁନିକ କଳା, କୌଶଳ, ବିଜ୍ଞାନରେ ଜଗତଜିତା ସାଜିଛୁ । ଏହା ନିଶ୍ଚିତ । ତଥାପି କେଉଁଠି ଅଟକି ଯାଉଛି ପାଦ । ପଛୁଆ ପଡୁଛେ କିଛି କିଛି ଜାଗାରେ । ଆକାଶକୁ ଛୁଇଁ ଆସିଥିବା ଆମେ ବୋଧେ ମାଟିର ବାସ୍ନାଠୁ ଦୂରେଇଯାଉଛୁ । ଦୂରେଇ ଯାଉଛୁ ମୂଲ୍ୟବୋଧରୁ ଦୂରେଇ ଯାଉଛୁ ମଣିଷପଣିଆରୁ । ଯିଏ ନିଜର ସଳଖ ବାଟଟେ ଗଢି ଆଉ ଅନେକଙ୍କୁ ହାତ ଧରି ସେ ଭଲ ବାଟକୁ ଆଣିପାରେ ସେ ହିଁ ଯୁବଶକ୍ତି ।

ସୁନୀଲ କୁମାର ପାଣି
ରାହାମା, ଜଗତସିଂହପୁର

# ବହୁମୁଖୀ ପ୍ରତିଭାର ଅଧିକାରୀ:ଅବନୀ ବରାଳ

## ହିମାଂଶୁ ଶେଖର ଆଚାର୍ଯ୍ୟ

କ୍ରାନ୍ତିର ଅନ୍ୟନାମ ଅବନୀ ବରାଳ । ଶିକ୍ଷକତାରୁ କର୍ମମୟ ଜୀବନ ଆରମ୍ଭ ଓ ଅଧ୍ୟକ୍ଷ ଭାବେ କର୍ମମୟ ଜୀବନ ଶେଷ । ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ଅବନୀ ବରାଳ ॥ ଏକାଧାରରେ ସେ ଥିଲେ ଦୁର୍ବାର ସଂଗ୍ରାମୀ , ପ୍ରବୀଣ ଅଧ୍ୟାପକ, ଅଗ୍ନିବର୍ଷୀ ବକ୍ତା, ସୁସାହିତ୍ୟିକ, ଅପ୍ରତିଦ୍ୱନ୍ଦ୍ୱୀ ସଂଗଠକ, ସାମ୍ୟବାଦୀ ଚିନ୍ତାନାୟକ, ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ, ସର୍ବୋପରି ବିଶ୍ୱ ଶିକ୍ଷକ ସଂଗଠନର ଉପସଭାପତି । ପ୍ରଫେସର ଅବନୀ ବରାଳଙ୍କ ଜନ୍ମ ନେଇଥିଲେ ୧୯୩୫ ମସିହା ଜୁନ୍ ୩ ତାରିଖରେ ଓ ଛାଡିଗଲେ ୨୦୧୩ ମସିହା ନଭେମ୍ବର ୭ ତାରିଖରେ । ଶିକ୍ଷକ ସମାଜ ପାଇଁ ତାଙ୍କ ଅବଦାନ ଅବିସ୍ମରଣୀୟ । ଏଭଳି ଶିକ୍ଷକନେତା ଆଜିର ଦୁନିଆରେ ବିରଳ ।

ବାଲ୍ୟକାଳରୁ ଅବନୀ ବରାଳଙ୍କ ଶିରା ପ୍ରଶିରାରେ ସାମ୍ୟବାଦୀ ଚିନ୍ତା ଓ ଚେତନା ପ୍ରବାହିତ ହେଉଥିଲା । ପ୍ରାରମ୍ଭିକ ଅବସ୍ଥାରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ସାହଚର୍ଯ୍ୟ ଓ ପ୍ରଗତିବାଦୀ କବି ଅନନ୍ତ ପଟ୍ଟନାୟକଙ୍କ ଆଦର୍ଶ ଓ ପରେ ପ୍ରାଣନାଥ କଲେଜରେ ଅଧ୍ୟାପନା ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲା । ଓଡିଶାର ଶିକ୍ଷକ ସମାଜ ଦୁଃଖରେ ନରୁହନ୍ତୁ, ସେମାନଙ୍କ ସମସ୍ୟାର ସମାଧାନ ହେଉ ସେଥିପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ । ତାଙ୍କର ଲେଖନୀ ଯେପରି ଶାଣିତ ଥିଲା, ବାକ୍‌ଶକ୍ତି ସେହିପରି ଥିଲା ବଜ୍ର ଗମ୍ଭୀର । କୌଣସି କଥାରେ ମଥାନତ କରିବା ତାଙ୍କ ଜାତକରେ ନଥିଲା ।ଶିକ୍ଷକ ସମାଜ ପ୍ରତି ତାଙ୍କ ଅବଦାନ ଥିଲା ଅତୁଳନୀୟ । ବେସରକାରୀ ଶିକ୍ଷାନୁଷ୍ଠାନ ଓ ସରକାରୀ ଅନୁଦାନ କଥା ଉଠିଲେ ପ୍ରଥମେ ତାଙ୍କ କଥା ହିଁ ମନରେ ଉଙ୍କିମାରେ । ଏବେ ଭଳିକି ଭଳି ଶିକ୍ଷକ ସଂଗଠନ ଭିତରୁ ହଜାର ହଜାର ଶିକ୍ଷକ ମାନଙ୍କ ଭିତରୁ ସେଭଳି ଜଣେ ଦୁର୍ବାର ସଂଗ୍ରାମୀ ଓ ଶିକ୍ଷକନେତା ଜଣେ ବି ମିଳିବା କଷ୍ଟ ! ସେଇଥିପାଇଁ ଛାଏଁ ଛାଏଁ ମୁଣ୍ଡ ନଇଁଯାଏ ଅବନୀ ବରାଳଙ୍କ ପ୍ରତି । ୧୯୬୯ ମସିହା ଓ ତାର ପୂର୍ବବର୍ତ୍ତୀ ପରିସ୍ଥିତିରେ ବେସରକାରୀ ଶିକ୍ଷାନୁଷ୍ଠାନରେ ଚାକିରି ତାଳଗଛ ଛାଇ ସଦୃଶ ଥିଲା । ଯାହାଫଳରେ ସକାଳେ ଥିବା ଚାକିରି ସଞ୍ଜ ବେଳକୁ ନଥିଲା । ଶିକ୍ଷକମାନେ ଗୋଟି ଶ୍ରମିକ ଠାରୁ ଅହୁରି ହୀନ ଅବସ୍ଥାରେ ଥିଲେ । ଏଭଳି ଦୟନୀୟ ସ୍ଥିତିରୁ ଶିକ୍ଷକମାନଙ୍କୁ ଉଦ୍ଧାର କରିବା ପାଇଁ ପୂଜ୍ୟ ବନମାଳୀ ବ୍ରହ୍ମଚାରୀ, ଅଧ୍ୟାପକ ଅବନୀ ବରାଳ ଓ କୈଳାସ ମହାପାତ୍ରଙ୍କ ଆହ୍ୱାନରେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ, ମାଧ୍ୟମିକ ଶିକ୍ଷକ ସଂଘ, ପ୍ରାଥମିକ ଶିକ୍ଷକ ସଂଘ ଓ କଲେଜ ଶିକ୍ଷକ ସଂଘକୁ ନେଇ ୨୭.୭.୧୯୬୯ ମସିହାରେ ଖ୍ରୀଷ୍ଟ କଲେଜ ପରିସରରେ ମିଳିତ ଶିକ୍ଷକ କାର୍ଯ୍ୟାନୁଷ୍ଠାନ କମିଟି ଗଠିତ ହେଲା ।ପରବର୍ତ୍ତୀ ପର୍ଯ୍ୟାୟରେ ୧୯୭୧ ମସିହା ପବିତ୍ର ଗୁରୁଦିବସ ଦିନ ଭୁବନେଶ୍ୱର ଭଞ୍ଜ କଳାମଣ୍ଡପ ଠାରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଗଠନ ହେଲା । ଏହାର ସଭାପତି ଭାବେ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀ ଓ ସାଧାରଣ ସମ୍ପାଦକ ଭାବେ ଅଧ୍ୟାପକ ଅବନୀ ବରାଳ ନିର୍ବାଚିତ ହୋଇଥିଲେ । ଏହା ଥିଲା ଶିକ୍ଷକ ସଂଗଠନ ଇତିହାସର ମାଇଲଖୁଣ୍ଟ । ଏମାନଙ୍କ ନେତୃତ୍ୱ ଓ ଅନ୍ୟାନ୍ୟ ଆଗଧାଡିର ଶିକ୍ଷକ ନେତାମାନଙ୍କ ନିରନ୍ତର ପ୍ରଚେଷ୍ଟା ବଳରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ କେବଳ ରାଜ୍ୟରେ ନୁହେଁ ସାରା ଦେଶରେ ଏକ ସଂଗ୍ରାମୀ ଗଣ ଅନୁଷ୍ଠାନରେ ପରିଣତ ହୋଇଥିଲା । ଶିକ୍ଷକ ମହାସଂଘ ପକ୍ଷରୁ ଧାରାବାହିକ ଭାବେ ଓ ବିଶେଷ କରି ୧୯୬୯, ୧୯୭୪, ୧୯୮୪, ୧୯୮୯ ମସିହାର ଆନ୍ଦୋଳନ ଫଳସ୍ୱରୂପ ଶିକ୍ଷକ,ଅଧ୍ୟାପକ ଓ କର୍ମଚାରୀମାନେ ୧୯୬୯ ମସିହା ପ୍ରଥମ ଶିକ୍ଷା ଆଇନ ସହ ଚାକିରି ନିରାପତ୍ତା, ଅବସରକାଳୀନ ସୁବିଧା, ମଧ୍ୟ ଇଂରାଜୀ ଓ ମାଧ୍ୟମିକ ବିଦ୍ୟାଳୟର ସରକାରୀକରଣ ଓ ୟୁଜିସି ବେତନ ସଂଶୋଧନ ସୁବିଧା ପାଇଲେ । ଏସବୁ ଭିତରେ ୧୯୭୪ ମସିହାରେ ଶିକ୍ଷକ ସମାଜକୁ ପ୍ରତ୍ୟକ୍ଷ ଅନୁଦାନ ଦେବା ହେଉଛି ତାଙ୍କର ସର୍ବଶ୍ରେଷ୍ଠ ଅବଦାନ ।

ଜଣେ ଅପ୍ରତିଦ୍ୱନ୍ଦ୍ୱୀ ସଂଗଠକ ଭାବେ ଏକ ନିଆରା ପରିଚୟ ଥିଲା ଅବନୀ ବରାଳଙ୍କର । ଶିକ୍ଷକ ମହାସଂଘର ସମସ୍ତ ଆନ୍ଦୋଳନ ଅଗ୍ରଭାଗରେ ରହୁଥିଲେ ସେ । ଜଣେ ସଂଗଠକ ଭାବେ ୧୯୬୯ ବିଶେଷକରି ୧୯୭୧ ମସିହାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରାୟ ଚାରି ଦଶନ୍ଧି ଧରି ସେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରି ଆସୁଥିଲେ । ତାଙ୍କର ସାଂଗଠନିକ ଦକ୍ଷତା ଅତୁଳନୀୟ ଥିଲା । ଥରେ ସେ ଯାହା ଚିନ୍ତା କରୁଥିଲେ ତାକୁ କାର୍ଯ୍ୟରେ ପରିଣତ କରି ଦେଖାଉଥିଲେ । ଏହାହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ । ଏପରିକି ବିଶ୍ୱ ସଂଗଠନର ଉପସଭାପତି ହୋଇ ସେ ଆନ୍ତର୍ଜାତୀୟ ସ୍ତରରେ ନିଜପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରି ଥିଲେ ସେ । ସେହିପରି ସାମ୍ୟବାଦୀ ଆନ୍ଦୋଳନର ପୁରୋଧା ଭାବରେ ଅବହେଳିତ ଦଳିତ ସମାଜର ସେ ଆଶା ଭରସା ଥିଲେ । ଯେଭଳି ଜଣେ ସଂଗଠକ ସେଭଳି ଜଣେ ସୁବକ୍ତା ଥିଲେ ଅବନୀ ବରାଳ । ସେ ତାଙ୍କ ଭାଷଣକୁ ଏଭଳି ଭାବଭିତ୍ତିକ ଓ ତଥ୍ୟାତ୍ମକ କରନ୍ତି ଯେ କେବଳ ଶିକ୍ଷକ ସମାଜ ନୁହେଁ, ବୁଦ୍ଧିଜୀବୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଶ୍ରୋତା ତାଙ୍କ ଭାଷଣକୁ ବେଶ୍ ଉପଭୋଗ କରୁଥିଲେ ।

ସଂଗ୍ରାମୀ ଜୀବନ ଭିତରେ ଅବନୀ ବରାଳଙ୍କ ସାହିତ୍ୟ ସାଧନା ସ୍ଥିର ହୋଇନଥିଲା । ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ସେ ନିଜପାଇଁ ଏକ ଭିନ୍ନ ପରିଚୟ ସୃଷ୍ଟି କରିଯାଇଛନ୍ତି । ପ୍ରାୟ ୨୫ ଖଣ୍ଡରି ଊର୍ଦ୍ଧ୍ୱ ପୁସ୍ତକ ସେ ଲେଖିଯାଇଛନ୍ତି ସେ ଯେଉଁଥିରେ ଅଛି ଉପନ୍ୟାସ, ଗଳ୍ପ, ଆଲୋଚନା ଓ ଭ୍ରମଣ କାହାଣୀ । ଏସବୁ ସତ୍ତ୍ୱେ ତାଙ୍କ ସାହିତ୍ୟକୃତି ରହିଯାଇଛି ସ୍ୱୀକୃତି ଅପେକ୍ଷାରେ । "ପ୍ରେମ ଅନ୍ୱେଷଣରେ ଗୋଟିଏ ତରୁଣୀ" ରୁ "ହୀରୋସୀମା ନାଗାସାକି ଆଉ ନୁହେଁ ହେଉ" ବା "ମାୟାବିନୀ ମ□" ରୁ "ଅପରାହ୍ନର ଛାୟା" ପର୍ଯ୍ୟନ୍ତ ସବୁଠି ତାଙ୍କ ସୃଜନଶୀଳତାର ଛାପ ବେଶ୍ ବାରି ହୋଇପଡେ । ସେହିପରି ତାଙ୍କ ଭ୍ରମଣ କାହାଣୀ ପଢିଲେ ପାଠକ ସ୍ତବ୍ଧ ହୋଇଯାଏ । ଏହିପରି ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ବହୁ ମୂଲ୍ୟବାନ ନିବନ୍ଧ ଲେଖି ସେ ବିଶେଷ ଖ୍ୟାତିର ଅଧିକାରୀ ହୋଇପାରିଥିଲେ । ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ସୋଭିଏତ୍ ଦେଶ ନେହେରୁ ସମ୍ମାନ ଲାଭ କରିଥିଲେ । ଏଥି ସହିତ ଓଡିଶା ସାହିତ୍ୟ ଏକାଡେମୀ ତରଫରୁ ମଧ ସେ ସମ୍ବର୍ଦ୍ଧିତ ହୋଇଥିଲେ ।

ଓଡିଶାରେ ଶିକ୍ଷକ ମହାସଂଘ ପ୍ରତିଷ୍ଠାରେ ଯେଉଁ ପ୍ରଥିତଯଶା ଶିକ୍ଷକ ନେତାମାନେ ଥିଲେ ସେମାନଙ୍କ ମଧ୍ୟରୁ ମୁଖ୍ୟ ତିନିଜଣ-ବନମାଳୀ ବ୍ରହ୍ମଚାରୀ ଓ କୈଳାସ ମହାପାତ୍ର କେବେଠୁଁ ଇହଧାମ ତ୍ୟାଗ କରିଥିଲେ, ଅବନୀ ବରାଳଙ୍କ ଦେହାବସାନ ପରେ ଗୋଟିଏ ଯୁଗର ଅବସାନ ହେଲା ବୋଲି କହିବାକୁ ହେବ । ଏଥି ସହିତ ସ୍ୱର୍ଗତ୍ ବରାଳଙ୍କ ସହଯୋଦ୍ଧାମାନଙ୍କ ମଧ୍ୟରୁ ସଂଗ୍ରାମୀ ରାଜକିଶୋର ପଟ୍ଟନାୟକ, ଅନନ୍ତ କର, ରାଜକିଶୋର ଭୁଜବଳ, ଭଗବାନ ଦାସ, ଅର୍ଜୁନ ଦାଶ, ଗୌରହରି ଶତପଥୀ, ଶରତ ମହାପାତ୍ର, ଧନେଶ୍ୱର ବେହେରା, ଭାସ୍କର ବଳ, ଭୀମସେନ ପ୍ରଧାନ, ଭଗବାନ ଜେନା,ଗୟାଧର ରାଉତ , ଭୋଳାନାଥ ରଉତ , ନିକୁଞ୍ଜ କିଶୋର ମହାନ୍ତି ପ୍ରମୁଖଙ୍କର ଦେହାନ୍ତ ହୋଇଛି । ପରବର୍ତ୍ତୀ ସମୟରେ ଅଜୟ ସାମଲ, ଦୁର୍ଯ୍ୟୋଧନ ପରିଡା, ରଘୁନାଥ ସାହୁ, କିଶୋର ପଣ୍ଡା, ପ୍ରକାଶ ଚନ୍ଦ୍ର ମହାନ୍ତି, ବିଜୟ କୁମାର ବିଶ୍ୱାଳ, ସାରଦା ପ୍ରସନ୍ନ ସିଂ, ଅକ୍ଷୟ କୁମାର ଦାସ, ଶଙ୍କର୍ଷଣ ସ୍ୱାଇଁ, ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ସୁଶୀଲ କୁମାର ମଲ୍ଲିକ,ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ, ନିକୁଞ୍ଜ କିଶୋର ବେହେରା, ନାରାୟଣ ଚନ୍ଦ୍ର ବାରିକ, ସୁରେଶ ରାଉତ, ଅଧ୍ୟାପକ ଭଗବାନ ବିଶ୍ୱାଳ, ମହେଶ ଚୌଧୁରୀ, ଲକ୍ଷ୍ମୀଧର ବସ୍ତିଆ, ନିରଞ୍ଜନ ପଣ୍ଡା, ଜୟପ୍ରକାଶ ପଣ୍ଡା , ଅଧ୍ୟାପକ ଶରତ ପରିଡା, ଓ ହୃଷୀକେଶ ଚଇନି ପ୍ରମୁଖ ଅନ୍ୟମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଛନ୍ତି । ମାତ୍ର ସେ ସମୟର ମହାସଂଘ ଆଜି ବିଭାଜିତ । ଏବର ନେତୃମଣ୍ଡଳୀଙ୍କର ଅଭିଜ୍ଞ ଶିକ୍ଷକ ନେତାଙ୍କର ଅଭିଜ୍ଞତା ଓ ପରାମର୍ଶକୁ ଗ୍ରହଣ କରିବାର ମାନସିକତା ନାହିଁ । ଫଳରେ ଶିକ୍ଷକମାନଙ୍କର ସମସ୍ୟା ଅସମାହିତ ହୋଇ ରହିଛି । ସମସ୍ୟା ଜର୍ଜରିତ ଶିକ୍ଷକ ମାନଙ୍କର ଗୁହାରୀ ଶୁଣିବାକୁ ସେଭଳି ନେତା ମଧ କେହି ନାହିଁ । ଆଜି ତାଙ୍କ ୯୦ ତମ ଜୟନ୍ତୀ ପାଳନ ଅବସରରେ ସେ ଭାରି ମନେପଡୁଛନ୍ତି ।

ଜଗତସିଂହପୁର
ମୋ – ୯୩୩୭୨୨୧୯୨୪




# ଲୋକ ସମସ୍ୟା

ପ୍ରଜାତନ୍ତ୍ର

୪.୭.୨୦୨୫




# ସଙ୍କଟରେ କୁଟୀରଶିଳ୍ପ: ନିଥର ହେଉଛି କଂସାଶାଳ !





ନୟାଗଡ଼ : ନୟାଗଡ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅଧୀନ କଂଟିଲୋର କଂସାବାସନ ଶିଳ୍ପ ରାଜ୍ୟ ତଥା ଦେଶରେ ସୁପ୍ରସିଦ୍ଧି ଲାଭ କରିଛି। ଦିନଥିଲା କଂଟିଲୋ ଏବଂ ପାଟଣା ଗ୍ରାମର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଶାଳ ଚାଲୁଥିବା ବେଳେ ବର୍ତମାନ ଉଭୟ ଗ୍ରାମରେ ମାତ୍ର ୫ରୁ ୧୦ଟି ଶାଳ ଚାଲୁଥିବା ଜଣାପଡ଼ିଛି। ପ୍ରତିକୂଳ ପରିସ୍ଥିତିରେ ଏହି କୁଟୀର ଶିଳ୍ପ ଗତି କରୁଥିବା ବେଳେ ଆଜି ମଧ୍ୟ ହାତତିଆରି ମଜବୁତ ସାମଗ୍ରୀର ଢେର ଚାହିଦା ରହିଛି। ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅଧୀନ କଂଟିଲୋର କଂସାବାସନ ଶିଳ୍ପ ରାଜ୍ୟ ତଥା ଦେଶରେ ସୁପ୍ରସିଦ୍ଧି ଲାଭ କରିଛି। ସୂଚନାଯୋଗ୍ୟ ଯେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଦିପୀଠ ତଥା ଶ୍ରୀ ନୀଳମାଧବଙ୍କ କ୍ଷେତ୍ର କଂଟିଲୋ ହେଉଛି ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଓ ଶିଳ୍ପ ଗ୍ରାମ। ଏଠାରେ ବସବାସ କରୁଥିବା ଅଧିକାଂଶ ଲୋକ ବ୍ୟବସାୟ ବଣିଜ କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ବିଶେଷକରି ଏଠାରେ କୁଶଳୀ କଂସା ପିତଳ କାରିଗରମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ବଜାରର ଚାହିଦା ଅନୁଯାୟୀ ଏଠାରେ ବିଭିନ୍ନ ପ୍ରକାର କଂସାବାସନ ସମେତ ଗରିଆ ତିଆରି କରୁଥିବା ଦେଖିବାକୁ ମିଳିଛି। ସେଥିମଧ୍ୟରୁ ବେଲପୁରୀ, ତୈକୁମା, କୁଣ୍ଡି, ବୈଠି, ତାସ୍କୋ, ଭଟିମୁଣ୍ଡା, କଂଟିଲୋ, ପଶ୍ଚିମା, ଦକ୍ଷିଣୀଗରା, ବାଲକାଟି ଗରା ବେଶ ଚାହିଦା ରହିଥିବା କାରୀଗରମାନେ କହିଛନ୍ତି। ପ୍ରସିଦ୍ଧ ଲାଭ କରିଥିବା ଏହି କଂସାବାସନ ଶିଳ୍ପରୁ କାଳକ୍ରମେ ଅନେକ କଂସାରୀ ପରିବାର ନିବୃତ ରହିଥିବା ଦେଖାଦେଇଛି। ଦିନଥିଲା କଂଟିଲୋ ଏବଂ ପାଟଣା ଗ୍ରାମର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଶାଳ ଚାଲୁଥିବା ବେଳେ ବର୍ତମାନ ଉଭୟ ଗ୍ରାମରେ ମାତ୍ର ୫ରୁ ୧୦ଟି ଶାଳ ଚାଲୁଥିବା ଜଣାପଡ଼ିଛି। ପୂର୍ବାପେକ୍ଷା କଂଚାମାଲର ଅଭାବ ଯୋଗୁଁ କାରିଗରମାନେ ବିଭିନ୍ନ ସାମଗ୍ରୀ ତିଆରି କରିବାକୁ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି। ଅନ୍ୟ ଏକ ପ୍ରମୁଖ ସମସ୍ୟା ହେଉଛି ଶାଳରେ ବାସନ ତିଆରି ସମୟରେ କୋଇଲା ଓ କାଠ ତଥା ଅଙ୍ଗାର ବ୍ୟବହାର କରାଯାଏ। ଏହି ଜାଳେଣି ଜାଳିବା ସମୟରେ ସେଥିରୁ କଳାଧୂଆଁ ନିର୍ଗତ ହୁଏ। ତେବେ ଜଙ୍ଗଲ ଓ ପରିବେଶ ବିଭାଗର ଛାଟ ମଧ୍ୟ ଏ କୁଟୀର ଶିଳ୍ପ ଉପରେ ବେଡ଼ି ଉପରେ କୋରଡ଼ା ପରିସ୍ଥିତି ସୃଷ୍ଟି କଲାଣି। ଏହାଛଡା ଶାଳରେ କାମ କରିବା ଅତ୍ୟନ୍ତ କଷ୍ଟକର। କାରଣ ଯେକୌଣସି ବାସନ ତିଆରି ସମୟରେ ୫ରୁ ୮କିଲୋଗ୍ରାମ ଓଜନର ହାତୁଡିରେ ପିଟି ବାସନକୁ ଆକାର ଦିଆଯାଏ, ଯାହାକି ବର୍ତମାନର ଯୁବପିଢୀଙ୍କ ପାଇଁ କାଠିକର ପାଠ। ତେବେ ପ୍ରତିକୂଳ ପରିସ୍ଥିତିରେ ଏହି କୁଟୀର ଶିଳ୍ପ ଗତି କରୁଥିବା ବେଳେ ଆଜି ମଧ୍ୟ ହାତତିଆରି ମଜବୁତ ସାମଗ୍ରୀର ଢେର ଚାହିଦା ରହିଛି। ମୁଖ୍ୟତଃ ଟିନ ଓ ରାଙ୍ଗାର ସମ୍ମିଶ୍ରଣରେ କଂସା ବାସନ ପ୍ରସ୍ତୁତ ହେଉଥିବା ବେଳେ କପର ଏବଂ ଜିଙ୍କ ସମ୍ମିଶ୍ରଣରେ ପିତଳ ସାମଗ୍ରୀ ପ୍ରସ୍ତୁତ ହେଉଥିବା ବରିଷ୍ଠ ବ୍ୟବସାୟୀ ତଥା ବାପୁଜୀ ସଦସ୍ୟ ଅଖିଳ କୁମାର ସାହୁ କହିଛନ୍ତି। ଏସବୁ କଂଚାମାଲ କଲିକତା ଓ ରାଇପୁରରୁ ଆସୁଥିବା ସୂଚନା ମିଳିଛି। ବିଭିନ୍ନ ଯାନୀଯାତ୍ରା ମେଳା ମହୋତ୍ସବରେ ଏହି ସାମଗ୍ରୀକୁ ଲୋକେ ବେଶ ଆଗ୍ରହର ସହ ନେଇଥାନ୍ତି। ଅନ୍ୟପକ୍ଷରେ ଓଡ଼ିଶାର ଏହି ପାରମ୍ପରିକ କଂସା ବାସନର ପୁନରୁଦ୍ଧାର ପାଇଁ ସହରରେ ଅନେକ ନାମିଦାମୀ ରେଷ୍ଟୁରାଂଟ ଓ ବଡ ବଡ ହୋଟେଲ ଗୁଡ଼ିକରେ ଏହି ବାସନରେ ଖାଦ୍ୟ ପରସା ଯାଉଥିବା ଦେଖିବାକୁ ମିଳିଛି। ତେବେ ପାରମ୍ପରିକ ପଦ୍ଧତିକୁ ବାଦଦେଇ ଉନ୍ନତ ଜ୍ଞାନକୌଶଳରେ ଏହି ବାସନକୁସନ ତିଆରି ଶିଳ୍ପକୁ ସରକାର ପ୍ରୋତ୍ସାହନ ଯୋଗାଇଦେଉଛନ୍ତି। ଫଳରେ ଯେଉଁ କେତେ ପରିବାର ଏହାଦ୍ୱାରା ଜୀବିକା ନିର୍ବାହ କରୁଥିଲେ ଏବେ ସେମାନେ ଚିନ୍ତାରେ ପଡ଼ିଛନ୍ତି। ସେମାନଙ୍କ ଅଭିଯୋଗ ହେଲା ମେସିନ ମାଧ୍ୟମରେ ତିଆରି ବାସନକୁସନ ହାତ ତିଆରି ଭଳି ମଜବୁତ ହୋଇପାରିବ ନାହିଁ। ତେଣୁ ଏଥିପ୍ରତି ସରକାର ଦୃଷ୍ଟି ଦେଇ ପାରମ୍ପରିକ ପଦ୍ଧତିକୁ ପ୍ରୋତ୍ସାହନ ଯୋଗାଇଦେବା କଥା। ନଚେତ ବହୁ ପରିବାର ଜୀବିକା ହରାଇବା ସହ ପାରମ୍ପରିକ କୁଟୀର ଶିଳ୍ପ ଲୋପପାଇବ। ବ୍ରାସ ବେଲ ମେଟାଲରେ ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତ ପବିତ୍ର ମହାରଣାଙ୍କ କହିବା ଅନୁଯାୟୀ କଂସା ବାସନରେ ଖାଦ୍ୟ ଖାଇଲେ ଶରୀର ସୁସ୍ଥ ରହିଥାଏ। ଅନ୍ୟପକ୍ଷରେ ପ୍ରାୟ ପଚାଶ ବର୍ଷ ବୟସ ଅତିକ୍ରମ ହେବା ପରେ କଂସା ବାସନ କାରିଗରମାନଙ୍କୁ ଠିକରେ ନ ଶୁଭିବା ଏବଂ ଦୃଷ୍ଟି ଶକ୍ତି ପ୍ରଭାବିତ ହେବା ଭଳି ଘଟଣା କାରିଗରଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ତେବେ ସରକାରଙ୍କ ପକ୍ଷରୁ କଂସା ବାସନ ଓ ପିତଳ କାରିଗର ଙ୍କ ପାଇଁ ସ୍ଥାନୀୟ ପାଣ୍ଡୁସାହୁପାଟଣା ଗ୍ରାମରେ ୪.୮୫ କୋଟି ଟଙ୍କାରେ ନିର୍ମିତ ବ୍ରାସବେଲ ମେଟାଲ କ୍ଲଷ୍ଟର ଟି କାର୍ଯ୍ୟକାରୀ ହେଉନଥିବାରୁ କାରିଗର ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି।



ଅନୁଗୋଳ : ଏହି ଲୋକମାନଙ୍କ ଏକମାତ୍ର ରୋଜଗାର ପନ୍ଥା ବାଉଁଶ ଗୁରୁଡ଼ା। ବାପ ଅଜା ଅମଳରୁ ସେମାନେ ବାଉଁଶରେ ଗୁରୁଡା ସମେତ ଅନେକ ସାମଗ୍ରୀ ବିକ୍ରିକରି ପରିବାର ପ୍ରତିପୋଷଣ କରନ୍ତି। କିନ୍ତୁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯେତିକି ପରିଶ୍ରମ ଓ ଖର୍ଚ୍ଚ ହେଉଛି, ସେତିକି ରୋଜଗାର ହୋଇପାରୁନାହିଁ। ଫଳରେ ଅନେକ କାରିଗର ନିଜର କୌଳିକ ବୃତିଛାଡି ବାହାରକୁ ଯାଇ ମୂଲ ମଜୁରୀ ଲାଗୁଛନ୍ତି। ବନ ବିଭାଗର କଟକଣା ତଥା ବଣୁଆ ହାତୀଙ୍କ ଆତଙ୍କ ବାଉଁଶ କାରିଗରଙ୍କ ଜୀବିକା ଛଡାଇ ନେଇଛି। ପୁରୁଷ ପୁରୁଷ ଧରି ବାଉଁଶରେ ବିଭିନ୍ନ ସାମଗ୍ରୀ ତିଆରି କରି ଜୀବିକାନିର୍ବାହ କରୁଥିବା କାରିଗର ଏବେ ବାଉଁଶ ନ ପାଇ ନିଜର କୌଳିକ ବୃତି ଛାଡି ବାହାରକୁ ମୂଲ ମଜୁରୀ କରିବାକୁ ଯାଉଛନ୍ତି। ଅନୁଗୋଳ ଜିଲ୍ଲାରେ ଦେଖିବାକୁ ମିଳିଛି ଶହ ଶହ ବାଉଁଶ କାରୀଗରଙ୍କ ଏଭଳି ଦୁର୍ଦ୍ଦଶା। ଭିତରେ ଏବଂ ଜଙ୍ଗଲ ଚତୁଃପାର୍ଶ୍ୱରେ ଶତାଧିକ ଗାଁ ଅବସ୍ଥିତ। ତେଣୁ ଏହି ସବୁ ଗାଁର ଅଧିକାଂଶ ଲୋକ ଜଙ୍ଗଲ ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି। ବର୍ଷାଦିନ ପୂର୍ବରୁ ବ୍ୟାପକ ଚାରାରୋପଣ କରାଯାଏ। ତେଣୁ ଚାରାଗୁଡିକର ସୁରକ୍ଷା ପାଇଁ

# ବୁଡ଼ିଯିବ କି ବାଉଁଶ କାରିଗରୀ ?

ବାଉଁଶରେ ତିଆରି ଗୁରୁଡ଼ା ବ୍ୟବହାର କରାଯାଏ। ଏହାକୁ ଦୃଷ୍ଟିରେ ରଖି ବହୁ ଲୋକ ଜଙ୍ଗଲରୁ ବାଉଁଶ ଆଣି ଗୁରୁଡ଼ା ତିଆରି କରନ୍ତି। ବିଶେଷ କରି ଜୁନ ମାସ ଆରମ୍ଭରୁ ଗୁରୁଡ଼ା ଆବଶ୍ୟକ ପଡ଼ିଥାଏ। ସେଥିପାଇଁ ମାର୍ଚ୍ଚ ମାସରୁ ହିଁ ଲୋକେ ଗୁରୁଡ଼ା ତିଆରି କରିବାରେ ଲାଗି ପଡ଼ନ୍ତି। ପରିବାରର ସମସ୍ତ ବୟସ୍କ ଲୋକ ଦୁର୍ଗମ ଜଙ୍ଗଲ ଭିତରକୁ ଯାଇ କାନ୍ଧରେ ବାଉଁଶ ବୋହି ଆଣନ୍ତି। ଏହା ପରେ ଘରର ମହିଳାମାନେ କାମରେ ଲାଗି ପଡନ୍ତି। ତେଣୁ ଗୁରୁଡ଼ା ତିଆରି କରିବାକୁ ସେମାନଙ୍କୁ ବହୁ କଷ୍ଟ ଓ ପରିଶ୍ରମ କରିବାକୁ ପଡ଼ିଥାଏ। ଏହାଛଡା ସବୁଠାରୁ ବଡ଼ କଥା ହେଉଛି ବାଉଁଶର ଅଭାବ। କାରଣ କେବଳ ଶାଳିଆ ବାଉଁଶରେ ହିଁ ଏହା ତିଆରି ହୁଏ। ଜଙ୍ଗଲ ବିଭାଗର କଟକଣା ଯୋଗୁ ଆଉ ସେମାନେ ବାଉଁଶ ପାଇଁ ଜଙ୍ଗଲକୁ ଯାଇପାରୁ ନାହାନ୍ତି। ଏହାଛଡ଼ା ହାତୀ ଆତଙ୍କ ଯୋଗୁଁ ଜଙ୍ଗଲ ଭିତରକୁ ଯିବା ଆଉ ଏକ ବାଧକ। ତେଣୁ ସେମାନେ କେବଳ ଗ୍ରାମ୍ୟ ଜଙ୍ଗଲ ଉପରେ ନିର୍ଭର କରନ୍ତି। ପର୍ଯ୍ୟାପ୍ତ ବାଉଁଶ ମିଳୁ ନାହିଁ। ଯାହା ମିଳୁଛି, ଗାଁକୁ କିଛି ଅର୍ଥ ଦେଇ କିଣିବାକୁ ପଡୁଛି। ଏସବୁ ଦୃଷ୍ଟିରୁ ଗୁରୁଡ଼ା ତିଆରି କରିବା ଏତେ ସହଜ ହେଉନାହିଁ। ତଥାପି ଅନ୍ୟ କୌଣସି କାମ ନ ଥିବାରୁ ବାଧହୋଇ ଜୀବନ ଜୀବିକା ପାଇଁ ଏହି କାମ କରୁଛନ୍ତି। ଦିନରେ ସର୍ବାଧିକ ୩ରୁ ୪ଟି ଗୁରୁଡ଼ା ତିଆରି କରିବା ସମ୍ଭବ ହୋଇପାରୁଛି। ସେମାନଙ୍କଠାରୁ ବାହାର ବେପାରୀମାନେ ଗୋଟିଏ ଗୁରୁଡ଼ା ୭୦ ରୁ ୮୦ ଟଙ୍କାରେ କିଣି ନେଉଛନ୍ତି। କିନ୍ତୁ ବୃକ୍ଷରୋପଣ କରୁଥିବା ସଂସ୍ଥାଙ୍କୁ ଗୋଟା ପିଛା ୧୦୦ରୁ ୧୨୦ ଟଙ୍କାରେ ବିକ୍ରି କରୁଛନ୍ତି। ତେଣୁ ଗରିବ ବାଉଁଶ କାରିଗରଟି କ୍ଷତି ସହୁଥିବା ବେଳେ ବେପାରୀ ମାଲାମାଲ ହେଉଛନ୍ତି। ଅନୁଗୋଳ ଜିଲ୍ଲାରେ ପ୍ରତିବର୍ଷ ବର୍ଷାଦିନେ ଲକ୍ଷାଧିକ ଗୁରୁଡ଼ା ଆବଶ୍ୟକ ପଡେ। ଏହି ଆବଶ୍ୟକତାକୁ କେବଳ ଜଙ୍ଗଲ ନିକଟସ୍ଥ ଗାଁର ଲୋକେ ହିଁ ପୂରଣ କରିଥାଆନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ ବିଭିନ୍ନ ମହିଳା ଗୋଷ୍ଠୀଙ୍କୁ ଗୁରୁଡ଼ା ବିକ୍ରି ପାଇଁ ପଞ୍ଜୀକରଣ କରାଯାଇଛି। ବନ ବିଭାଗଠାରୁ ଆରମ୍ଭ କରି ଯେଉଁ ବୃକ୍ଷ ରୋପଣକାରୀ ସଂସ୍ଥା ଗୁରୁଡ଼ା ଆବଶ୍ୟକ କରିବେ, କେବଳ ପଞ୍ଜିକୃତ ହୋଇଥିବା ଗ୍ରାମ୍ୟ କମିଟି ଏବଂ ମହିଳା ଗୋଷ୍ଠୀଙ୍କ ଠାରୁ ହିଁ ନିର୍ଦ୍ଧାରିତ ମୂଲ୍ୟ ଦେଇ କିଣିବେ। କିନ୍ତୁ ସେଥିପ୍ରତି କାହାର ନଜର ପଡୁନି। ଏହାଛଡା ଅନେକ ଅଣପଞ୍ଜିକୃତ ପରିବାର ଗୁରୁଡ଼ା ତିଆରି କରୁଛନ୍ତି। ତେଣୁ ସେମାନେ ବାଧହୋଇ ବାହାର ବେପାରୀଙ୍କୁ କମ୍ ଦାମରେ ବିକ୍ରି କରୁଛନ୍ତି। ବୟସ୍କ କାରିଗର ଘରେ ହାତବାନ୍ଧି ଭଙ୍ଗାଦଦରା ଝାଟିମାଟି କୁଡ଼ିଆରେ ଓଳିଏ ଖାଇ ଓଳିଏ ଉପାସରେ ରହି ଦିନ କାଟୁଛନ୍ତି। ପ୍ରତିବର୍ଷ ବାଉଁଶରେ ଗୁରୁଡ଼ା ତିଆରି କରି ହଜାର ହଜାର ଜଙ୍ଗଲ ଅଧିବାସୀ ଜୀବିକା ନିର୍ବାହ କରନ୍ତି। ତେଣୁ ବନ ବିଭାଗ ତରଫରୁ ବ୍ୟାପକ ଶାଳିଆ ବାଉଁଶ ରୋପଣ କରି ସେମାନଙ୍କୁ ଯୋଗାଇଦେଲେ, ସେମାନଙ୍କ ଜୀବିକାରେ ଉନ୍ନତି ଆସିପାରନ୍ତା। ଏଥିସହ ଉଚିତ ମୂଲ୍ୟ ପାଇବା ପାଇଁ ପ୍ରଶାସନ ପଦକ୍ଷେପ ଗ୍ରହଣ କଲେ, ସେମାନେ ଆଉ କ୍ଷତି ସହିବେ ନାହିଁ।



# ଆଉ ମିଳୁନି ଅଟାଲ



ମାଲକାନାଗିରି : ବିଗତ ଶତାବ୍ଦୀ ଓ ଦଶକ ଗୁଡିକରେ ରାଜ୍ୟରେ ଖୁବ ପ୍ରସିଦ୍ଧି ଲାଭ କରିଥିଲା ଏଠାକାର ବାଇଗଣ। ଭୁବନେଶ୍ୱର, କଟକ, ବ୍ରହ୍ମପୁର, ବଲାଙ୍ଗୀର, ସମ୍ବଲପୁରରେ ବି ଗୋବିନ୍ଦପାଲ୍ଲୀ ବାଇଗଣ ନାମରେ ପ୍ରସିଦ୍ଧ ଥିବା ସହିତ ସ୍ଥାନୀୟ ଚାଷୀଙ୍କ ପାଇଁ ବି ଭଲ ରୋଜଗାର ଦେଉଥିଲା। ତେବେ ଗତ ଦୁଇ ଦଶକରେ ଆଧୁନିକ ଚାଷ ନାମରେ ଏଠି ହେଉଥିବା ବାଇଗଣ, ଭେଣ୍ଡି, ଟମାଟୋ ଓ ଲଙ୍କା ଆଉ ବଜାରରେ ଦେଖିବାକୁ ମିଳୁନି। ରାଜ୍ୟରେ ସୁନାମ ଅର୍ଜନ କରିଥିବା ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲ୍ଲୀ ଅଂଚଳର ବିଭିନ୍ନ ପ୍ରଜାତିର ବାଇଗଣ ବର୍ତ୍ତମାନ ଆଉ ମିଳୁନି। ପ୍ରୋତ୍ସାହନ ଅଭାବରୁ ପ୍ରଜାତିର ସୁସ୍ୱାଦୁ ବାଇଗଣ ଚାଷ ଲୋକ ଧିରେ ଧିରେ ବନ୍ଦ କଲେଣି। ନିଜର ପରିଚୟ ସୃଷ୍ଟି କରିଥିବା ଏ ବାଇଗଣର ମୁଖ୍ୟତଃ ମଞ୍ଜି ଖୁବ କମ ହୁଏ ଓ ଆକାରରେ ଅଧା କିଲୋରୁ ଏକ କିଲୋ ପର୍ଯ୍ୟନ୍ତ ହୁଏ। ଏହାର ସୁଗନ୍ଧ ମଧ୍ୟ ଖୁବ ଆକର୍ଷଣୀୟ। ଗୋବିନ୍ଦପାଲ୍ଲୀ ଆଖ ପାଖର ଧୁଙ୍ଗିଆପୁଟ, ଗୋବିନ୍ଦପାଲ୍ଲୀ, କୁଟୁଣୀପାଲ୍ଲୀ ପ୍ରଭୃତି ପଂଚାୟତ ସପ୍ତଧାରା ଓ ଏହାର ଉପନଦୀ ଧର୍ମଧାରାର ଅବବାହିକାରେ ଆସେ ଶହ ଶହ ଏକର ଚାଷ ଉପତ୍ୟକା। ପାହାଡି ନଦୀ ଗୁଡିକର ଅବବାହିକା ଓ ଉପତ୍ୟକା ପ୍ରତି ବର୍ଷ ବର୍ଷାଦିନେ ପାହାଡି ପଟୁ ମାଟିରେ ଖୁବ ଉର୍ବର ହୋଇଥାଏ। ନଦୀର ଦୁଇପଟର ବାଲୁକା ଶଯ୍ୟା ଯୁକ୍ତ ଚାଷ ଉପଯୋଗୀ ଅଂଚଳକୁ ଏଠାକାର ଆଦିବାସୀ ଭାଷାରେ "ଅଟାଲ' କହନ୍ତି। ତେଣୁ ଏଠି ଚାଷ ହେଉଥିବା ଝୁମ୍ପା, ପେଣ୍ଡି, ବଡ ବାଇଗଣ ପ୍ରଜାତି ଅଟାଲ ବାଇଗଣ ବୋଲି ପ୍ରସିଦ୍ଧି ଲାଭ କରିଥିଲା। ଏଠି ଅଟାଲରେ ଚାଷ ହେଉଥିବା ଦେଶୀ ଟମାଟକୁ ଭେଜରି ବୋଲି କହନ୍ତି। ତେବେ ଏ ଭେଜରି ଆକାରରେ ଖୁବ ବଡ ନ ହେଲେ ବି ବର୍ତମାନ ବଜାରରେ ମିଳୁଥିବା ଟମାଟୋ ଠାରୁ ଭଲ ଓ ଅଳ୍ପ ଖଟା। ସେମିତି ଭେଣ୍ଡିରେ ଯେଉଁ ପ୍ରଜାତି ଏସବୁ ଅଟାଲ ଗୁଡିକରେ ଚାଷ ହେଉଥିଲା ସେଗୁଡିକରେ ନାଲୁଆ ଅଂଶ ଖୁବ କମ କିନ୍ତୁ ଖୁବ ସୁସ୍ୱାଦୁ। ସବୁଠୁ ବଡ କଥା ହେଉଛି ପୁରା ବିଶ୍ୱରେ ଜୈବିକ କୃଷିକୁ ବହୁତ ଗୁରୁତ୍ୱ ଦିଆ ଯାଉଥିବା ବେଳେ ଏଠାକାର ଅଟାଲ ଚାଷ ସଂପୁର୍ଣ୍ଣ ଜୈବିକ ହିଁ ହୁଏ। କୌଣସି ପ୍ରକାର ରାସାୟନିକ ସାର ଓ କୀଟନାଶକ ବ୍ୟବହାର ହେଉ ନ ଥିବାରୁ ଏ ବାଇଗଣ ସୁସ୍ୱାଦୁ ଓ ସ୍ୱାସ୍ଥ୍ୟକର ହେଉଥିଲା। ଅତି ବେଶୀରେ କେହି କେହି ଅଳ୍ପ ଗୋବର ପ୍ରୟୋଗ କରୁଥିଲେ। ପଟୁ ମାଟିରେ ଏ ବିଶିଷ୍ଟ ପ୍ରଜାତିର ବିହନରେ ପ୍ରସ୍ତୁତ ବାଇଗଣ ଆକାର ଖୁବ ବଡ, ମଞ୍ଜି ଖୁବ କମ ଏ ରଙ୍ଗ ମୂଳତଃ ଧଳା ହେଉଥିଲା। ମୁଖ୍ୟତଃ ଝୁମ୍ପା, ପେଣ୍ଡି ଓ ବଡ ବାଇଗଣ ବାଇଗଣ ଓ ଫୁଲେରି ଟମାଟ ନିକଟତମ ଗୋବିନ୍ଦପାଲ୍ଲୀ ବଜାରରେ ଶୀତ ଦିନରୁ ଆରମ୍ଭ କରି ଖରା ଦିନର ଶେଷ ପର୍ଯ୍ୟନ୍ତ ମିଳୁଥିଲା।

ତେବେ ମୂଳ କଥା ହେଉଛି ଅଟାଲ ଚାଷ ଓ ବିନା ରାସାୟନିକ ସାର କୀଟନାଶକରେ ହୁଏ, ଯାହା ଧିରେ ଧିରେ ବନ୍ଦ ହେବାକୁ ବସିଲାଣି। ବଜାରରେ ଚାହିଦା ଥିଲେ ମଧ୍ୟ ଉଚିତ ସୁବିଧାସୁଯୋଗ ଓ ବିପଣନ ରାସ୍ତା ଠିକରେ ଚାଷୀଙ୍କ ପାଖରେ ନ ଥିବାରୁ ପ୍ରଜାତି ଗୁଡିକ ଲୋପ ତ ପାଉଛି ତା ସହିତ ଗୋବିନ୍ଦପାଲ୍ଲୀର ପରିଚୟ କୁହାଯାଉଥିବା ଅଟାଲ ବାଇଗଣ ଲୋପ ବି ହେଉଛି।

# ବିକଶିତ କୃଷି ସଂକଳ୍ପ ଅଭିଯାନରେ କୃଷିରଥର ଶୁଭାରମ୍ଭ

ସମ୍ବଲପୁର: ସମ୍ବଲପୁର ଜିଲ୍ଲାରେ ଚାଷୀଙ୍କ ଆୟକୁ ବଢାଇବା ସହ ସବୁ ପ୍ରକାର ଚାଷର ଉତ୍ପାଦନ ବଢାଇବା ଆମର ମୂଳ ଉଦ୍ଦେଶ୍ୟ ବୋଲି ସୋମବାର ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଠାରେ 'ବିକଶିତ କୃଷି ସଂକଳ୍ପ ଅଭିଯାନ'ରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର କୃଷି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ସହ ଚାଷ ଉତ୍ପାଦର ଉତ୍ପାଦନ ବଢାଇବା ଏବଂ ଚାଷୀଙ୍କ ଆୟକୁ ଦୁଇଗୁଣା କରିବା ପାଇଁ ଓଡ଼ିଶା ସମେତ ସାରା ଦେଶରେ "ବିକଶିତ କୃଷି ସଂକଳ୍ପ ଅଭିଯାନ" ଆରମ୍ଭ କରିଛନ୍ତି, ଯାହା ସାଧୁ ଉଦ୍ୟମ । ଏହି ବିକଶିତ କୃଷି ସଂକଳ୍ପ ଅଭିଯାନରେ ଦେଶର ୭୦୦ ଜିଲ୍ଲାରେ ୨୦୦୦ରୁ ଅଧିକ ବୈଜ୍ଞାନିକ ଦଳ ଗାଁ ଗାଁକୁ ଯାଇ ୧.୫ କୋଟିରୁ ଅଧିକ ଚାଷୀ ଭାଇଭଉଣୀ ମାନଙ୍କ ସହ ସିଧାସଳଖ କଥା ହେବେ । ଚାଷୀମାନଙ୍କୁ ନୂତନ ପ୍ରଯୁକ୍ତିବିଦ୍ୟା ଓ ସରକାରୀ ଯୋଜନା ସମ୍ବନ୍ଧୀୟ ସୂଚନା ପ୍ରଦାନ କରାଯିବ । କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଉପରେ ନିର୍ଭରଶୀଳ ଓଡ଼ିଶାରେ ମଧ୍ୟ କୃଷି ପରାମର୍ଶ ଓ ସୂଚନାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦେଶର ଅନ୍ନଦାତାଙ୍କ ହାତ ମୁଠାକୁ ମଜଭୂତ୍ କରିବା ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧ ପରିକର । ସମ୍ବଲପୁର ଚଷା ଚାଷୀମାନଙ୍କର ଅଂଚଳ । ଏଠାରେ ମୂଳ ଜୀବିକା ହେଉଛି ଚାଷ । ଚାଷ ବେଉସା ଏହି ଜିଲ୍ଲାର ଅର୍ଥନୀତିର ମେରୁଦଣ୍ଡ । ସମ୍ବଲପୁରରେ ଚାଷ କ୍ଷେତ୍ରରେ ଅନେକ ସମ୍ଭାବନା ଅଛି । ଏଠାରେ ଉତ୍ପାଦିତ ଆମ୍ବ ବାହାର ଦେଶକୁ ରପ୍ତାନୀ ହେଉଛି । ଆଗାମୀ ଦିନରେ ଡବଲ ଇଞ୍ଜିନ ସରକାର ସହଯୋଗରେ ଏହି ଜିଲ୍ଲାରେ ଜଳସେଚନକୁ ସୁବ୍ୟବସ୍ଥିତ କରାଯିବା ସହ କୃଷିଜାତ ଦ୍ରବ୍ୟ, ଉଦ୍ୟାନ ଜାତ କୃଷି ଦ୍ରବ୍ୟ, ପଶୁପାଳନ, ମତ୍ସ୍ୟଚାଷ, ଗୋପାଳନ ଓ ଦୁଗ୍ଧ ଚାଷ ସମେତ ଆନୁଷଙ୍ଗିକ କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି କରାଯିବା ପାଇଁ ବିସ୍ତୃତ ଯୋଜନା ହେବ । ଶ୍ରୀ ପ୍ରଧାନ କହିଛନ୍ତି ଯେ, ଶୀତଳଭଣ୍ଡାର ପ୍ରତିଷ୍ଠା ସହ କୃଷି ବ୍ୟବସାୟକୁ ପ୍ରୋତ୍ସାହନ ଦେବା ପାଇଁ ଉଦ୍ୟମ ହେବ । ବିଶେଷ ଭାବରେ ଆଳୁ ଓ ଡାଲି ଉପରେ ଆମେ ନିର୍ଭରଶୀଳ ଥିବାବେଳେ ଏହି ଚାଷ କିପରି ସମ୍ବଲପୁରରେ ଅଧିକ ଉତ୍ପାଦନ କରାଯିବ, ସେ ଦିଗରେ ଯୋଜନା ହେବ । ଗାଁ ଗାଁ ବୁଲି ଚାଷୀମାନଙ୍କ ମଧ୍ୟରେ ପନିପରିବା ଓ ଅନ୍ୟାନ୍ୟ ଫଳ ଉତ୍ପାଦନ ପାଇଁ ସଚେତନତା ସୃଷ୍ଟି କରାଯିବ । ସମ୍ବଲପୁରରେ ଉତ୍ପାଦିତ ହେଉଥିବା ଫଳ ଓ ପନିପରିବାକୁ ବିଦେଶୀ ବଜାରରେ ପହଂଚାଇବା ପାଇଁ ପ୍ରଚେଷ୍ଟା ହେବ । 'ନଗର ବନ ଯୋଜନା'ରେ ସମ୍ବଲପୁରର ପରିବେଶକୁ ସୁରକ୍ଷା ଦେବା ପାଇଁ ସାମୂହିକ ଉଦ୍ୟମ ହେବ । ଏଥିପାଇଁ ବୃକ୍ଷରୋପଣ କରିବା ପାଇଁ ଶ୍ରୀ ପ୍ରଧାନ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଉପରେ ସଚେତନତା ସୃଷ୍ଟି କରିବା ପାଇଁ ଏକ 'କୃଷି ରଥ'ର ଶୁଭାରମ୍ଭ କରିବା ସହ ଚାଷୀମାନଙ୍କୁ ସଏଲ୍ ହେଲଥ୍ କାର୍ଡ ବିତରଣ କରିଥିଲେ ।

## ଦୁର୍ଘଟଣାରେ ଜଣେ ମୃତ

ଜୟପୁର: ଜୟପୁର ଆରଏମସି ଅଫିସ ନିକଟରେ ଏକ ସଡକ ଦୁର୍ଘଟଣାରେ ନବରଙ୍ଗପୁର ସିଏସଓ ଅଫିସରେ କାର୍ଯ୍ୟରତ କର୍ମଚାରୀଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ନାମ ହେଲା ଗୋବିନ୍ଦ ପାଣିଗ୍ରାହୀ । ଜୟପୁର ଠାରୁ ନବରଙ୍ଗପୁର ଅଭିମୁଖେ ଯାଉଥିବା ସମୟରେ ବିପରିତ ଦିଗରୁ ଏକ ଆସୁଥିବା ଏକି କାର ସହ ଧକ୍କା ହୋଇଥିଲା । ଉଭୟ ମୋଟର ସାଇକଲ ଓ କାର ରାସ୍ତାକଡକୁ ଖସିଯାଇଥିବା ବେଳେ ବାଇକ ଚାଳକ ଗୋବିନ୍ଦଙ୍କୁ ଗୁରୁତର ଆଘାତ ଲାଗିଥିଲା । ସ୍ଥାନୀୟ ଲୋକେ ଗୋବିନ୍ଦଙ୍କୁ ଜିଲ୍ଲା ଚିକିତ୍ସାଳୟକୁ ନେବା ପରେ ଚିକିତ୍ସା ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା । କାରରେ ଥିବା ଲୋକଙ୍କ ଅବସ୍ଥା ବର୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନଥିବା ସଦରଥାନା ଅଧିକାରୀ ସଚ୍ଚିଦ୍ର ପ୍ରଧାନ ସୂଚନା ଦେଇଛନ୍ତି । ମୃତ ଗୋବିନ୍ଦ କ୍ୱାଲିଟି ଆନାଲିଜର ଭାବେ କାମ କରୁଥିଲେ । ତାଙ୍କ ନିଜ ଘର କଳାହାଣ୍ଡି ହୋଇଥିବା ସୂଚନା ମିଳିଛି ।

# ୫୮ ଅଭିଯୋଗର ହେଲା ଶୁଣାଣି



ରାଉରକେଲା ,(ପିପିଏସ୍): ଲାଠିକଟା ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୁନ୍ଦରଗଡ଼ ଜିଲ୍ଲାପାଳ ମନୋଜ ସତ୍ୟଓ୍ୱାନ ମହାଜନ ଉପସ୍ଥିତ ରହି ମୋଟ ୫୮ ଟି ଅଭିଯୋଗର ଶୁଣାଣି କରିଥିଲେ । ସେଥିମଧ୍ୟରୁ ୨୪ ଟି ବ୍ୟକ୍ତିଗତ ଓ ୩୪ ଟି ସାମୁହିକ ଅଭିଯୋଗ ରହିଥିବା ବେଳେ ୭ଟି ଅଭିଯୋଗର ସମାଧାନ ଶୁଣାଣିସ୍ଥଳରେ ହିଁ ହୋଇଥିଲା । ଶିବିରରେ ଅଭିଯୋଗଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ, ଡ୍ରେନ୍ ସମସ୍ୟା, ପେନ୍‌ସନ୍, ବିଦ୍ୟୁତ୍ ସମସ୍ୟା, ବ୍ରିଜ୍ ନିର୍ମାଣ, ଆବାସ ସମସ୍ୟା, ରାସନ୍ ସମସ୍ୟା, ଜମିଜମା, ପାନୀୟଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା । ଏଥିରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଡିଏଫଓ ଯଶୋବନ୍ତ ସେଠୀ , ପାନପୋଷ ଉପ ଜିଲ୍ଲାପାଳ ବିଜୟ କୁମାର ନାୟକ, ଲାଠିକଟା ବିଡିଓ ମାନସ ସାହୁ ଓ ବ୍ଲକ ଅଧ୍ୟକ୍ଷ, ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଖଡ଼ିଆଳରେ ସ୍ଥାୟୀ ବସ୍‌ଷ୍ଟାଣ୍ଡ ପାଇଁ ଦାବି

ନୂଆପଡା: ନୂଆପଡା ଜିଲ୍ଲାର ପ୍ରମୁଖ ସହର ଖଡିଆଳ । ଏହି ସହର ଜିଲ୍ଲାର କେନ୍ଦ୍ରସ୍ଥଳ ସହ ବ୍ୟବସାୟ ସହ ଅନ୍ୟାନ୍ୟ କ୍ଷେତ୍ରରେ ସୁପରିଚିତ । ଏପରିକି ଏହି ସହରରେ ନୂଆପଡା ଜିଲ୍ଲା ଗଠନ ହେବା ପୂର୍ବରୁ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ ଏବଂ ଅନ୍ୟାନ୍ୟ ସରକାରୀ, ବେସରକାରୀ ଅନୁଷ୍ଠାନଗୁଡିକ ରହିଛି । ହେଲେ ଦୁଃଖ ଓ ପରିତାପର ବିଷୟ ଏହି ସହରରେ ଆଜିପର୍ଯ୍ୟନ୍ତ ସ୍ଥାୟୀ ବସ୍‌ଷ୍ଟାଣ୍ଡଟିଏ ନଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି । ରାଜା ଆର୍ତ୍ତତ୍ରାଣ ହାଇସ୍କୁଲର ଖେଳପଡିଆକୁ ତତ୍କାଳୀନ ଉପଜିଲ୍ଲାପାଳ ସରୋଜ କୁମାର ଝା ବସଷ୍ଟାଣ୍ଡ ରୂପେ ନିର୍ମାଣ କରିଥିଲେ ଓ ଏହା ଦୀର୍ଘ ବର୍ଷ ଧରି ଚାଲିଆସୁଥିଲା । ହେଲେ କୌଣସି କାରଣବଶତଃ ତତ୍କାଳୀନ ଜିଲ୍ଲାପାଳ ଜୟକୁମାର ଭି ଉକ୍ତ ବସ୍‌ଷ୍ଟାଣ୍ଡକୁ ସ୍ଥାନାନ୍ତର କରି ବ୍ଲକଛକ ନିକଟରେ ଥିବା ପ୍ୟାରେଡ୍ ପଡିଆକୁ ବସ୍‌ଷ୍ଟାଣ୍ଡ ରୂପେ ନିର୍ମାଣ କଲେ । ହେଲେ ଏହି ବସ୍‌ଷ୍ଟାଣ୍ଡ ଆରମ୍ଭ ହେବା ଦିନଠାରୁ ବିଭିନ୍ନ ଅବ୍ୟବସ୍ଥାରେ ଦେଇ ଗତି କରୁଛି । ଅନ୍ୟପକ୍ଷରେ ଚଳିତ ବର୍ଷର ପ୍ରଥମ ମୌସୁମୀ ବର୍ଷାରେ ବସଷ୍ଟାଣ୍ଡ ପରିସର ବିପର୍ଯ୍ୟସ୍ତ ହୋଇପଡିଛି । ଏପରିକି ବସଷ୍ଟାଣ୍ଡ ସାରା ବଡ ବଡ ଖାଲଖମା ଭର୍ତୀ ହୋଇ ରହିଥିବା ବେଳେ ବର୍ଷା ପାଣି ଜମି ରହି କର୍ଦମାମୟ ପରିସ୍ଥିତି ସୃଷ୍ଟି କରିଛି । ଫଳରେ ଅନେକ ବସ୍ ବସଷ୍ଟାଣ୍ଡ ଭିତରକୁ ଯିବାବେଳେ ଅସୁବିଧା ଦେଖାଦେଉଛି । ଏହାସହ ଏହି ବସଷ୍ଟାଣ୍ଡରେ ଯାତ୍ରୀ ବିଶ୍ରାମଗାର ନଥିବା ବେଳେ ଶୌଚାଳୟ, ପରିସ୍ରାଗାର ମଧ୍ୟ ନାହିଁ । ଫଳରେ ଯାତ୍ରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରଶାସନର ମଧ୍ୟ ଏହି ବସଷ୍ଟାଣ୍ଡ ପ୍ରତି ନଜର ନାହିଁ । ଜିଲ୍ଲାର ପ୍ରମୁଖ ସହରରେ ଗୋଟିଏ ସ୍ଥାୟୀ ବସଷ୍ଟାଣ୍ଡ ନଥିବା ପରିତାପର ବିଷୟ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବିଭିନ୍ନ ସୁବିଧା ରହିଥିବା ଏକ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ଖଡିଆଳ ଅଂଚଳବାସୀ ଦାବି କରୁଛନ୍ତି ।

## ବିକଶିତ କୃଷି ସଂକଳ୍ପ ଅଭିଯାନ

ଚମ୍ପୁଆ, (ହି.ସ.) - ଚମ୍ପୁଆ ବ୍ଲକର ହୁଞ୍ଜପଶି ଓ ଚିମିଳା ଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇ ଯାଇଛି । ହୁଞ୍ଜପଶି ଓ ଚିମିଳା ପଂଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଂଚ ମଞ୍ଜୁଲତା ନାୟକ, ବ୍ଲକ କୃଷି ଅଧିକାରୀ ଶାରଦା ହାଁସଦା, ସହକାରୀ କୃଷି ଅଧିକାରୀ ରମାମଣି ସାହୁ, ମୃତ୍ତିକା ସଂରକ୍ଷଣ ଅଧିକାରୀ ବନମାଳୀ ପାତ୍ର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଏସ. ଶୁଭଲକ୍ଷ୍ମୀ, ସିଆଇଡବ୍ଲ୍ୟୁଏ ଭୁବନେଶ୍ୱରର ବରିଷ୍ଠ ଅଧିକାରୀ ମନୋରଞ୍ଜନ ପୃଷ୍ଟି, ଫଳ ବୈଜ୍ଞାନିକ ଡ଼ଃ ଅଙ୍କିତା ସାହୁ, କୃଷି ବିଜ୍ଞାନ କେନ୍ଦ୍ର କେନ୍ଦୁଝରର ଅମ୍ରିତା ମହାପାତ୍ର, ଦୀପକ ହେମ୍ବ୍ରମ ପ୍ରମୁଖ ଯୋଗଦେଇ ଚାଷ ଓ ଚାଷୀର ଉନ୍ନତି ପାଇଁ ସରକାର ଚାଷୀ ମାନଙ୍କ ପାଇଁ ପ୍ରଣୟନ କରିଥିବା ନୂତନ କୌଶଳ ଓ ଯୋଜନା ବିଷୟରେ ଅବଗତ କରିଥିଲେ । ଆଧୁନିକ ପ୍ରଣାଳୀରେ ଚାଷ ବିଷୟରେ ଚାଷୀଙ୍କୁ ଅବଗତ ଓ ସହାୟତା ଦେଇ ଚାଷୀର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ବିକଶିତ କୃଷି ସଙ୍କଳ୍ପ ଅଭିଯାନର ମୂଳ ଲକ୍ଷ୍ୟ । ଆଧୁନିକ ପ୍ରଣାଳୀରେ ଡ୍ରୋନ୍ ସହାୟତାରେ ଚାଷ ଜମିରେ କୀଟନାଶକ ଔଷଧ ସିଂଚନ, କୃଷି ବୀମା, ସବସିଡି, ରାସାୟନିକ ସାର ବଦଳରେ ଜୈବିକ ସାରର ପ୍ରୟୋଗ, ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା, ଜୈବିକ କୃଷି, ପ୍ରାକୃତିକ କୃଷି, ଅଦିନିଆ ପନିପରିବା ଚାଷ, ବିହନ ବିଶୋଧନ ଉପରେ ପରାମର୍ଶ ଦିଆ ଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ପାଖାପାଖି ଅଂଚଳର ୨୦୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିବା ଜଣା ପଡିଛି ।

## ଶୀତଳଷଷ୍ଠୀ ଯାତ୍ରାରେ ଦେବଦର୍ଶନକଲେ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀ

ସମ୍ବଲପୁର: ପୌରାଣିକ କଥାବସ୍ତୁ ଉପରେ ଆଧାରିତ ୪୦୦ବର୍ଷର ସମୃଦ୍ଧ, ଧାର୍ମିକ ଓ ଆଧାତ୍ମିକ ପରମ୍ପରାକୁ ବହନ କରୁଥିବା ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ପାଇଁ ସହରରେ ଲକ୍ଷଲକ୍ଷ ଲୋକଙ୍କ ମହାର୍ଘ୍ୟ ସମାଗମ ହୋଇଛି । ଦେବଦେବ ମହାଦେବ ଓ ମାତା ପାର୍ବତୀଙ୍କ ଲୌକିକ ବିବାହ ପରେ ଭକ୍ତଜନଙ୍କୁ ଯୁଗଳ ଦର୍ଶନ ଦେବା ପାଇଁ ଯାତ୍ରାରେ ବାହାରିଛନ୍ତି । ଶିବ ଓ ଶକ୍ତିଙ୍କ ଏହି ଅନନ୍ୟ ସ୍ୱରୂପକୁ ଦର୍ଶନ କରିବା ପାଇଁ କାହିଁ କେତେ ଦୂରରୁ ଭକ୍ତ ମାନେ ସମ୍ବଲପୁର ଧାଇଁ ଆସିଛନ୍ତି । ସମ୍ବଲପୁର ଲୋକସଭା ସଦସ୍ୟ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସପରିବାର ବିଭିନ୍ନ ପଡାକୁ ଯାଇ ଶିବପାର୍ବତୀଙ୍କ ଦର୍ଶନ କରିଥିଲେ । ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ, ଓଡିଶା ପ୍ରଦେଶ ବିଜେପି ପ୍ରଭାରୀ ବିଜୟପାଲ ସିଂ ତୋମାର, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପଂଚାୟତରାଜ ମନ୍ତ୍ରୀ ରବିନାରାୟଣ ନାଏକ, ପୂର୍ବତନ ମନ୍ତ୍ରୀ ରୋହିତ ପୁଝାରୀ, ପରିବହନ ମନ୍ତ୍ରୀ ବିଭୁତିଭୂଷଣ ଜେନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଭିନ୍ନ ମନ୍ଦିରକୁ ଯାଇ ଦେବ ଦମ୍ପତିଙ୍କ ଦର୍ଶନ ସହ ମାଁ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରିଛନ୍ତି । ଏତଦ୍ ବ୍ୟତିତ ବହୁ ବିଧାୟକ, ସାଂସଦ ଓ ସାଧୁସନ୍ଥ ମଧ୍ୟ ଉପସ୍ଥିତି ମଧ୍ୟ ଦେଖିବାକୁ ମିଳିଥିଲା । ସୂଚନାଯୋଗ୍ୟ, ବ୍ରଜରାଜନଗର ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୁଝାରୀ ଚଳିତବର୍ଷ ଲୋକନାଥ ବାବାଙ୍କ ବିବାହ ପାଇଁ ପାର୍ବତୀଙ୍କ କନ୍ୟା ପକ୍ଷ ଭୂମିକା ନିର୍ବାହ କରୁଛନ୍ତି ।

# ବ୍ଲକ୍‌ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

**୪୭ ଅଭିଯୋଗ ପଞ୍ଜୀକୃତ**

ସୁବର୍ଣ୍ଣପୁର,(ହି.ସ.)ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୋନପୁର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅନନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୪୭ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ୪୦ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୦୭ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା । ଗୋଟିଏ ଦରଖାସ୍ତ ରେଡକ୍ରସ ରୁ ଆର୍ଥିକ ସହାୟତା ନିମନ୍ତେ ଗ୍ରହଣ କରାଯାଇଥିବା ବେଳେ ଅନ୍ୟ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡ଼ିଓ ସୋନପୁର ପ୍ରତୀକ କରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ ସୋନପୁର ଡଃ ସୌମ୍ୟାରୂପା ରଥ ସମେତ ତହସିଲଦାର ସୋନପୁର ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।

# ଆଗେଇ ଚାଲିଛି ରଥ ନିର୍ମାଣ

ଜୟପୁର, (ହି.ସ.) - ଆଗେଇ ଚାଲିଛି ରଥ ନିର୍ମାଣ । ରଘୁନାଥ ମନ୍ଦିର ପରିସରସମ୍ମୁଖରେ ଥିବା ରଥଖଳାରେ ନିର୍ମାଣ କାର୍ଯ୍ୟ ଚାଲିଛି । ମୁଖ୍ୟ ବିଶ୍ୱକର୍ମା ଧନୁର୍ଜୟ କମାର ଓ ଡମ୍ବରୁ କମାରଙ୍କ ନେତୃତ୍ୱରେ ୯ଜଣ କାରିଗର ରଥ ନିର୍ମାଣରେ ଲାଗି ପଡିଛନ୍ତି । ଅଖଚକ କାମ ଶେଷ ହୋଇଯାଇଛି । ପ୍ରଥମ ଭୂମିକାଠ କାମ ଶେଷ ପର୍ଯ୍ୟାୟରେ ପହଁଚିଛି । ଆସନ୍ତା ୨ ଦିନ ମଧ୍ୟରେ ଅଖ ଉପରେ ଏହା ବସାଯିବ ବୋଲି କହିଛନ୍ତି । ରଥ ନିର୍ମାଣ ତଦାରଖ କରୁଥିବା ଦେବୋତର ବିଭାଗ ବରିଷ୍ଠ କିରାଣି କୃଷ୍ଣଚନ୍ଦ୍ର ଦାଶ । ଶ୍ରୀ ଦାଶ କହିଛନ୍ତି ଗତବର୍ଷର କାଠରେ ରଥ ନିର୍ମାଣ କରାଯାଉଛି । ଯଦି ଦରକାର ପଡେ କିଛି ନୂତନ କାଠ ବ୍ୟବହାର କରାଯିବ ବୋଲି କହିଛନ୍ତି । ଦୁଇଦିନ ହେବ ଅଖରେ ଚକ ଲଗାଯାଇଛି । ଅଖ ଉପରେ ପ୍ରଥମ ଭୂମିକାଠ ବସାଯିବ । ଏଥିସହ ଉପର ଭୂମିକାଠ, ଗୁଜକାଠ, କିଆକାଠ, ଚକଡାକାଠ ପ୍ରସ୍ତୁତ କରାଯାଉଛି । ଧାର୍ଯ୍ୟ ସମୟରେ କିପରି କାମ ସିରିବ ସେଥିଲାଗି ନିୟମିତ ତଦାରଖ କରାଯାଉଛି ।

# କୋରାପୁଟ ଜିଲ୍ଲାରେ ରୋଜାଙ୍ଗଲା ରାଜ କଳସ ଶୋଭାଯାତ୍ରା

ଜୟପୁର: କୋରାପୁଟ ଜିଲ୍ଲା ଯାଦବ ମହାସଭା ପକ୍ଷରୁ ଜିଲ୍ଲାକୁ ଆସିଥିବା ରୋଜାଙ୍ଗଲା କଳସ ଯାତ୍ରାକୁ ସ୍ୱାଗତ କରାଯାଇଛି । ଜିଲ୍ଲା ସଭାପତି ମଦନ ମୋହନ ନାୟକଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ଼, ରାଜ୍ୟ ଉପ ସଭାପତି ହୃଷୀକେଶ ଗୌଡ଼, ରାଜ୍ୟ ଯୁବ ସଭାପତି ଅମର ନାୟକ, ଉପ ସଭାପତି ଅମିତ ନାୟକ, କବିରାଜ ପରମେଶ୍ୱର ପାତ୍ର, ପର୍ଶୁରାମ ନାୟକ ପ୍ରମୁଖ ଇନ୍ଦ୍ରାବତୀ ନଦୀ କୂଳରୁ ଜୟପୁର ଯାଏଁ ପାଛୋଟି ଆଣିଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ଼ କଳସ ଯାତ୍ରା ସଂପର୍କରେ ଅବଗତ କରାଇବା ସହ ବୋରିଗୁମ୍ମା ଜୟପୁର ଯାଦବ ଭବନରେ ଏହାକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏଥିରେ ପ୍ରମୋଦ କୁମାର ନାୟକ, ନରେନ୍ଦ୍ର ନାୟକ, ଫଗୁ ଗୌଡ଼, ନାରାୟଣ ଗୌଡ଼, ପ୍ରଦୀପ ନାୟକ, ନରେନ୍ଦ୍ର ନାୟକ, ରବି ନାରୟଣ ଗୌଡ଼, ରାମଚନ୍ଦ୍ର ମହାଙ୍କୁଡ, ହରି ଗୌଡ଼, ବିଜୟ ଗୌଡ଼, ବ୍ଲକ ସଭାପତି ବାବୁଲା ଗୌଡ଼ ପ୍ରମୁଖ ଯୋଗ ଦେଇଥିଲେ । ଯାତ୍ରା ସମୟରେ ଗାଁ ଗାଁ ବୁଲି ଏହି ସମାଜର ରହିଥିବା ଦାବି ବିଶେଷ କରି ଯାଦବଙ୍କୁ ଗିରିଜନ ମାନ୍ୟତା, ଗୋଚର ଜମି ଜବର ଦଖଲ ମୁକ୍ତ, ଜାତିଭିତିକ ଜନଗଣନା ରିପୋର୍ଟ ପ୍ରକାଶ, ଶିକ୍ଷା ଏବଂ ଚାକିରୀ କ୍ଷେତ୍ରରେ ଯାଦବଙ୍କ ଭାଗିଦାରୀ ଅନୁସାରେ ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା, ଓମଫେଡ ସଂସ୍ଥାର ସମ୍ପୂର୍ଣ ଦାୟିତ୍ୱ ଯାଦବଙ୍କର ରହିବା, ସେନା ବାହିନୀରେ ଅହିର୍ ରେଜୀମେଂଟ ଗଠନ, ଯାଦବଙ୍କ ପାଇଁ ଜଙ୍ଗଲ ଜମି ଅଧିକାର, ଯାଦବ ବିକାଶ ପରିଷଦ ଗଠନ ଉପରେ ଆଲୋଚନା ହୋଇଥିଲା । ଶେଷରେ ନଗର ସଭାପତି ଭାସ୍କର ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ । ବୋରିଗୁମ୍ମା ବ୍ଲକର କାମରା, ପର୍ଲି, ହର୍ଦଳି ଛକ, କାମତା, ବଡ଼ିଗାଁ, କୁମୁଳି , ଚରାମୁଲା, ନୂଆଗାଁ, ବଡ଼ ଦୁବୁଲି, ସର୍ଗିଗୁଡା ଦେଇ ଏହି ଯାତ୍ରା ଆସିବା ସହ ଯାଦବ ଭବନରେ ପହଂଚି ଥିଲା । ଆସନ୍ତା କାଲି ଏହି ଯାତ୍ରା ବୈପାରିଗୁଡ଼ା ଦେଇ ମାଲକାନଗିରି ଜିଲ୍ଲା ଯିବ ।

## କପୁରମାଲରେ ନୂତନ ଧାନମଣ୍ଡି ଉଦ୍‌ଘାଟିତ

ମୁଖୀଗୁଡା: କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ମଙ୍ଗଳପୁର ପଂଚାୟତ ଅନ୍ତର୍ଗତ କପୁରମାଲ ଠାରେ ନୂତନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ମୁଖୀଗୁଡା ଆରଆଇ ଶରତ ଚନ୍ଦ୍ର ସଗଡିଆ, ମଙ୍ଗଳପୁର ପେକ୍ସ ଭାରପ୍ରାପ୍ତ ସମ୍ପାଦକ ସନ୍ତୋଷ କୁମାର ଅଗ୍ରୱାଲ, ଡିଇଓ ଲଳିତ ମୋହନ ରାଉତ, ଏନାଲାଇଜର ଅଭିମନ୍ୟୁ ବାଗ, କିଶୋର ଚନ୍ଦ୍ର ନାଏକ, କୃଷକ କମିଟିର ସଭାପତି ଘାସିରାମ ନାଗ, ସମ୍ପାଦକ କିଶୋର ଚନ୍ଦ୍ର ସାହୁ, ସଂଯୋଜକ ରୁଦ୍ର ପ୍ରସାଦ ପ୍ରଧାନୀ, ମାଧବ ଚନ୍ଦ୍ର ବାଗ, ଭୃଷକେତୁ ରଣା, ଗଙ୍ଗାଧର ପୁଝାରି, ଦିନେଶ ଚନ୍ଦ୍ର ଡିଶାରୀ, ସୁମନ୍ତ ପୁଝାରୀ, ସଂଗ୍ରାମ ପଣ୍ଡା ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ । ଏହି ମଣ୍ଡି ଦ୍ୱାରା କପୁରମାଲ, ରଜାମୁଣ୍ଡା, ମୁଣ୍ଡରାଗୁଡା ଆଦି ଅଞ୍ଚଳର ଚାଷୀ ଉପକୃତ ହେବେ । ପ୍ରକାଶ ଯେ, ଉପରୋକ୍ତ ଅଞ୍ଚଳର ଚାଷୀମନେ ଧାନ ବିକ୍ରି ପାଇଁ ୪ କିଲୋମିଟର ଦୂର ମଙ୍ଗଇପୁର ମଣ୍ଡିକୁ ଯାଇ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ । ପ୍ରଥମ ଦିନରେ ୪ ଜଣ ଚାଷୀଙ୍କ ୧୩୫ କ୍ୟୁଂଟାଲ ଧାନ କିଣା ଯାଇଥିଲା ।

## ରାଜ୍ୟସ୍ତରୀୟ ସାରସ୍ୱତ ମହୋତ୍ସବ ଓ କବିତାକୁମ୍ଭ ପର୍ବ

# 'ସାମ୍ବାଦିକ ଓ ସାହିତ୍ୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ'



**● 'ଅପରାହ୍ନ'ର ବାର୍ଷିକୋତ୍ସବ**

**● କୁଞ୍ଜବିହାରୀ ରାଉତଙ୍କୁ ସୃଜନଶ୍ରୀ ସମ୍ମାନ**


ରାଉରକେଲା(ପିପିଏସ୍) : ବାଲେଶ୍ୱରରୁ ପ୍ରକାଶ ପାଉଥିବା ଦୈନିକ ଖବରକାଗଜ 'ଅପରାହ୍ନ'ର ବାର୍ଷିକ ଉତ୍ସବ, ରାଜ୍ୟସ୍ତରୀୟ ସାରସ୍ୱତ ମହୋତ୍ସବ, କବିତାକୁମ୍ଭ ପର୍ବ, ପୁସ୍ତକ ଉନ୍ମୋଚନ ଓ ସୃଜନଶ୍ରୀ ସମ୍ମାନ ପ୍ରଦାନ ଦ୍ୱିଦିବସୀୟ ଉତ୍ସବ ସ୍ଥାନୀୟ ଗାନ୍ଧୀ ସ୍ମୃତି ସଦନ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ଶ୍ରୀଲିପ୍ସା ପ୍ରିଣ୍ଟ ମିଡିଆ ର ସହଯୋଗ, ଅପରାହ୍ନର ସମ୍ପାଦକ ବଂଶୀଧର ଜେନା ଙ୍କ ସଭାପତିତ୍ୱ ଓ ଶ୍ରୀଲିପ୍ସା ପ୍ରିଣ୍ଟ ମିଡିଆର ପରିଚାଳିକା ଲକ୍ଷ୍ମୀପ୍ରିୟା ଦାସ ଙ୍କ ଆବାହକତ୍ୱ ପ୍ରଥମ ପର୍ଯ୍ୟାୟର ସଂଯୋଜକ ଇଏସ ଆର୍ଯ୍ୟବର୍ତ୍ତଙ୍କ ସଂଯୋଜନା ଓ ଘନଶ୍ୟାମ ବିଶ୍ୱାଳଙ୍କ ପୈ ।ରହିତ୍ୟ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ପ୍ରାକ୍ତନ ସାଂସଦ ଇଂ ରବିନ୍ଦ୍ର କୁମାର ଜେନା, ଶାସକ ଦଳର ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋପାଳ ଦାସ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ କବି ଡଃ ଲକ୍ଷ୍ମୀକାନ୍ତ ତ୍ରିପାଠୀ, କବି ପ୍ରଶାନ୍ତ ଦାସ, ବାଲେଶ୍ୱର ପ୍ରେସ କ୍ଲବ ସଭାପତି ବିପ୍ଳବ ମହାନ୍ତି, ଆଇନଜୀବୀ ରାମଚନ୍ଦ୍ର ଜେନା , କବି ପବିତ୍ର ପାଣିଗ୍ରାହୀ, ପ୍ରାକ୍ତନ ମନ୍ତ୍ରୀ ତଥା ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଆବାହିକା ଶ୍ରୀମତୀ ଦାସ ସ୍ୱାଗତ ଭାଷଣ ସହ ସମ୍ପର୍କର ମହକ, ଫୁଲର ବିବିଧତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟଅତିଥି ଶ୍ରୀ ଦାସ ତାଙ୍କ ବକ୍ତବ୍ୟରେ କହିଲେ ଯେ ପୁସ୍ତକ ସମାଜକୁ ଆଗକୁ ନେବାରେ ସାହାଯ୍ୟ କରେ, ଉଦ୍‌ଘାଟକ ଇଂ ଜେନା ପୁସ୍ତକ ମାଧ୍ୟମରେ ଜ୍ଞାନ ବାଣ୍ଟିବା ତଥା ଉପବାସ କିପରି ମାନସିକ ଶକ୍ତି ପ୍ରଦାନ ସହ ଶ୍ରୀଚୈତନ୍ୟଙ୍କ ଦେହାନ୍ତ ପରର ଅବସ୍ଥା ସମ୍ପର୍କରେ, ସମ୍ମାନିତ ଅତିଥି ବିଧାୟକ ଶ୍ରୀ ପାତ୍ର ତାଙ୍କ ବକ୍ତବ୍ୟରେ କହିଲେ ଯେ ଅବ୍ୟକ୍ତକୁ ବ୍ୟକ୍ତ କରିପାରେ ସାହିତ୍ୟ, ସାହିତ୍ୟ ସାଧନାର ଶେଷ ନଥାଏ ଓ ସାହିତ୍ୟିକଙ୍କ ସାଧନାର ମୂଲ୍ୟ କେହି ଦେଇପାରିବେ ନାହିଁ, କବି ଶ୍ରୀ ଦାସ ତାଙ୍କ ବକ୍ତବ୍ୟରେ ସାହିତ୍ୟ ସମାଜକୁ, ମାନସ ଚିନ୍ତନକୁ ଉର୍ଦ୍ଧାୟିତ କରିବା ଓ ଲେଖୁ ଲେଖୁ ସାହିତ୍ୟିକ ହେବାକୁ ଚେଷ୍ଟା କରିବାକୁ ଆହ୍ୱାନ ଦେଇଥିଲେ । ସାମ୍ବାଦିକ ଶ୍ରୀ ମହାନ୍ତି ତାଙ୍କ ବକ୍ତବ୍ୟରେ ସାମ୍ବାଦିକ ଓ ସାହିତ୍ୟ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ବୋଲି ମତ ରଖିଥିଲେ । ଏହି ଅବସରରେ ରାଜ୍ୟର ବିଭିନ୍ନ ଲେଖକଙ୍କ ରେକର୍ଡ ସଂଖ୍ୟକ ୨୮ ଟି ପୁସ୍ତକକୁ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ କରାଯାଇଥିଲା । ପରେ ଦ୍ୱିତୀୟ ପର୍ଯ୍ୟାୟର କବିତା କୁମ୍ଭ ପର୍ବରେ ଡ଼ଃ ସବିତା ଶତପଥୀଙ୍କ ସଂଯୋଜନାରେ ଡଃ ହରିଶ୍ଚନ୍ଦ୍ର ବେହେରା, ବିଦେଶୀ ନାୟକ, ପବିତ୍ର ପାଣିଗ୍ରାହୀ ଡ ସୁଚିତ୍ରା ପାଣିଗ୍ରାହୀ, ଭରତ ଚନ୍ଦ୍ର ଦାସ, କବି ତଥା ସାମ୍ବାଦିକ କୁଞ୍ଜବିହାରୀ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ କବିତା କିପରି ସମାଜ ଗଠନରେ ତଥା କବିମାନେ କିପରି ସୃଜନତାର ଈଶ୍ୱର ସେ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ରାଜ୍ୟର ୩୦ଟି ଜିଲ୍ଲା ତଥା ବାଙ୍ଗାଲୋର, କଲିକତା, ଖଡ଼ଗପୁରରୁ ଆସିଥିବା ପ୍ରାୟ ୩୦୦ କବି ସ୍ୱରଚିତ କବିତା ପାଠ କରିଥିଲେ । ସେହିପରି ୩୦ଟି ଜିଲ୍ଲାର ସଂଯୋଜକ ଓ ସାମ୍ବାଦିକ ତଥା ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କବି ତଥା ସାମ୍ବାଦିକ କୁଞ୍ଜବିହାରୀ ରାଉତଙ୍କ ସମେତ ୩୦ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସୃଜନଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସୁନ୍ଦରଗଡ ଜିଲ୍ଲାର ସଂଯୋଜକ ଭାବେ ନିରୁପମା ପତି ଓ ପ୍ରଫୁଲ୍ଲ ଚନ୍ଦ୍ର ବାରିକଙ୍କ ସଂଯୋଜନାରେ କବି ସୁଶାନ୍ତ କୁମାର ନାୟକ ଓ କୁଞ୍ଜବିହାରୀ ରାଉତଙ୍କୁ ସୃଜନଶ୍ରୀ ସମ୍ମାନ, ପଣ୍ଡିତ ନିଶିକାନ୍ତ ମିଶ୍ରଙ୍କୁ କବିତା କୁମ୍ଭ ସମ୍ମାନ ପ୍ରଦାନ କରାଯାଇଥିଲା ବେଳେ ସମସ୍ତେ ସ୍ୱରଚିତ କବିତା ପାଠ କରିଥିଲେ । ସେହିପରି ଦ୍ୱିତୀୟ ଦିବସ ପ୍ରଥମ ପର୍ଯ୍ୟାୟର ସଂଯୋଜକ ସମ୍ମିଳନୀରେ ଅତିଥି ଭାବେ କବି ପ୍ରଶାନ୍ତ ଦାସ, ଯୁଗଶ୍ରୀ ଯୁଗନାରୀ ର ସମ୍ପାଦକ ମମତା ମହାପାତ୍ର, କବି କାଳିକିଙ୍କର ଦାସ, ବ୍ରଜେନ୍ଦ୍ର ଗିରି, ଅଧ୍ୟାପକ ଡଃ ନୀଳକଣ୍ଠ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଡ଼ଃ ସବିତା ଶତପଥୀଙ୍କ ସଂଯୋଜନାରେ ପ୍ରିଣ୍ଟରର ପରିଚାଳିକା ଶ୍ରୀମତୀ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ତଥା ରେବତୀ ପତ୍ରିକାର ସମ୍ପାଦକ ସୁବାସିନୀ ଜେନା , ଉଦ୍‌ଘାଟକ ଭାବେ ପ୍ରାକ୍ତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଡଃ ଅରୁଣ ସାହୁ, ବକ୍ତା ଭାବେ କବି ରକ୍ଷକ ନାୟକ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ତଥା କବି ରଞ୍ଜନ କୁମାର ବାଗ୍, ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ, ବହିଘର ପ୍ରକାଶକ ଅଭୟ ଦାସ, ସମାଜସେବୀ ଗିରିଶ ଦାସ ପ୍ରମୁଖ ଯୋଗଦେଇ ସେମାନଙ୍କ ବକ୍ତବ୍ୟରେ କହିଲେ ଯେ ସୁସ୍ଥ ସମାଜ ଗଠନରେ ଲେଖକଙ୍କ ଦାୟିତ୍ୱ ଅନେକ । ସାହିତ୍ୟିକମାନେ ଚାହିଁଲେ ସମାଜକୁ ବଦଳାଇ ଦେଇ ପାରିବେ । ସମାଜରେ ସମାନତା ଆଣିବା ପାଇଁ ପ୍ରୟାସ ହେବା ଦରକାର । ଏହି ଅବସରରେ କବିତାକୁମ୍ଭରେ କବିତା ପାଠ କରିଥିବା ଶ୍ରେଷ୍ଠ ୨୦ ଜଣ କବିଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ସୁଚିସ୍ମିତା କର, ସୁଶ୍ରୀ ରଶ୍ମିତା ପରମାଣିକ, ଆଶିଷ କୁମାର, ଯଶୋବନ୍ତ ନାରାୟଣ ଓ ଅନ୍ୟମାନେ ସହଯୋଗ କରିଥିଲେ । ଶେଷରେ ଏହି ଦ୍ୱିଦିବସୀୟ କାର୍ଯ୍ୟକ୍ରମ ସଫଳ ରୂପେ ସମାପନ ହୋଇଥିବାରୁ ସମ୍ପାଦକ ଶ୍ରୀ ଜେନା ସମସ୍ତଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୋନପୁର ପ୍ରିମିଅର ଲିଗ୍

# ଦ୍ୱିତୀୟ ମ୍ୟାଚ୍‌ରେ ସୁପର ଜାଏଣ୍ଟସ୍ ଦଳ ବିଜୟୀ

ସୋନପୁର: ଗତ ୨୭ ତାରିଖ ରେ ସୋନପୁର ଗାନ୍ଧୀ ପଡ଼ିଆରେ ଉଦଘାଟନ ହୋଇ ଥିବା ଓ ଲଗାତାର ବର୍ଷା ପାଇଁ ବନ୍ଦ ହୋଇ ଥିବା ସୋନପୁର ପ୍ରୀମିଅର୍ ଲିଗ୍ ପୁଣି ଆରମ୍ଭ ହୋଇଛି । ସମ୍ମାନିତ ଅତିଥି ଭାବରେ ସୋନପୁର କଲେଜ ପ୍ରାକ୍ତନ ସଭାପତି ନବ କୁମାର ସେଠି, ଏସପିଏଲ୍ କମିଟି ଅଧ୍ୟକ୍ଷ ବି.ସତ୍ୟ ନାରାୟଣ ରାଓ, ସଂପାଦକ ନବ କିଶୋର ମିଶ୍ର, ଜିଲ୍ଲା କ୍ରିକେଟ ସଂଘ ସଭାପତି ପ୍ରଦୀପ କୁମାର ସେଠୀ, ବସ୍ ଆସୋସିଏସନ୍ ସଭାପତି ଦୀପକ ମହାପାତ୍ର, ସଂପାଦକ ସୁଦର୍ଶନ ପଣ୍ଡା ଯୋଗ ଦେଇ ଖେଳାଳି ଙ୍କୁ ଉତ୍ସାହିତ କରିଥିଲେ । ସୋନପୁର ସୁପର ଜାଏଂଟସ୍ ଓ ମା ମାହେଶ୍ୱରୀ ସ୍ପୋର୍ଟିଂ ମଧ୍ୟରେ ଟୁର୍ଣ୍ଣାମେଂଟର ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିବା ବେଳେ ୨୦ ଓଭର ବିଶିଷ୍ଟ ମ୍ୟାଚରେ ମା ମାହେଶ୍ୱରୀ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ୭ ୱିକେଟ ହରାଇ ସୋନପୁର ସୁପର୍ ଜାଏଂଟସ୍ ଦଳ କୁ ୧୬୭ ରନ୍ ଟାର୍ଗେଟ ଦେଇଥିଲା । ଦଳ ପକ୍ଷରୁ ବିକି କହଁର ସର୍ବାଧିକ ୩୦ ରନ ଓ ଟୁନା ମିଶ୍ର ୧୮ ରନ୍ କରିଥିବା ବେଳେ ଆକାଶ ପାତ୍ର ୪ ୱିକେଟ୍ ଓ ଭୀଷ୍ମ ହରିପାଲ, ଧ୍ରୁବ ଜ୍ୟୋତି ପ୍ରହରି ୧ ଟି ଲେଖାଏଁ ୱିକେଟ ହାସଲ କରିଥିଲେ । ସୁପର ଜାଏଂଟସ୍ ଦଳ ୧୯.୧ ଓଭର ରେ ୬ ୱିକେଟ୍ ହରାଇ ୧୬୭ ରନ୍ ଲକ୍ଷ୍ୟ ପୁରଣ କରି ୪ ୱିକେଟ ରେ ମ୍ୟାଚ୍ ବିଜୟୀ ହୋଇଛି । ଦଳ ପକ୍ଷରୁ ଭରଦ୍ୱାଜ ପାଣିଗ୍ରାହୀ ୩୮ ବଲ୍ ରେ ୭୩ ରନ୍ କରିଥିବା ବେଳେ ଭୀଷ୍ମ ହରିପାଲ ୩୨ ରନ୍ ଓ ଗୌରାଙ୍ଗ ମହା ନନ୍ଦିଆ ୨୭ ରନ୍ କରିଥିଲେ । ଦେବାଶିଷ ସାହୁ ୨ ଟି ୱିକେଟ୍ ଓ ପୁରୋଷୋତମ ପାତ୍ର, ବିକି କହଁର, ରାଜନ ବେହେରା ୧ ଟି ଲେଖାଏଁ ୱିକେଟ ହାସଲ କରିଥିଲେ । ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଆଜି ଆକାଶ ପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଶ୍ୟାମ ସୁନ୍ଦର ପଣ୍ଡା ଓ ଶ୍ରୀବନ୍ତ ନାୟକ ଆଜି ର ମ୍ୟାଚ୍ ପରିଚାଳନା କରିଥିଲେ । ଖେଳର ପ୍ରତ୍ୟକ୍ଷ ଧାରା ବିବରଣୀ ବି.ଏସ.ରାଓ ପ୍ରଦାନ କରିଥିଲେ । ଦିନେଶ ଘିବିଲା ଓ ବିଶ୍ୱନାଥ ନାୟକ ସ୍କୋରର ଭାବେ ଦାୟିତ୍ୱ ତୁଲାଇ ଥିଲେ । ଜିଲ୍ଲା କ୍ରିକେଟ ସଂଘ ବରିଷ୍ଠ ସଦସ୍ୟ ଶ୍ୟାମ ସୁନ୍ଦର ପାତ୍ର, ସୁଧାଂଶୁ ଶେଖର ମିଶ୍ର, ବାଙ୍କା ବିହାରୀ ମହଲା, ପ୍ରଦୀପ୍ତ ସେଠୀ, ରାଜେନ୍ଦ୍ର ମିଶ୍ର , ପାର୍ଥ କର ପ୍ରମୁଖ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ‘ଲୋହାଣ୍ଡି ଟୁ ଲଦାଖ’ ଉନ୍ମୋଚିତ



**ଭୁବନେଶ୍ୱର (ପିପିଏସ୍):** ଓମ୍ ପ୍ରକାଶ ସିଂହଙ୍କ ଦ୍ୱାରା ଲିଖିତ ଏକ ହୃଦୟସ୍ପର୍ଶୀ ଭ୍ରମଣ କାହାଣୀ ପୁସ୍ତକ ‘ଲୋହାଣ୍ଡି ଟୁ ଲଦାଖ’ର ଉନ୍ମୋଚନ ଉତ୍ସବ ଚନ୍ଦ୍ରଶେଖରପୁରର ଅରଣ୍ୟ ଭବନ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶକ କେତକୀ ବୁକ୍ସ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଆଇଏଫଏସ୍ ସୁରେଶ ପନ୍ତ, ଅବସରପ୍ରାପ୍ତ ଆଏଫଏସ୍ ଦେବୀଦତ୍ତ ବିଶ୍ୱାଳ, ଆଏଫଏସ୍ (କେନ୍ଦୁଲିଫ୍, ପିସିସିଏଫ୍) ଉମା ନାନ୍ଦୁରୀ, ଆଇଏଫଏସ୍(ୱାଇଲଡ ଲାଇଫ୍) ପ୍ରେମ କୁମାର ଝା (ପ୍ରମୁଖ ଯୋଗଦେଇ ପୁସ୍ତକଟିକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଲେଖକ ଓମ୍ ପ୍ରକାଶ ସିଂହ ତାଙ୍କର ଲୋହାଣ୍ଡି ଠାରୁ ଲଦାଖ ପର୍ଯ୍ୟନ୍ତର ଭ୍ରମଣର କାହାଣୀ ବ୍ୟକ୍ତିଗତ ଅନୁଭବ ଓ ଅନ୍ତର୍ନିହିତ ଚିନ୍ତନକୁ ଉପସ୍ଥାପନ କରିଥିଲେ। ଏହି ପୁସ୍ତକ ଅନ୍ୟମାନଙ୍କୁ ନିକଟ କିମ୍ବା ଦୂରରେ ଦୁଃସାହସିକତା ଏବଂ ସୌନ୍ଦର୍ଯ୍ୟ ଖୋଜିବା ପାଇଁ ପ୍ରେରଣା ଦେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏହି ପୁସ୍ତକ ବୁକଷ୍ଟୋର ଆମାଜନ୍‌ରେ ଉପଲବ୍ଧ ରହିଥିବା ସେ କହିଛନ୍ତି। ପ୍ରାରମ୍ଭରେ ଫରେଷ୍ଟ ମୁଖ୍ୟାଳୟର ଡିଏଫଓ ସୁନୀତା ଜୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଭିଜୁଆଲ୍ ଡିଜାଇନର୍ ଜ୍ୟୋତିରଞ୍ଜନ ସ୍ୱାଇଁ ଉପସ୍ଥିତ ଥିଲେ।

# ସସ୍ମିତ ବିଶ୍ୱାଳ ହତ୍ୟା ମାମଲା: ରିମାଣ୍ଡରେ ଅଭିଯୁକ୍ତ

**ଭୁବନେଶ୍ୱର (ପିପିଏସ୍):** ପଧାନସାହିରେ ବିଲ୍ଡର୍ସ ସସ୍ମିତ ବିଶ୍ୱାଳ ହତ୍ୟା ମାମଲାର ଅଭିଯୁକ୍ତକୁ ରିମାଣ୍ଡରେ ନେଇଛି ପୁଲିସ। ରିମାଣ୍ଡରେ ନେଇ ହତ୍ୟା ବେଳର ସିନ୍ ରିକ୍ରିଏସନ୍ କରାଇଛି। ଏୟାରଫିଲ୍ଡ ଥାନା ପୁଲିସ ଦ୍ୱାରା ଦୁଇ ଦିନିଆ ରିମାଣ୍ଡରେ ଥିବା ଦେବଦତ୍ତ ପରିଡ଼ା ସିନ୍ ରିକ୍ରିଏସନ୍ କରି କେମିତି ବିଲଡରଙ୍କୁ ମାରିଲା ତାହା ଦେଖାଇଛି। ପୁଲିସ ସୂଚନା ଅନୁସାରେ, ୟୁନିଟ୍ ୬ ଭୀମପୁର ଅଞ୍ଚଳର ଚିନ୍ନୁ ଦୀର୍ଘଦିନ ହେବ ପ୍ରଧାନସାହିର ଟୁଲୁ ମହାନ୍ତି ସହିତ ଭାଗିଦାରୀରେ ଜମିବାଡ଼ି ବ୍ୟବସାୟ କରି ଆସୁଥିଲେ। ଜମିବାଡ଼ି ବେପାରକୁ ନେଇ ଦୁଇ ପାର୍ଟନର ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ଏକ ଜମିର ରାସ୍ତାକୁ ନେଇ ବିବାଦ ଦେଖା ଦେଇଥିଲା। ଗତ ଏପ୍ରିଲ୍ ୧୧ ତାରିଖ ଦିନ ଉକ୍ତ ଜମିରେ ପୂର୍ବରୁ ହୋଇଥିବା ପାଚେରି ଭାଙ୍ଗିବାକୁ ନେଇ ଦୁଇ ପକ୍ଷଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏୟାରଫିଲ୍ଡ ଥାନା ପୁଲିସ ଘଟଣାସ୍ଥଳରେ ଯାଇ ଉଭୟପକ୍ଷ ମଧ୍ୟରେ ସମାଧାନ କରିଥିଲା। ଦ୍ୱିପହରରେ ଉଭୟପକ୍ଷ ମଧ୍ୟରେ ଝଗଡ଼ା ହୋଇଥିଲା। ହୋମଗାର୍ଡ ସୁକାନ୍ତ ବେହେରା, ଟୁଲୁ ମହାନ୍ତି, ଗୁଲୁ ମହାନ୍ତି, ମନୋଜ ବେହେରା, ସୁକାନ୍ତ ପରିଡ଼ା, ଦେବଦତ୍ତ ପରିଡ଼ା ଓ ସହଯୋଗୀମାନେ ମିଶି ଚିନ୍ନୁଙ୍କୁ ମାଡ଼ ମାରି କାଜୁ ଜଙ୍ଗଲ ଭିତରକୁ ନେଇ



ଯାଇଥିଲେ। ସେଠାରେ ଚିନ୍ନୁଙ୍କୁ ଠେଙ୍ଗା ଓ କାଠ ଫାଳିଆରେ ପିଟିପିଟି ହତ୍ୟା କରିଥିଲେ। ସେହିଦିନ ଅପରାହ୍ଣରେ ପଧାନସାହି ଖେଳ ପଡିଆ ନିକଟସ୍ଥ କାଜୁ ଜଙ୍ଗଲରୁ ଚିନ୍ନୁଙ୍କ ମୃତଦେହ ଠାବ କରିଥିଲା ଏୟାରଫିଲ୍ଡ ଥାନା ପୁଲିସ। ଭାଇ ଦେବବ୍ରତ ମହାନ୍ତିଙ୍କ ଅଭିଯୋଗ ଆଧାରରେ ପୁଲିସ ୭ ଜଣଙ୍କ ନାମରେ ହତ୍ୟା ମାମଲା ରୁଜୁ କରିଥିଲା। ହୋମଗାର୍ଡ ସୁକାନ୍ତ ବେହେରା, ଗୁଲୁ ମହାନ୍ତି, ମନୋଜ, ସୁକାନ୍ତ ପରିଡ଼ାକୁ ଗିରଫ କରିଥିବା ବେଳେ ଦେବଦତ୍ତ ପରିଡ଼ା ଗତ ମଙ୍ଗଳବାର ଦିନ କୋର୍ଟରେ ଆତ୍ମସମର୍ପଣ କରିଥିଲା।

ଦେବଦତ୍ତ ଆତ୍ମସମର୍ପଣ କରିବା ପରେ ତା’କୁ ରିମାଣ୍ଡରେ ଆଣିବା ଲାଗି ପୁଲିସ ଆବେଦନ କରିଥିଲା। କୋର୍ଟଙ୍କ ଅନୁମତି ମିଳିବା ପରେ ଆଜିଠାରୁ ଦୁଇ ଦିନିଆ ରିମାଣ୍ଡରେ ଆଣିଛି। ଏୟାରଫିଲ୍ଡ ଥାନା ପୁଲିସ ନେଇ ଦେବଦତ୍ତଙ୍କୁ ନେଇ ଘଟଣାସ୍ଥଳରେ କ୍ରାଇମ୍ ସିନ୍ ରିକ୍ରିଏସନ୍ କରିଥିଲା। ଘଟଣା ଦିନ ଅଭିଯୁକ୍ତମାନେ କିପରି ଓ କେଉଁଠାରେ ହତ୍ୟା କରିଥିଲେ, ସେନେଇ ଖୋଳତାଡ଼ କରିଥିଲା। ଅଭିଯୁକ୍ତମାନେ ଚିନ୍ନୁଙ୍କୁ ହତ୍ୟା କରି ଯିବାପରେ ରାସ୍ତାରେ ଥିବା ପରିତ୍ୟକ୍ତ ଘରେ ଠେଙ୍ଗା ଫୋପାଡ଼ି ଥିବା ଦେବଦତ୍ତ ପୁଲିସ ଆଗରେ ସ୍ୱୀକାର କରିଛି। ଘଟଣାସ୍ଥଳ ଠାରୁ ୩ ଶହ ମିଟର ଦୂରରେ ଥିବା ଏକ ପରିତ୍ୟକ୍ତ ଘରୁ ହତ୍ୟାରେ ବ୍ୟବହୃତ ଠେଙ୍ଗା ଜବତ କରିଥିଲା ପୁଲିସ। ଅଧିକ ପ୍ରମାଣ ହାତେଇବା ପାଇଁ ଅଭିଯୁକ୍ତକୁ ଥାନାରେ ରଖି ପଚ୍ରାଉଚ୍ରା କରୁଛି ପୁଲିସ। ଆସନ୍ତାକାଲି ତା’ର ରିମାଣ୍ଡ ଅବଧି ସରିବା ପରେ କୋର୍ଟରେ ହାଜର କରାଯିବ ବୋଲି ପୁଲିସ କହିଛି। ତେବେ ଘଟଣାର ମୁଖ୍ୟ ଅଭିଯୁକ୍ତ ଟୁଲୁ ମହାନ୍ତି ଏପର୍ଯ୍ୟନ୍ତ ଗିରଫ ହୋଇପାରିନାହିଁ।

## ଏଫ୍ଏଫ୍‌ସିର ବିଶ୍ୱ ତମାଖୁ ବର୍ଜନ ଦିବସ

ଭୁବନେଶ୍ୱର, ୨।୬(ସମିସ): ୱାକର୍ସ ଇଣ୍ଟରନେସନାଲ୍ ସହ ଅନୁବନ୍ଧିତ ଫନ ଆଣ୍ଡ ଫିଟ୍‌ନେସ୍ ୱାକର୍ସ କ୍ଲବ ଚଳିତ ବର୍ଷ ‘ବିଶ୍ୱ ତମାଖୁ ବର୍ଜନ ଦିବସ’ ୱାକର୍ସ ଇଣ୍ଟରନେସନାଲ୍ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମୁକ୍ତିକାନ୍ତ ଅଗସ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସମ୍ମାନୀୟ ଅତିଥି ଭାବେ ବରଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା. ଶଶିକାନ୍ତ ମିଶ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୱାକର୍ସ ଇଣ୍ଟରନେସନାଲ୍ ଜୋନ ଚେୟାରପର୍ସନ କେଦାର ପଟ୍ଟନାୟକ, ଏଫ୍ଏଫ୍‌ସି ର ସଭାପତି ଆଶିଷ ପଟ୍ଟନାୟକ, ଭବାନୀ ପଟ୍ଟନାୟକ, ଭାଇସ ପ୍ରେସିଡେଣ୍ଟ ପ୍ରଦୀପ ପଣ୍ଡା, ଏଫ୍ଏଫ୍‌ସିର ସମ୍ପାଦକ ସୁଧାକର ସଡ଼ଙ୍ଗୀ ଯୋଗ ଦେଇଥିଲେ।

# ଜେଇଇ ଆଡଭାନ୍ସଡ୍ ପରୀକ୍ଷାରେ ଆଲେନ୍‌ର ସଫଳତା

**ଭୁବନେଶ୍ୱର (ପିପିଏସ୍):** ଜେଇଇ ଆଡଭାନ୍ସଡ୍ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଥିବା ବେଳେ ଏଥିରେ ଆଲେନ୍ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଅଭୁତପୂର୍ବ ସଫଳତା ପାଇଛନ୍ତି। ରାଜସ୍ଥାନ କୋଟାସ୍ଥିତ ଆଲେନ୍‌ର ଛାତ୍ର ରଜିତ ଗୁପ୍ତା ସମୁଦାୟ ୩୬୦ରୁ ୩୩୨ ମାର୍କ ରଖି ଦେଶରେ ଟପ୍ପର ହୋଇଛନ୍ତି। ସେହିପରି ଭୁବନେଶ୍ୱରସ୍ଥିତ ଆଲେନ୍‌ର ଛାତ୍ର ହଂସ ଦାରୁକା ସର୍ବଭାରତୀୟ ସ୍ତରରେ ୩୯ତମ ସ୍ଥାନରେ ରହିବା ସହ ଓଡ଼ିଶା ଟପ୍ପର ହୋଇଛନ୍ତି। ପ୍ରଥମ ପ୍ରୟାସରେ ହିଁ ୩୬୦ ରୁ ୩୦୦ ମାର୍କ ରଖି ସଫଳତା ପାଇଛନ୍ତି। ଛାତ୍ର ନବନିତ ପ୍ରିୟଦର୍ଶୀ ସର୍ବଭାରତୀୟ ସ୍ତରରେ ୯୭ତମ ସ୍ଥାନ ହାସଲ କରିଛନ୍ତି। ଆଲେନ୍



ଭୁବନେଶ୍ୱର ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆଲେନ୍ ଭୁବନେଶ୍ୱର ମୁଖ୍ୟ ପରୀକ୍ଷାଫଳ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ସୋନମ ପୋଦ୍ଦାର ୭୧୧ ଓ ଶ୍ରେୟାସ୍ ସାମନ୍ତରାୟ ୧୦୦୦ତମ ସ୍ଥାନରେ ରହି ସଫଳତା ପାଇଛନ୍ତି। ସେହିପରି ଆଲେନ୍‌ର ସିଇଓ ନିତିନ୍ କୁକ୍ରେଜା କହିଛନ୍ତି ଯେ କ୍ରମାଗତ ଦ୍ୱିତୀୟବର୍ଷ ପାଇଁ ଆଲେନ୍ କୋଟାର ଛାତ୍ର ଦେଶରେ ଟପ୍ପର ହେଉଛନ୍ତି। ଏହାସହ ଦ୍ୱିତୀୟ ସ୍ଥାନରେ ଥିବା ଅକ୍ଷତ ଜିନ୍ଦଲ ଓ ଷଷ୍ଠ ରାଙ୍କରେ ଥିବା ଅକ୍ଷତ କୁମାର ଚୌରାଶିଆ ମଧ୍ୟ ଆଲେନ୍‌ର ଛାତ୍ର। ଶ୍ରେଷ୍ଠ ୨୦ରେ ୮ଜଣ ପିଲା ସ୍ଥାନ ପାଇଥିବାବେଳେ ଶ୍ରେଷ୍ଠ୫୦ରେ ୨୧ଜଣ ଏବଂ ଶ୍ରେଷ୍ଠ ୧୦୦ରେ ୪୬ଜଣ ପିଲା ରହିଛନ୍ତି। ସମୁଦାୟ ୪୪୨୫ ପିଲା କାଉଁସେଲିଂ ପାଇଁ ମନୋନୀତ ହୋଇଛନ୍ତି। ଆଲେନ୍‌ର ସ୍ୱତନ୍ତ୍ର ଶିକ୍ଷାଦାନ ଶୈଳୀ ଓ ପାଠ୍ୟକ୍ରମ ପିଲାଙ୍କୁ ସଫଳତାର ଶିର୍ଷ ଛୁଉଁଛନ୍ତି। ଆଗକୁ ମଧ୍ୟ ଅତ୍ୟାଧୁନିକ ଶିକ୍ଷାଦାନ ଓ ପିଲାଙ୍କୁ ମାନସିକ ଭାବେ ପରୀକ୍ଷା ପାଇଁ ପ୍ରସ୍ତୁତ କରିବାକୁ ପ୍ରାଥମିକତା ଦିଆଯିବ ବୋଲି ଶ୍ରୀ କୁକ୍ରେଜା କହିଛନ୍ତି।

# ଇଲେକ୍ଟ୍ରିସିଆନଙ୍କୁ ହତ୍ୟା ମାମଲାରେ ଅଭିଯୁକ୍ତକୁ ୭ ବର୍ଷ ଜେଲ୍

**ଭୁବନେଶ୍ୱର (ପିପିଏସ୍):** ଚନ୍ଦକା ଥାନା ଅନ୍ତର୍ଗତ ତୁଳସୀଦେଇପୁର ଫାର୍ମ ହାଉସରେ ଇଲେକ୍ଟ୍ରିସିଆନ ଦୀପକ ସ୍ୱାଇଁ ହତ୍ୟା ଘଟଣାର ରାୟ ପ୍ରକାଶ ପାଇଛି। ହତ୍ୟାକାରୀ ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ସଫିପୁରର ବାପି ଓରଫ୍ ଶୁଭେନ୍ଦୁ କୁମାର ଦାସକୁ ଦୋଷୀ ସାବ୍ୟସ୍ତ କରିବା ସହିତ ୭ବର୍ଷର ଜେଲ୍ ଦଣ୍ଡ ଶୁଣାଇଛନ୍ତି ଖୋର୍ଦ୍ଧା ସେସନ୍ ଜଜ୍ ଅଦାଲତର ବିଚାରପତି ବିରଞ୍ଚି ନାରାୟଣ ମହାନ୍ତି। କଲପେବଲ୍ ହୋମିସାଇଡ୍ ଦଫାରେ ଏଭଳି ଦଣ୍ଡବିଧାନ କରାଯାଇଛି। ପୁଲିସ ସୂଚନା ଅନୁସାରେ, ରାଉରକେଲା ବାସନ୍ତୀ କଲୋନୀର ଦୀପକ ତୁଳସୀଦେଇପୁରସ୍ଥିତ ଫାର୍ମ ହାଉସରେ ଇଲେକ୍ଟ୍ରିସିଆନ ଭାବେ କାମ କରୁଥିବା ବେଳେ ବାପି ଶ୍ରମିକ ଭାବେ କାମ କରୁଥିଲା। ଦୋଳପୂର୍ଣ୍ଣିମା ଥିବାରୁ ଅନ୍ୟ ଶ୍ରମିକମାନେ ଛୁଟିରେ ଯାଇଥିବା ବେଳେ ଦୀପକ ଓ ବାପି ଫାର୍ମ ହାଉସରେ ଥିଲେ। ୨୦୨୩ ମସିହା ମାର୍ଚ୍ଚ ୧ ତାରିଖ ଦ୍ୱିପହରରେ କୌଣସି କାରଣରୁ ଦୀପକ ଓ



ବାପି ମଧ୍ୟରେ ଝଗଡ଼ା ହୋଇଥିଲା। ବାପି କ୍ରୋଧର ବଶବର୍ତ୍ତୀ ହୋଇ ଦୀପକଙ୍କ ବେକକୁ ଏକ ଗାମୁଛା ଦ୍ୱାରା ଭିଡ଼ି ଧରିଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଦୀପକଙ୍କ ଭଉଣୀ ରଶ୍ମିତା ପରିବାର ସଦସ୍ୟଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚିବା ସହିତ ଏନେଇ ଚନ୍ଦକା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଚନ୍ଦକା ଥାନା ପୁଲିସ କେସ୍ ନମ୍ବର - ୬୫/୨୦୨୩ ରେ ଦଫା ୩୦୨ ଆଇପିସି ଲଗାଇ ଏକ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଚନ୍ଦକା ଥାନା ଅଧିକାରୀ ରାଧାକାନ୍ତ ସାହୁ ଅଭିଯୁକ୍ତ ବାପିକୁ ଗିରଫ କରିବା ସହ ତା’ ବିରୋଧରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ। ଅଦାଲତ ଘଟଣା ସହିତ ସଂପୃକ୍ତ ୧୪ ଜଣ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ମାମଲାର ବିଚାର କରିଥିଲେ। ପ୍ରମାଣ ଅଭାବରୁ ହତ୍ୟା ପରିବର୍ତ୍ତେ କଲପେବଲ୍ ହୋମିସାଇଡ୍ ଦଫାରେ ଅଭିଯୁକ୍ତ ବାପିକୁ ଦୋଷୀ ସାବ୍ୟସ୍ତ କରିଥିଲେ। ଅଭିଯୁକ୍ତ ଘରେ ବୃଦ୍ଧ ବାପା, ପତ୍ନୀ ଓ ୧୨ ବର୍ଷ ବୟସ୍କ ଏକ ପୁତ୍ର ସନ୍ତାନ ଥିବା ବେଳେ ପରିବାର ପ୍ରତିପୋଷଣ ନିମନ୍ତେ ସେହିଁ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ବୋଲି ଜଣାପଡ଼ିଥିଲା। ତେଣୁ ବିଚାରପତି ଅଭିଯୁକ୍ତର ପାରିବାରିକ ସ୍ଥିତିକୁ ମଧ୍ୟ ବିଚାରକୁ ନେଇ ନରମ ମନୋଭାବ ପୋଷଣ କରିଥିଲେ। ଦଫା ୩୦୪ (ଭାଗ-୨) ଆଧାରରେ ବାପିକୁ ୭ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

# ନିଖୋଜ ନାବାଳିକା ଉଦ୍ଧାର

**ଭୁବନେଶ୍ୱର (ପିପିଏସ୍):** ମଞ୍ଚେଶ୍ୱର ଅଞ୍ଚଳରୁ ଜଣେ ୧୧ ବର୍ଷିୟା ନାବାଳିକା ନିଖୋଜ ହୋଇଯାଇଥିବା ନେଇ ଆଜି ଅଭିଯୋଗ ହୋଇଥିଲା। ମାଛ କିଣିବାକୁ ଯାଇଥିବା ବେଳେ ନାବାଳିକା ଜଣକ ନିଖୋଜ ହୋଇଯାଇଛନ୍ତି। ପରିବାର ଲୋକ ବହୁ ଖୋଜା ଖୋଜି କରିବା ପରେ ନ ପାଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଖୋଜା ଖୋଜି କରିବା ପରେ ଶେଷରେ ଭୁବନେଶ୍ୱର ଷ୍ଟେସନରୁ ନାବାଳିକାଙ୍କୁ ପାଇଥିଲେ। ପୁଲିସ ପ୍ରଥମେ ସିସିଟିଭି ଯାଞ୍ଚ କରିବା ପରେ ନାବାଳିକା ଷ୍ଟେସନ ଅଭିମୁଖେ ଯାଉଥିବା ଦେଖିବାକୁ ମିଳିଥିଲା। ପୁଲିସ ସେହି ଆଧାରରେ ଷ୍ଟେସନରେ ଖୋଜା ଖୋଜି କରିବା ପରେ ଶିଶୁକୁ ପାଇଥିଲେ। ପରିବାର ଲୋକ ଶିଶୁକୁ ପାଇ ଖୁସୀ ହୋଇଛନ୍ତି।

# ଦୋକାନରୁ ଚୋରିକରି ଜଣେ ଗିରଫ

**ଭୁବନେଶ୍ୱର (ପିପିଏସ୍):** ସାନିଟାରୀ ଗୋଦାମରୁ ଚୋରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ତମାଣ୍ଡୋ ଟାଙ୍ଗୀ ସାହିରେ ରହୁଥିବା ଗଞ୍ଜାମ ଜିଲ୍ଲା ତାରହିଂ ଥାନା ବିଲୁଆପଡ଼ାର ଚିତ୍ତରଞ୍ଜନ ବେହେରା ଓରଫ୍ ନାଳିଆ (୩୯)। ପୁଲିସ ସୂଚନା ଅନୁସାରେ, ସୌମ୍ୟକାନ୍ତ ଦାସ କଳିଙ୍ଗ ବିହାର କେ-୪ ଅଞ୍ଚଳରେ ସାନିଟାରୀ ଦୋକାନ କରିଛନ୍ତି। ଗତକାଲି ବିଳମ୍ବିତ ରାତିରେ ନାଳିଆ ଓ ତାର ସହଯୋଗୀ ସହ ମିଶି ଉକ୍ତ ଦୋକାନକୁ ଲାଗି ରହିଥିବା ସାନିଟାରୀ ଗୋଦାମରୁ ତାଲା ଭାଙ୍ଗି ଭିତରେ ପଶିଥିଲେ। ଗୋଦାମ ଭିତରୁ ଏକ ମୋଟର ପାଣି ପମ୍ପ, ପିଭିସି ପାଇପ ଖଣ୍ଡ ଓ କିଛି ଲୁହା



ଛଡ଼କୁ ଟାଟା ପିକପ ଭ୍ୟାନରେ ଲଦି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ସୌମ୍ୟକାନ୍ତ ତମାଣ୍ଡୋ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଦିତ୍ୟ ହ୍ୟୁଣ୍ଡାଇ ଛକ ନିକଟରେ ଚଢ଼ଉ କରି ନାଳିଆକୁ ଗିରଫ କରିବା ସହିତ ଚୋରି ସାମଗ୍ରୀ ବୋଝେଇ ପିକପ୍ ଭ୍ୟାନ ଜବତ କରିଥିଲା। ନାଳିଆ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା’ ନାମରେ ପୂର୍ବରୁ ତମାଣ୍ଡୋ ଥାନାରେ ୪ ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

# ଚୋରା ଗାଡ଼ିରେ ଗୋରୁ ଚାଲାଣ ଅଭିଯୋଗ

**ଭୁବନେଶ୍ୱର (ପିପିଏସ୍):** ଖୋର୍ଦ୍ଧାରୁ ଭୁବନେଶ୍ୱରକୁ ଗୋରୁ ଚାଲାଣ କରୁଥିବା ଗାଡ଼ିକୁ ଠାବ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗୋରୁ ବୋଝେଇ ଗାଡ଼ି ଜବତ କରିଥିବା ବେଳେ ଅଭିଯୁକ୍ତମାନେ ଖସି ଯାଇଛନ୍ତି। ଚୋରା ଗାଡ଼ିରେ ଗୋରୁ ଚାଲାଣ ହେଉଥିବା ପ୍ରାଥମିକ ଅନୁସନ୍ଧାନରୁ ପୁଲିସ ଜାଣିବାକୁ ପାଇଛି।ମିଳିଥିବା ସୂଚନା ଅନୁସାରେ, ଖୋର୍ଦ୍ଧାରୁ ଏକ ଗୋରୁ ବୋଝେଇ ପିକପ୍ ଭ୍ୟାନ ଆସୁଥିବା ଖବରପାଇ ଏୟାରଫିଲ୍ଡ ଥାନା ନିକଟରେ କିଛି ଯୁବକ ଛକି ରହିଥିଲେ। ଗାଡ଼ିଟି ଶଙ୍କରା ବଜାର ଛକରେ ପାଇଥିବା ବେଳେ ଯୁବକମାନେ ତାକୁ ଅଟକାଇଥିଲେ। ଚାଳକ ଓ ହେଲପର ଗାଡ଼ି ଛାଡ଼ି ଫେରାର ହୋଇ ଯାଇଥିଲେ। ଉତ୍ତ୍ୟକ୍ତ ଲୋକମାନେ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଖବରପାଇ ଏୟାରଫିଲ୍ଡ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାସ୍ଥଳରେ ପହଞ୍ଚି ଗୋରୁ ବୋଝେଇ ପିକପ୍ ଭ୍ୟାନ ଜବତ କରିଥିଲା। ଗୋରୁ ଗୁଡ଼ିକୁ ଜାମୁକୋଳି ସ୍ଥିତ ଗୋଶାଳାରେ ଛାଡ଼ି ଦେଇଥିଲା। ଜବତ ହୋଇଥିବା ଗାଡ଼ିଟି ଗତ ସପ୍ତାହରେ ବଡ଼ଗଡ଼ ଥାନା ଅଞ୍ଚଳରୁ ଚୋରି ହୋଇଥିବା ପୁଲିସ ଜାଣିବାକୁ ପାଇଥିଲା।

# ବିକଶିତ କୃଷି ସଂକଳ୍ପ କାର୍ଯ୍ୟକ୍ରମ

**ଭୁବନେଶ୍ୱର (ପିପିଏସ୍):** ବାଲିଅନ୍ତା ବ୍ଲକର ୨ଟି ପଞ୍ଚାୟତରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମରେ କୃଷି ବୈଜ୍ଞାନିକ ଏବଂ ଚାଷୀଙ୍କ ମଧ୍ୟରେ ସିଧାସଳଖ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରତାପଶାସନ ପଞ୍ଚାୟତର ମା’ ଦୁଲ୍ଲାଦେବୀ ମନ୍ଦିର ପରିସର ଓ ସରକଣା ପଞ୍ଚାୟତ ସରକାରୀ କଲ୍ୟାଣ ମଣ୍ଡପରେ ଏନେଇ ସଭା ଅନୁଷ୍ଠିତ ହୋଇଥିଲା। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ୨ଟି ପଞ୍ଚାୟତରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ଆୟୋଜିତ ସଭାରେ ମଣ୍ଡଳ କୃଷି ଅଧିକାରୀ ସ୍ଥିତପ୍ରଜ୍ଞା ଖମାରୀ ସଭାପତିତ୍ୱ କରିଥିଲେ। ସିଫା କୃଷି ବୈଜ୍ଞାନିକ କେନ୍ଦ୍ରର ପ୍ରଧାନ ବୈଜ୍ଞାନିକ ଡ. ଗୌରୀଶଙ୍କର ସାହା ମୁଖ୍ୟ ଅତିଥି, ଫସଲ ବିଶେଷଜ୍ଞ ସୁରେନ୍ଦ୍ର ସିଂହ, ଆତ୍ମା ଅଧ୍ୟକ୍ଷ ଚୈତନ୍ୟ ପାତ୍ର, ଉଦ୍ୟାନ କୃଷି ବିଭାଗ ଅଧିକାରୀ ପଦ୍ମିନୀ ବଳ, ସହକାରୀ କୃଷି ଅଧିକାରୀ ଗୌତମ ପରିଡାଙ୍କ ସମେତ ଶତାଧିକ ଚାଷୀ କୃଷକ ସାଥୀ ଓ କୃଷି କର୍ମଚାରୀ ଉପସ୍ଥିତ ଥିଲେ।

# ରାଜଭବନରେ ଗୋଆ ଓ ତେଲାଙ୍ଗାନାର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର (ପିପିଏସ୍):** ଓଡ଼ିଶାର ପ୍ରଥମ ମହିଳା ଜୟଶ୍ରୀ କମ୍ଭମ୍‌ପାଟିଙ୍କ ଉପସ୍ଥିତିରେ ସୋମବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଗୋଆ ଓ ତେଲାଙ୍ଗାନାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସମାରୋହରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନବିଏସ୍ ରାଜପୁତ ଗୋଆ ଓ ତେଲାଙ୍ଗାନା ରାଜ୍ୟର ଅଧିବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। କାର୍ଯ୍ୟକ୍ରମରେ ଗୋଆର ରାଜ୍ୟପାଳ ପି.ଏସ୍ ଶ୍ରୀଧରନ୍ ପିଲାଇ ଏବଂ ତେଲାଙ୍ଗାନାର ରାଜ୍ୟପାଳ ଜୀଷ୍ଣୁ ଦେବ ବର୍ମାଙ୍କ ଶୁଭେଚ୍ଛା ବାର୍ତ୍ତା ଭିଡିଓ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ବିଭିନ୍ନ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା।

# ଦିନସାରା ତାତିଲା, ଅପରାହ୍ଣରେ ବର୍ଷିଲା

**ଭୁବନେଶ୍ୱର (ପିପିଏସ୍):** ସାରା ଦିନ ରୌଦ୍ର ତାପରେ ରାଜଧାନୀ ତାତିଥିବାବେଳେ ଅପରାହ୍ଣରେ ବର୍ଷା ଆଶ୍ୱସ୍ତି ଆଣିଦେଲା। ଆଉ ପାଗ ବି କୋହଲା ଥିଲା। ଲୋକେ ଭାବୁଥିଲେ ଯାହା ହେଉ ଏବର୍ଷ ଗରମ ଜଣାପଡ଼ିଲାନି ଖରାଦିନ ସୁରୁଖୁରୁରେ କଟିଗଲା। ହେଲେ କିଛିଦିନର ବିରତି ପରେ ଅଚାନକ ତାପମାତ୍ରାରେ ପରିବର୍ତ୍ତନ ଆସିଛି। ମୌସୁମୀର ପ୍ରଭାବ ସତେ ଯେମିତି ଉଭେଇଗଲା। ଭୁବନେଶ୍ୱରବାସୀ ଗରମ ସାଙ୍ଗକୁ ଗୁଳୁଗୁଳିରେ ଆଉଟୁପାଉଟୁ ହେଲେ। ଗରମ ଆଉ ଗୁଳୁଗୁଳିକୁ ନେଇ ଲୋକେ ତ୍ରାହି ତ୍ରାହି ଡାକିଲେ। ତାତି ପୁଣି ୪୦ ମହାଁ ହୋଇଗଲା। ଏହାସହ ଭୁବନେଶ୍ୱର ବାଲେଶ୍ୱର ପରେ ରାଜ୍ୟର ଦ୍ୱିତୀୟ ଉତ୍ତପ୍ତ ସହର ପାଲଟିଗଲା। ଦିନ ସାଢ଼େ ଦୁଇଟା ସୁଦ୍ଧା ଭୁବନେଶ୍ୱର ତାପମାତ୍ର ୩୯.୪ ଡିଗ୍ରୀରେ ପହଞ୍ଚିଛି। ଏହାପରେ




ଭୁବନେଶ୍ୱର ସର୍ବାଧିକ ତାପମାତ୍ର ୩୯.୬ ରେକର୍ଡ କରାଯାଇଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଗାମୀ ୭ ଦିନ ମଧ୍ୟରେ ତାପମାତ୍ର ୪୦ ଡିଗ୍ରୀ ପାଖାପାଖି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ମଙ୍ଗଳବାର ସକାଳୁ ଟାଣଖରା ଆରମ୍ଭ ହୋଇଯାଇଥିଲା। ସମୟ ଗଡ଼ିବା ସହ ତାପମାତ୍ରା ଆଉ ଗୁଳୁଗୁଳି ବଢିବାରେ ଲାଗିଥିଲା। ଲୋକଙ୍କୁ ଘରୁ ବାହାରକୁ ବାହାରିବା କଷ୍ଟକର ହୋଇଗଲା। ପବନ ଥମିଗଲା। ଦେହରୁ ଗମ୍‌ଗମ୍ ହୋଇ ଝାଳ ବାହାରୁଥିଲା। ଝାଳରେ ସାର୍ଟ ଓଦା ହୋଇଯାଉଥିଲା। ଲୋକେ ଗରମରେ ଅସ୍ତବ୍ୟସ୍ତ ହୋଇ ପାଣି ଖୋଜୁଥିଲେ। ଘର କିମ୍ବା ବାହାର କେଉଁଠି ବି ଶାନ୍ତି ମିଳି ନ ଥିଲା। ଫ୍ୟାନ୍ ପାଖରୁ ଧାନ ହଟୁ ନ ଥିଲା। ଏସି ରୁମ୍‌ରୁ ବାହାରିବାକୁ ଇଚ୍ଛା ହେଉ ନଥିଲା। ସେହିପରି ଗରମ ଯୋଗୁଁ ଦ୍ୱିପହର ସମୟରେ ରାଜଧାନୀର ରାସ୍ତଘାଟ ଶୁନ୍‌ଶାନ୍ ହୋଇଯାଇଥିଲା। କାଁ ଭାଁ ଲୋକ ଯାତାୟତ କରୁଥିଲେ। ବରମୁଣ୍ଡା ଏବଂ ମାଷ୍ଟରକ୍ୟାଣ୍ଟିନ୍ ଭଳି ଜନଗହଳି ପୂର୍ଣ୍ଣ ସ୍ଥାନଗୁଡ଼ରେ ମଧ୍ୟ ବହୁ କମ୍ ସଂଖ୍ୟକ ଲୋକେ ଯାତାୟତ କରୁଥିବା ଦେଖିବାକୁ ମିଳିଥିଲା। ଯାହା ରାଜଧାନୀବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଥିଲାବେଳେ ଅପରାହ୍ଣରେ ଭଲ ବର୍ଷା ବର୍ଷିଲା। ଏଥିରେ ଲୋକେ ଆଶ୍ୱସ୍ତି ଲାଭ କରିଛନ୍ତି। ରାଜଧାନୀର ବିଭିନ୍ନ ସ୍ଥାନରେ ଏଭଳି ବର୍ଷା ହୋଇଥିଲା।

## ବିନା ତଲାକରେ ଦ୍ୱିତୀୟ ବିବାହ ଅଭିଯୋଗ

**ଭୁବନେଶ୍ୱର (ପିପିଏସ୍):** ବିନା ତଲାକରେ ସ୍ୱାମୀ ଦ୍ୱିତୀୟ ବିବାହ କରିଥିବା ନେଇ ଖଣ୍ଡଗିରି ଥାନା ଅଭିଯୋଗ ହୋଇଛି। ମହିଳା ଜଣକ ଭୁବନେଶ୍ୱର ଯଦୁପୁର ଅଞ୍ଚଳରେ ଶେଖ୍ ସବିରଙ୍କୁ ୧୦ ବର୍ଷ ତଳେ ବିବାହ କରିଥିଲେ। ଉଭୟଙ୍କର ଏବେ ଦୁଇଟି ଝିଅ ଅଛନ୍ତି। ହେଲେ ଗତ ଦେଢ଼ବର୍ଷ ହେବ ଉଭୟ ଅଲଗା ହୋଇ ରହୁଛନ୍ତି। ଆଉ ଏବେ ତାଙ୍କ ସ୍ୱାମୀ ଶେଖ୍ ସବିର ବିନା ଛାଡ଼ପତ୍ରରେ ଆଉ ଜଣେ ଝିଅଙ୍କୁ ବିବାହ କରୁଥିବା ନେଇ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ମହିଳା। ଅନ୍ୟପଟେ ଥାନାରେ ଦ୍ୱାରସ୍ଥ ହୋଇଛନ୍ତି ମହିଳାଙ୍କ ସ୍ୱାମୀ ଶେଖ୍ ସବିର। ଅଭିଯୋଗକୁ ସେ ଖଣ୍ଡନ କରିବା ସହ ତାଙ୍କ ସ୍ତ୍ରୀଙ୍କର ଅନ୍ୟ ପୁରୁଷଙ୍କ ସହ ସମ୍ପର୍କ ଥିବା ସେ ପାଲଟା ଅଭିଯୋଗ ଆଣିଛନ୍ତି।

# ନୃତ୍ୟାଞ୍ଜଳି ମହୋତ୍ସବ ଉଦ୍‌ଯାପିତ



**ଭୁବନେଶ୍ୱର (ପିପିଏସ୍):** ଓଡ଼ିଶୀ ନୃତ୍ୟ, ସଂଗୀତର ପ୍ରଚାର ଓ ପ୍ରସାର ପାଇଁ ଦୀର୍ଘ ୩୩ବର୍ଷ ଧରି ନିରବଛିନ୍ନ ଭାବେ କାର୍ଯ୍ୟ କରି ଆସୁଥିବା ‘ନୃତ୍ୟାଞ୍ଜଳି’ ଅନୁଷ୍ଠାନର ୩୩ତମ ମହୋତ୍ସବ ଓ ସମ୍ମାନ ତଥା ସମ୍ବର୍ଦ୍ଧନା ପର୍ବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକଙ୍କୁ ‘ନୃତ୍ୟାଞ୍ଜଳି ନାଟ୍ୟ ପୁରୁଷ ସମ୍ମାନ’ ଏବଂ ଉତ୍କଳ ସଂଗୀତ ମହାବିଦ୍ୟାଳୟର ନାଟ୍ୟ ବିଭାଗର ସର୍ବୋଚ୍ଚ ନମ୍ବରଧାରୀ ଛାତ୍ର ରାକେଶ ସାହୁଙ୍କୁ ‘ପୂର୍ଣ୍ଣଚନ୍ଦ୍ର ମଙ୍ଗରାଜ ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ୧୫୦ରୁ ଅଧିକ ନବୀନ ଓ ପ୍ରବୀଣ ଓଡ଼ିଶୀ ନୃତ୍ୟଶିଳ୍ପୀ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରିଥିଲେ। ପୂର୍ବାହ୍ଣରେ ଅତିଥି ଭାବେ ପୂର୍ବତଟ ରେଳବାଇ ଲୋକସମ୍ପର୍କ ଅଧିକାରୀ ବିଶ୍ୱଭୁଷଣ ତପନ କୁମାର, ନ୍ୟୁଜ ୧୮ର ବାର୍ତ୍ତା ସମ୍ପାଦକ ମନ୍ମଥ ଜେନା, ଓଟିଭିର ସହାୟକ ସମ୍ପାଦକ ସୁଶାନ୍ତ ବିଷୋୟୀ, ଉତ୍କଳ ସଂଗୀତ ମହାବିଦ୍ୟାଳୟ ଓଡ଼ିଶୀ ସଂଗୀତ ପ୍ରାଧ୍ୟାପକ ଗୁରୁଶ୍ରୀ ନିମାକାନ୍ତ ରାଉତରାୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହିପରି ସନ୍ଧ୍ୟାରେ ସମବାୟ ଓ ହସ୍ତତନ୍ତ ତଥା ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ନ୍ୟୁଜ ସେଭେନର ସମ୍ପାଦକ ଦେବନାରାୟଣ ସେଠୀ, ଉତ୍କଳ ସଂଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ଜେନା, ନୃତ୍ୟାଞ୍ଜଳିର ସଭାପତି ଗୁରୁ ସୁକାନ୍ତ କୁମାର କୁଣ୍ଡୁ, ସମ୍ପାଦକ ଗୁରୁ ପୁଷ୍ପରଞ୍ଜନ ମଙ୍ଗରାଜ, କାର୍ଯ୍ୟକାରୀ ସଭାପତି ରଞ୍ଜନ ମଙ୍ଗରାଜ ଅତିଥି ଭାବେ ଯୋଗ ଦେଇ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗୁରୁ ଗୀତା ମଞ୍ଜରୀ ବେହେରାଙ୍କ ଓଡ଼ିଶୀ ସଂଗୀତ ପରିବେଷଣ, ଗୁରୁ ଲିଙ୍ଗରାଜ ସ୍ୱାଇଁଙ୍କ ଶଙ୍ଖନାଦ ଅନୁଷ୍ଠାନ ହୋଇଥିଲା।

# ଶିକ୍ଷାନୁଷ୍ଠାନ ନିକଟରେ ବିକ୍ରି ହେଉଛି ତମାଖୁଜାତ ଦ୍ରବ୍ୟ, କାର୍ଯ୍ୟାନୁଷ୍ଠାନ ଶୂନ


**ଭୁବନେଶ୍ୱର (ପିପିଏସ୍):** ଶିକ୍ଷାନୁଷ୍ଠାନ ଓ ମେଡିକାଲ ନିକଟରେ ବିକ୍ରି ହେଉଛି ତମାଖୁଜାତ ଦ୍ରବ୍ୟ। ଯାହା ଫଳରେ ଛୋଟ ବୟସରୁ କୋମଳମତି ପିଲାମାନେ କଲମ ଧରିବା ବଦଳରେ ବିଡ଼ି, ସିଗାରେଟ୍ ଧରି ଟାଣୁଛନ୍ତି। ଆହୁରି ମଧ୍ୟ ଯଦି ଗଞ୍ଜେଇ ସିଗାରେଟ୍ ମିଳିଯାଉଛି। ସେଗୁଡ଼ିକ ସେବନ କରି ମୁଖ କର୍କଟ ଏବଂ ଅନ୍ୟାନ୍ୟ ରୋଗରେ ପୀଡ଼ିତ ହୋଇ ସେମାନେ କମ୍ ବୟସରେ ମୃତ୍ୟୁ ଆଡ଼କୁ ଢେଲି ହୋଇଯାଉଛି। କେବଳ ନିଜ ଜୀବନ ନୁହେଁ ପରିବାର ଲୋକ ମଧ୍ୟ ତାଙ୍କ ପାଇଁ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ନିୟମ ରହିଛି କୌଣସି ଶିକ୍ଷାନୁଷ୍ଠାନ କିମ୍ବା ହସ୍ପିଟାଲ୍ ନିକଟରେ ତମାଖୁ ବିକ୍ରି ହୋଇପାରିବ ନାହିଁ। କିନ୍ତୁ ଏବେ ଶିକ୍ଷାନୁଷ୍ଠାନ ଏବଂ ହସ୍ପିଟାଲ ନିକଟରେ ଖୋଲିଛି ମାଳମାଳ ଗୁଟଖା ଦୋକାନ। ଖୁଲମଖୁଲା ଦୋକାନ ଆଗରେ ଗୁଟ୍‌ଖା ଏବଂ ସିଗାରେଟ୍ ଡିସ୍‌ପ୍ଲେ କରି ବ୍ୟବସାୟ କରାଯାଉଛି। ଏହାକୁ ପୁଲିସ ଏବଂ ଅବକାରୀ ବିଭାଗ ଦେଖୁଥିଲେ ମଧ୍ୟ ଚୁପ



ରହୁଛି। ନା ହେଉଛି ନିୟମିତ ଚଢଉ ନା ଲଗାଯାଉଛି ଜରିମାନା। କେବଳ ମନେ ପଡ଼ିଲେ ପୁଲିସ ଚଢ଼ଉ କରି ଜରିମାନା କରୁଥିବା ବେଳେ ବାକି ଦିନଗୁଡ଼ିକରେ ଖୁଲାମଖୁଲା ଛାଡ଼ି ଦେଉଛନ୍ତି। ଯାହାର ପ୍ରଭାବ ଛାତ୍ରଛାତ୍ରୀମାନଙ୍କ ଉପରେ ପଡୁଛି। ସେମାନେ ଶିକ୍ଷାନୁଷ୍ଠାନ ପଛରେ ଲୁଚି ଲୁଚି ସିଗାରେଟ୍ ଏବଂ ବିଡ଼ି ଟାଣୁଛନ୍ତି। ଉଦବେଗର କଥା ହେଉଛି ଆମ ରାଜ୍ୟରେ ତମାଖୁ ବିକ୍ରିରେ ପ୍ରତିବନ୍ଧକ ସତ୍ତ୍ୱେ ମହିଳାଙ୍କ ଦ୍ୱାରା ତମାଖୁ ସେବନ ବଢିଚାଲିଛି। ତମାଖୁ ସେବନ ଯୋଗୁଁ ଦେଶରେ ପ୍ରତିବର୍ଷ ପ୍ରାୟ ସାଢ଼େ ୧୩ ଲକ୍ଷ ଲୋକଙ୍କ ମୃତ୍ୟୁ ହେଉଛି। ଓଡ଼ିଶାରେ ଯଦିଓ ତମାଖୁଜନିତ ମୃତ୍ୟୁ ନେଇ କୌଣସି ନିର୍ଦ୍ଧିଷ୍ଟ ତଥ୍ୟ ନାହିଁ, ନ୍ୟାସନାଲ ଫ୍ୟାମିଲି ହେଲଥ ସର୍ଭେ ରିପୋର୍ଟ କହୁଛି, ଆମ ରାଜ୍ୟରେ ପୁରୁଷଙ୍କ ତମାଖୁ ସେବନ କମୁଥିବା ବେଳେ ମହିଳାଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏନ୍‌ଏଫ୍‌ଏଚ୍‌ଏସ୍-୪ ଅନୁଯାୟୀ, ରାଜ୍ୟରେ ୫୫.୯ ପ୍ରତିଶତ ପୁରୁଷ ତମାଖୁ ସେବନ କରୁଥିବା ବେଳେ ଏନ୍‌ଏଫ୍‌ଏଚ୍‌ଏସ୍-୫ରେ ଏହି ସଂଖ୍ୟା ୫୧.୬ ପ୍ରତିଶତକୁ ଖସିଛି। ହେଲେ ମହିଳାଙ୍କ ଦ୍ୱାରା ତମାଖୁ ସେବନ ଏନ୍‌ଏଫ୍‌ଏଚ୍‌ଏସ୍-୪ର ୧୭.୩ ପ୍ରତିଶତ ତୁଳନାରେ ଏନ୍‌ଏଫ୍‌ଏଚ୍‌ଏସ୍-୫ରେ ୨୬ ପ୍ରତିଶତକୁ ବଢିଛି। ୨୦୧୩ରୁ ଓଡ଼ିଶା ତମାଖୁ ବିକ୍ରିକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିଥିବା ବେଳେ ତମାଖୁ କମ୍ପାନିଗୁଡ଼ିକ ଭ୍ରମାତ୍ମକ ପନ୍ଥା ଆପଣାଇ ଆଇନର ଗଳାବାଟ ଦେଇ ବଜାରରେ ତମାଖୁ ବିକ୍ରି କରୁଛନ୍ତି। ଏହାକୁ ରୋକିବା ଦିଗରେ ବିଭିନ୍ନ ବିଭାଗର ସହଯୋଗ ନେଉଛି ସ୍ୱାସ୍ଥ୍ୟ ବିଭାଗ। ଆଗାମୀ ଦିନରେ ସଚେତନତା ତଥା ତମାଖୁ ବିରୋଧୀ କାର୍ଯ୍ୟାନୁଷ୍ଠାନକୁ ଆହୁରି କଡ଼ାକଡ଼ି କରାଯାଇ ଯୁବପିଢ଼ିଙ୍କୁ ତମାଖୁ ରାକ୍ଷସ କବଳରୁ ମୁକୁଳାଯିବ ବୋଲି ଚେତେଇ ଦେଇଛି ସ୍ୱାସ୍ଥ୍ୟ ବିଭାଗ। ତମାକୁ ବିକ୍ରି ଉପରେ ବ୍ୟାନ ଲଗାଯାଇଛି। କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ରାଜଧାନୀରେ ଏକାଧିକ ସ୍ଥାନରେ ଚାଲିଛି ଖୁଲମଖୁଲା ତମାଖୁ ବିକ୍ରି। ବିଶେଷ କରି ଓମ୍‌ଫେଡରେ ଏହି ତମାଖୁ ବିକ୍ରି କରାଯାଉଛି। ଯାହାକି ବିକ୍ରି ଉପରେ ପ୍ରତିବନ୍ଧକ ଲାଗିଛି। ଆହୁରି ମଧ୍ୟ ତମାଖୁବିକ୍ରି ସହିତ ଗଞ୍ଜେଇ, ଡ୍ରଗ୍ସ ଏବଂ ମଦ ବିକ୍ରି କରୁଛନ୍ତି। ବିଶେଷ କରି ଛୋଟ ଛୋଟ ପିଲାମାନଙ୍କୁ ଏହି ଦୋକାନୀମାନେ ବିକ୍ରିର ମାଧ୍ୟମ ସାଜିଛନ୍ତି। ସେମାନଙ୍କୁ କିଛି ନିଶାଦ୍ରବ୍ୟ ଖୁଆଇ ଅଭ୍ୟସ୍ତ କରୁଛନ୍ତି। ପରେ ଶିକ୍ଷାନୁଷ୍ଠାନରେ ପଢୁଥିବା ଅନ୍ୟ ପିଲାମାନଙ୍କୁ ଅଭ୍ୟସ୍ତ କରାଯାଉଛନ୍ତି। ଧିରେ ଧିରେ ସବୁ ପିଲା ଏହି ଦୋକାନ ନିକଟକୁ ଆସି ସିଗାରେଟ ଏବଂ ବିଡ଼ି ଟାଣୁଛନ୍ତି। କେବଳ ଛାତ୍ର ନୁହେଁ ଛାତ୍ରୀମାନେ ମଧ୍ୟ ନିଶା ଦ୍ରବ୍ୟ ଖାଇବାରେ ପଛରେ ପଡ଼ି ନାହାନ୍ତି। ସେମାନେ ମଧ୍ୟ ଏହି ନିଶାଦ୍ରବ୍ୟ ସେବନ କରୁଛନ୍ତି। ବଡ଼ କଥା ହେଲା କଟକ, ଭୁବନେଶ୍ୱରରେ ଥିବା ଶିକ୍ଷାନୁଷ୍ଠାନର ସର୍ବାଧିକ ପିଲା ଏହି ନିଶାଦ୍ରବ୍ୟ ସେବନ କରୁଛନ୍ତି। ଯାହାକି ବୁଦ୍ଧିଜୀବୀମାନଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ଏ ଦିଗରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।




# ଭାରତ-ରୁଷିଆ ବନ୍ଧୁତା ଦେଖି ରକ୍ତଚାଉଳ ଚୋବାଉଛି ଆମେରିକା



ନୂଆଦିଲ୍ଲୀ/ୱାଶିଂଟନ : ଭାରତ ଆମେରିକାକୁ ତା'ର ବନ୍ଧୁ ବୋଲି ମାନିଥିଲା, କିନ୍ତୁ ଏବେ ତା'ର ପ୍ରକୃତ ଚେହେରା ସାମ୍ନାକୁ ଆସୁଛି । ଆମେରିକାର ନିଜ ଅଧିକାରୀମାନେ ଭାରତ ବିରୋଧରେ ତା'ର ପ୍ରକୃତ ଚେହେରା ପ୍ରକାଶ କରିବା ଆରମ୍ଭ କରିଛନ୍ତି । ଆମେରିକାର ବାଣିଜ୍ୟ ମନ୍ତ୍ରୀ ହାଓ୍ୱାର୍ଡ ଲୁଟନିକଙ୍କ ପକ୍ଷରୁ ଭାରତ ବିଷୟରେ ଏକ ଆଶ୍ଚର୍ଯ୍ୟଜନକ ବୟାନ ଆସିଛି । ଏଥିରେ ସେ ରୁଷିଆରୁ ଅସ୍ତ୍ରଶସ୍ତ୍ର କିଣିବା ଏବଂ ଭାରତ ବ୍ରିକ୍ସର ସଦସ୍ୟ ହେବା ଉପରେ ଆପତ୍ତି କରୁଛନ୍ତି । ଭାରତ ସର୍ବଦା ଆମେରିକା ଏବଂ ରୁଷିଆ ଉଭୟ ସହିତ ଭଲ ସମ୍ପର୍କ ବଜାୟ ରଖିବାକୁ ଚେଷ୍ଟା କରିଛି । ଏହା ସହିତ, ଏହା କୌଣସି ଚାପ ବିନା ନିଜର ସ୍ୱାର୍ଥ ପୂରଣ କରିଛି, ଏହା ହିଁ ଆମେରିକାକୁ ବିରକ୍ତ କରିବା ଆରମ୍ଭ କରିଛି । ଆମେରିକାର ଅସନ୍ତୁଷ୍ଟ ହେବାର ପ୍ରକୃତ କାରଣ ରୁଷଆରୁ ଅସ୍ତ୍ରଶସ୍ତ୍ର କିଣିବା ବୋଲି ବିଶ୍ୱାସ କରାଯାଏ । ଗତ କିଛି ଦିନ ଧରି, ଟ୍ରମ୍ପ ପ୍ରଶାସନ ନିରନ୍ତର ଭାରତ ବିରୋଧୀ ବୟାନ ଦେଇ ଆସୁଛି । ୱାଶିଂଟନ ଡିସିରେ ଏକ ସାକ୍ଷାତକାର ସମୟରେ, ଆମେରିକାର ବାଣିଜ୍ୟ ସଚିବ ହାଓ୍ୱାର୍ଡ ଲୁଟନିକ କହିଛନ୍ତି, ଭାରତ ସରକାର କିଛି ଏପରି କାମ କରିଛି ଯାହା ସାଧାରଣତଃ ଆମେରିକାକୁ ଖରାପ ଭାବରେ ପ୍ରଭାବିତ କରେ । ଭାରତ ରୁଷିଆଠାରୁ ସାମରିକ ଉପକରଣ କିଣୁଛି, କିନ୍ତୁ ଆମେରିକାଠାରୁ ନୁହେଁ । ଆମେରିକା ରୁଷିଆକୁ ନିଜର ଶତ୍ରୁ ବୋଲି ମାନିଥାଏ । ଏହା ସହିତ, ଆମେରିକା ରୁଷ ଉପରେ ଅନେକ କଟକଣା ଲଗାଇଛି । ଭାରତ ଏଥିରୁ ଅସ୍ତ୍ରଶସ୍ତ୍ର କିଣି ଇଜଓଝଝର ସଦସ୍ୟ ହେବା ଦ୍ୱାରା ରୁଷିଆର ଶକ୍ତି ବୃଦ୍ଧି ପାଉଛି, ତେଣୁ ଆମେରିକା ଏହାକୁ ପସନ୍ଦ କରେ ନାହିଁ ଏବଂ ଆଜିକାଲି ଏହା ଭାରତ ବିରୋଧୀ ବୟାନ ଦେବା ଦେଖାଯାଉଛି ।

## କମଲଙ୍କୁ ଭର୍ତ୍ସନା କଲେ କର୍ଣ୍ଣାଟକ ହାଇକୋର୍ଟ

ବେଙ୍ଗାଲୁରୁ : କନ୍ନଡ-ତାମିଲ ଭାଷାକୁ ନେଇ ଚାଲିଥିବା ବିବାଦରେ ଅଭିନେତା କମଲ ହାସନଙ୍କୁ କର୍ନାଟକ ହାଇକୋର୍ଟ ଭର୍ତ୍ସନା କରିଛନ୍ତି । ହାଇକୋର୍ଟ କହିଛନ୍ତି,ଅଭିବ୍ୟକ୍ତିର ସ୍ୱାଧୀନତା ନାମରେ ଲୋକଙ୍କ ଭାବନାକୁ ଆଘାତ ଦିଆଯାଇପାରିବ ନାହିଁ । କମଲ ହାସନ କନ୍ନଡ ଏବଂ ତାମିଲ ଭାଷାକୁ ନେଇ ଏକ ବୟାନ ଦେଇଥିଲେ । ଏହାକୁ ନେଇ ବହୁତ ବିବାଦ ହୋଇଥିଲା, ଯାହା ଏପର୍ଯ୍ୟନ୍ତ ଥମିନାହିଁ । କମଲ ହାସନଙ୍କ ଫିଲ୍ମ ଠଗ ଲାଇଫ ଜୁନ ୫ରେ ରିଲିଜ ହେବାକୁ ଯାଉଛି । ଏହା ମଧ୍ୟ ବିବାଦରେ ଘେରି ରହିଛି । କମଲ ହାସନ ତାଙ୍କ ଆଗାମୀ ଫିଲ୍ମ 'ଠଗ ଲାଇଫ'ର ଅଡିଓ ଲଞ୍ଚ ସମୟରେ କହିଥିଲେ, କନ୍ନଡ ଭାଷା ତାମିଲରୁ ଜନ୍ମ ହୋଇଛି । ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା ଏବଂ ମାମଲା ଏତେ ବଢି ଯାଇଥିଲା ଯେ ଏହା କୋର୍ଟ ପର୍ଯ୍ୟନ୍ତ ପହଞ୍ଚିଥିଲା । କର୍ନାଟକ ହାଇକୋର୍ଟରେ ଜଷ୍ଟିସ ଏମ. ନାଗପ୍ରସନ୍ନାଙ୍କ ଖଣ୍ଡପୀଠ ଅଭିନେତାଙ୍କୁ ଭର୍ତ୍ସନା କରିଥିଲେ । ହାଇକୋର୍ଟ କହିଛନ୍ତି, ଆପଣ କମଲ ହାସନ ହୁଅନ୍ତୁ କିମ୍ବା ଅନ୍ୟ କେହି, ଆପଣ ଜନସାଧାରଣଙ୍କ ଭାବନାକୁ ଆଘାତ ଦେଇପାରିବେ ନାହିଁ । ଆପଣ ନିଜେ ଏହି ପରିସ୍ଥିତିର କାରଣ । ଅଭିନେତା କମଲ ହାସନ ମଧ୍ୟ ଏହି ମାମଲାରେ କ୍ଷମା ମାଗିବାକୁ ମନା କରିଦେଇଛନ୍ତି । କୋର୍ଟ କହିଛନ୍ତି, ଆପଣଙ୍କର କହିବାର ଅଧିକାର ଅଛି, କିନ୍ତୁ ଭାବନାକୁ ଆଘାତ ଦେବାର ନୁହେଁ । ଅଭିବ୍ୟକ୍ତିର ସ୍ୱାଧୀନତା ନାମରେ ଜନସାଧାରଣଙ୍କ ଭାବନାକୁ ଆଘାତ ଦିଆଯାଇପାରିବ ନାହିଁ । ଆମେ ଏବେ ଏହା ଆପଣଙ୍କ ଉପରେ ଛାଡି ଦେଉଛୁ । ଯଦି ଆପଣ କାହାକୁ ଆଘାତ ଦେଇଛନ୍ତି, ତେବେ କ୍ଷମା ମାଗନ୍ତୁ ।

## ପାକିସ୍ତାନରେ ଉତ୍କଟ ଜଳସଙ୍କଟ



ଇସଲାମାବାଦ: ଏପ୍ରିଲ ୨୨ରେ ଘଟିଥିବା ପହଲଗାଓଁ ଆତଙ୍କବାଦୀ ଆକ୍ରମଣ ଘଟଣାର ପ୍ରତିଶୋଧ ନେବାକୁ ଭାରତ ପକ୍ଷରୁ ପାକିସ୍ତାନ ବିପକ୍ଷରେ ଏକାଧିକ କୂଟନୈତିକ କଟକଣା ଲାଗୁ କରାଯାଇଥିଲା । ତନ୍ମଧ୍ୟରୁ ସିନ୍ଧୁ ନଦୀଜଳ ଚୁକ୍ତି ସ୍ଥଗିତ ରହିଥିବା ଅନ୍ୟତମ । ଭାରତର ଏଭଳି ନିଷ୍ପତ୍ତି ପାକିସ୍ତାନକୁ ଅଡୁଆ ସ୍ଥିତିରେ ପକାଇଥିବାବେଳେ ସେଠାରେ ନାହିଁ ନଥିବା ଅସୁବିଧା ସୃଷ୍ଟି କରିଛି । ଭାରତ ବର୍ତ୍ତମାନ ସିନ୍ଧୁ ନଦୀଜଳ ଛାଡିବାରେ କଟକଣା ଲାଗୁ କରିଥିବାରୁ ପାକିସ୍ତାନରେ ଉତ୍କଟ ଜଳ ସଙ୍କଟ ଦେଖାଦେଇଛି । ପାକିସ୍ତାନର ପ୍ରମୁଖ ସମ୍ବାଦପତ୍ର ଡନ୍‌ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ପାକିସ୍ତାନର ଦୁଇଟି ଡ୍ୟାମ୍‌ରେ ଜଳସ୍ତର ହ୍ରାସ ପାଇଛି । ଏହି ଦୁଇଟି ଡ୍ୟାମ ହେଲା ଝେଲମ ନଦୀ ଉପରେ ନିର୍ମିତ ମଙ୍ଗଳା ଡ୍ୟାମ ଏବଂ ସିନ୍ଧୁ ନଦୀ ଉପରେ ନିର୍ମିତ ତରବେଲା ଡ୍ୟାମ । ଦୁଇଟି ଡ୍ୟାମରେ ଜଳସ୍ତର ୨୧ ପ୍ରତିଶତ ହ୍ରାସ ପାଇଥିବାରୁ ପାକିସ୍ତାନରେ ଖରିଫ ଶସ୍ୟ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି । ପୁନଶ୍ଚ ଭାରତର କଟକଣା ଯୋଗୁଁ ଚେନାବ୍ ନଦୀର ଜଳସ୍ତର ଯଥେଷ୍ଟ ହ୍ରାସ ପାଇଥିବା ଜଣାପଡିଛି । ଏହି ପରିପ୍ରେକ୍ଷୀରେ ଉପଲବ୍ଧ ଜଳକୁ ସୁଚିନ୍ତିତ ଉପାୟରେ ବ୍ୟବହାର କରିବାକୁ ପାକ୍ ସରକାର ଡ୍ୟାମ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଦୁଇଟି ଡ୍ୟାମ୍ର ଜଳସ୍ତର ହ୍ରାସ ପାଇଥିବାରୁ ରାଜଧାନୀ ଇସଲାମାବାଦରେ ୫୦ ପ୍ରତିଶତ ଜଳ ସଙ୍କଟ ଦେଖାଦେବ ବୋଲି ଆଶଙ୍କା ଉପୁଜିଛି ।

## ପିଓକେରେ ବଢୁଛି ଉତ୍ତେଜନା



ନୂଆଦିଲ୍ଲୀ : ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ନେତୃତ୍ୱାଧୀନ ସରକାରଙ୍କ ବାଣିଜ୍ୟ ନୀତିକୁ ବିରୋଧ କରି ପାକ୍ ଅଧିକୃତ କଶ୍ମୀର (ପିଓକେ) ଅନ୍ତର୍ଗତ ଗିଲ୍ଗିଟ୍-ବାଲ୍ଟିସ୍ତାନର ଅନେକ ହଜାର ଉତ୍ତେଜିତ ବାସିନ୍ଦା ରାସ୍ତାକୁ ଓହ୍ଲାଇଛନ୍ତି । ସେମାନେ ଚାଇନା ଓ ପାକିସ୍ତାନକୁ ସଂଯୋଗ କରୁଥିବା ସିପିଇସି (ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର)ର ମୁଖ୍ୟ ଭାଗ କୋରାକୋରମ ରାଜପଥକୁ ୩ ଦିନ ହେଲା ଅବରୋଧ କରିଛନ୍ତି । ଫଳରେ ଏହି ପ୍ରମୁଖ ରାସ୍ତା ଦେଇ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି । ଶାସକ ଦଳ ପିଏମ୍ଏଲ୍(ଏନ୍) ସମେତ ଅନ୍ୟ ରାଜନୈତିକ ଦଳଗୁଡ଼ିକର ସମର୍ଥନରେ ଗିଲ୍ଗିଟ୍-ବାଲ୍ଟିସ୍ତାନର ଆମଦାନୀ ଓ ରପ୍ତାନିକାରୀମାନେ ସରକାରଙ୍କ ବାଣିଜ୍ୟ ନୀତିକୁ ବିରୋଧ କରିଆସୁଛନ୍ତି । ଏଭଳି ନୀତି ଶୋଷଣକାରୀ ଏବଂ ଅର୍ଥନୀତିର ହତ୍ୟାକାରୀ ବୋଲି ସେମାନେ ଅଭିହିତ କରିଛନ୍ତି । ସରକାର ଆତଙ୍କବାଦୀଙ୍କୁ କ୍ଷତିପୂରଣ ଦେଉଥିବାବେଳେ ବ୍ୟବସାୟୀମାନଙ୍କୁ ସହାୟତା କରିବାରେ ବିଫଳ ହୋଇଥିବା ଶେହବାଜଙ୍କ ଦଳର ଜଣେ ନେତା କହିଛନ୍ତି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ବିକ୍ଷୋଭକାରୀମାନେ ରାସ୍ତାରୁ ହଟିବେ ନାହିଁ ବୋଲି କହିଛନ୍ତି । ବିକ୍ଷୋଭକାରୀଙ୍କ ସହ ହୁଞ୍ଜା, ଗିଲ୍ଗିଟ୍ ଓ ଅନ୍ୟ ସହରରୁ ବ୍ୟବସାୟୀ, ବୁଦ୍ଧିଜୀବୀ, ସିଭିଲ ସୋସାଇଟି ସଦସ୍ୟମାନେ ସାମିଲ ହୋଇଛନ୍ତି । ଇସ୍ଲାମାବାଦ ପାକ୍ ଅଧିକୃତ କଶ୍ମୀରକୁ ଅବହେଳା କରୁଥିବାରୁ ଏହାର ଫଳ ସ୍ୱରୂପ ସେଠାରେ ନିୟମିତ ବ୍ୟବଧାନରେ ଆନ୍ଦୋଳନ ମୁଣ୍ଡ ଟେକୁଛି । ମାସେ ପୂର୍ବରୁ ଏକ ପ୍ରସ୍ତାବିତ ବିଲ୍କୁ ନେଇ ଗିଲ୍ଗିଟ୍-ବାଲ୍ଟିସ୍ତାନରେ ଜୋର୍ଦାର ବିକ୍ଷୋଭ ହୋଇଥିଲା । ଉକ୍ତ ବିଲ୍ କାର୍ଯ୍ୟକାରୀ ହେଲେ ସେମାନଙ୍କ ଜମି ଓ ଉକ୍ତ ଅଞ୍ଚଳରୁ ଖଣିଜକୁ ସରକାର ନେଇଯିବା ସହ ଦୀର୍ଘଦିନ ବିଦ୍ୟୁତ୍ ସରବରାହ ବନ୍ଦ ରହିବ ବୋଲି ସେମାନେ ଅଭିଯୋଗ କରିଥିଲେ । ଅତ୍ୟାବଶ୍ୟକ ସାମଗ୍ରୀ ଅଭାବ ଏବଂ ଦରଦାମ୍ ବୃଦ୍ଧି ଲାଗିରହିଥିବାବେଳେ ୨୦୨୩ ଅକ୍ଟୋବରରେ ଭାରତର କାର୍ଗିଲକୁ ସଡ଼କ ପଥ ଖୋଲାଯିବା ଦାବିରେ ସ୍ଥାନୀୟ ଲୋକେ ବିକ୍ଷୋଭ କରିଥିଲେ ।

## ପାକ୍ ଗୁପ୍ତଚରକୁ ଗିରଫକଲା ପଞ୍ଜାବ ପୁଲିସ

ନୂଆଦିଲ୍ଲୀ : ପାକିସ୍ତାନ ପାଇଁ ଗୁପ୍ତଚର କାମ କରିବା ଅଭିଯୋଗରେ ପୁଣି ଜଣେ ଗିରଫ । ପାକ୍ ଗୁଇନ୍ଦା ଏଜେନ୍ସି ଆଇଏସଆଇ ପାଇଁ କାମ କରୁଥିବା ବ୍ୟକ୍ତିକୁ ଗିରଫ କରିଛି ପଞ୍ଜାବ ପୋଲିସ । ଅଭିଯୁକ୍ତ ଭାରତୀୟ ସେନାର ଗତିବିଧି ଏବଂ ଅପରେସନ୍ ସିନ୍ଦୂର ବାବଦରେ ପାକିସ୍ତାନକୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଉଥିଲା । ପୁଣି ଜଣେ ଦେଶଦ୍ରୋହୀ ଗିରଫ । ପାକିସ୍ତାନକୁ ଭାରତର ଗୁଇନ୍ଦା ସୂଚନା ପଠାଇବା ଅଭିଯୋଗ ଗଗନଦୀପ ସିଂହ ନାମକ ଜଣେ ବ୍ୟକ୍ତିକୁ ଗିରଫ କରିଛି ପଞ୍ଜାବ ପୋଲିସ । ଅଭିଯୁକ୍ତ ପାକିସ୍ତାନୀ ଗୁଇନ୍ଦା ଏଜେନ୍ସି ଆଇଏସଆଇ ସହ ଖଲିସ୍ତାନୀ ଆତଙ୍କୀ ଗୋପାଳ ସିଂହ ଚାଓ୍ୱଲାର ସମ୍ପର୍କରେ ଥିଲା । ସେ ଦୀର୍ଘ ସମୟ ଧରି ସୀମା ନିକଟରେ ଘଟୁଥିବା ସେନା ଗତିବିଧି ବିଷୟରେ ସୂଚନା ଦେଉଥିଲା । ଏପରିକି ତା ମଧ୍ୟରେ 'ଅପରେସନ୍ ସିନ୍ଦୂର'ର ସମ୍ବେଦନଶୀଳ ସୂଚନା ମଧ୍ୟ ରହିଛି । ସେନାର ମୁତୟନ, ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସହ ବହୁ ସମ୍ବେଦନଶୀଳ ସୂଚନା ସେ ପ୍ରଦାନ କରୁଥିଲା । ପଞ୍ଜାବ ପୋଲିସ ଡିଜି ଗୋ?ରବ ଯାଦବ କହିଛନ୍ତି, ପ୍ରାଥମିକ ତଦନ୍ତ ପରେ ଜଣାପଡିଛି ଗଗନଦୀପ ସିଂହ ଗତ ୫ ବର୍ଷ ହେବ ପାକିସ୍ତାନରେ ଥିବା ଖଲିସ୍ତାନୀ ଆତଙ୍କୀ ଗୋପାଳ ସିଂହର ସମ୍ପର୍କରେ ଥିଲା ।

## ପ୍ରବଳ ବର୍ଷା ଓ ବନ୍ୟା ବିପ୍ୱାତରେ ବେହାଲ ଭାରତର ଉତ୍ତର-ପୂର୍ବ ଅଞ୍ଚଳ

ପୂର୍ବୋତ୍ତରରେ ପ୍ରକୃତିରେ ପ୍ରହାର



ନୂଆଦିଲ୍ଲୀ: ଘୁ ଘୁ ହୋଇ ମାଡିଆସୁଛି ପାଣି । ବୁଡୁଛି ଘର, ବୁଡୁଛି ସହର । କେଉଁଠି ଗାଡି ମଟର ଭାସୁଛି ତ ଆଉ କେଉଁଠି ଭାସି ଯାଉଛନ୍ତି ଲୋକେ । ଯୁଆଡେ ଆଖି ପକାଇବ ସିଆଡେ ଖାଲି ପାଣି ଆଉ ପାଣି । ସିକ୍କିମଠୁ ଆରମ୍ଭ କରି ଅରୁଣାଚଳ ଯାଏ ହାହାକାର । ଆସାମରୁ ମଣିପୁର ଯାଏଁ ଜଳ ପ୍ରହାର । ତାଣ୍ଡବ ରଚିଛି ପ୍ରକୃତି । ଭାରତର ଉତ୍ତର-ପୂର୍ବରୁ ସାମ୍ନାକୁ ଆସୁଛି ପ୍ରକୃତିର ଏହି ବିକଟାଳ ରୂପ । ପାଣିରେ ବୁଡି ଯାଇଛି ପୂରା ସହର । ବଡ଼ ବଡ଼ ବିଲ୍ଡିଂରୁ ଆରମ୍ଭ କରି ହସ୍ପିଟାଲ ଓ ସ୍କୁଲ ସବୁକିଛି ହେଉଛି ଉବୁଟୁବୁ । ସ୍ଥିତି ପୂରା ବେହାଲ । ବନ୍ୟା ପାଣି ଲୋକଙ୍କ ନିତିଦିନିଆ ଜୀବନରେ ଲଗାଇ ଦେଇଛି ବ୍ରେକ୍ । ମୌସୁମୀ ଓ ବାଦଲଫଟା ବର୍ଷା ଯୋଗୁ ସିକ୍କିମରେ ବି ସଙ୍ଗୀନ ସ୍ଥିତି । ଧୋଇଯାଇଛି ରାସ୍ତାଘାଟ । ଭାସିଯାଇଛି ବ୍ରିଜ୍ । ବନ୍ୟା ସାଙ୍ଗକୁ ଭୂସ୍ଖଳନ ଲୋକଙ୍କ ଉପରେ ପକାଇଛି ଡବଲ ପ୍ରହାର । ମଙ୍ଗନ ଜିଲ୍ଲାର ଲାଚେନ୍ ଓ ଲାଚୁଙ୍ଗ ଉପତ୍ୟକାରେ ପ୍ରାୟ ୧୫ ଶହରୁ ଅଧିକ ପର୍ଯ୍ୟଟକ ଫସି ରହିଛନ୍ତି । ଲଗାଣ ବର୍ଷା ପୂର୍ବୋତ୍ତର ରାଜ୍ୟ ପାଇଁ କାଳ ନେଇଆସିଛି । ୪୮ ଘଣ୍ଟାର ନନ୍‌ଷ୍ଟପ୍ ବର୍ଷା ପରେ ଅନେକ ଅଞ୍ଚଳରେ ଲୋମଟାଙ୍କୁରା ଦୃଶ୍ୟ ଦେଖିବାକୁ ମିଳୁଛି । ସିକ୍କିମରେ ଥିବା ସେନା କ୍ୟାମ୍ପ୍ ଉପରେ ମାଟି ଅତଡା ଖସିବା ଫଳରେ ୩ ଜଣ ଯବାନ ସହିଦ ହେବା ସହ ୧୦ରୁ ଅଧିକ ନିଖୋଜ ଥିବା ସୂଚନା ମିଳିଛି । ସିକ୍କିମରେ ୩୪ ଜଣ, ଆସାମରେ ୧୦ ଜଣ, ମଣିପୁରରେ ୧୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । ଆସାମର ବ୍ରହ୍ମପୁତ୍ର ସମେତ ୧୦ଟି ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି ବନ୍ୟା ଜଳ । ଫଳରେ ୧୯ଟି ଜିଲ୍ଲା ଓ ୪ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ଯୁଦ୍ଧକାଳୀନ ଭିତ୍ତିରେ ବନ୍ୟା ପ୍ରଭାବିତଙ୍କୁ ଉଦ୍ଧାର କରୁଛି । ଏସଡିଆରଏଫ,ଏନଡିଆରଏଫ ଓ ଭାରତୀୟ ସେନା । ଲୋକଙ୍କୁ କ୍ରେନ୍, ବୁଲଡୋଜର ସାହାଯ୍ୟରେ ଉଦ୍ଧାର କରାଯାଉଥିବା ଚିତ୍ର ବି ସାମ୍ନାକୁ ଆସୁଛି । ବିଭିନ୍ନ ରାସ୍ତାରେ ଡଙ୍ଗା ଚାଲୁଥିବାବେଳେ ବିପନ୍ନମାନେ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି । ସେପଟେ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ସ୍ଥିତି ସମୀକ୍ଷା କରିଛନ୍ତି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ।

## ସ୍କୁଲ ପିଲାଙ୍କୁ ପ୍ରଥମ ଶ୍ରେଣୀରୁ ଦିଆଯିବ ମିଲିଟାରୀ ଟ୍ରେନିଂ

ନୂଆଦିଲ୍ଲୀ : ନିକଟରେ ଭାରତ ପାକିସ୍ତାନ ଭିତରେ ବିବାଦ ପର ଏବେ ମହାରାଷ୍ଟ୍ର ସରକାରଙ୍କ ବଡ଼ ନିଷ୍ପତ୍ତି । ଆଗକୁ ସ୍କୁଲରେ ପ୍ରଥମ ଶ୍ରେଣୀରୁ ଛାତ୍ରଛାତ୍ରୀଙ୍କୁ ଦିଆଯିବ ମିଲିଟାରୀ ଟ୍ରେନିଂ । ନିକଟରେ ଏନେଇ ବଡ଼ ଘୋଷଣା କରିଛନ୍ତି ମହାରାଷ୍ଟ୍ରର ଶିକ୍ଷାମନ୍ତ୍ରୀ ଦାଦା ଭୁସେ । ସେ କହିଛନ୍ତି, ପିଲାଙ୍କ ମନ ଭିତରେ ଦେଶଭକ୍ତିର ଭାବନା ଓ ଅନୁଶାସନ ଆଣିବା ଦରକାର । ଏହାକୁ ଅଭ୍ୟାସରେ ପରିଣତ କରିବା ପାଇଁ ମହାରାଷ୍ଟ୍ରରେ ପ୍ରଥମ ଶ୍ରେଣୀରୁ ଛାତ୍ରଙ୍କୁ ସାମରିକ ପ୍ରଶିକ୍ଷଣ ଦିଆଯିବ । ମହାରାଷ୍ଟ୍ରର ଶିକ୍ଷାମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ପିଲାଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଅବସରପ୍ରାପ୍ତ ସେ?ନିକଙ୍କ ସାହାଯ୍ୟ ନିଆଯିବ । ଛାତ୍ରଙ୍କୁ ପ୍ରଥମ ଶ୍ରେଣୀରୁ ପ୍ରାରମ୍ଭିକ ସେନା ପ୍ରଶିକ୍ଷଣ ଦେବାର ନିଷ୍ପତ୍ତି ନିଆଯାଇଛି । ଏଥିରେ ଦେଶ ପ୍ରତି ପ୍ରେମ ସୃଷ୍ଟି କରିବାରେ ସାହାଯ୍ୟ ମିଳିବ ଓ ଛାତ୍ରଙ୍କୁ ଏଥିରେ ଖୁବ୍ ସାହାଯ୍ୟ ମିଳିବ ।' ଶିବସେନା ନେତା କହିଛନ୍ତି, ପ୍ରସ୍ତାବକୁ ଲାଗୁ କରିବା ପାଇଁ ସର୍ପୋଟ ଟିଚ, ରାଷ୍ଟ୍ରୀୟ କ୍ୟାଡେଟ୍ କୋର (ଏନ୍ସିସି), ସ୍କାଉଟ୍ସ ଓ ଗାଇଡ-ସ୍ଙ୍କ ସହ ୨.୫ ଲକ୍ଷ ପୂର୍ବତନ ସେ?ନିକଙ୍କ ସହାୟତା ଦିଆଯିବ । ମିଳିଥିବା ସୂଚନା ଅନୁସାର, ରାଜ୍ୟର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ମଧ୍ୟ ପ୍ରସ୍ତାବ ଉପରେ ସକାରତ୍ମକ ପ୍ରତିକ୍ରିୟା ଦେଇଛନ୍ତି ।

## ମେଲୋନିଙ୍କୁ ସାହାଯ୍ୟ ମାଗିଲା ପାକିସ୍ତାନ

ଇସଲାମବାଦ : ଭାରତ ସହିତ ସମ୍ପର୍କ ସୁଧାରିବାକୁ ଆଶା ରଖିଥିବା ପାକିସ୍ତାନ ଏବେ ଇଟାଲୀ ଆଡକୁ ଦୃଷ୍ଟି ଦେଇଛି । ପାକିସ୍ତାନର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଆତାଉଲ୍ଲାହ ତାରାର ଇଟାଲୀକୁ ଏକ ସମ୍ଭାବ୍ୟ 'ଶାନ୍ତି ସ୍ଥାପନକାରୀ' ଦେଶ ଭାବରେ ବର୍ଣ୍ଣନା କରିଛନ୍ତି । ସେ ଏପରିକି କହିଛନ୍ତି ଯେ ଯଦି ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ମଧ୍ୟସ୍ଥତାର ଦାୟିତ୍ୱ ଗ୍ରହଣ କରନ୍ତି, ତେବେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଶାନ୍ତିର ଏକ ସ୍ଥାୟୀ ପଥ ମିଳିପାରିବ । ଇସଲାମାବାଦରେ ଇଟାଲୀର ଜାତୀୟ ଦିବସ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ଏହି ବକ୍ତବ୍ୟ ଦେଇଥିଲେ, ଯେଉଁଠାରେ ଦୁଇ ଦେଶ ମଧ୍ୟରେ ସମ୍ପର୍କର ମଜବୁତତା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା । ତାରାର କହିଛନ୍ତି ଯେ ପାକିସ୍ତାନ ଏବଂ ଇଟାଲୀର ୭୫ ବର୍ଷ ପୁରୁଣା କୂଟନୈତିକ ସମ୍ପର୍କ ରହିଛି, ଯାହା ସମୟ ସହିତ ଆହୁରି ମଜବୁତ ହୋଇଛି । ସେ କହିଛନ୍ତି ଯେ ଆମେ ଇଟାଲୀ ସହିତ ବିଶ୍ୱାସ ଏବଂ ସହଯୋଗ ଉପରେ ଆଧାରିତ ସମ୍ପର୍କକୁ ବାଣିଜ୍ୟ, ନିବେଶ, ସୁରକ୍ଷା, ଶିକ୍ଷା ଏବଂ ପ୍ରବାସ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏକ ବହୁମୁଖୀ ସହଭାଗୀତାରେ ପରିଣତ କରିବାକୁ ଚାହୁଁଛୁ ।

## ପାକ୍ ଆତଙ୍କବାଦୀର ରହସ୍ୟଜନକ ମୃତ୍ୟୁ

ଇସ୍ଲାମାବାଦ : ପାକିସ୍ତାନୀ ଆତଙ୍କବାଦୀଙ୍କ ରହସ୍ୟମୟ ମୃତ୍ୟୁ ଜାରି ରହିଛି । ଏବେ ଏହି ତାଲିକାରେ ଜୈଶ-ଏ-ମହମ୍ମଦର ଜଣେ ଶୀର୍ଷ କମାଣ୍ଡର ଅବଦୁଲ ଅଜିଜ ଏସାରର ନାମ ଯୋଡା ଯାଇଛି । ପାକିସ୍ତାନର ପଞ୍ଜାବ ଜିଲ୍ଲାରେ ରହସ୍ୟମୟ ପରିସ୍ଥିତିରେ ତାହାର ମୃତଦେହ ମିଳିଛି । ଅବଦୁଲ ଅଜିଜ ଏସାର ଭାରତ ବିରୋଧୀ ଭାଷଣ ଦେବା ପାଇଁ ଜଣାଶୁଣା ଥିଲା । ତା ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ତାର ଅନ୍ତିମ ସଂସ୍କାର ଜୁନ୍ ୩, ମଙ୍ଗଳବାର ଦିନ ଜୈଶ-ଏ-ମହମ୍ମଦର ମୁଖ୍ୟାଳୟ ବାହାଓ୍ୱଲପୁରରେ କରାଯାଇଥିଲା । ପ୍ରାପ୍ତ ସୂଚନା ଅନୁଯାୟୀ, ଅବଦୁଲ ଅଜିଜ ଗଜଓ୍ୱା-ଏ-ହିନ୍ଦ ମାଧ୍ୟମରେ ତା ଉତ୍ତେଜକ ଭାଷଣ ମାଧ୍ୟମରେ ଯୁବକମାନଙ୍କୁ ଜିହାଦୀରେ ପରିଣତ କରୁଥିଲେ । ତାଙ୍କ ଭାଷଣ ପ୍ରାୟତଃ ଜୈଶର ସୋସିଆଲ ମିଡିଆ ଚ୍ୟାନେଲରେ ଭାଇରାଲ ହେଉଥିଲା । ଏହା ପୂର୍ବରୁ ମଧ୍ୟ ଅନେକ ଆତଙ୍କବାଦୀଙ୍କୁ ରହସ୍ୟମୟ ବନ୍ଧୁକଧାରୀମାନେ ଗୁଳି କରି ହତ୍ୟା କରିଥିଲେ । ବିଗତ କିଛି ବର୍ଷ ମଧ୍ୟରେ ଏପରି ଘଟଣା ବଢିଚାଲିଥିବାରୁ ଆତଙ୍କବାଦୀମାନେ ଚିନ୍ତାରେ ଅଛନ୍ତି । ସେପଟେ ଅପରେସନ ସିନ୍ଦୂରରେ ଭାରତ ପାକିସ୍ତାନର କେତେକ ପ୍ରମୁଖ ଆତଙ୍କବାଦୀ ଟ୍ରେନିଂ ସେଣ୍ଟରକୁ ଧ୍ୱଂସ କରିବା ସତ୍ତ୍ୱେ ଏବେ ବି ଆତଙ୍କବାଦୀ ସକ୍ରିୟ ଅଛନ୍ତି ।

## 'ବୃତ୍ତିଗତ ସାମରିକ ବାହିନୀ ଉପରେ ବିଫଳତା କିମ୍ବା କ୍ଷତିର ପ୍ରଭାବ ପଡ଼େ ନାହିଁ: ଅନୀଲ ଚୌହାନ



ନୂଆଦିଲ୍ଲୀ: ଅପରେସନ ସିନ୍ଦୂରକୁ ନେଇ ପ୍ରତିରକ୍ଷା ବିଭାଗ ମୁଖ୍ୟ (ଉଡଝ) ଅନିଲ ଚୌହାନ ଏକ ଗୁରୁତ୍ୱପୂର୍ଣ୍ଣ ଖୁଲାସା କରିଛନ୍ତି । ସେ କହିଛନ୍ତି ଯେ, ଭାରତର ଏହି କାର୍ଯ୍ୟାନୁଷ୍ଠାନ ପହଲଗାମ ଆକ୍ରମଣକୁ ନେଇ ଥିଲା । 'ଅପରେସନ ସିନ୍ଦୂର' ପଛରେ ଚିନ୍ତାଧାରା ଥିଲା, ପାକିସ୍ତାନ ଦ୍ୱାରା ପ୍ରାୟୋଜିତ ଆତଙ୍କବାଦକୁ ବନ୍ଦ କରିବା । ପୁଣେରେ ଏକ କାର୍ଯ୍ୟକ୍ରମରେ ଅପରେସନ ସିନ୍ଦୂର ପଛର କାରଣ ବିଷୟରେ ଆଲୋଚନା କରି ଉଡଝ ଜେନେରାଲ ଚୌହାନ କହିଛନ୍ତି ଯେ, ଭାରତ ଆଉ ଆତଙ୍କବାଦ ଏବଂ ପରମାଣୁ ବ୍ଲାକମେଲର ଛାଇରେ ରହିବ ନାହିଁ । ସେ ଭାରତୀୟ ସଶସ୍ତ୍ର ବାହିନୀର ପ୍ରଶଂସା କରିଛନ୍ତି ଏବଂ କହିଛନ୍ତି କି, 'ବୃତ୍ତିଗତ ସାମରିକ ବାହିନୀ ଉପରେ ବିଫଳତା କିମ୍ବା କ୍ଷତିର ପ୍ରଭାବ ପଡେ ନାହିଁ । କିନ୍ତୁ ଫଳାଫଳ ଗୁରୁତ୍ୱପୂର୍ଣ୍ଣ ।' ଉଡଝ ଅନିଲ ଚୌହାନ ଜୁଲଫିକର ଅଲି ଭୁଟ୍ଟୋଙ୍କ କଥା ଉଠାଇ କହିଛନ୍ତି ଯେ,ସେ ଜାତିସଂଘ ସୁରକ୍ଷା ପରିଷଦରେ ଭାରତ ବିରୁଦ୍ଧରେ ହଜାର ବର୍ଷର ଯୁଦ୍ଧ ଘୋଷଣା କରିଥିଲେ । ସେ କହିଛନ୍ତି,'ଏହି ନିର୍ଦ୍ଦିଷ୍ଟ ଯୁଦ୍ଧର ସମ୍ପୂର୍ଣ୍ଣ ଆରମ୍ଭ ବିନ୍ଦୁ ପହଲଗାମ ଆତଙ୍କବାଦୀ ଆକ୍ରମଣ ଥିଲା । ଆତଙ୍କବାଦ କ'ଣ ଯୁଦ୍ଧର ଏକ ଯୁକ୍ତିଯୁକ୍ତ କାର୍ଯ୍ୟ ? ସେ ଭାରତକୁ ହଜାର କ୍ଷତ ଦେଇ ରକ୍ତାକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ୧୯୬୫ ମସିହାରେ, ଜୁଲଫିକର ଅଲି ଭୁଟ୍ଟୋ ମିଳିତ ଜାତିସଂଘ ସୁରକ୍ଷା ପରିଷଦକୁ ସମ୍ବୋଧିତ କରି ଭାରତ ବିରୁଦ୍ଧରେ ହଜାର ବର୍ଷର ଯୁଦ୍ଧ ଘୋଷଣା କରିଥିଲେ ।' ଉଡଝ ଚୌହାନ କହିଛନ୍ତି ଯେ ଭାରତର ଲକ୍ଷ୍ୟ କେବଳ ଆତଙ୍କବାଦୀଙ୍କୁ ନିପାତ କରିବା । ସେ ପାକିସ୍ତାନକୁ ଭର୍ତ୍ସନା କରି କହିଛନ୍ତି, 'ପାକିସ୍ତାନରୁ ରାଷ୍ଟ୍ର-ପ୍ରାୟଜିତ ଆତଙ୍କବାଦକୁ ବନ୍ଦ କରିବାକୁ ପଡିବ । ଭାରତ ଆତଙ୍କବାଦ ଏବଂ ପରମାଣୁ ବ୍ଲାକମେଲର ଛାୟାରେ ରହିବ ନାହିଁ ।'

## ରାଷ୍ଟ୍ରୀୟ ଭାଷା ହେଉଛି 'ଏକତା ଓ ବିବିଧତା' : କନିମୋଝି



ମାଡ୍ରିଡ: ଡିଏମକେ ସାଂସଦ କନିମୋଝି କରୁଣାନିଧି, ଯିଏ ଅପରେସନ ସିନ୍ଦୁର ପରେ ଭାରତର ଆନ୍ତର୍ଜାତୀୟ ସମ୍ପର୍କ କାର୍ଯ୍ୟକ୍ରମର ଅଂଶ ଭାବେ ସ୍ପେନରେ ଏକ ସର୍ବଦଳୀୟ ପ୍ରତିନିଧି ଦଳର ନେତୃତ୍ୱ ନେଉଛନ୍ତି, ତାଙ୍କୁ ଭାରତର ରାଷ୍ଟ୍ରୀୟ ଭାଷା ବିଷୟରେ ଏକ ପ୍ରଶ୍ନ ପଚରାଯାଇଥିଲା । ମାଡ୍ରିଡରେ ଭାରତୀୟ ପ୍ରବାସୀମାନଙ୍କୁ ସମ୍ବୋଧିତ କରିବା ସମୟରେ ତାଙ୍କର ଜବାବ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । କନିମୋଝି କହିଛନ୍ତି ଯେ, "ଭାରତର ରାଷ୍ଟ୍ରୀୟ ଭାଷା ହେଉଛି ଏକତା ଓ ବିବିଧତା । ଏହା ହେଉଛି ଏହି ପ୍ରତିନିଧି ଦଳ ବିଶ୍ୱକୁ ଦେଉଥିବା ବାର୍ତ୍ତା, ଏବଂ ଆଜି ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ଆମେ ମନେକରୁଛୁ ।" ଏହି ପ୍ରଶ୍ନ ଏବଂ ତାଙ୍କ ଉତ୍ତର ତାମିଲନାଡୁରେ ଡିଏମକେ ସରକାର ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ରେ ତିନି-ଭାଷା ଫର୍ମୁଲା ଉପରେ ଚାଲିଥିବା ତୀବ୍ର ବିବାଦର ପୃଷ୍ଠଭୂମିରେ ଆସିଛି । ଡିଏମକେ ଏହି ନୀତିକୁ ହିନ୍ଦୀ ଅନୁସାରେ ରାଜ୍ୟମାନଙ୍କ ଉପରେ ହିନ୍ଦୀ ଲଦିବାର ଏକ ପ୍ରୟାସ ଭାବେ ଦେଖୁଛି । ଅନ୍ୟପଟେ ଏହାକୁ ଫେଡେରାଲିଜିମ ଓ ଆଞ୍ଚଳିକ ସ୍ୱାୟତ୍ତଶାସନ ବିରୁଦ୍ଧରେ ଏକ ଆକ୍ରମଣ ବୋଲି ଅଭିହିତ କରିଛି । କନିମୋଝି ନିଜେ କେନ୍ଦ୍ର ସରକାରଙ୍କୁ ଏନଇପି ବିରୋଧ କରିବା ପାଇଁ ତାମିଲନାଡୁକୁ ଆର୍ଥିକ ଅନୁଦାନ ଅଟକାଇବା ଅଭିଯୋଗ ଆଣିଛନ୍ତି । କନିମୋଝିଙ୍କ ନେତୃତ୍ୱାଧୀନ ଏହି ସର୍ବଦଳୀୟ ପ୍ରତିନିଧି ଦଳରେ ସମାଜବାଦୀ ପାର୍ଟିର ରାଜୀବ କୁମାର ରାୟ, ବିଜେପିର ବ୍ରିଜେଶ ଚୌଟା, ଆରଜେଡିର ପ୍ରେମ ଚନ୍ଦ୍ର ଗୁପ୍ତା, ଏଏପିର ଅଶୋକ କୁମାର ମିତ୍ତଲ ଏବଂ ପୂର୍ବତନ ରାଷ୍ଟ୍ରଦୂତ ମଞ୍ଜୀବ ସିଂ ପୁରୀ ଓ ଜାଓ୍ୱେଦ ଅଶରଫ ସାମିଲ ଅଛନ୍ତି । ଏହି ଦଳ ପାଞ୍ଚଟି ଦେଶର ଗସ୍ତରେ ଥାଇ ସ୍ପେନରେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଯେଉଁଠାରେ ସେମାନେ ଆତଙ୍କବାଦ ବିରୋଧରେ ଭାରତର 'ଶୂନ୍ୟ ସହନଶୀଳତା' ନୀତିକୁ ଜୋରଦାର ଭାବେ ଉପସ୍ଥାପନ କରିଛନ୍ତି । କନିମୋଝିଙ୍କ ଏହି ଉତ୍ତର କେବଳ ଏକ କୂଟନୈତିକ ବୟାନ ନୁହେଁ, ବରଂ ଭାରତର ବିବିଧ ସାଂସ୍କୃତିକ ଓ ଭାଷାଗତ ପରିଚୟକୁ ଆନ୍ତର୍ଜାତୀୟ ମଞ୍ଚରେ ଉଜାଗର କରିବାର ଏକ ଶକ୍ତିଶାଳୀ ପ୍ରୟାସ । ଏହା ସୋସିଆଲ ମିଡିଆରେ ବ୍ୟାପକ ପ୍ରଶଂସା ପାଇଛି । ଯେଉଁଠାରେ ଅନେକ ୟୁଜର୍ସ ଏହାକୁ ଭାରତର ବହୁସାଂସ୍କୃତିକ ପରିଚୟର ଏକ ଉପଯୁକ୍ତ ପ୍ରତିନିଧିତ୍ୱ ଭାବେ ଦେଖୁଛନ୍ତି ।

## ଗ୍ରୀସ୍ ଓ ତୁର୍କୀରେ ଭୟଙ୍କର ଭୂକମ୍ପ

ନୂଆଦିଲ୍ଲୀ : ଭୟଙ୍କର ଭୂକମ୍ପ ଝଟକାରେ ଥରିଲା ଗ୍ରୀସ୍ ଓ ତୁର୍କୀ । ଏହାର କେନ୍ଦ୍ରସ୍ଥଳ ଥିଲା ଗ୍ରୀସର ଡୋଡୋକାନିସ୍ ଦ୍ୱୀପପୁଞ୍ଜ । ସୋମବାର ବିଳମ୍ବିତ ରାତିରେ ଆସିଥିବା ଏହି ଭୂକମ୍ପର ତୀବ୍ରତା ଥିଲା ୬.୨ । ଏହାର ଝଟକାରେ ଗ୍ରୀସ୍ ଏବଂ ଆଖପାଖ ଅଞ୍ଚଳକୁ ପ୍ରଭାବିତ ହୋଇଛି । ଭୂକମ୍ପ ଏତେ ଶକ୍ତିଶାଳୀ ଥିଲା ଯେ ଘର ଦ୍ୱାରା ଥରି ଉଠିଥିଲା । ଭୟରେ ଲୋକେ ନିଜ ନିଜର ବାଲକୋନୀ ଓ ଝରକାରୁ ତଳକୁ ଡେଇଁ ପଡିଥିଲେ । ଏଥିରେ ୭୦ ଜଣ ଆହତ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ହେଉଛି ୧୪ ବର୍ଷର ଜଣେ ବାଳକ । ମାରମାରିସ୍ ରାଜ୍ୟପାଳ ଇଦ୍ରିସ୍ ଆକବିୟିକ୍ କହିଛନ୍ତି, ଲୋକେ କୋଠା ଭୁଶୁଡ଼ି ପଡ଼ିବାରୁ ନୁହେଁ, ଆତଙ୍କ ଯୋଗୁ ଆହତ ହୋଇଛନ୍ତି । ଦକ୍ଷିଣ-ପଶ୍ଚିମ ତୁର୍କୀର ଉପକୂଳବର୍ତ୍ତୀ ସହର ମାରମାରିସ ନିକଟରେ ୫.୮ ତୀବ୍ରତାର ଏକ ଭୂକମ୍ପ ଅନୁଭୁତ ହୋଇଥିଲା । ଏଥିରେ ସାତ ଜଣ ଆହତ ହୋଇଛନ୍ତି ।ବିପର୍ଯ୍ୟୟ ଏବଂ ଜରୁରୀକାଳୀନ ପରିଚାଳନା ପ୍ରେସିଡେନ୍ସି (ଏଏଫଏଡି) କହିଛି ଯେ, ଭୂକମ୍ପ ଭୋର ୨ଟା ୧୭ରେ ହୋଇଥିଲା, ଯାହାର କେନ୍ଦ୍ରସ୍ଥଳ ଭୂମଧ୍ୟସାଗର ଥିଲା । ତୁର୍କୀର ଏନଟିଭି ନ୍ୟୁଜ୍ ଅନୁଯାୟୀ, ଭୂକମ୍ପ ଏତେ ଶକ୍ତିଶାଳୀ ଥିଲା ଯେ, ଆଖପାଖ ଅଞ୍ଚଳ ଥରିବା ଆରମ୍ଭ କରିଦେଇଥିଲା । ଏହାର ଝଟକା ନିକଟସ୍ଥ ଗ୍ରୀକ୍ ଦ୍ୱୀପ ରୋଡସ୍ ପର୍ଯ୍ୟନ୍ତ ଅନୁଭୂତ ହୋଇଥିଲା ।

# ନୟାଗଡ଼ରେ ଶ୍ରୀଗୁଣ୍ଡିଚା ରଥଯାତ୍ରା-୨୦୨୫ ପାଇଁ ପ୍ରସ୍ତୁତି

**ନୟାଗଡ଼, (ପିପିଏସ୍):** ଅଜି ପୂର୍ବାହ୍ନ ୧୧ଘଟିକା ସମୟରେ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଭା.ପ୍ର.ସେ.ଙ୍କ ଅଧ୍ୟକ୍ଷତାରେ ଶ୍ରୀଗୁଣ୍ଡିଚା ରଥଯାତ୍ରା-୨୦୨୫ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସନାତନ କାଲେ ଏବଂ ଏସ.ଡି.ପି.ଓ.ଡ଼ ଜ୍ୟୋତିରଂଜନ ସାମନ୍ତରାୟ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ବୈଠକର ପ୍ରାରମ୍ଭରେ ଉପଜିଲ୍ଲାପାଳ ପ୍ରାରମ୍ଭିକ ସ୍ୱାଗତ ଭାଷଣ ରଖିଥିଲେ । ପରେ ପରେ ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ କହିଲେ ଯେ, ରଥଯାତ୍ରା ଦିନଠାରୁ ପଲିଥିନ୍ ଓ ପ୍ଲାଷ୍ଟିକର ବ୍ୟବହାର ବନ୍ଦ କରାଯିବ। ଏଥିରେ ସମସ୍ତେ ସମ୍ମତି ଜଣାଇଥିଲେ । ସେହିପରି ଜିଲ୍ଲା ପରିଷଦ ଅଧ୍ୟକ୍ଷ ତଦନୁରୂପେ ତାଙ୍କ ଭାଷଣ ରଖିଥିଲେ । ଏହା ରେ ପୂର୍ବ ବର୍ଷର କାର୍ଯ୍ୟସୂଚୀ ଅନୁଯାୟୀ ବୈଠକରେ ଆଲୋଚନା କରାଯାଇଥିଲା । ଦେବୋତ୍ତର ବିଭାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତିନିଗୋଟି ରଥ ନିର୍ମାଣ କରାଯିବା ସହ ଏହା ଦୁଇ ଦିନ ଧରି ରଥ ଟଣାଯିବାର ବ୍ୟବସ୍ଥା ବିଷୟରେ ଆଲୋଚନା କରାଯାଇଥିଲା । ଶ୍ରୀ ବଳଦେବଜୀଉଙ୍କ ତାଳଧ୍ୱଜ ରଥ ଟଣାଯାଇ ଇ ଶ୍ରୀଗୁଣ୍ଡିଚା ମନ୍ଦିର ଠାରେ ପହଞ୍ଚିବା ସହ ସୁଭଦ୍ରାଙ୍କ ଦର୍ପଦଳନରଥ ଓ ଜଗନ୍ନାଥଜୀଉଙ୍କ ନନ୍ଦିଘୋଷ ରଥ ଟଣାହୋଇ ଥାକ୍ରମେ ମେ ଶ୍ରୀ ହନୁମାନ ମନ୍ଦିର ଓ ନବଲାଲ ମଠ ପାଖାପାଖି ରଖାଯିବାର ବ୍ୟବସ୍ଥା ଅଛି । ପରମ୍ପରା ଅନୁଯାୟୀ ସୂର୍ଯ୍ୟାସ୍ତ ପୂର୍ବରୁ ରଥ ଟଣାଯିବା ପାଇଁ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆଇନ୍ ଶୃଙ୍ଖଳା ତଦାରଖ ପାଇଁ ପୋଲିସ ମୁତୟନ କରାଯିବା ସହ ସ୍ୱେଚ୍ଛାସେବୀ,ଏନ.ସି.ସି. ଜାତୀୟ ୟ ଯୁବ ସ୍ୱେଚ୍ଛାସେବି ମାନଙ୍କ ସହାୟତା ନିଆଯିବା ପାଇଁ ସ୍ଥିର କରାଗ ଲା । ସେବାୟତ ଓ ସ୍ୱେଚ୍ଛାସେବୀମାନ ନଙ୍କ ପାଇଁ ଟି-ସାର୍ଟ ଯୋଗାଇ ଦେବା ପାଇଁ ବୈଠକରେ ସ୍ଥିର କରାଗଲା ରୋଷେଇଘରର ମରାମତି ପାଇଁ କାର୍ଯ୍ୟ ନିର୍ବାହୀ ଅକାରୀ, ନୟାଗଡ଼ ପୌର ପରିଷଦଙ୍କୁ ଦାୟିତ୍ୱ ନ୍ୟସ୍ତ କରାଗଲା । ଚଳିତ ବର୍ଷ ପାସର ବ୍ୟବସ୍ଥା କରାଯିବ । ଯେଉଁମାନଙ୍କ ପାଖ ପାସ ଥିବ ସେମାନେ ରଥ ଉପରେ ଚଢ଼ିପାରିବେ ବୋଲି ସ୍ଥିର କରାଗଲା । ସେହିପରି ସିସି ଟିଭି ଲାଗିବା ସହ ଡ୍ରୋନ୍ କ୍ୟାମେରାରେ ଫଟୋ ଉତ୍ତୋଳନ କରାଯିବାକୁ ପରାମର୍ଶ ଦିଆଗଲା । ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ପ୍ରଚାର ପ୍ରସାର ପାଇଁ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଗଲା । ସୂଚନା କେନ୍ଦ୍ରରେ ରଥଯାତ୍ରା ଓ ବାହୁଡ଼ା ଦୁଇଦିନ ଧରି ଧାରାବିବରଣୀ ପ୍ରଚାର ପ୍ରସାର କରାଯିବାକୁ ସ୍ଥିର କରାଗଲା । ପରିଷ୍କାର ପରିଚ୍ଛନ୍ନତା, ପାନୀୟ ଜଳ ଯୋଗାଣ, ଆଲୋକ ବ୍ୟବସ୍ଥା, ଆର୍ଥିକ ଅନୁଦାନ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା । ରୌଦ୍ରତାପର ହ୍ରାସ ପାଇଁ ଅଗ୍ନିଶମ ବିଭାଗକୁ ପାଣି ସ୍ପ୍ରେ କରିବା ପାଇଁ ପରାମର୍ଶ ଦିଆଗଲା । ଏହି ବୈଠକରେ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ , ଦେବୋତ୍ତର ବିଭାଗ, ସାମ୍ବାଦିକ ଓ ବୁଦ୍ଧିଜୀବୀ ପ୍ରମୁଖ ଯୋଗଦାନ କରିଥିଲେ ।



## ଇଫକୋ ପାରାଦୀପ ୟୁନିଟ୍‌ରେ ୧୨ତମ ଆନ୍ତଃ ଶାଖା ସାଂସ୍କୃତିକ ମହୋତ୍ସବ



ପାରାଦୀପ – ଇଫକୋ ପାରାଦୀପ ୟୁନିଟ ରେ ୧୨ତମ ଆନ୍ତଃ ଶାଖା ସାଂସ୍କୃତିକ ମହୋତ୍ସବ ୨କ୍ଷ୨୫ ଜୁନ ୨ ତାରିଖ ଠାରୁ ମହା ସମାରୋହ ରେ ଆରମ୍ଭ ହୋଇଛି କ୍ଷ ସାତଦିନ ବ୍ୟାପି ଏହି ମହୋତ୍ସବ ପ୍ରଥମ ଥର ପାଇଁ ପାରାଦୀପ ଠାରେ ଆୟୋଜିତ ହେଉଅଛି କ୍ଷ ଏହି ସାଂସ୍କୃତିକ ମହୋତ୍ସବ କୁ ଇଫକୋ ଅଧ୍ୟକ୍ଷ ଦିଲୀପ ସାଙ୍ଘାନୀ ଏବଂ ତାଙ୍କ ସହଧର୍ମିଣୀ ଗୀତା ବେନ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ କ୍ଷ ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର ସମେତ ଅନ୍ୟ ଅଧିକାରୀ ମାନେ ଅଧ୍ୟକ୍ଷ ଦିଲୀପ ସାଙ୍ଘାନୀ ଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା କରି ଆନନ୍ଦ ପ୍ରକାଶ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ଶ୍ରୀ ସାଙ୍ଘାନୀ ନିଜ ବକ୍ତବ୍ୟରେ କହିଥିଲେ ଯେ ଇଫକୋ ଆନ୍ତଃ ଶାଖା ମଧ୍ୟରେ ଏହି ସାଂସ୍କୃତିକ ମହୋତ୍ସବ ପରସ୍ପର ସଂସ୍କୃତି ବିନିମୟ ଓ ଏକ୍ୟବଦ୍ଧତା ସୃଷ୍ଟି କରିବ କ୍ଷ ଏହି ଉତ୍ସବ ପାଳନ ଦ୍ୱାରା ଇଫକୋ ପରିବାର ସୁଦୃଢ ହେବା ସହ ଆମ ମଧ୍ୟରେ ଆତ୍ମୀୟତା ବୃଦ୍ଧି ପାଇବ ବୋଲି ଅଧ୍ୟକ୍ଷ କହିଥିଲେ କ୍ଷ ସେ କହିଥିଲେ ଯେ ଇଫକୋ କେବଳ ଅର୍ଥ ଉପାର୍ଜନ କରିବାର ଏକ ସଂସ୍ଥା ନୁହେଁ, ଏହା ଭାରତ ସରକାର ଙ୍କ ସହଯୋଗରେ କୃଷକ ଙ୍କ ସେବା ଓ ସେମାନଙ୍କ ସ୍ୱାର୍ଥ ସୁରକ୍ଷା ନିମିତ୍ତ ଏକ ଅନୁଷ୍ଠାନ । ତେବେ ପ୍ରଥମେ ଇଫକୋ ଦ୍ୱାରା ପ୍ରସ୍ତୁତ ନାନୋ ୟୁରିଆ ଓ ନାନୋ ଡ଼ିଏପି ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରି ଭାରତ ପାଇଁ ଗୌରବ ଆଣିବା ସହିତ ଏହାର ପ୍ରୟୋଗ କୃଷକ ମାନଙ୍କ ପାଇଁ ବେଶ ଉପାଦେୟ ହୋଇପାରିଛି । ଏହି ଅବସରରେ ଇଫକୋ ର ପ୍ରତିଷ୍ଠାତା ଡ଼ଃ. ୟୁ.ଏସ. ଅବସ୍ତି ଙ୍କ ଅବଦାନ ସମ୍ପର୍କରେ ଉଲ୍ଲେଖ କରି ତାଙ୍କର ଦୁରଦୃଷ୍ଟି ଓ ଦିଗଦର୍ଶନ ଇଫକୋ କୁ ଶୀର୍ଷରେ ପହଞ୍ଚାଇ ପାରିଛି ବୋଲି ଇଫକୋ ଅଧ୍ୟକ୍ଷ ଶ୍ରୀ ସାଙ୍ଘାନୀ ଉଲ୍ଲେଖ କରିଥିଲେ ।

ଏହି କାର୍ଯ୍ୟକ୍ରମ ରେ ଇଫକୋ ଫୁଲପୁର ୟୁନିଟ ମୁଖ୍ୟ ସଞ୍ଜୟ କୁଦେଶିଆ ସପତ୍ନୀକ ଯୋଗଦେଇଥିବା ବେଳେ ପାରାଦୀପ ଇଫକୋ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ଅଧିକାରୀ ସଂଘର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ଏହି ମହୋତ୍ସବ ରେ ପାରାଦୀପ ଇଫକୋ ସମେତ ଫୁଲପୁର, କଲୋଲ, ଆଅଁଳା, କାଣ୍ଡଲା, ମୁଖ୍ୟ କାର୍ଯ୍ୟାଳୟ ଓ ମାର୍କେଟିଙ୍ଗର ପ୍ରତିନିଧି ମାନେ ଅଂଶଗ୍ରହଣ କରିଥିଲେ।

## ପୁରୀ-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ ସପ୍ତାହର ମଙ୍ଗଳବାର ବାତିଲ ରହିବ

ଭୁବନେଶ୍ୱର,(ହି.ସ.): ପୂର୍ବତଟ ରେଳପଥ ୨୦୮୩୬/୨୦୮୩୫ ପୁରୀ-ରାଉରକେଲା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସର ସାପ୍ତାହିକ ଛୁଟି ଦିବସରେ ପରିବର୍ତନ ଘୋଷଣା କରିଛି। ୦୩ ଜୁନ୍ ଠାରୁ ଟ୍ରେନଟି ଏବେ ଶନିବାର ପରିବର୍ତେ ମଙ୍ଗଳବାର ଦିନମାନଙ୍କରେ ବାତିଲ ରହିବ। ତଦନୁସାରେ, ଟ୍ରେନଟି ୦୭ ଜୁନ୍ ରୁ ପ୍ରତି ଶନିବାର ଦିନ ଚଳାଚଳ ଆରମ୍ଭ କରିବ । କୌଣସି ଷ୍ଟେସନରେ ଟ୍ରେନର ପୂର୍ବରୁ ଥିବା ସମୟ ଏବଂ ସ୍ଥିରୀକୃତ ରହଣିରେ କୌଣସି ପରିବର୍ତନ ହୋଇନାହିଁ । ସଂଶୋଧିତ ସାପ୍ତାହିକ ଛୁଟିର ଲକ୍ଷ୍ୟ ଯାତ୍ରୀଙ୍କ ଚାହିଦା ଏବଂ ପରିଚାଳନାଗତ ଆବଶ୍ୟକତା ସହିତ ଭଲ ଭାବରେ ସମନ୍ୱୟ ସ୍ଥାପନ କରିବା । ଯାତ୍ରୀମାନଙ୍କୁ ସେହି ଅନୁସାରେ ସେମାନଙ୍କ ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦିଆଯାଇଛି ।

## ଭାଗବତ ସପ୍ତାହ ପ୍ରସ୍ତୁତି ବୈଠକ

ଚୌଦ୍ୱାର,(ପିପିଏସ୍):ପବିତ୍ର ଗୁରୁ ପୂର୍ଣ୍ଣିମା ଉପଲକ୍ଷେ ଚୌଦ୍ୱାର ଓଟିଏମ କଲୋନୀ ନିକଟସ୍ଥ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ ଆଶ୍ରମରେ ଭାଗବତ ସପ୍ତାହ ଓ ପାରାୟଣ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଆୟୋଜକ କମିଟି ସଭାପତି କୃଷ୍ଣ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆଶ୍ରମ ପରିସରରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ଅନୁଷ୍ଠାନର ଭାଗବତ କାର୍ଯ୍ୟକ୍ରମକୁ ପ୍ରଶଂସାକରି ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ । ଆସନ୍ତା ଜୁଲାଇ ମାସ ୧୦ତାରିଖରୁ ୧୭ତାରିଖ ପର୍ଯ୍ୟନ୍ତ ଭାଗବତ ସପ୍ତାହ ଓ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ବୈଠକରେ ସ୍ଥିତରିକୃତ ହୋଇଥିଲା । ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ସ୍ଥାନୀୟ କାଉନସିଲର ଦିଲ୍ଲୀପ ସାହୁ ପ୍ରମୁଖ ବୈଠକରେ ଯୋଗଦେଇ ଏହି ଆଧାତ୍ମିକ କାର୍ଯ୍ୟରେ ପୌରପାଳିକା ତରଫରୁ ସହଯୋଗ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ରାଜକିଶୋର ସାମନ୍ତ, ଉପସଭାପତି ବିଜୟ ଅରିସଲ, ସନ୍ତୋଷ କୁମାର ଧର, ଅଜୟ କୁମାର ସାହୁ, ନାରାୟଣ ସ୍ୱାଇଁ, ଅଜୟ କୁମାର ଦାସମହାପାତ୍ର, ରାଜେନ୍ଦ୍ର ପ୍ରଧାନ, ବିଭୁତି ଭୁଷଣ ଦାସ, ପ୍ରଶାନ୍ତ କୁମାର ବେହେରା, ବିମଲ କୁମାର ବେଉରା, ଦିବାକର ଲେଙ୍କା, ତପନ ରାଉତ, କିଶୋର ଷଣ୍ଢ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଦର୍ଶକଙ୍କ ମନଜିଣିଲା ଐତିହାସିକ ନାଟକ 'ମହାକବି କାଳିଦାସ'



ବାରିପଦା (ପିପିଏସ୍) ସମୟଧାରାରେ ବଦଳୁଛି ଦର୍ଶକଙ୍କ ରୁଚି ଓ ସିନେମା, ଟି ଭି, ମୋବାଇଲ ଦେଖି ଦେଖି ମନ ଭରିଗଲା ପରେ ନାଟକ ପ୍ରତି ପୁଣିଥରେ ଆକୃଷ୍ଟ ହେଉଛନ୍ତି ଦର୍ଶକ ଓ ପୌରାଣିକ ଓ ଐତିହାସିକ ନାଟକ ଗୁଡିକ ଅତୀତରେ ବେଶ ଲୋକପ୍ରିୟତା ହାସଲ କରିଥିଲେହେଁ ପରବର୍ତ୍ତୀ ସମୟରେ ସାମାଜିକ ଓ କାଳ୍ପନିକ କାହାଣୀ ଉପରେ ଆଧାରିତ ନାଟକ ସବୁକୁ ପଛରେ ପକେଇଦେଲା ଓ ମାତ୍ର ଗତକାଲି ସହୀଦ ଭବନରେ ରାଉରକେଲାର ଅଗ୍ରଣୀ ନାଟ୍ୟସଂସ୍ଥା ସମ୍ପର୍କର ପ୍ରଯୋଜିତ ଐତିହାସିକ ନାଟକ 'ମହାକବି କାଳିଦାସ' ଦର୍ଶକଙ୍କୁ ବାନ୍ଧି ରଖିପାରିଥିଲା ଓ ଭୁବନେଶ୍ୱରର ଅଭିନନ୍ଦନ ଓ ବାରିପଦାର ରୂପାନ୍ତରର ମିଳିତ ଆନୁକୂଲ୍ୟରେ ଆୟୋଜିତ ମଞ୍ଚତୀର୍ଥ ନାଟକ ଉତ୍ସବ ଅବସରରେ ମଞ୍ଚସ୍ଥ ନାଟକଟି ବହୁବର୍ଷ ପରେ ଦର୍ଶକଙ୍କ ମନଙ୍କୁ ଜିଣିନେଇଥିଲା ଓ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ଏହାକୁ ଉଦଘାଟନ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ରୂପନ୍ତରର ଅଧ୍ୟକ୍ଷ ବୀରେନ୍ଦ୍ର ନାଥ ସାହୁ ଓ ପ୍ରତିଷ୍ଠାତା ପରେଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ ଓ ହରିଶ୍ଚନ୍ଦ୍ର ବେହେରାଙ୍କ ରଚିତ ଏବଂ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶିତ ନାଟକରେ ବିଜୟ କୁମାର ପାତ୍ର, ମୁରଲୀଧର ଦାଶ, ଭାସ୍କର ଚନ୍ଦ୍ର ମହାପାତ୍ର, ବିବେକାନନ୍ଦ ଦାଶ, ସୁରେନ୍ଦ୍ର ପାଢ଼ୀ, ପ୍ରଣବ ପାଣିଗ୍ରାହୀ, ପ୍ରଳୟ ଶତପଥି, ବବିତା ମହାଲିକ, ପୁଷ୍ପା ବିଶୋଇ, ସୁରଭି ରଣା, ସସ୍ମିତା ବେଜ, ଗ୍ରୀଷ୍ମା ତିଓ୍ୱାରୀ, ସ୍ୱନ୍ଦିତା ଖୁଣ୍ଟିଆ ଓ ଭରତ ଚନ୍ଦ୍ର ବେହେରା ନିଖୁଣ ଭାବରେ ଅଭିନୟ କରିଥିଲେ ଓ ମଞ୍ଚ ପରିଚାଳନାରେ ଜଗନ୍ନାଥ ସେଠ, ମଞ୍ଚ ସଜ୍ଜାରେ ପ୍ରଳୟ ଶତପଥି, ସଂଗୀତରେ ଶକ୍ତି ପ୍ରସାଦ ମିଶ୍ର, ଆଲୋକରେ ରାଜେଶ ଶତପଥି, ରୂପସଜ୍ଜାରେ ମାମା ଚିତ୍ରାଳୟ ଓ ନୃତ୍ୟ ପରିଚାଳନାରେ ସୁଦେଷ୍ଣଓରାଣୀ ରାଉତ ସହାୟତା ପ୍ରଦାନ କରିଥିଲେ।

## ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ

ନୟାଗଡ଼ ଜିଲ୍ଲା ଏବଂ ନୟାଗଡ଼ ସହରରେ ଆମ ଦେଶ ଭାରତ ବର୍ଷ ର ସମ୍ବିଧାନ ପ୍ରଣେତା ଡଃ.ଭିମରାଓ ଆମ୍ବେଦକର ଙ୍କ ପ୍ରତିମୂର୍ତ୍ତି ଏଯାବତ୍ ସ୍ଥାପନା ହେଇପାରି ନାହିଁ ସେଥିପାଇଁ ସିନ୍ଦୁରିଆ ସ୍ଥିତ ଡଃ ବି.ଆର୍ ଆମ୍ବେଦକର କ୍ଲବ ସଦସ୍ୟ ମାନେ ମିଳିତ ଭାବେ ବାବା ସାହେବ ଆମ୍ବେଦକର ଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସର୍ବସମ୍ମତ ଭାବେ ନିଷ୍ପତି କରି ଜିଲ୍ଲାପାଳ ଶ୍ରୀ ଅକ୍ଷୟ ସୁନୀଲ ଅଗ୍ରୱାଲ ଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଏଥିପାଇଁ ନୟାଗଡ଼ ସହରର ଏକ ପ୍ରମୁଖ ଛକ ସ୍ଥାନ ରେ ୧୦୦ ବର୍ଗ ଫୁଟ ସରକାରୀ ଜମି ଚିହ୍ନଟ କରାଗଲେ ।ଆମ୍ଭେ ଅଗଷ୍ଟ ୧୫ ସ୍ୱାଧିନତା ଦିବସ ପବିତ୍ର ତିଥିରେ ମହାମନୀଷୀ ସମ୍ବିଧାନ ପ୍ରଣେତା ଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯିବ ବୋଲି ଜିଲ୍ଲାପାଳ ଙ୍କୁ ଅନୁରୋଧ କରିଛନ୍ତି କ୍ଷ ସ୍ଥାନୀୟ କଂଗ୍ରେସ ନେତା ତଥା ବରିଷ୍ଠ ଆଇନଜୀବୀ ଶ୍ରୀ ରଣଜିତ ଦାଶ, ରଣପୁର କଂଗ୍ରେସ ନେତା ତଥା ସମାଜସ୍ୱେବୀ ଶ୍ରୀ ବିଭୂପ୍ରସାଦ ମିଶ୍ର ଏବଂ ଡ଼ ଭୀମରାଓ ଆମ୍ବେଦକର ଅନୁଷ୍ଠାନ ସଭାପତି ଶ୍ରୀ କୈଳାସ ଦଳେଇ, ସମ୍ପାଦକ ଶ୍ରୀ ଜିତେନ୍ଦ୍ର କୁମାର ଦଳେଇ,କୋଷାଧକ୍ଷ ଶ୍ରୀ ବିଶାଲ ଦଳେଇ,ସହ ସମ୍ପାଦକ ଶ୍ରୀ ସୁରେନ୍ଦ୍ର କୁମାର ନାୟକଙ୍କ ସମେତ କ୍ଲବ ସଦସ୍ୟ ମାନେ ଯୋଗ ଦେଇଥିଲ।

## ଅଲିଶାବଜାର ଯୋଗଶିକ୍ଷା କେନ୍ଦ୍ରରେ ଆର୍ନ୍ତରାଜ୍ୟ ଯୋଗ ପ୍ରତିଯୋଗିତା

କଟକ: ଅପରେସନ "ସିନ୍ଦୁର"ର ସଫଳତା ପାଇଁ ଆମ ଦେଶ ମାତୃକାର ବୀର ଯବାନଙ୍କ ସମ୍ମାନାର୍ଥେ ଅଲିଶା ବଜାର ଯୋଗଶିକ୍ଷା କେନ୍ଦ୍ରରେ ୧୧ତମ ଆର୍ନ୍ତରାଜ୍ୟ ଯୋଗ ପ୍ରତିଯୋଗିତା ଯୋଗାଚାର୍ଯ୍ୟ ମନମୋହନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡ଼ାକ୍ତର ରବିରଞ୍ଜନ ସାହୁ ମୁଖ୍ୟ ଅତିଥି ଓ ବିରଞ୍ଚି ନାରାୟଣ ରାଉତ (ରବିଶଙ୍କର ବିଶ୍ୱବିଦ୍ୟାଳୟର ଯୋଗଗୁରୁ) ଯୋଗ ଦେଇ ଯୋଗ ପ୍ରାଣାୟମ ଦ୍ୱାରା ଶରୀର ସୁସ୍ଥ ରଖି ବୌଦ୍ଧିକ, ଆଧାତ୍ମିକ ବିକାଶ କରି ଉତ୍ତମ ନାଗରିକ ରୂପେ ନିଜକୁ ଗଠନ କରି ଦେଶ ମାତୃକାର ସେବାରେ ନିୟୋଜିତ ହେବାକୁ ଶିକ୍ଷା ପ୍ରଦାନ କରିଥିଲେ । ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲ୍ଲାର ୮୦ରୁ ଅଧିକ ଯୋଗ ଶିକ୍ଷାର୍ଥୀ ସୂର୍ଯ୍ୟ ପ୍ରଣାମ, ସର୍ବାଙ୍ଗାସନ, ଶିର୍ଷାସନ ପ୍ରଦର୍ଶନ କରିଥିଲେ । କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଉକ୍ତ କାର୍ଯ୍ୟ ପରିଚାଳନାରେ ଯୋଗ କେନ୍ଦ୍ରର ସମସ୍ତ ଶିକ୍ଷାର୍ଥୀ ସହଯୋଗ କରିଥିଲେ ।

## ଦେଶି ବନ୍ଧୁକ କାରଖାନା ଉପରେ ଚଢ଼ାଉ

ନୟାଗଡ଼, (ପିପିଏସ୍): ପାହାଡ଼ ଉପରୁ ତିଆରି ଚାଲିଥିବା ଏକ ଦେଶୀ ବନ୍ଧୁକ ତିଆରି କାରଖାନା ଉପରେ ଚଢ଼ଉ କରି ପୁଲିସ ତିନି ଜଣଙ୍କୁ ଗିରଫ କରିଛି। ଗିରଫ ଯୁବକମାନେ ହେଲେ ରାଜେଶ କୁମାର ପ୍ରଧାନ (୨୭), ତପନ ପରିଡ଼ା (୨୫) ଓ ଗୋବର୍ଦ୍ଧନ ପରିଡ଼ା (୪୮)। ମାତ୍ର ଏହି ବନ୍ଧୁକ କାରଖାନାର ମୁଖ୍ୟ କୁହାଯାଉଥିବା ତପନର ବଡ଼ ଭାଇ ବିଭୂତି ପରିଡ଼ା (୨୭)ଙ୍କୁ ପୁଲିସ ଗିରଫ କରିବାକୁ ସକ୍ଷମ ହୋଇ ନାହିଁ। ଏ ସମସ୍ତେ ଦଶପଲ୍ଲା ମଧ୍ୟଖଣ୍ଡ ଅଞ୍ଚଳର ହୋଇଥିବା ବେଳେ ରାଜେଶର ଘର ଡିଅସାହିରେ ବୋଲି ଜଣାପଡ଼ିଛି। ଏମାନଙ୍କ ନିକଟରୁ ପୁଲିସ ବିପୁଳ ପରିମାଣରେ ବନ୍ଧୁକ ତିଆରି ସାମଗ୍ରୀ ଜବତ କରିଛି। ଏହାସହ ଗୋଟିଏ ଦେଶୀ ବନ୍ଧୁକ ଓ ପିସ୍ତଲ ଜବତ କରିଛି। ଗତବର୍ଷ ଏ ସମସ୍ତେ ଏହି ବନ୍ଧୁକ ତିଆରି କରିବା ଅଭିଯୋଗରେ ଗିରଫ ହୋଇଥିଲେ। ଜାମିନରେ ଆସି ପୁଣି ଥରେ ସେମାନେ ଏହି ବେପାର ଆରମ୍ଭ କରିଥିବା ଜାଣିବା ପରେ ନୟାଗଡ ଏସ ଡି ପି ଓ ଙ୍କ ନେତୃତ୍ୱ ରେ ଜିଲ୍ଲାର ବଛା ବଛା ପୁଲିସ ଅଫିସର ଙ୍କୁ ନେଇ ଏକ ଟିମ କରି ଚଢ଼ଉ କରିଥିଲା। ଏମାନଙ୍କଠାରୁ ବନ୍ଧୁକ କିଣି ଅପରାଧୀମାନେ ବିଭିନ୍ନ ପ୍ରକାର ଅପରାଧ ଘଟାନ୍ତି। ବିଶେଷ କରି ଚୋରି, ଲୁଟ୍ ଓ ରାହାଜାନିରେ ଏହି ବନ୍ଧୁକ ବ୍ୟବହାର କରାଯାଉଥିବା ପୁଲିସ ଜାଣିବାକୁ ପାଇଛି। ଦୀର୍ଘ ଦିନ ଧରି ଏମାନଙ୍କ ଗତିବିଧି ଉପରେ ନଜର ରଖିବା ପରେ ପୁଲିସ ଆଜି ଏ ସମସ୍ତଙ୍କୁ ଗିରଫ କରିଛି।

**୩ ଗିରଫ**
**ନୟାଗଡ଼ ଦଶପଲ୍ଲା ଥାନା ପୁଲିସକୁ ସଫଳତା**

## ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ ଫଳ ପ୍ରକାଶ

ଭଦ୍ରକ: ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ର ସ୍ନାତକ ବାର୍ଷିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ସ୍ନାତକ ରେ ୧୦୧୫ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ଥିଲା ବେଳେ ୭୮୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଚଳିତ ବର୍ଷ ପାସ ହାର ୭୭.୪% ହୋଇଛି। କଳା ବିଭାଗ ରେ ୮୭.୪%, ବାଣିଜ୍ୟ ବିଭାଗ ରେ ୬୫.୫% ,ବିଜ୍ଞାନ ବିଭାଗ ରେ ୭୨.୭% ଏବଂ ସେଲ୍ଫ ଫାଇନାନ୍ସ ବିଭାଗ ରେ ୮୧.୧% ପାସ ହାର ହୋଇଛି। କଳା ବିଭାଗ ରେ ଗୃହ ବିଜ୍ଞାନ ଛାତ୍ରୀ ଶୁଭଲକ୍ଷ୍ମୀ ବେହେରା ୮୭.୭% ,ବିଜ୍ଞାନ ବିଭାଗ ରେ ରସାୟନ ବିଭାଗର ଛାତ୍ରୀ ସୁଶ୍ରୀ ଦେବୀଦତା ଦିବ୍ୟଜ୍ୟୋତି ୮୯.୧୩% ,ବାଣିଜ୍ୟ ବିଭାଗ ରେ ଅନୁଶ୍ରୀ ଗୁପ୍ତା ୮୮.୪୪% ଏବଂ ସେଲ୍ଫ ଫାଇନାନ୍ସ ବିଭାଗ ରେ ବିସିଏ ବିଭାଗ ର ଛାତ୍ର ରୁଦ୍ରଦେବ ବେହେରା ୮୬.୧୮% ରଖି ଟପ୍ପର ହୋଇଛନ୍ତି ଓ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ରେ ଶ୍ରେଷ୍ଠ ସ୍ନାତକ ଭାବରେ ବିଜ୍ଞାନ ବିଭାଗ ର ରସାୟନ ବିଭାଗ ଛାତ୍ରୀ ସୁଶ୍ରୀ ଦେବୀଦତା ଦିବ୍ୟଜ୍ୟୋତି ବିବେଚିତ ହୋଇଛନ୍ତି ବୋଲି ଅଧ୍ୟକ୍ଷ ଡ଼ ଦୁର୍ଗା ଶଙ୍କର ଦାସ ସୂଚନା ଦେଇଛନ୍ତି।

## ସହରରୁ ନିର୍ଗତ ବର୍ଜ୍ୟ ଜଳ ପରିଚାଳନା ପାଇଁ କାର୍ଯ୍ୟକ୍ଷମ ହେବ ସ୍ୱିରେଜ୍ ସିଷ୍ଟମ୍

ବ୍ରହ୍ମପୁର(ପିପିଏସ୍): ବ୍ରହ୍ମପୁର ମହାନଗର ନିଗମର ଦୀର୍ଘ ବର୍ଷର ସମସ୍ୟା ସମାଧାନ ହେବ। ସହରରୁ ନିର୍ଗତ ବର୍ଜ୍ୟ ଜଳ ପରିଚାଳନା ପାଇଁ ସ୍ୱିରେଜ୍ ସିଷ୍ଟମ୍ କାର୍ଯ୍ୟକ୍ଷମ ହେବ। ଏଥିପାଇଁ ରାଜ୍ୟ ଜଳ ଯୋଗାଣ ଏବଂ ସ୍ୱିରେଜ୍ ବୋର୍ଡ ୭ଜଣିଆ ବୈଷୟିକ କମିଟି ଗଠନ କରିଛି। ଇଞ୍ଜିନିୟର ବିଶ୍ୱବନ୍ଧୁ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ଲକ୍ଷ୍ମୀକାନ୍ତ ତ୍ରିପାଠୀ ଆବାହକ ସଦସ୍ୟ, ସ୍ମିତା ରାଜପାଲ, ସୁଶ୍ରୀ ସଙ୍ଗୀତା, ଦିଲ୍ଲୀପ କୁମାର ନନ୍ଦ, ଶିବାଶିଷ ପଟ୍ଟନାୟକ ଓ ରମାକାନ୍ତା ମଲ୍ଲିକ ସଦସ୍ୟ ଅଛନ୍ତି। ଏହି କମିଟି ବ୍ରହ୍ମପୁର ମହାନଗର ନିଗମରେ ୱେରେଜ ସିଷ୍ଟମ୍ କାର୍ଯ୍ୟକାରୀ ଦିଗରେ ସଂଶୋଧିତ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବ। କମିଟି ସ୍ୱିରେଜ୍ ସିଷ୍ଟମ୍ ପାଇଁ ବୈଷୟିକ ବିଶେଷତା ଏବଂ ଆବଶ୍ୟକତା ଆକଳନ କରିବ । ଏହା ସହିତ ପ୍ରସ୍ତାବ ସମୀକ୍ଷା, ଟେଣ୍ଡର୍, ବ୍ୟୟ ଆକଳନ ଏବଂ ୱେରେଜ୍ ସିଷ୍ଟମ୍‌ର ଡିଜାଇନ୍ ପ୍ରସ୍ତୁତ କରିବ। ସମସ୍ତ ଆବଶ୍ୟକତା ଅନୁଧ୍ୟାନ ଓ ତର୍ଜମା କରି ପ୍ରକଳ୍ପର କାର୍ଯ୍ୟ କାରିତା ରିପୋର୍ଟ ପ୍ରଦାନ କରିବ ବୋଲି ଜଣାଯାଇଛି।

# ଲଜନା ଇମାଉଲ୍ଲାଃର ଜିଲ୍ଲାସ୍ତରୀୟ ବାର୍ଷିକ ଇଜତେମା




ସୋର: ୩/୬ ସୋର ଅହମଦୀୟା ମୁସଲିମ ଜମାତ୍ ଆନୁକୁଲ୍ୟରେ ଜିଲ୍ଲା ବାଲେଶ୍ୱର ଓ ଭଦ୍ରକ ଅହମଦୀୟା ମୁସଲିମ ମହିଳା ସଂଗଠନ ଲଜନା ଇମାଉଲ୍ଲାଃର ବାର୍ଷିକ ଇଜତେମା ଉଦ୍‌ଯାପିତ ହୋଇଛି । ଏହି ବାର୍ଷିକ ଇଜତେମା ଦୁଇ ଦିନଧରି ଚାଲିଥିଲା। ଏଥିରେ ଅହମଦୀୟା ମୁସଲିମ ମହିଳା ସଂଗଠନର ଦୁଇ ଆନ୍ତଃ ସଂଗଠନ ଲଜନା ଇମାଉଲ୍ଲାଃ ଓ ନାସିରାତୁଲ ଅହମଦୀୟା ସଂଗଠନର ଅନେକ ସଦସ୍ୟା ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ବାର୍ଷିକ ଇଜତେମାରେ ମହିଳାମାନଙ୍କ ମଧ୍ୟରେ ପବିତ୍ର କୋରାନ ଆବୃତି, ଉର୍ଦ୍ଦୁ ଓ ଓଡ଼ିଆ ନଜମ ସଂଗୀତ, ବକ୍ତୃତା, କୁଇଜ ଭଳି ଧାର୍ମିକ ପ୍ରତିଯୋଗିତା ତଥା କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ବାଲେଶ୍ୱର, ଗଡ଼ପଦା, ରାଉରକେଲା, ଯାଜପୁର, ତାରାକୋଟ, ବେଲପୁର, ହଳଦିପଦା, ବାରିପଦା ଏବଂ ସୋର ସଂଗଠନ ଯୋଗ ଦେଇଥିଲେ । କୃତି ପ୍ରତିଯୋଗିମାନଙ୍କୁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଓ ସଭାନେତ୍ରୀଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ମହିଳା ସଂଗଠନ ପକ୍ଷରୁ ବୁକ୍ ଷ୍ଟଲ ତଥା ହସ୍ତଶିଳ୍ପର ଏକ ପ୍ରଦର୍ଶନୀ ରଖା ଯାଇଥିଲା। ଯାହା ମହିଳାମାନଙ୍କୁ ଖୁବ ପ୍ରେରଣା ଯୋଗାଇଥିଲା । ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ମହିଳା ସଂଗଠନ ଲଜନା ଇମାଉଲ୍ଲାଃର ସଭାନେତ୍ରୀ ଫାଏଜା ଜାହିଦା ପୌରୋହିତ କରିଥିଲେ । ତାଙ୍କ ସହ ଜିଲ୍ଲା ଉପ-ସଭାନେତ୍ରୀ ନବିଲା ଓଦୁଦ୍ ସହଯୋଗ କରିଥିଲେ। ସେହିଭଳି ପ୍ରଦତ ପ୍ରତ୍ୟେକ ଗ୍ରାମ ମହିଳା ସଂଗଠନର ସଭାନେତ୍ରୀମାନେ ମଧ୍ୟ ଉପସ୍ଥିତ ରହି ଏହି ବାର୍ଷିକ ଇଜତେମାରେ ନିଜର ବହୁମୂଲ୍ୟ ସେବା ଓ ସହଯୋଗ କରିଥିଲେ । ମଂଚ ପରିଚାଳନା କରିଥିଲେ ସାଧାରଣ ସମ୍ପାଦିକା ନୁସରତ ଜାହାଁ । ସମ୍ମାନିତ ଅତିଥି ଭାବେ ମଜଲିସ ଅନସାରୁଲ୍ଲାର ନାଜିମ ଜିଲ୍ଲା ଭଦ୍ରକ, ଯାଜପୁର ଓ ବାଲେଶ୍ୱରର ଅବ୍ଦୁଲ ଓଦୁଦ୍ ଖାନ୍, ସୋର ଅହମଦୀୟା ମୁସଲିମ ସଂଗଠନର ସଭାପତି ଅବ୍ଦୁଲ ଜହୁର ଖାନ୍, ବାଲେଶ୍ୱରର ମୌଲାନା ନବିଦୁଲ ଫତାଃ, ଭଦ୍ରକର ମୌଲାନା ମିର ଅବ୍ଦୁଲ ହଫିଜ, ସୋରର ମୌଲାନା ଶରିଫ ଖାନ୍, ତାରାକୋଟର ମୌଲାନା ସେକ ଅଲ୍ଲି କାଦିର ଓ ହଳଦିପଦାର ମୌଲାନା ସେକ ଫଖରୁଦ୍ଦିନ ଯୋଗ ଦେଇଥିଲେ ।

## ବାସ୍ତୁବିତ୍ ପ୍ରମୋଦ ଓଝା ସମ୍ମାନିତ

ଚୌଦ୍ୱାର,(ପିପିଏସ୍): ଟାଙ୍ଗୀ-ଚୌଦ୍ୱାର ବ୍ଲକ ନଖରା ପଞ୍ଚାୟତ ଅଙ୍ଗତରାଡିହ ଗ୍ରାମର ସୁପ୍ରତିଷ୍ଠିତ ବାସ୍ତୁବିତ୍ ପ୍ରମୋଦ କୁମାର ଓଝାଙ୍କୁ ଆମେରିକାନ ମେରିଟ କାଉନସିଲ ତରଫରୁ ସମ୍ମାନ ଜନକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି। ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶ୍ରୀ ଓଝାଙ୍କୁ ଏହି ସମ୍ମାନ ଜନକ ଉପାଧି ପ୍ରଦାନ କରାଯାଇଥିବା ଜଣାପଡିଛି । ଆଷ୍ଟ୍ରେ ବାସ୍ତୁବିତ୍ ପ୍ରମୋଦଙ୍କୁ ଏହି ଉପାଧି ମିଳିବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ବହୁ ବିଶିଷ୍ଟ ବ୍ୟକ୍ତି ଓ ଅନୁଷ୍ଠାନ ଓଝାଙ୍କୁ ଏଥିପାଇଁ ଶୁଭେଚ୍ଛା ଜଣାଇଛନ୍ତି ।

**AFFIDAVIT**

By virtue of an affidavit sworn before Executive Magistrate, Bhadrak, dated 03.06.2025, I suvashree rout s/o late Babaji Raut, address At - Rajendrapur, Po - Barikpur Bazaar, p.s. Dhamanagar, Dist - Bhadrak, Pin-756112, declare that I have changed the name of my son from Arjyaman Rout to Aryan Rout.Henceforth he shall be known as Aryan Rout for all purposes.


GOVERNMENT OF ODISHA
TOURISM DEVELOPMENT OFFICE PURI
* * *

No.Acct.TDOP-39/25- 747 /TDO, Puri    Dt. 02/06/25

**SHORT TENDER CALL NOTICE**

Tourism Development Office, Puri on behalf of Department of Tourism, Govt. of Odisha, Bhubaneswar invited tender in sealed covers from intending Agency/Firm/Event Manager for Installation of Temporary Tourism Information Stall at different places of Puri and procurement of Uniform for Life Guards working at Sea Beach, Puri in connection with Car Festival, 2025. The details information are uploaded in the Puri District website – https://puri.odisha.gov.in

Asst. Director, Tourism.



# ଫାଇନାଲ : ପଞ୍ଜାବ କିଙ୍ଗ୍ସ ଆଗରେ ୧୯୧ ରନ୍‌ର ଲକ୍ଷ୍ୟ

ଅହମ୍ମଦାବାଦ : ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମଠାରେ ଖେଳାଯାଉଥିବା ଆଇପିଏଲ ୨୦୨୫ର ଫାଇନାଲ ମ୍ୟାଚରେ ପଞ୍ଜାବ କିଙ୍ଗସ ଆଗରେ ୧୯୧ ରନର ଲକ୍ଷ୍ୟ ରଖିଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ।ଏହି ମ୍ୟାଚରେ ପଞ୍ଜାବ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗାଲୁରୁର ଦୁଇ ଓପନର ଫିଲିପ ସଲ୍ଟ ଓ ବିରାଟ କୋହଲି ଆରମ୍ଭରୁ ସତର୍କତାର ବ୍ୟାଟିଂ କରିଥିଲେ । ତେବେ ସଲ୍ଟ ମାତ୍ର ୧୬ ରନ କରି ଆଉଟ ହୋଇଥିଲେ । ଏହା ପରେ ବିରାଟ କୋହଲି ଓ ମୟଙ୍କ ଅଗ୍ରୱାଲଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ ଦେଖିବାକୁ ମିଳିଥିଲା । ମୟଙ୍କ ୨୪ ରନ କରିଥିବାବେଳେ ବିରାଟ ୪୩ ରନ କରିଥିଲେ । ସେହିପରି ରଜତ ପଟିଦାର ୨୬ ରନ କରିଥିବାବେଳେ ଲିଆମ ଲିଭିଙ୍ଗଷ୍ଟୋନ ୨୫ ରନ କରିଥିଲେ । ଜିତେଶ ଶର୍ମା ୨୪ରନ ଓ ରୋମାରିଓ ସେଫର୍ଡ ୧୭ ରନ କରିଥିଲେ । ଦଳ ନିର୍ଦ୍ଧାରିତ ୨୦ ଓଭରରେ ୧୯୦ ରନ କରିଥିଲା । ପଂଜାବ ପକ୍ଷରୁ ଅର୍ଶଦୀପ ସିଂ ଓ କାଇଲ ଜେମିସନ ୩ଟି ଲେଖାଏଁ ଓ୍ୱିକେଟ ନେଇଥିଲେ ।

# ବିରାଟଙ୍କ ଅବସର ପରେ ମୁକେଶ ପିନ୍ଧିଲେ ଜର୍ସି ନମ୍ବର ୧୮

ନୂଆଦିଲ୍ଲୀ : ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ବିରାଟ କୋହଲିଙ୍କ ଆଇକନିକ ଜର୍ସି ନମ୍ବର ୧୮ ପୁଣି ଥରେ ଚର୍ଚ୍ଚାରେ ରହିଛି । ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଇଣ୍ଡିଆ ଏ ଦଳର ପ୍ରଥମ ଅଣଅଫିସିଆଲ ଟେଷ୍ଟ ମ୍ୟାଚ ବେଳେ ଦ୍ରୁତ ବୋଲର ମୁକେଶ କୁମାର ଏହି ଜର୍ସି ନମ୍ବର ୧୮ ପିନ୍ଧି ମୈଦାନକୁ ଓହ୍ଲାଇଥିଲେ, ଯାହା ସୋସିଆଲ ମିଡିଆରେ ବିବାଦ ସୃଷ୍ଟି କରିଛି । କୋହଲିଙ୍କ ପ୍ରଶଂସକମାନେ ଏହାକୁ "ଅସମ୍ମାନ" ବୋଲି ଅଭିଯୋଗ କରି ବିସିସିଆଇ ଓ ମୁକେଶ କୁମାରଙ୍କୁ ଟାର୍ଗେଟ କରିଛନ୍ତି ।


ବିରାଟ କୋହଲି ଗତ ମାସରେ (୧୨ ମେ ୨୦୨୫) ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ । ୧୪ ବର୍ଷ ଧରି ସେ ଜର୍ସି ନମ୍ବର ୧୮ ପିନ୍ଧି ୧୨୩ଟି ଟେଷ୍ଟ ମ୍ୟାଚରେ ୯,୨୩୦ ରନ୍ ସଂଗ୍ରହ କରିଥିଲେ ଏବଂ ୬୮ଟି ମ୍ୟାଚରେ ଭାରତକୁ ନେତୃତ୍ୱ ଦେଇଥିଲେ । ତାଙ୍କ ଅବସର ପରେ ପ୍ରଶଂସକମାନେ ଆଶା କରୁଥିଲେ ଯେ ସଚିନ ତେନ୍ଦୁଲକରଙ୍କ ଜର୍ସି ନମ୍ବର ୧୦ ଓ ଏମଏସ ଧୋନୀଙ୍କ ଜର୍ସି ନମ୍ବର ୭ ପରି କୋହଲିଙ୍କ ଜର୍ସି ନମ୍ବର ୧୮କୁ ମଧ୍ୟ ବିସିସିଆଇ ଟେଷ୍ଟ କ୍ରିକେଟରୁ ଅବସର ପ୍ରଦାନ କରିବ । କିନ୍ତୁ ମୁକେଶ କୁମାରଙ୍କୁ ଏହି ଜର୍ସି ପିନ୍ଧିଥିବା ଦେଖି ପ୍ରଶଂସକମାନେ କ୍ଷୁବ୍ଧ ହୋଇଛନ୍ତି ।



ଏହି ବିବାଦ ପରେ ବିସିସିଆଇ ଏକ ସ୍ପଷ୍ଟୀକରଣ ଜାରି କରିଛି । ଜଣେ ବରିଷ୍ଠ ବିସିସିଆଇ ଅଧିକାରୀ ପିଟିଆଇକୁ କହିଛନ୍ତି, "ଇଣ୍ଡିଆ ଏ ମ୍ୟାଚରେ ଜର୍ସି ନମ୍ବର ନିର୍ଦ୍ଦିଷ୍ଟ ନୁହେଁ, କାରଣ ଏହି ଜର୍ସି ଗୁଡ଼ିକରେ ଖେଳାଳିଙ୍କ ନାମ ଲେଖାଯାଇ ନଥାଏ । ଖେଳାଳିମାନେ ଯେକୌଣସି ଉପଲବ୍ଧ ନମ୍ବର ବାଛିପାରନ୍ତି । କିନ୍ତୁ ଆନ୍ତର୍ଜାତୀୟ ମ୍ୟାଚରେ ଜର୍ସି ନମ୍ବର ନିର୍ଦ୍ଦିଷ୍ଟ ଓ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ।" ଅଧିକାରୀ ଆହୁରି କହିଛନ୍ତି ଯେ ମୁକେଶ କୁମାର, ଯିଏ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ସିରିଜ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇ ନାହାଁନ୍ତି, ଯଦି ଭବିଷ୍ୟତରେ ଭାରତୀୟ ଟେଷ୍ଟ ଦଳରେ ସୁଯୋଗ ପାଆନ୍ତି, ତେବେ ସେ ତାଙ୍କର ପୂର୍ବ ଜର୍ସି ନମ୍ବର ୪୯ ପିନ୍ଧିବେ, ଯାହା ସେ ଓ୍ୱେଷ୍ଟ ଇଣ୍ଡିଜରେ ତାଙ୍କ ଡେବ୍ୟୁ ସମୟରେ ପିନ୍ଧିଥିଲେ । ବିସିସିଆଇ ସ୍ପଷ୍ଟ କରିଛି ଯେ ମୁକେଶଙ୍କୁ ଜର୍ସି ନମ୍ବର ୧୮ ଦେବାରେ ବିରାଟ କୋହଲିଙ୍କୁ ଅସମ୍ମାନ କରିବାର କୌଣସି ଉଦ୍ଦେଶ୍ୟ ନଥିଲା ।

# ଆରସିବି-ପଞ୍ଜାବ କିଙ୍ଗ୍ସ ପାଇଁ ଭିନ୍ନ ଅବତାରରେ କ୍ରିସ୍ ଗେଲ୍

ଅହମଦାବାଦ: ଭିନ୍ନ ଅବତାରରେ ଓ୍ୱେଷ୍ଟ ଇଣ୍ଡିଜର କିମ୍ବଦନ୍ତୀ କ୍ରିକେଟର କ୍ରିସ୍ ଗେଲ୍ । ଯେତେବେଳେ ଅହମଦାବାଦ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଆଇପିଏଲ୍ ଫାଇନାଲ ଟକ୍କର ଚାଲିଛି ଆଉ ସାରା ଦୁନିଆର ନଜର ମ୍ୟାଚ ଉପରେ ଅଟକି ରହିଛି ଠିକ୍ ସେତେବେଳେ କ୍ରିସ୍ ଗେଲଙ୍କୁ ଦେଖିବାକୁ ମିଳିଛି କିଛି ଭିନ୍ନ ରୂପରେ ।



ଯେଉଁଠି ସେ ନିଆରା ଅନ୍ଦାଜରେ ଫାଇନାଲ ଖେଳୁଥିବା ଦୁଇ ଦଳ ଆରସିବି-ପଞ୍ଜାବ କିଙ୍ଗ୍ସକୁ ସମର୍ଥନ ଜଣାଇଛନ୍ତି । ମୁଣ୍ଡରେ ପଗଡ଼ି ପିନ୍ଧି ସେ ପଞ୍ଜାବ କିଙ୍ଗ୍ସକୁ ସମର୍ଥନ ଜଣାଇଥିବା ବେଳେ ଆରସିବିର ଜର୍ସି ଏବଂ କଷ୍ଟମାଇଜ୍ଡ ଜୋତା ପିନ୍ଧି ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ସମର୍ଥନ ଜଣାଇଛନ୍ତି । ଅତୀତରେ ସେ ଉଭୟ ଦଳରେ ଖେଳିଥିବା ବେଳେ ଆଜି ଯେତେବେଳେ ଦୁଇ ଦଳ ଫାଇନାଲ ବାଜି ଲଢୁଛନ୍ତି ସେତେବେଳେ ସେ ଉଭୟ ଟିମକୁ ଶୁଭେଚ୍ଛା ଓ ସମର୍ଥନ ଜଣାଇଛନ୍ତି । ତେବେ ୨୦୧୧ରୁ ୧୭ ଯାଏଁ କ୍ରିସ୍ ଗେଲ୍ ଆରସିବି ପାଇଁ ଖେଳିଥିବା ବେଳେ ସେ ୮୫ଟି ମ୍ୟାଚରେ ୩୧୬୩ ରନ କରିଥିଲେ । ଯେଉଁଥିରେ ୫ଟି ଶତକ ଏବଂ ୧୯ଟି ଅର୍ଦ୍ଧଶତକ ରହିଛି । ସେହିପରି ୨୦୧୮ରୁ ୨୧ ଯାଏଁ ପଞ୍ଜାବ କିଙ୍ଗ୍ସ ପାଇଁ ଖେଳିଛନ୍ତି ।

୪୧ଟି ମ୍ୟାଚରେ ୧୩୩୯ ରନ୍ କରିଥିଲେ, ଯେଉଁଥିରେ ଗୋଟାଏ ଶତକ ଏବଂ ୧୦ଟି ଅର୍ଦ୍ଧଶତକ ରହିଛି । ୨୦୦୯, ୨୦୧୧, ୨୦୧୬ରେ ଆରସିବି ଫାଇନାଲ ଯାଏଁ ଯାଇଥିବା ବଳେ ୩ ଥର ଯାକ ନିରାଶ ହୋଇଛି । ସେହିପରି ପଞ୍ଜାବ କିଙ୍ଗ୍ସ ୨୦୧୪ରେ ମାତ୍ର ଥରୁଟେ ଫାଇନାଲକୁ ପ୍ରବେଶ କରିଥିବା ବେଳେ ପରାଜୟର ସ୍ୱାଦ ଚାଖିଛି । ତେଣୁ ୨୦୨୫ରେ ଉଭୟ ପୂର୍ବ ପରାଜିତ ଦଳ ଫାଇନାଲରେ ଫାଇଟ୍ କରୁଥିବାରୁ ସମସ୍ତଙ୍କ ନଜର ପଡିଆ ଉପରେ ହିଁ ରହିଛି ।

# ବିଶ୍ୱ ସାଇକେଲିଂ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗନେଲେ ବିଡିସିଏର ଛାତ୍ରଛାତ୍ରୀ




ଭଦ୍ରକ / ଭଣ୍ଡାରିପୋଖରୀ ( ପିପିଏସ ) ଭଦ୍ରକ ଡିଷ୍ଟ୍ରିକ୍ଟ ସାଇକ୍ଲିଂ ଆସୋସିଏସନ ଦ୍ୱାରା ଆଜି ଆଦମପୁର ମିନି ଷ୍ଟାଡିୟମ ଏବଂ ଏଲିଗାନ୍ସ ଲର୍ନିଂ ସେଣ୍ଟର ଠାରେ ଜୁନ୍ -୩ , ବିଶ୍ୱ ବାଇ ସାଇକେଲ୍ ଦିବସର ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ମହାସମାରୋହରେ ପାଳିତ ହୋଇଯାଇଛି । ଭଦ୍ରକ ଡିଷ୍ଟ୍ରିକ୍ଟ ସାଇକ୍ଲିଂ ଆସୋସିଏସନର କୋଚ୍ ତଥା ସାଧାରଣ ସଂପାଦକ ମନୋରଂଜନ ବାରିକଙ୍କ ସଂଯୋଜନାରେ ଆୟୋଜିତ ହୋଇଥିବା ଏହି ତମାମ କାର୍ଯ୍ୟକ୍ରମରେ ବିଡିସିଏ ଟ୍ରେନିଂ ଗ୍ରୁପର ବହୁ ସାଇକ୍ଲିଷ୍ଟ ଏକ ସାଇକେଲ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ବିଶ୍ୱ ସାଇକେଲ ଦିବସରେ ଶୁଭେଚ୍ଛା ଜଣାଇ ଥିଲେ । ପରେ ବିଡିସିଏ ତଥା ଜିଲ୍ଲା ସାଇକ୍ଲିଂ ସଂଘ ତରଫରୁ ଏଲିଗାନ୍ସ ଲର୍ନିଂ ସେଣ୍ଟର ଠାରେ ଆୟୋଜିତ କ୍ରିଡା କୁଇଜ, ବକ୍ତୃତା ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଭଦ୍ରକର ବିଭିନ୍ନ ଅଂଚଳରୁ ବହୁ ଜାତୀୟ ଓ ରାଜ୍ୟସ୍ତରୀୟ ସାଇକ୍ଲିଷ୍ଟ ଅଂଶଗ୍ରହଣ କରିବା ସହ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ପ୍ରତିଯୋଗିତା ପରେ ବିଡିସିଏର ସାଧାରଣ ସଂପାଦକ ମନୋରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ଉଦଯାପନୀ ସଭାରେ ବିଶିଷ୍ଟ ସମାଜସେବୀ ତଥା ସାରସ୍ୱତ ସାଧକ ଓ ଶିକ୍ଷାବିତ ପଣ୍ଡିତ ଦୈତାରୀ ମହାପାତ୍ର ମୁଖ୍ୟ ବକ୍ତା, ସାମ୍ବାଦିକ ତଥା ଉର୍ସ୍‌ଗ ସେବା ସଂଗଠନର ମୁଖ୍ୟ ଅପୂର୍ବରଂଜନ ବେହେରା ମୁଖ୍ୟ ଅତିଥି ଓ ଏଲିଗାନ୍ସ ଲର୍ନିଂ ସେଣ୍ଟରର ନିର୍ଦ୍ଦେଶିକା ବିଶ୍ୱବିଜୟୀ ଜେନା , ଶିକ୍ଷାବିତ ସୁଶାନ୍ତ ଜେନା ପ୍ରମୁଖ ସମ୍ମାନୀତ ଭାବେ ଯୋଗଦେଇ ବିଶ୍ୱ ସାଇକେଲ ଦିବସ ଉପରେ ପିଲାମାନଙ୍କୁ ସାଇକେଲ ଚାଳନାର ଉପକାରିତା ଓ ଏହାର ଇତିହାସ ଉପରେ ଭାଷଣରେ କହିଥିଲେ । ସଭା ପରେ କ୍ରିଡାକୁଇଜ ଓ ଭାଷଣରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଭଦ୍ରକ ଡିଷ୍ଟ୍ରିକ୍ଟ ସାଇକ୍ଲିଂ ଆସୋସିଏସନ ତରଫରୁ ଜାତୀୟ ସାଇକ୍ଲିଷ୍ଟ ଉର୍ମିଳା ବେହେରା, ଅଜୟ ବିଶ୍ୱାସଙ୍କ ସମେତ ସ୍ୱୟମ ଜେନା , ଦିସ୍ପା , ଆକାଶ ଜେନା, ତାରିଣୀ ପ୍ରସାଦ ପମୁଖ ପରିଚାଳନା ଓ ସହଯୋଗ କରିଥିବା ବେଳେ ମନିଷା ସାହୁ (ପୂଜା ) ଧନ୍ୟବାଦ ଅର୍ପଣ କରିଥିଲେ ।

# ସେପ୍ଟେମ୍ବରରୁ ମହିଳା ଦିନିକିଆ ବିଶ୍ୱକପ୍

ନୂଆଦିଲ୍ଲୀ : ସେପଟ୍ଟେମ୍ବର ୩୦ ତାରିଖରୁ ଭାରତ ଓ ଶ୍ରୀଲଙ୍କାରେ ଆୟୋଜିତ ହେବ ମହିଳା ଦିନିକିଆ ବିଶ୍ୱକପ୍-୨୦୨୫ । ଆଇସିସି ପକ୍ଷରୁ ଏହାର ତାରିଖ ଓ ଭେନ୍ୟୁ ଘୋଷଣା କରାଯାଇଛି । ଶ୍ରୀଲଙ୍କାର କେବଳ କଲମ୍ବୋ ଏବଂ ଭାରତରେ ବେଙ୍ଗାଲୁରୁ, ଗୌହାଟୀ, ଇନ୍ଦୋର, ଓ ବିଶାଖାପଟନମ ଟୁର୍ଣ୍ଣାମେଣ୍ଟର ମୋଟ୍ ୩୧ଟି ମ୍ୟାଚ୍ ଖେଳାଯିବ । ସେପ୍ଟେମ୍ବର ୩୦ ତାରିଖରୁ ଲିଗ୍ ପର୍ଯ୍ୟାୟ ଆରମ୍ଭ ହେବ । ଆକ୍ଟୋବର ୨୯ ଓ ୩୦ ତାରିଖରେ ସେମି ଫାଇନାଲ ଏବଂ ନଭେମ୍ବର ୨ ତାରିଖରେ ଫାଇନାଲ ଖେଳାଯିବ । ଭାରତ, ଶ୍ରୀଲଙ୍କା, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ଖେଳିବେ । ପ୍ରତ୍ୟେକ ଦଳ ପରସ୍ପରକୁ ଥରେ ଲେଖାଏଁ ଭେଟିବେ । ଶ୍ରେଷ୍ଠ ୪ଟି ଦଳ ସେମି ଫାଇନାଲକୁ ଉନ୍ନୀତ ହେବେ । ପରବର୍ତ୍ତୀ ସମୟରେ ଟୁର୍ଣ୍ଣାମେଣ୍ଟର କ୍ରୀଡ଼ାସୂଚୀ ଘୋଷଣା କରାଯିବ । ପାକିସ୍ତାନ ବିଶ୍ୱକପ୍‌କୁ ଯୋଗ୍ୟତା ହାସଲ କରିଛି । ତେଣୁ ସେମାନେ ନିରପେକ୍ଷ ଭେନ୍ୟୁରେ ଖେଳିବେ । ଯେହେତୁ ଶ୍ରୀଲଙ୍କା ସହ ଆୟୋଜକ ରହିଛି, ତେଣୁ ପାକିସ୍ତାନ ଦଳ ତା'ର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ । ଯଦି ନକ୍‌ଆଉଟ୍ ସୂଚୀ ଭାରତୀୟ ଭେନ୍ୟୁରେ ହୋଇଥାଏ ଏବଂ ପାକିସ୍ତାନ ନକ ଆଉଟ୍‌କୁ ଉନ୍ନୀତ ହୁଏ ତେବେ ଭେନ୍ୟୁ ପରିବର୍ତ୍ତନ କରାଯିବ । ଅର୍ଥାତ ପାକିସ୍ତାନ ଫାଇନାଲ ପର୍ଯ୍ୟନ୍ତ ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ହିଁ ଖେଳିବ ।

# ତାଏକୋଣ୍ଡୋ ଏରିନାରେ ରୁଦ୍ରଙ୍କ ବାଜିମାତ୍

କଟକ (ପିପିଏସ୍): ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଛାତ୍ର ତଥା ଜଣେ ଅନ୍ତର୍ଜାତୀୟ ତାଏକୋଣ୍ଡୋ କ୍ରୀଡ଼ାବିତ୍ ରୁଦ୍ରନାରାୟଣ ବେହେରାଙ୍କ ସଫଳତା ପୁସ୍ତିକାରେ ଯୋଡ଼ି ହୋଇଛି ଆଉ ଏକ ଫର୍ଦ୍ଦ । ନିକଟରେ ନେପାଳର କାଠମାଣ୍ଡୁରେ ଆୟୋଜିତ 'ଏସୀୟ ମାର୍ଶାଲ୍ ଆର୍ଟ୍ସ କ୍ରୀଡ଼ା'ରେ ରୁଦ୍ର ଜିତିଛନ୍ତି ଦୁଇଦୁଇଟି ରୌପ୍ୟ ପଦକ । ଏହି ମର୍ଯ୍ୟାଦାଜନକ ଆନ୍ତର୍ଜାତିକ କ୍ରୀଡ଼ାରେ ସମଗ୍ର ଏସିଆ ମହାଦେଶର ବିଭିନ୍ନ ଦେଶରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ ।

ତେବେ ଭାରତକୁ ପ୍ରତିନିଧିତ୍ୱ କରି ରୁଦ୍ରନାରାୟଣ ବ୍ୟକ୍ତିଗତ ୩୦ ବର୍ଷରୁ କମ୍ ବରିଷ୍ଠ ବର୍ଗ (ପୁମସେ) ଏବଂ କ୍ୟୁରୋଗୀ ବରିଷ୍ଠ (୫୮ କେଜିରୁ କମ୍) ସ୍ପାରିଂବର୍ଗରେ ସମ୍ପୃକ୍ତ ଦୁଇଟି ରୌପ୍ୟ ପଦକ ଜିତିଛନ୍ତି । ତାଏକୋଣ୍ଡୋର ଏହି ବ୍ୟକ୍ତିଗତ ପ୍ରତିଯୋଗିତା ଗୁଡ଼ିକରେ ଭାରତକୁ ପ୍ରତିନିଧିତ୍ୱ କରିଥିବା ରୁଦ୍ର କହନ୍ତି, ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବା ଏକ ନିଆରା ଅନୁଭବ ହୋଇଥିବା ବେଳେ ଏଥିରେ ପଦକ ଜିତି ଭାରତୀୟ ଜାତୀୟ ପତାକାକୁ ତୋଳି ଧରିବାରେ ତାଙ୍କୁ ମିଳିଥିଲା ଅନିର୍ବଚନୀୟ ଆନନ୍ଦ । ଏହି ଦୁଇଟି ମୁକାବିଲାରେ ରୁଦ୍ରଙ୍କ ମନୋବଳ ବେଶ୍ ଦୃଢ଼ ଥିବା ସେ କହିଛନ୍ତି । ଏଥର କେବଳ ପ୍ରତିଯୋଗିତାରେ ଭାଗ ନେବାକୁ ନୁହେଁ, ବରଂ ପଦକ ନିଶ୍ଚିତ କରିବାକୁ ତାଏକୋଣ୍ଡୋ ଏରିନାକୁ ଓହ୍ଲାଇଥିଲି ବୋଲି କହିଛନ୍ତି ।

ତାଏକୋଣ୍ଡୋ ଏରିନାରେ ଜଣକ ପରେ ଜଣେ ପ୍ରତିଯୋଗୀଙ୍କୁ ମାତ୍ ଦେଇ ଫାଇନାଲ୍ ଦିଗରେ ଅଗ୍ରସର ହେବା କୌଣସି ଥ୍ରୀଲର ସିନେମାଠାରୁ କିଛି କମ୍ ନ ଥିଲା ବୋଲି ମତ ଦିଅନ୍ତି ରୁଦ୍ର । ତେବେ ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ଅଧିକ ଖୁସି ହୋଇଥା'ନ୍ତେ ବୋଲି ସେ କହନ୍ତି । ସେ ବର୍ତ୍ତମାନ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କମ୍ପ୍ୟୁଟର ବିଜ୍ଞାନ ବିଷୟରେ




ବିଟେକ୍ ପଢୁଛନ୍ତି । ଏହି ବିଶ୍ୱବିଦ୍ୟାଳୟର ନୀତି ଆଧାରିତ ଶିକ୍ଷା ସାଙ୍ଗକୁ ଉତ୍ତମ ସାଂସ୍କୃତିକ ମୂଲ୍ୟବୋଧ ତାଙ୍କୁ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଦେବା ନିମନ୍ତେ ଏକାଗ୍ରତା ଯୋଗାଇଛି ବୋଲି ରୁଦ୍ର ମତ ଦିଅନ୍ତି । ତାଙ୍କର ଏହି ସଫଳତା ଯୋଗୁଁ ସମଗ୍ର ରାଜ୍ୟର କ୍ରୀଡ଼ାବିତ୍, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ଜନସାଧାରଣ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଛନ୍ତି । ରୁଦ୍ରନାରାୟଣ ବେହେରାଙ୍କ ଏହି ଉପଲବ୍ଧି କେବଳ କ୍ରୀଡ଼ା ପ୍ରତି ତାଙ୍କର ବ୍ୟକ୍ତିଗତ ସମର୍ପଣ ଏବଂ କଠିନ ପରିଶ୍ରମର ଫଳ ମାତ୍ର ନୁହେଁ, ଅଧିକନ୍ତୁ ସେ ଯେ ଭବିଷ୍ୟତରେ ଭାରତର ଜଣେ ଉଦୀୟମାନ ଯୁବ କ୍ରୀଡ଼ାବିତ୍ ଭାବରେ ଉଭା ହେବାକୁ ଯାଉଛନ୍ତି, ଏହା ତା'ର ପ୍ରମାଣ ମଧ୍ୟ । ରୁଦ୍ରନାରାୟଣଙ୍କର ଏହି ବିଜୟ ନିମନ୍ତେ କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତବର୍ଷ ଗର୍ବିତ ।

## ଜିଲ୍ଲାସ୍ତରୀୟ ଅନ୍ତଃ ୧୫ବର୍ଷୀୟ ସିଏମ୍ କପ୍ ଫୁଟବଲ୍ ଚାମ୍ପିୟନ୍‌ସିପ୍

# ନବରଙ୍ଗପୁର ଦଳ ଜୋନାଲ୍ ଚମ୍ପିୟାନ

ବ୍ରହ୍ମପୁର(ପିପିଏସ୍): ଜିଲ୍ଲାସ୍ତରୀୟ ଅନ୍ତଃ ୧୫ବର୍ଷୀୟ ସିଏମ୍ କପ୍ ଫୁଟବଲ୍ ଚାମ୍ପିୟନସିପ୍‌ର ମଙ୍ଗଳବାର ବ୍ରହ୍ମପୁର ଜୋନ୍‌ର ଶେଷ ଦିନରେ ପହଞ୍ଚିଛି । ଶେଷ ଦିନରେ ମ୍ୟାଚ ଖେଳା ଯାଇଥିଲା କଳାହାଣ୍ଡି ଓ ନବରଙ୍ଗପୁର ମଧ୍ୟରେ । କଳାହାଣ୍ଡି ଗୋଟିଏ ଗୋଲ ଓ ନବରଙ୍ଗପୁର ଗୋଟିଏ ଗୋଲ କରି ପ୍ରଥମେ ଡ୍ର ହୋଇଥିଲା । କିନ୍ତୁ ପେନାଲ୍ଟି ଶୁଟ୍ ଆଉଟ୍‌ରେ ନବରଙ୍ଗପୁର ୩ ଓ କଳାହାଣ୍ଡି ୨ଗୋଲ କରିଥିଲେ ଏବଂ ନବରଙ୍ଗପୁର ୩ଟି ଗୋଲ କରି ଜୋନ ବିଜୟୀ ହୋଇଛି ଓ କଳାହାଣ୍ଡି ଦଳ ଉପ ବିଜେତା ହୋଇଥିଲେ । ନବରଙ୍ଗପୁର ଦଳକୁ ୫୦ ହଜାର ଟଙ୍କା ଓ ଉପବିଜେତା କଳାହାଣ୍ଡି ଦଳକୁ ୨୫ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ଜୋନ୍‌ର ଶେଷ ମ୍ୟାଚରେ ମ୍ୟାନ୍ ଅଫ୍ ଦି




ମ୍ୟାଚ୍ ନବରଙ୍ଗପୁର ଦଳର ଅନୁଜ ପାୟଲ ହୋଇଥିଲେ । ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର ଯୋଗ ଦେଇଥିବା ବେଳେ ଅତିଥି ଭାବେ ଯୋଗ ଦେଇଥିଲେ ଓଡିଶା ଓଲମ୍ପିକ ଆସୋସିଏଶନ୍‌ର ସମ୍ପାଦକ ଅଭିଜିତ ପାଳ, ଗଞ୍ଜାମ ଜିଲ୍ଲା କ୍ରୀଡା ଅଧିକାରୀ ସନ୍ତୋଷ କୁମାର ମିଶ୍ର, ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସରୋଜ ସାବତ ଯୋଗ ଦେଇଥିଲେ । ବିଜୟ କୁମାର ପଟ୍ଟନାୟକ, ଦୁର୍ଗା ପଟ୍ଟନାୟକ, ତାରିଣୀ ସାମନ୍ତରାୟ, ଡି.ଆପ୍ପା ରାଓ, ଡି.ବାବୁ ରାଓ, ଡି.ଗନ୍ତାୟତ, ଜି.ଏମ୍ ବାବୁ, ପ୍ରମୋଦ ମହାରଣା, ଏଲ୍.କେ ରାଓ ରେଡ୍ଡୀ, ଗୋପାଳ ପଣ୍ଡା, ରାଜେନ୍ଦ୍ର ସାହୁ, ଭି.ନାଗେଶ୍ୱର ରାଓ, ବିଶ୍ୱନାଥ ପାତ୍ର, ରାଜେନ୍ଦ୍ର ସାହୁ, ଏସ୍.ସି ପ୍ରଧାନ, ଜନାର୍ଦ୍ଦନ ପାତ୍ର, ଜିଲ୍ଲାର ବରିଷ୍ଠ ଖେଳାଳି ମାନେ ଯୋଗ ଦେଇଥିଲେ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ଜେ.କାମେଶ୍ୱର ରାଓ ସୂଚନା ଦେଇଛନ୍ତି ।

ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୧ ଜୁନ୍ -୭ ଜୁନ୍ ୨୦୨୫

ପାକିସ୍ତାନୀ ଜାସୁସ୍ ଜ୍ୟୋତି..




ସୁନ୍ଦର ସରଳ ଚେହେରା । ଚିକ୍କଣିଆ କଥା କହି ବନାଉଥିଲେ ବୋକା । ତଥ୍ୟ ଆଦାୟ କରି ଦେଉଥିଲେ ଶତ୍ରୁକୁ । ସାମାନ୍ୟ ବ୍ଲଗର୍‌ରୁ ବନିଯାଇଥିଲେ ଭିଆଇପି । ପାକିସ୍ତାନରେ ମିଳୁଥିଲା ଖାସ୍ ଟ୍ରିଟ୍‌ମେଣ୍ଟ । ଦିଲ୍ଲୀରୁ ଆର ମୁ କରି ଅ ଯାଲା । ଲାହୋରରୁ କରାଚୀ ପର୍ଯ୍ୟନ୍ତ ସେ ଗୋଟାଇ ଚାଲିଥିଲେ ବନ୍ଧୁ ! ଆଉ କରୁଥିଲେ ତଥ୍ୟ ଲିକ୍ । ଗିରଫ ପରେ ଖୋଲୁଛି ଗୁ ପ୍ତଚର ଜ୍ୟୋତି ମଲହୋତ୍ରାଙ୍କ ଗୋଟିଏ ପରେ ଗୋଟିଏ ପାକିସ୍ତାନ ଲିଙ୍କ୍ ପେଡ଼ି । ଅପରେସନ୍ ସିନ୍ଦୂର ପୂର୍ବରୁ ଶତ୍ରୁକୁ ଦେଇଥିଲେ ବ୍ଲାକ୍‌ଆଉଟ୍ ସୂଚନା ।

**ଜାତୀୟ:** ଭାରତର ସମର୍ଥକ
**ଅନ୍ତର୍ଜାତୀୟ:** ଭିତିରି କଥା
**ବିଶେଷ ପ୍ରସଙ୍ଗ:** ସୈତାନ୍ କା ଦୁସରା ନାମ୍
**ନାରୀ:** ଫିଟିକିରିର ଫାଇଦା
**କ୍ଷୁଦ୍ରଗଳ୍ପ:** ଭାଗ୍ୟ ପରାଗ
**ଚଳଚ୍ଚିତ୍ର:** ପ୍ରଥମ ଫିଲ୍ମରୁ ଜାତୀୟ ପୁରସ୍କାର, ବାହାଘର ପୂର୍ବରୁ ବନ୍ଧୁତା
**ଖେଳ:** : ଛୋଟା ପ୍ୟାକେଟ୍ ବଡ଼ା ଧମାକା, ଚର୍ଚ୍ଚାରେ ବିରାଟଙ୍କ ମାର୍କସିଟ୍
**ମୀନାବଜାର:** କର୍ମ ନେଇ ଫଳ , ଚର୍ଚ୍ଚାରେ: ସାନ ସିନା ଦାନ ତା ମହାନ୍ , ବ୍ୟଙ୍ଗ: ସୁନା ଶଗଡ଼ିରେ ରୁପା କନିଆଁ, ପର୍ଯ୍ୟଟନ: ଶକ୍ତି ଉପାସନାର ସ୍ଥଳ ପ୍ରୟାଗ, ଚଳଚ୍ଚିତ୍ର: ପ୍ରଥମ ଫିଲ୍ମରୁ ଜାତୀୟ ପୁରସ୍କାର, ବାସ୍ତୁ: ଦାନ କରନ୍ତୁ ନାହିଁ ଏହିସବୁ ଜିନିଷ, ସତନ୍ତ୍ର ପ୍ରସଙ୍ଗ: ଡଲାର୍ ହ୍ରାସର ପରିଣାମ, ଆଞ୍ଚଳିକ: କୁମ୍ଭୀର ସଂରକ୍ଷଣରେ ଓଡିଶା ନଂ ୧ , ଧର୍ମ: କଳିଯୁଗର କଲ୍କୀ, କବିତା: ତାସ୍'ର ରାଜାମାନେ, ଜାଣନ୍ତି କି ? ଏହିଭଳି ଆହୁରି ଅନେକ ।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ

ସଂପାଦକ : ଭର୍ତ୍ତୃହରି ମହତାବ ❐ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❐ Regional Office- BBSR, Ph- 2393583